# ଶ୍ରୀଅରବିନ୍ଦଙ୍କ ଯୋଗ ଓ ସାଧନା

## (ପ୍ରଥମ ଭାଗ)

# ସୂଚନା

ଆଜିକାଲି ସର୍ବତ୍ର ଜନସାଧାରଣଙ୍କ ମଧ୍ୟରେ ଶ୍ରୀଅରବିନ୍ଦଙ୍କ ଯୋଗ ଓ ସାଧନା ସମ୍ବନ୍ଧେ ଜାଣିବା ପାଇଁ ଆଗ୍ରହ ପ୍ରକାଶ ପାଇଛି । କିନ୍ତୁ ଅନେକେ ମନେକରନ୍ତି ଯେ ଶ୍ରୀଅରବିନ୍ଦଙ୍କ ଯୋଗ-ଦର୍ଶନ ଓ ସାହିତ୍ୟ ଅତି କଠିନ, ଜଟିଳ ଓ ଅଗମ୍ୟ । ପ୍ରାଚୀନ ଯୋଗ-ପ୍ରଣାଳୀ ଓ ସାଧନା ସମ୍ପର୍କରେ ପରମ୍ପରା ଓ ଐତିହ୍ୟ ଅନୁକ୍ରମେ ଜନସାଧାରଣ କେତେକ ପରିମାଣରେ ପରିଚିତ, କିନ୍ତୁ ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗ ସମ୍ବନ୍ଧରେ କୌଣସି ବିଶେଷ ଜ୍ଞାନ ନ ଥିବାରୁ ତାଙ୍କର ସାହିତ୍ୟ ଓ ଦର୍ଶନ କଠିନ ବୋଧହୁଏ । ଲେଖକ ବହୁ ଶ୍ରମସ୍ୱୀକାର କରି ଭଗବାନଙ୍କ ଅସ୍ତିତ୍ୱ ଏବଂ ଜୀବନରେ ଯୋଗର ଆବଶ୍ୟକତା, ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗର ଲକ୍ଷ୍ୟ, ସାଧନା-ପ୍ରଣାଳୀ ଓ ତ୍ରିବିଧ ରୂପାନ୍ତର ବିଷୟ ଏହି ପୁସ୍ତକରେ ଅତି ସ୍ପଷ୍ଟ, ସରଳ ଓ ସୁନ୍ଦର ଭାଷାରେ ପ୍ରକାଶ କରିଛନ୍ତି ।

ଏଥିରେ ସନ୍ନିବେଶିତ ବିଷୟଗୁଡ଼ିକ 'ନବଜ୍ୟୋତି'ର ପ୍ରଥମ ବର୍ଷର ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ସଂଖ୍ୟା ଏବଂ ଦ୍ୱିତୀୟ ବର୍ଷର ପ୍ରଥମ ସଂଖ୍ୟାରେ ପ୍ରକାଶିତ ହୋଇଥିଲା ଏବଂ ସେଗୁଡ଼ିକୁ ସଂଶୋଧିତ ଓ ପରିବର୍ଦ୍ଧିତ କରି ଏହାର ପ୍ରଥମ ସଂସ୍କରଣ କରାଯାଇଥିଲା । ବର୍ତ୍ତମାନ ଏହି ଦ୍ୱିତୀୟ ସଂସ୍କରଣରେ ବିଷୟଗୁଡ଼ିକୁ ଅଧିକ ସରଳ ଓ ହୃଦୟଙ୍ଗମ କରିବା ନିମିତ୍ତ ବିଶେଷ ସଂଶୋଧନ ଓ ପରିବର୍ଦ୍ଧନ କରାଯାଇଛି ଏବଂ ଫଳରେ ପୁସ୍ତକର କଳେବର ବୃଦ୍ଧିପାଇଛି ।

ସମଗ୍ର ପୁସ୍ତକଟି ପ୍ରଶ୍ନୋତ୍ତର ଭାବେ ଲିଖିତ ହୋଇଥିବାରୁ ପାଠକମାନଙ୍କ ପକ୍ଷେ ଏହା ଶୁଷ୍କ ଓ ନୀରସ ବୋଧହେବ ନାହିଁ । ଛାତ୍ର, ଶିକ୍ଷକ, ସାଧାରଣ ଶିକ୍ଷିତ ବ୍ୟକ୍ତି ଏବଂ ବିଶେଷଭାବେ ନୂତନ ସାଧକମାନଙ୍କ ନିମିତ୍ତ ଏହା ବିଶେଷ ଉପାଦେୟ ହେବ, କାରଣ ସାଧନା-ମାର୍ଗରେ ଅଗ୍ରସର ହେବା ନିମିତ୍ତ ଏଥିରେ ଅତି ମୂଲ୍ୟବାନ୍ ଓ ସ୍ପଷ୍ଟ ନିର୍ଦ୍ଦେଶ ଦିଆଯାଇଛି । ଆମ୍ଭର ବିଶ୍ୱାସ, ପୁସ୍ତକଟି ଜନସାଧାରଣ ବିଶେଷତଃ ସାଧକମାନଙ୍କ ଦ୍ୱାରା ନିଶ୍ଚୟ ଆଦୃତ ହେବ ।

— ପ୍ରକାଶକ

# ଶ୍ରୀଅରବିନ୍ଦଙ୍କ ଯୋଗ ଓ ସାଧନା

## (୧)

## ଭଗବାନଙ୍କ ଅସ୍ତିତ୍ୱ

ସନ୍ଧ୍ୟା ସମୟରେ ନିମାଇ ପ୍ରତିଦିନ ସହର ବାହାରେ ବୁଲିବାକୁ ଯାଏ । ଦିନେ ବୁଲି ବୁଲି ଗୋଟିଏ ବଗିଚାରେ ପହଞ୍ଚିଲା । ଚତୁର୍ଦ୍ଦିଗରେ ଶାନ୍ତ ବାତାବରଣ । ଗଛରେ ପକ୍ଷୀମାନେ ଚେଁ ଚେଁ ଶବ୍ଦ କରୁଥା'ନ୍ତି । ମନ୍ଦ ବାୟୁରେ ପୁଷ୍ପସମୂହ ଦୋଳାୟମାନ ହେଉଥା'ନ୍ତି । ପ୍ରସ୍ଫୁଟିତ କୁସୁମର ସୁଗନ୍ଧିରେ କଳା ଭ୍ରମର ଉନ୍ମତ୍ତ ହୋଇ ଗୁଣୁଗୁଣୁ ଶବ୍ଦ କରି ଉଡୁଥାଆନ୍ତି । ନିମାଇ ଫୁଲ ବଗିଚାକୁ ଖୁବ୍ ଭଲପାଏ । ଏହି ସୁନ୍ଦର ପ୍ରାକୃତିକ ଦୃଶ୍ୟ ଦେଖି ସେ ବଗିଚାସ୍ଥ ଗୋଟିଏ ବେଞ୍ଚ ଉପରେ ବସିଲା । ବସିବାମାତ୍ରକେ ତା ମନ କୌଣସି ଏକ ଶାନ୍ତ, ଆନନ୍ଦମୟ, ଅପାର୍ଥିବ ନନ୍ଦନ-କାନନରେ ବିଚରଣ କରିବାକୁ ଲାଗିଲା । ତା ଚକ୍ଷୁ ବାହ୍ୟବସ୍ତୁବିସ୍ମୃତ ହୋଇ ଆନ୍ତର ଶାନ୍ତି, ନିସ୍ପନ୍ଦ ଆନନ୍ଦସାଗରରେ ବୁଡିଗଲା । ନିମାଇର ଶରୀର ଗୌରବର୍ଣ୍ଣ, ଲୁଗା ଓ କମିଜ ପରିଷ୍କାର ପରିଚ୍ଛନ୍ନ । ଏକାଗ୍ର ଅବସ୍ଥାରେ ଶୀତଳ ସୂର୍ଯ୍ୟକିରଣ ତାହାର ସୁନ୍ଦର ମୁଖମଣ୍ଡଳକୁ ଦେଦୀପ୍ୟମାନ କରୁଥିଲା ।

ସେ ଜଣେ ଅପରିଚିତ ଆଗନ୍ତୁକ । ତାଙ୍କ ଚେହେରାରୁ ଜଣାପଡୁଥିଲା ଯେ ସେ ଜଣେ ଉଚ୍ଚଶିକ୍ଷିତ ବଡ଼ ଅଫିସର । ବୋଧହୁଏ ଅଫିସ କାର୍ଯ୍ୟରେ ପରିଶ୍ରାନ୍ତ ମସ୍ତିଷ୍କକୁ ଶାନ୍ତ କରିବା ପାଇଁ ସେ ବାୟୁ ସେବନ କରୁଥାଆନ୍ତି । ବଗିଚା ପାଖରେ କିଛିକ୍ଷଣ ଠିଆ ହୋଇ ଗଛ, ଫୁଲ ଓ ପକ୍ଷୀମାନଙ୍କୁ ଦେଖି କ'ଣ ଭାବି ଧୀରେ ଧୀରେ ବଗିଚା ମଧ୍ୟରେ ପ୍ରବେଶ କଲେ । ତାଙ୍କ ଦୃଷ୍ଟି ନିମାଇ ଉପରେ ପଡ଼ିଲା । ବୋଧହୁଏ ସେ ଅଜ୍ଞାତ ଭାବେ ଆକର୍ଷିତ ହୋଇ ତା ଆଡ଼କୁ ଆସିଲେ । ବେଞ୍ଚରେ ନିମାଇ ପାଖରେ ବସି ତାକୁ ଏକାଗ୍ର ଦୃଷ୍ଟିରେ ଦେଖିବାକୁ ଲାଗିଲେ ।

ମଣିଷ ଯଦି ରାଗଦ୍ୱେଷାଦି ଦୁର୍ଗୁଣରୁ ମୁକ୍ତ ହୋଇ ସେହି ପରମାନନ୍ଦ ଚେତନାରେ ନିଜକୁ ଯୁକ୍ତ କରିଦିଏ, ତେବେ ଜଗତରେ ସମସ୍ତେ ତା'ର ବନ୍ଧୁ ହୋଇଯାଆନ୍ତି । ସେ ମୌନ ଅବସ୍ଥାରେ ମଧ୍ୟ ସମସ୍ତଙ୍କର ପ୍ରିୟର ପାତ୍ର ହୋଇଥାଏ । ଆଗନ୍ତୁକ ନିମାଇକୁ ଦେଖି ମୁଗ୍ଧ ହୋଇ ତା'ର ଏକାଗ୍ର ଅବସ୍ଥାକୁ ଭଙ୍ଗ କରିବା ଉଦ୍ଦେଶ୍ୟରେ କୌଣସି ପ୍ରସଙ୍ଗ ଆଶ୍ରୟ କରି କଥାବାର୍ତ୍ତା କରିବାକୁ ଆରମ୍ଭ କଲେ । ନିମାଇର କଥା ମଧୁର, ସ୍ୱାଭାବିକ ରୂପେ କୋମଳ ଏବଂ ହୃଦୟସ୍ପର୍ଶୀ । କିଛି କଥାବାର୍ତ୍ତା କରିବା ପରେ ସେ ଜଣେ ସାଧକ ଜାଣି କୌତୂହଳରେ ନୁହେଁ, ବରଂ ନିମାଇର ଅଧ୍ୟାତ୍ମପ୍ରଭାବ ଓ ନିଜ ଅଜ୍ଞାତ ଅନ୍ତରାତ୍ମାର ଅସ୍ପଷ୍ଟ ପ୍ରେରଣାରେ ପ୍ରେରିତ ହୋଇ ସେ ପ୍ରଶ୍ନ କଲେ –

ପ୍ରଶ୍ନ : ସାଧନାର ଉଦ୍ଦେଶ୍ୟ ?

ଉତ୍ତର : ଭଗବାନଙ୍କୁ ପ୍ରାପ୍ତ କରିବା ଅର୍ଥାତ୍ ଭଗବାନଙ୍କ ସଙ୍ଗେ ମନ-ପ୍ରାଣ-ଶରୀର ସହ ଏକ ହୋଇଯିବା, ଭଗବତ୍ ସଂକଳ୍ପରେ ପରିଚାଳିତ ହେବା ।

ପ୍ରଶ୍ନ : ପ୍ରକୃତରେ କ'ଣ ଭଗବାନ୍ ବୋଲି କୌଣସି ସତ୍ତା ଅଛି ?

ଉତ୍ତର : ନିଶ୍ଚୟ ଅଛି । ଯେଉଁସବୁ ଦୃଶ୍ୟମାନ ବସ୍ତୁ ଦେଖୁଛନ୍ତି ତଥା ଯେଉଁସବୁ ଅଦୃଶ୍ୟ ସୂକ୍ଷ୍ମଶକ୍ତି ଏବଂ ତତ୍ତ୍ୱ ଅଛି ସେସବୁକୁ ଯେଉଁ ସତ୍ତା ପରିଚାଳନ ଓ ନିୟନ୍ତ୍ରଣ କରନ୍ତି, କିନ୍ତୁ ନିଜେ କୌଣସି ଶକ୍ତି ଦ୍ୱାରା ପରିଚାଳିତ ବା ନିୟନ୍ତ୍ରିତ ହୁଅନ୍ତି ନାହିଁ, ସେହିଁ ହେଉଛନ୍ତି ପରମ ମଙ୍ଗଳମୟ ଭଗବାନ୍ ।

ପ୍ରଶ୍ନ : ସମସ୍ତ ଦୃଶ୍ୟମାନ ବସ୍ତୁ ଏବଂ ସମସ୍ତ ଜୀବଜନ୍ତୁ, ମନୁଷ୍ୟ ପରିଚାଳିତ ହେଉଛନ୍ତି ପ୍ରକୃତି ଦ୍ୱାରା । ସମସ୍ତ ବସ୍ତୁ ଜାତ ହୋଇଅଛି ପ୍ରକୃତିର ଘାତପ୍ରତିଘାତରୁ । ଭଗବାନ୍ ବୋଲି ପ୍ରକୃତରେ କୌଣସି ସତ୍ତା ନାହିଁ । ବ୍ୟକ୍ତି ଅସତ୍

କାର୍ଯ୍ୟରୁ ନିବୃତ୍ତ ହୋଇ ସଦାଚାର ଜୀବନ ଯାପନ କରିବା ନିମିତ୍ତ ଭଗବାନଙ୍କ କଳ୍ପନା କରାହୋଇଅଛି ଯାହାଙ୍କୁ ଭୟକରି ବ୍ୟକ୍ତି ଅସତ୍ ମାର୍ଗ ତ୍ୟାଗ କରି ସନ୍ମାର୍ଗରେ ଅଗ୍ରସର ହେବ । ଫଳରେ ସଂସାରରେ ସୁଖଶାନ୍ତି ସ୍ଥାପନା ହୋଇପାରିବ ।

ଉତ୍ତର : ଯେଉଁ ପ୍ରକୃତି ଦ୍ୱାରା ସମସ୍ତ ଜୀବଜନ୍ତୁ ପରିଚାଳିତ ବୋଲି କହୁଛନ୍ତି ସେହି ପ୍ରକୃତିର ନିୟନ୍ତା ହେଉଛନ୍ତି ଭଗବାନ୍ । ପ୍ରକୃତିରେ ଯଦି ଚୈତନ୍ୟ ନ ଥାଏ ସେ ଅନ୍ୟ ବସ୍ତୁକୁ ପରିଚାଳନା ବା ନିୟନ୍ତ୍ରଣ କରିବ କିପରି ? କୌଣସି ପଦାର୍ଥ ଅଥବା ଜୀବଜନ୍ତୁ ଉତ୍ପନ୍ନ ହେବେ କିପରି ? ଆଉ ମଧ ଘାତ ପ୍ରତିଘାତ ବା ହେବ କିପରି ? ସମସ୍ତ ସୃଷ୍ଟି ତଥା ସମସ୍ତ ବସ୍ତୁର ଯେଉଁ ଆଦିକାରଣ ଚୈତନ୍ୟ ସତ୍ତା ତାହାକୁ ଭଗବାନ୍ ବୋଲି କୁହାଯାଏ । ସେହି ଚୈତନ୍ୟ ସତ୍ତା ଭିନ୍ନ ଭିନ୍ନ ରୂପେ ସମସ୍ତ ବିଶ୍ୱରେ ବିଦ୍ୟମାନ ଥିବା ସତ୍ତ୍ୱେ ବିଶ୍ୱାତୀତ ରୂପେ ଅବସ୍ଥିତ ହୋଇଅଛନ୍ତି ।

ପ୍ରଶ୍ନ : ଭଗବାନ୍ ଯଦି ସବୁକିଛିର ନିୟନ୍ତା, ତେବେ ତାଙ୍କୁ ଆମ୍ଭେମାନେ କାହିଁକି ଦେଖିପାରୁ ନାହୁଁ ?

ଉତ୍ତର : ତୁମେ ଜଗତର ସବୁକିଛିକୁ ଦେଖି ସାରିଛ, କେବଳ ଭଗବାନଙ୍କୁ ଦେଖିବାଟା ବାକୀ ରହିଯାଇଛି ? ତୁମକୁ ଆଘାତ କରିବା ସକାଶେ କୌଣସି ବ୍ୟକ୍ତି ପକେଟରେ ପିସ୍ତଲ ରଖି ତୁମ ସହିତ ମିତ୍ର ରୂପେ କଥାବାର୍ତ୍ତା କରିବା ସମୟରେ ତୁମେ କ'ଣ ତା ପକେଟସ୍ଥ ପିସ୍ତଲ ଦେଖିପାର ? କାହାକୁ ମାରିବା ଉଦ୍ଦେଶ୍ୟରେ ମିଷ୍ଟାନ୍ନରେ ବିଷ ଦେଲେ ସେ ସେହି ମୃତ୍ୟୁକାରୀ ଗ୍ରାସକୁ ଆନନ୍ଦରେ ଭକ୍ଷଣ କରେ ନାହିଁ ? ବିଷ ଓ ପିସ୍ତଲ ଏକେବାରେ ସ୍ଥୂଳ ବସ୍ତୁ । ପିସ୍ତଲଟା କେବଳ ଲୁଗା ଦ୍ୱାରା ଲୁକ୍କାୟିତ ହୋଇଥାଏ; ବିଷ ସୁସ୍ୱାଦୁ ମିଷ୍ଟାନ୍ନ ସହିତ ମିଶ୍ରିତ ହୋଇଥାଏ; ଲୁଗାର ଆବରଣ ଦୂର କରି ଦେଲେ ପିସ୍ତଲ ଦେଖାଯାଇ ପାରେ, ଡାକ୍ତରମାନେ ଯନ୍ତ୍ର ଦ୍ୱାରା ମିଷ୍ଟାନ୍ନରେ ମିଶ୍ରିତ ଥିବା ବିଷକୁ ପରୀକ୍ଷା କରି ଜାଣିପାରନ୍ତି । ଏହି ପ୍ରକାରର ସ୍ଥୂଳ ବସ୍ତୁକୁ ଏହି ସ୍ଥୂଳ ଦୃଷ୍ଟିରେ ଯଦି ଦେଖିପାର ନାହିଁ, ତେବେ ଭଗବାନଙ୍କୁ ଏହି ସ୍ଥୂଳ ଦୃଷ୍ଟିରେ ଦେଖିବାକୁ ଦାବି କରିବା କେତେଦୂର ଯୁକ୍ତିଯୁକ୍ତ ?

ବ୍ୟକ୍ତି କେବେ ରାଗେ, କେବେ ଆନନ୍ଦ ଅନୁଭବ କରେ, କେବେ କୌଣସି ବ୍ୟକ୍ତି ପ୍ରତି ଆକସ୍ମିକ ଭାବେ ସ୍ନେହଶ୍ରଦ୍ଧାବଶରେ ଆକୃଷ୍ଟ ଓ ଆସକ୍ତ ହୁଏ; ପୁଣି କେବେ ବୈରଭାବ, ବିରୋଧ, ହିଂସାଦ୍ୱେଷ ଇତ୍ୟାଦି ଉତ୍ପନ୍ନ ହୋଇ ବ୍ୟକ୍ତିର ହୃଦୟକୁ ଦଗ୍ଧ କରେ । କେବେ ତା'ର ଆବେଗ ଦେଖା ଦିଏ, କେବେ ଈର୍ଷା-ବିରୋଧ ଭାବର ଆକ୍ରମଣ ତାକୁ ବ୍ୟତିବ୍ୟସ୍ତ କରିପକାଏ । ଏହିସବୁ ପ୍ରତିକୂଳ ଗତିବୃତ୍ତିଗୁଡ଼ିକୁ ବରଦାସ୍ତ କରି ନ ପାରି ସେ ଆତ୍ମହତ୍ୟା ମଧ କରିବାକୁ ପଶ୍ଚାତ୍‌ପଦ ହୁଏ ନାହିଁ । କିଂବା କରୁଣା, ଶାନ୍ତି, ଆନନ୍ଦରେ ତା' ହୃଦୟ ପ୍ରଫୁଲ୍ଲିତ ହୋଇଯାଏ । ବହୁତ ସମୟରେ ବ୍ୟକ୍ତି ନ ଚାହିଁବା ସତ୍ତ୍ୱେ ଅବିହିତ କାର୍ଯ୍ୟ କରି ପରେ ପଶ୍ଚାତ୍ତାପ କରେ । ଏହିସବୁ ବାଞ୍ଛିତ ଓ ଅବାଞ୍ଛିତ ଗତିବୃତ୍ତିର ପରିଣାମ ବ୍ୟକ୍ତି ଯଦିଓ ଅନୁଭବ କରେ ତଥାପି ଏହିସବୁର ପ୍ରେରଣାକାରୀ ଶକ୍ତି ବା ପ୍ରବୃତ୍ତି ସମୂହର ସ୍ୱରୂପ ସେ ଦେଖିପାରେ ନାହିଁ କିଂବା ବୁଝିପାରେ ନାହିଁ । ନିଜ ମଧରେ ଅହରହ କାର୍ଯ୍ୟ କରୁଥିବା ଶକ୍ତିସମୂହକୁ ବ୍ୟକ୍ତି ଯଦି ଦେଖିପାରେ ନାହିଁ, ତେବେ ସେହି ଅବସ୍ଥାରେ ସେ ସେହି ବିରାଟପୁରୁଷ ଭଗବାନଙ୍କର ସ୍ୱରୂପକୁ ଦେଖିବ କିପରି ?

ପ୍ରଶ୍ନ : ଏହି ଦୃଷ୍ଟିରେ ନ ହେଉ, ବୈଜ୍ଞାନିକମାନେ ଯନ୍ତ୍ର ସାହାଯ୍ୟରେ ବହୁତ ବସ୍ତୁ ଦେଖିପାରନ୍ତି । ଭଗବାନ୍ ଯଦି ସୂକ୍ଷ୍ମବସ୍ତୁ ତେବେ ସେହିପରି କୌଣସି ସୂକ୍ଷ୍ମଯନ୍ତ୍ରରେ ଦେଖା ଯିବା ଉଚିତ । ଏହା କ'ଣ ଅଯୌକ୍ତିକ ?

ଉତ୍ତର : ଭଗବାନଙ୍କୁ ଦେଖିବାର ସୂକ୍ଷ୍ମଯନ୍ତ୍ର ହେଉଛି ଅନ୍ତର୍ଦୃଷ୍ଟି, ସେହି ଆନ୍ତର ଦୃଷ୍ଟି ଅଧ୍ୟାତ୍ମ ସାଧନାରେ ପ୍ରାପ୍ତ ହୁଏ । ପ୍ରତ୍ୟେକ ବସ୍ତୁକୁ ଗୋଟିଏ ପ୍ରଣାଳୀରେ ଦେଖିହୁଏ ନାହିଁ କିଂବା ବୁଝି ହୁଏ ନାହିଁ । ଭିନ୍ନ ଭିନ୍ନ ବସ୍ତୁ ଭିନ୍ନ ଭିନ୍ନ ପ୍ରଣାଳୀରେ ଏବଂ ଭିନ୍ନ ଭିନ୍ନ ଯନ୍ତ୍ରରେ ଦେଖାଯାଏ । ବାୟୁ ଏବଂ ଜଳରେ ଥିବା କୀଟାଣୁ ଯେଉଁ ଯନ୍ତ୍ରରେ ଦେଖାଯାଏ, ସେହି ଯନ୍ତ୍ରରେ ମସ୍ତକ ବା ଉଦରରେ ହୋଇଥିବା କ୍ୟାନ୍‌ସର ରୋଗ ଦେଖାଯାଏ ନାହିଁ, ଦେଖାଯାଏ 'ଏକ୍‌ସ-ରେ' (X-Ray) ଯନ୍ତ୍ର ସାହାଯ୍ୟରେ । ସେହିପରି ବୃକ୍ଷ ଭୂ-ପୃଷ୍ଠରୁ ରସ ଓ ଜଳ ଗ୍ରହଣ କରିବା, ମନୁଷ୍ୟର ଖାଦ୍ୟରୁ ରକ୍ତ ଉତ୍ପନ୍ନ ହେବା ଇତ୍ୟାଦି ଆମେ ଏହି ଦୃଷ୍ଟିରେ ଦେଖିପାରୁ ନାହିଁ, ଏହା ଦେଖୁ ଅନ୍ୟ ଯନ୍ତ୍ର ସାହାଯ୍ୟରେ । କାରଣ ସ୍ଥୂଳ ଦୃଷ୍ଟି ବହୁତ ସୀମିତ । ଏପରି ସୀମିତ ଯେ ସ୍ଥୂଳ ଆବରଣରେ ଥିବା ଜାଗତିକ ବସ୍ତୁକୁ ସେ ଦେଖିପାରେ ନାହିଁ, ପୁଣି ସୂକ୍ଷ୍ମାତିସୂକ୍ଷ୍ମ, ସର୍ବବ୍ୟାପକ, ଦିବ୍ୟ-ଚିନ୍ମୟ ତତ୍ତ୍ୱକୁ ଦେଖିବ କିପରି ?

ଅର୍ଜୁନଙ୍କ ସମ୍ମୁଖରେ ଶ୍ରୀକୃଷ୍ଣ ବିଦ୍ୟମାନ ଥିଲେ ରଥର ସାରଥି ରୂପେ । କିନ୍ତୁ ତାଙ୍କର ବିରାଟ ବିଶ୍ୱରୂପ ଅର୍ଜୁନ ତାଙ୍କ ସ୍ଥୂଳଦୃଷ୍ଟିରେ ଦେଖିପାରି ନ ଥିଲେ । ଶ୍ରୀକୃଷ୍ଣ ତାଙ୍କୁ ଦିବ୍ୟ-ଦୃଷ୍ଟି ପ୍ରଦାନ କଲେ, ତେବେ ଅର୍ଜୁନ ତାଙ୍କର ସ୍ୱରୂପ ଦେଖିବାକୁ ସମର୍ଥ ହୋଇପାରିଥିଲେ । ଭଗବାନ୍ ହେଲେ ଦିବ୍ୟ । ଦିବ୍ୟ ବସ୍ତୁ ଦିବ୍ୟଦୃଷ୍ଟିରେ ଦେଖାଯାଇ ପାରେ । ସେଥି ନିମିତ୍ତ ଅଧ୍ୟାତ୍ମ-ସାଧକମାନେ ସାଧନା ଦ୍ୱାରା ମନ-ପ୍ରାଣକୁ ଶୁଦ୍ଧ କରନ୍ତି ଏବଂ ସେଥିରେ ଦିବ୍ୟଦୃଷ୍ଟି ଲାଭ ହୁଏ; ସେମାନେ ଭଗବାନଙ୍କୁ ଦେଖିବାକୁ ସକ୍ଷମ ହୁଅନ୍ତି । ଭଗବାନଙ୍କୁ ଦର୍ଶନ କରିବାକୁ ହେଲେ ଅଧ୍ୟାତ୍ମ-ସାଧନା କରିବାକୁ ହେବ ।

ପ୍ରଶ୍ନ : ତୁମ ଉତ୍ତର ଯଦିଓ ଯୁକ୍ତିଯୁକ୍ତ ତଥାପି ସନ୍ତୋଷଜନକ ନୁହେଁ । କାରଣ ବୈଜ୍ଞାନିକମାନେ ଆଶ୍ଚର୍ଯ୍ୟ ପଦାର୍ଥମାନ ଆବିଷ୍କାର ଓ ଉଦ୍ଭାବନ କରୁଛନ୍ତି, ଚିକିତ୍ସକମାନେ ମୃତ୍ୟୁ ମୁଖରୁ ବ୍ୟକ୍ତିକୁ ଉଦ୍ଧାର କରିପାରନ୍ତି ବୋଲି ମନେ ହୁଏ । ଆଇନଜ୍ଞମାନେ ବୁଦ୍ଧି ଓ ଯୁକ୍ତି ବଳରେ ଦିନକୁ ରାତି ଓ ଧଳାକୁ କଳା କରି ମିଥ୍ୟା ମୋକଦ୍ଦମାରେ ଅନ୍ୟାୟ ପକ୍ଷଙ୍କୁ ବିଜୟୀ କରାଇ ପାରୁଅଛନ୍ତି, ଗରିବ ଲୋକ ଇଚ୍ଛା କଲେ ନିଜର କୌଶଳ ତଥା ବୁଦ୍ଧି ବଳରେ ବ୍ୟବସାୟ କରି କୋଟିପତି ହୋଇ ବ୍ୟୋମଯାନ ବ୍ୟତୀତ ଟ୍ରେନ୍‌ରେ ଯାତ୍ରା କରୁ ନାହାନ୍ତି । ଗୋଟିଏ ଗୋଟିଏ ନେତା କୋଟି କୋଟି ଲୋକଙ୍କୁ ନିଜ କୌଶଳ ଦ୍ୱାରା ନିଜ ମତାବଲମ୍ବୀ କରାଇ ସେମାନଙ୍କୁ ନିଜ ଇଚ୍ଛାନୁସାରେ ପରିଚାଳନା କରୁଅଛନ୍ତି । ଏମାନଙ୍କ ବୁଦ୍ଧି ଉତ୍କୃଷ୍ଟ ଓ ବିଶେଷ ବିକାଶଶୀଳ, ଏଥିରେ ସନ୍ଦେହ ନାହିଁ; ଭଗବାନଙ୍କର ଯଦି ଅସ୍ତିତ୍ୱ ଥା'ନ୍ତା, ତେବେ ଏମାନେ ସମସ୍ତେ ଅବଶ୍ୟ ସ୍ୱୀକାର କରୁଥାଆନ୍ତେ । ଏମାନଙ୍କ ମଧ୍ୟରୁ ଯଦି କେହି ଆସ୍ତିକ ଥାଆନ୍ତି ତଥାପି ସେମାନେ ଦୃଢ଼ତା ସହ ଭଗବାନଙ୍କ ଉପରେ ଆସ୍ଥା ରଖିପାରନ୍ତି ନାହିଁ । ଏପରିକି ବହୁତ ଦେଶରେ ଭଗବାନଙ୍କୁ ନିର୍ବାସିତ କରାଯାଇଅଛି । ଏ ପ୍ରକାର ବୁଦ୍ଧିମାନ୍ ବ୍ୟକ୍ତି ଯଦି ଈଶ୍ୱରଙ୍କୁ ସ୍ୱୀକାର କରିବାକୁ ନାରାଜ, ତେବେ ଆମେ କିପରି ତାଙ୍କର ଅସ୍ତିତ୍ୱକୁ ସ୍ୱୀକାର କରିବୁ ?

ଉତ୍ତର : ଯେଉଁମାନଙ୍କୁ ବୁଦ୍ଧିମାନ୍ ବୋଲି କହୁଅଛ ସେମାନଙ୍କ ବୁଦ୍ଧି ଈଶ୍ୱରଙ୍କ ଅଗାଧ, ଅନନ୍ତ, ଅସୀମ, ଅଚିନ୍ତନୀୟ, ଅକଳ୍ପନୀୟ ଜ୍ଞାନ ଏବଂ ବୁଦ୍ଧି ସାଗରର ଗୋଟିଏ ଗୋଟିଏ ଜଳକଣା ମାତ୍ର । ଈଶ୍ୱରଙ୍କ ଅସୀମ ଜ୍ଞାନାକାଶର ଗୋଟିଏ କ୍ଷୁଦ୍ର କକ୍ଷ ସଦୃଶ ସୀମିତ ଜ୍ଞାନ ସେମାନଙ୍କୁ ପ୍ରାପ୍ତ ହୋଇଅଛି । ସେହି ବୁଦ୍ଧିର ସୀମାକୁ ଅତିକ୍ରମ କରିବାକୁ ସେମାନେ ଏକେବାରେ ଅକ୍ଷମ ।

ତୁମେ କହୁଅଛ ଯେ ବିଜ୍ଞାନବେତ୍ତାମାନେ ଚଳଚ୍ଚିତ୍ରରେ ଜୀବନ୍ତ ପରି ପ୍ରତୀୟମାନ ହେଉଥିବା ଅଲୌକିକ ଦୃଶ୍ୟ ପରିବେଷଣ କରାଉଛନ୍ତି ଏବଂ ଟେଲିଭିଜନ, ଟେଲିଫୋନ ସାହାଯ୍ୟରେ ଦୂରବାର୍ତ୍ତା ଶ୍ରବଣ ତଥା ଦୂରଦୃଶ୍ୟ ଦର୍ଶନରେ ବୈଜ୍ଞାନିକମାନଙ୍କର ବିଚକ୍ଷଣତାର ପରିଚୟ ମିଳୁଅଛି । କିନ୍ତୁ ଯେଉଁ ବିଜ୍ଞାନବେତ୍ତାଗଣ ଏପ୍ରକାର ଅସାଧାରଣ ବୁଦ୍ଧିମତ୍ତାର ପରିଚୟ ଦେଉଛନ୍ତି ବୋଲି ତୁମେ କହୁଅଛ, ସେହି ବିଜ୍ଞାନବେତ୍ତାଙ୍କ ଉଦରରେ କୌଣସି ପ୍ରକାର ରୋଗ ଜନ୍ମିଲେ ସେମାନେ ତା'ର ତଥ୍ୟ ଆବିଷ୍କାର କରି ପାରନ୍ତି ନାହିଁ ଏବଂ ଡାକ୍ତରଙ୍କର ସାହାଯ୍ୟ ଲୋଡ଼ନ୍ତି । ଆଉ ମଧ୍ୟ ସେମାନଙ୍କ ବିରୋଧରେ ଯଦି କୌଣସି ପ୍ରକାର ଅଭିଯୋଗ ଥାଏ, ତେବେ ସେମାନେ ଆଇନଜ୍ଞଙ୍କ ଆଶ୍ରୟପ୍ରାର୍ଥୀ ହୋଇଥା'ନ୍ତି । ଗୃହନିର୍ମାଣ ପାଇଁ ଇଞ୍ଜିନିୟରଙ୍କର ସାହାଯ୍ୟ ଦରକାର ହୁଏ । କାରଣ ଏହିସବୁ ବିଷୟ ସେମାନଙ୍କର ବୁଦ୍ଧିର ଅଗମ୍ୟ ତଥା ସେମାନେ ଏ ବିଷୟରେ ଗବେଷଣା କରି ନାହାନ୍ତି । ଏହିପରି ସମସ୍ତ ବୁଦ୍ଧିପ୍ରଧାନ ବ୍ୟକ୍ତି ସେହି ଅନନ୍ତ ବୁଦ୍ଧିର ପରମାଣୁ ସଦୃଶ ବୁଦ୍ଧି ଧାରଣ କରି ତାହାର ବିକାଶ କରିଛନ୍ତି; ଯେପରି ଈଶ୍ୱରଙ୍କ ଜଟାରେ ଗଙ୍ଗାନଦୀ ଭ୍ରମଣ କରେ ସେହିପରି ସେହି ବୁଦ୍ଧି ସୀମାରେ ଆବଦ୍ଧ ହୋଇ ଭ୍ରମଣ କରୁଅଛି । ଏମାନଙ୍କର ବୁଦ୍ଧି ତଥା ଭୌତିକ ଜ୍ଞାନ ଏପରି ସୀମିତ ଯେ ଜଣେ ଦାନ୍ତ ଡାକ୍ତର (Dentist) ଯକ୍ଷ୍ମାରୋଗ ସମ୍ବନ୍ଧେ ଅଜ୍ଞ; ଜଣେ ଚକ୍ଷୁ ଡାକ୍ତର (Eye-specialist) ଚକ୍ଷୁରୋଗ ଭିନ୍ନ ଅନ୍ୟାନ୍ୟ ରୋଗ ସମ୍ବନ୍ଧରେ ପ୍ରାୟ ଅଜ୍ଞ; ସେହିପରି ଜଣେ ବିଜ୍ଞାନ-ପ୍ରଫେସର କଳା ସମ୍ବନ୍ଧେ ଅନଭିଜ୍ଞ । ଜଣେ ଆଇନଜ୍ଞଙ୍କ ପକ୍ଷରେ ଇଞ୍ଜିନିୟରିଂ ବିଦ୍ୟା ମଧ୍ୟ ତାଦୃଶ । ଏହି ଯେଉଁ ବୁଦ୍ଧିମାନ୍ ବ୍ୟକ୍ତିଙ୍କ ସୀମିତ ଭୌତିକ ଜ୍ଞାନ ଯଥାର୍ଥରେ ଅସୀମ ଜ୍ଞାନ ସମ୍ମୁଖରେ ବାଳସୁଲଭ ଜ୍ଞାନ ସଦୃଶ୍ୟ । ଶିଶୁ ଅବସ୍ଥାରେ ବାଳକ ବାଳିକା ଯେଉଁ ସାଧାରଣ ଜ୍ଞାନକୁ ଅଭ୍ରାନ୍ତ ମନେ କରିଥାନ୍ତି ଓ ବୟସ ବୃଦ୍ଧି ସଙ୍ଗେ ସଙ୍ଗେ ବୁଦ୍ଧିର ବିକାଶ ହେଲେ ସେମାନେ ସେହି ଜ୍ଞାନକୁ ଅତି ନଗଣ୍ୟ ଓ ଭ୍ରାନ୍ତ ବୋଲି ଅନୁଭବ କରନ୍ତି, ଠିକ୍ ସେହିପରି ଭୌତିକ-ବୁଦ୍ଧି-ବିକାଶଶୀଳ ବ୍ୟକ୍ତି । ପଚାଶ ବର୍ଷ ପୂର୍ବେ ଭେଷଜ ବିଦ୍ୟା

(Medical Science) ଯେଉଁ ବିଷୟକୁ ଅଭ୍ରାନ୍ତ ବୋଲି ଘୋଷଣା କରିଥିଲା, ଆଜି ତାକୁ ଭ୍ରାନ୍ତ ବୋଲି କହି ନୂତନ ତଥ୍ୟ ପ୍ରତିପାଦନ କରୁଅଛି । ଠିକ୍ ଏହିପରି ଭୌତିକ ବିଜ୍ଞାନବେତ୍ତାଗଣ । ବୁଦ୍ଧିପ୍ରଧାନ ଆଇନଷ୍ଟ, ବୈଜ୍ଞାନିକମାନଙ୍କ ଅନୈଶ୍ୱରବାଦକୁ ଯଦି ବିଶ୍ୱାସ କରନ୍ତି, ତେବେ ଯିଶୁଖ୍ରୀଷ୍ଟ, ମହମ୍ମଦ, ବୁଦ୍ଧ, ଆଚାର୍ଯ୍ୟ ଶଙ୍କର, ରାମାନୁଜ, ରାମାନନ୍ଦ ପ୍ରଭୃତିଙ୍କ ପୃଥିବୀବ୍ୟାପୀ ଆଧ୍ୟାତ୍ମ ସତ୍ୟର ଅବିଶ୍ୱାସ କିପରି କରିବେ ? ଏ ବିଷୟକୁ ଦୂରଦୃଷ୍ଟି ସହ ବିଚାର କରିବାକୁ ହେବ । ଆଧ୍ୟାତ୍ମ-ସାଧକ ତଥା ମହାପୁରୁଷଗଣ କ'ଣ ଆଧୁନିକ ବୁଦ୍ଧି ପ୍ରଧାନ ବ୍ୟକ୍ତିଙ୍କଠାରୁ ନ୍ୟୂନ ? ଅଧ୍ୟାତ୍ମ ସତ୍ୟ ଉପରେ ଏହିପରି ନାସ୍ତିକମାନେ ଆକ୍ରମଣ କରନ୍ତି । ଏହି ଆକ୍ରମଣ ଆରମ୍ଭରୁ ହୋଇ ଆସୁଅଛି, କିନ୍ତୁ ଈଶ୍ୱର ଏକମାତ୍ର ପରମ ସତ୍ୟ-ସତ୍ତା ହୋଇଥିବାରୁ ଅନୀଶ୍ୱରବାଦୀମାନଙ୍କର ଆକ୍ରମଣ ବରାବର ବ୍ୟର୍ଥ ହେଉଅଛି ଏବଂ ସର୍ବଥା ବ୍ୟର୍ଥ ହେଉଥିବ ମଧ୍ୟ; ପରମ ସତ୍ୟ ଈଶ୍ୱରବାଦ ସର୍ବଦା ବିଦ୍ୟମାନ ହୋଇ ରହିବ । ଯେଉଁ ଭୌତିକ ସୀମିତ ବୁଦ୍ଧି ପ୍ରଧାନ ବ୍ୟକ୍ତିଙ୍କୁ ତୁମେ ସର୍ବଜ୍ଞର ଉଚ୍ଚ ଆସନ ଦେଉଅଛ, ଯଥାର୍ଥରେ ସେମାନେ ସର୍ବଜ୍ଞ ନୁହନ୍ତି । ସେମାନେ ଯେଉଁ ବିଷୟରେ ଅଧ୍ୟୟନ କରିଥା'ନ୍ତି ବା ଗବେଷଣା କରିଥା'ନ୍ତି ସେ ବିଷୟଟି ପୂର୍ଣ୍ଣ ରୂପେ ନୁହେଁ, କିଛି ଅଂଶରେ ଜାଣିଥା'ନ୍ତି । ଅନ୍ୟ ବିଷୟରେ ସମ୍ପୂର୍ଣ୍ଣ ଅନଭିଜ୍ଞ ଥା'ନ୍ତି । ଏପରିକି ସେମାନେ ସ୍ୱୟଂ କ'ଣ ଚାହାନ୍ତି ବା ସେମାନଙ୍କ ଜୀବନର ଲକ୍ଷ୍ୟ କ'ଣ, ସେହି ଲକ୍ଷ୍ୟପ୍ରାପ୍ତିର ଉପାୟ କ'ଣ, ଏହା ବି ସେମାନେ ଜାଣନ୍ତି ନାହିଁ ।

ପ୍ରଶ୍ନ : ଏପରି ବୁଦ୍ଧିମାନ୍ ବ୍ୟକ୍ତି ନିଜ ଜୀବନର ଲକ୍ଷ୍ୟ ସମ୍ବନ୍ଧେ ସଚେତନ ନୁହନ୍ତି କାହିଁକି ? ସେମାନେ ଯେଉଁ କାର୍ଯ୍ୟ କରୁଅଛନ୍ତି ତାହା କ'ଣ ସେମାନଙ୍କର ଜୀବନର ଲକ୍ଷ୍ୟ ନୁହେଁ ?

ଉତ୍ତର : ନା, ତାହା ସେମାନଙ୍କର ଲକ୍ଷ୍ୟ ନୁହେଁ । ତାହା ଯଦି ଲକ୍ଷ୍ୟ ହୋଇଥାଆନ୍ତା, ତେବେ ସେମାନେ ତାହା ପାଇ ସାରିବା ପରେ ସେମାନଙ୍କର ଆଉ କିଛି ଅଭାବ ରହୁ ନ ଥା'ନ୍ତା । କୌଣସି ପ୍ରକାର ଅଭାବବୋଧ, ଲକ୍ଷ୍ୟପ୍ରାପ୍ତି ନ ହେବାର ସୂଚନା । ଅବଶ୍ୟ କୌଣସି ବୁଦ୍ଧିପ୍ରଧାନ ବ୍ୟକ୍ତି କହିପାରନ୍ତି ଯେ ତାଙ୍କର କୌଣସି ଅଭାବ ନାହିଁ, ପୂର୍ଣ୍ଣତଃ ସେ ସନ୍ତୁଷ୍ଟ । କିନ୍ତୁ ଏହା ଯଥାର୍ଥରେ ତାହା ନୁହେଁ । ପାର୍ଥିବ ଜଗତର କୌଣସି ବସ୍ତୁ ଦ୍ୱାରା ମନୁଷ୍ୟର ଅଭାବ ଦୂର ହୁଏ ନାହିଁ, କେବଳ ଦୂର ହୁଏ ସର୍ବବସ୍ତୁର ସ୍ରଷ୍ଟା ଭଗବାନଙ୍କ ସହିତ ପୂର୍ଣ୍ଣ ମିଳନରେ । ବ୍ୟକ୍ତି ଯେଉଁ ବସ୍ତୁ ଆବିଷ୍କାର କରେ ବା ପାଇବା ସକାଶେ ଚେଷ୍ଟା କରେ ତାହା ପ୍ରାପ୍ତ ହେବା ପରେ ଅନ୍ୟ ବସ୍ତୁ ଲକ୍ଷ୍ୟ ରୂପେ ସମ୍ମୁଖକୁ ଆସି ଗୋଟିଏ ନୂତନ ଅଭାବ ସୃଷ୍ଟିକରେ । ଏତଦ୍‌ଭିନ୍ନ କାହାର ସ୍ତ୍ରୀ ବେମାର, ପୁତ୍ର ଅଯୋଗ୍ୟ, ନିଜର ଶରୀର ଅସୁସ୍ଥ, ଧନର ଅଭାବ ଅଥବା ଅଧିକ ଧନର ଆବଶ୍ୟକ, ବିରୋଧୀ ଦଳର ନେତା ଦ୍ୱାରା ପରାସ୍ତ, ଭାବୀ ନିର୍ବାଚନ ପାଇଁ ଚିନ୍ତା; ଏହିପରି ଅଭାବବୋଧ ପ୍ରତ୍ୟେକଙ୍କର ରହିଛି । କୌଣସି ବୁଦ୍ଧି ପ୍ରଧାନ ଆଇନଷ୍ଟ, ନେତା, ଡାକ୍ତର, ଇଞ୍ଜିନିୟର, ଅଫିସର୍ ବା ବୈଜ୍ଞାନିକ ପୂର୍ଣ୍ଣ ରୂପେ ଆନନ୍ଦରେ ନାହାନ୍ତି । ସେମାନଙ୍କର ଅଭାବ ତଥା ଦୁଃଖ-ଦ୍ୱନ୍ଦ୍ୱ, ଈର୍ଷା-ଅସୂୟା, ରୋଗ-ଜରା, ମୃତ୍ୟୁର ଭୟ ଦୂର ହୋଇ ନ ଥାଏ । ଏହିସବୁ ପ୍ରତିକୂଳ ବସ୍ତୁ କୌଣସି ବ୍ୟକ୍ତି କେବେ ବି ଚାହେଁ ନାହିଁ । ପ୍ରତ୍ୟେକେ ଚାହାନ୍ତି – ଶାନ୍ତି, ଆନନ୍ଦ, ଐଶ୍ୱର୍ଯ୍ୟ, ସମୃଦ୍ଧି ଏବଂ ରୋଗ-ଜରାମୃତ୍ୟୁ ରହିତ ଜୀବନ । ଅର୍ଥାତ୍ ପ୍ରତ୍ୟେକ ବ୍ୟକ୍ତି ଚାହାନ୍ତି ଦୁଃଖଅବିମିଶ୍ର ପରମାନନ୍ଦ । ଏହା ହେଉଛି ପ୍ରତ୍ୟେକ ମନୁଷ୍ୟର ଲକ୍ଷ୍ୟ । ପ୍ରତ୍ୟେକ ବ୍ୟକ୍ତି ଜ୍ଞାତସାରରେ ଅଥବା ଅଜ୍ଞାତସାରରେ ଏହି ଲକ୍ଷ୍ୟପ୍ରାପ୍ତି ଦିଗରେ ଧାବମାନ ହେଉଅଛି ।

ପ୍ରଶ୍ନ : ମୁଁ ବୁଝିପାରିଲି ନାହିଁ । ପ୍ରତ୍ୟେକ ବ୍ୟକ୍ତି କେବଳ ପରମ ଆନନ୍ଦ ଚାହାନ୍ତି, ଏପରି ଦେଖାଯାଏ ନାହିଁ । ଦେଶସେବକ ନିଜ ସକାଶେ କିଛି ବି ଚାହେଁ ନାହିଁ, କେବଳ ଚାହେଁ ଦେଶର ଉନ୍ନତି । ବୈଜ୍ଞାନିକ ଚାହେଁ ଅଭିଷଳିତ ବସ୍ତୁ ଆବିଷ୍କାର କରିବାକୁ, ସନ୍ତାନବତ୍ସଳା ମା' କେବେ ନିଜର ସୁଖସୁବିଧା ଚାହେଁ ନାହିଁ, ଚାହେଁ ସନ୍ତାନର ସୁଖ । ଏହିପରି ବହୁତ ଶ୍ରେଷ୍ଠ ବ୍ୟକ୍ତି ଅଛନ୍ତି ଯେଉଁମାନେ କି ନିଜ ସୁଖସୁବିଧାକୁ ଜଳାଞ୍ଜଳି ଦେଇ ଅନ୍ୟର ସୁଖସୁବିଧା ଚାହାନ୍ତି । ପ୍ରତ୍ୟେକ ବ୍ୟକ୍ତିର ଲକ୍ଷ୍ୟ ଯଦି ସୁଖପ୍ରାପ୍ତି ହୁଏ, ତେବେ ପ୍ରତ୍ୟେକେ ହେବେ ସ୍ୱାର୍ଥାନ୍ୱେଷୀ, ଫଳରେ ସଂସାରରେ ଦେଖାଦେବ ସଂଘର୍ଷ । ତା'ହେଲେ ସୁଖପ୍ରାପ୍ତି ଲକ୍ଷ୍ୟ ହେବାର ମୂଲ୍ୟ କ'ଣ ? ଏପରି ଲକ୍ଷ୍ୟ ପ୍ରତ୍ୟେକଙ୍କର ହେବ ବା କିପରି ?

ଉତ୍ତର : ଏହା ଏକେବାରେ ବିପରୀତ କଥା । ପରମ ସୁଖପ୍ରାପ୍ତିର ଅର୍ଥ ସ୍ୱାର୍ଥର ସମାପ୍ତି । ସ୍ୱାର୍ଥର କାରଣ

ହେଉଛି ଅଭାବ । ଅଭାବ ନ ଥିଲେ ସ୍ୱାର୍ଥ ଆସିବ କେଉଁଠୁ ? ପରସ୍ପର ମଧ୍ୟରେ ସଂଘର୍ଷ ବା ହେବ କିପରି ? ପୂର୍ବରୁ କୁହାଯାଇଅଛି ଯେ ମନୁଷ୍ୟ ତାହାର ବାସ୍ତବ ଲକ୍ଷ୍ୟ ସମ୍ବନ୍ଧେ ଅଜ୍ଞ । ସେଥିପାଇଁ ଜୀବନ ତଥା ସଂସାର ଦ୍ୱନ୍ଦ୍ୱମୟ ହୋଇଉଠେ । ମନୁଷ୍ୟର ଲକ୍ଷ୍ୟପ୍ରାପ୍ତି ହେଲେ ନିଜର ତଥା ସଂସାରର ଦୁଃଖ, ଦ୍ୱନ୍ଦ୍ୱ, ହିଂସା, ଯୁଦ୍ଧ ଇତ୍ୟାଦିର ସମାପ୍ତି ଘଟେ । ମନୁଷ୍ୟ ସୁଖରେ ରହିଲେ ଦୁଃଖ, ଅଭାବଅନଟନ ନ ଥାଏ, ପୁଣି ସେ ଅନ୍ୟକୁ ଈର୍ଷା କରିବ ବା କାହିଁକି ? ସୁଖର ଅଭାବ ନେଇ ବ୍ୟକ୍ତି ଅଶାନ୍ତ, ଉଦ୍‌ବିଗ୍ନ ହୋଇ ଭ୍ରମବଶତଃ ସୁଖପ୍ରାପ୍ତି ଆଶାରେ ଭୁଲ୍ ପ୍ରଣାଳୀରେ କର୍ମ କରେ, ଫଳରେ ସୁଖ ପରିବର୍ତ୍ତେ ଦୁଃଖ ଭୋଗୁଥାଏ । ଅଶାନ୍ତ ଅବସ୍ଥାରେ ବ୍ୟକ୍ତି ଅନ୍ୟକୁ ହିଂସା କରେ, ଅନ୍ୟର ଅସୁବିଧା କରି ନିଜର ସୁବିଧା ଚାହେଁ ସେଥିପାଇଁ ହୁଏ ସଂଘର୍ଷ ।

ଦେଶସେବକ ଦେଶର କାମ କରେ । ସେଥିରେ କୃତକାର୍ଯ୍ୟ ହେଲେ ତାକୁ ଆନନ୍ଦ ମିଳେ, ଅନ୍ୟଥା ସେଥିରେ ଅକୃତକାର୍ଯ୍ୟ ହେଲେ ତା' ମନରେ ଦୁଃଖଜାତ ହୁଏ । ଦେଶସେବା ପଶ୍ଚାତରେ ଥାଏ ତା'ର ସୁଖପ୍ରାପ୍ତିର ଆକାଙ୍‌କ୍ଷା । ସନ୍ତାନବତ୍ସଳା ମା' ସନ୍ତାନମାନଙ୍କ ସୁଖଶାନ୍ତି ଚାହେଁ, ସେମାନଙ୍କ ସୁଖଶାନ୍ତିରେ ତାକୁ ଆନନ୍ଦ ମିଳେ । କିନ୍ତୁ ସନ୍ତାନମାନଙ୍କ ରୋଗ ଏବଂ ଦୁଃଖରେ ସେ ଦୁଃଖ ଅନୁଭବ କରେ । ବୈଜ୍ଞାନିକ, ଡାକ୍ତର, ଇଞ୍ଜିନିୟର, ପ୍ରଫେସର, ଆଇନଜ୍ଞ, କୃଷକ ଇତ୍ୟାଦି ପ୍ରତ୍ୟେକ ବ୍ୟକ୍ତିର ସମସ୍ତ କର୍ମ ପଶ୍ଚାତରେ ଥାଏ ସୁଖ-ଆଶା । ଏପରିକି ଚୋରି, ଡକାୟତି ଆଦି ଅସତ୍ କାର୍ଯ୍ୟ କରିବା ବ୍ୟକ୍ତି ମଧ୍ୟ ଚାହେଁ ସେହି ଆନନ୍ଦ ଯାହା ଦୁଃଖଅବିମିଶ୍ର, ଅଖଣ୍ଡ ଓ ନିରବଚ୍ଛିନ୍ନ । ଏହାହିଁ ପ୍ରତ୍ୟେକ ବ୍ୟକ୍ତିର ସ୍ୱତଃସିଦ୍ଧ, ଅସନ୍ଦିଗ୍ଧ, ଅପ୍ରତିଦ୍ୱନ୍ଦ୍ୱୀ ଲକ୍ଷ୍ୟ । ଆନନ୍ଦର ଜୀବନ୍ତ ମୂର୍ତ୍ତିମାନ୍ ବିଗ୍ରହ ହେଲେ ଭଗବାନ୍ । ଭଗବାନଙ୍କ ଛଡ଼ା ଅନ୍ୟାନ୍ୟ କୌଣସି କର୍ମରେ ବ୍ୟକ୍ତି ସ୍ଥାୟୀ, ଅଖଣ୍ଡ ସୁଖ ପାଇପାରେ ନାହିଁ କିଂବା ସ୍ୱାର୍ଥ ତ୍ୟାଗ କରିପାରେ ନାହିଁ । ସୁତରାଂ ପ୍ରତ୍ୟେକେ ଦିବ୍ୟାନନ୍ଦ ଚାହାନ୍ତି, ଆଉ ଦିବ୍ୟାନନ୍ଦର ସ୍ୱରୂପ ଭଗବାନ୍ । ଅତଏବ ଜ୍ଞାତ ବା ଅଜ୍ଞାତରେ ପ୍ରତ୍ୟେକେ ଚାହାନ୍ତି ଭଗବାନଙ୍କୁ । ମନୁଷ୍ୟର ମୋହ-ଅଜ୍ଞାନ-ଆବରଣ ଥିବାରୁ ଏହି ଲକ୍ଷ୍ୟ ଅଧିକାଂଶ ବ୍ୟକ୍ତିଙ୍କୁ, ଏପରିକି ଅଳ୍ପ କେତେକ ଅଧ୍ୟାତ୍ମ-ସାଧକଙ୍କୁ ଛାଡ଼ିଦେଲେ, ବାକି ସମସ୍ତଙ୍କ ସକାଶେ ଅସ୍ପଷ୍ଟ ରହିଥାଏ । ମୋହ, ଅଜ୍ଞାନ ଦୂର ହୁଏ ମନୁଷ୍ୟର ଅନ୍ତରାତ୍ମା(Psychic being) ଜାଗ୍ରତ୍ ହେଲେ । ତାହାର ଜ୍ଞାନଦୀପ୍ତି ପଡ଼େ ମନୁଷ୍ୟର ମନ ଓ ବୁଦ୍ଧି ଉପରେ । ମନ-ବୁଦ୍ଧି ଜ୍ଞାନଦୀପ୍ତ ହେଲେ ଆନନ୍ଦର ଯଥାର୍ଥ ସ୍ୱରୂପ ସମ୍ବନ୍ଧେ ସେ ସଚେତ ହୁଏ ତଥା ତାହା ପ୍ରାପ୍ତ କରିବାକୁ ପ୍ରଯତ୍ନ କରେ । ମନୁଷ୍ୟର ବୁଦ୍ଧି ଅତ୍ୟନ୍ତ ବିକଶିତ ହୋଇଥିବା ସତ୍ତ୍ୱେ ଅନ୍ତରାତ୍ମା(Psychic being) ଜାଗ୍ରତ୍ ନ ହେଲେ ସେ ଯଥାର୍ଥ ଜ୍ଞାନ ଲାଭ କରିପାରେ ନାହିଁ କିଂବା ନିଜ ଲକ୍ଷ୍ୟ ସମ୍ବନ୍ଧେ ସଚେତ ହୋଇପାରେ ନାହିଁ ।

ତୁମେ ଯେଉଁ ବ୍ୟକ୍ତିଙ୍କୁ ମହାନ୍ କହୁଅଛ, ସେମାନେ ଯେଉଁ ବିଷୟକୁ ଗବେଷଣା କରିଥାଆନ୍ତି ତା' ଛଡ଼ା ଅନ୍ୟ ବସ୍ତୁ ସମ୍ବନ୍ଧେ ଜାଣିପାରନ୍ତି ନାହିଁ । ଆଉ ସେମାନେ କେବେ ବି ସେମାନଙ୍କ ଜୀବନର ଲକ୍ଷ୍ୟ ଓ ଭଗବାନଙ୍କ ସମ୍ବନ୍ଧରେ ଗବେଷଣା କରି ନ ଥାଆନ୍ତି, ସେମାନେ ତାହା ଜାଣିବେ କିପରି ? ଜୀବନର ଲକ୍ଷ୍ୟ ଓ ଶାଶ୍ୱତ ସତ୍ୟ, ଶାଶ୍ୱତ ଆନନ୍ଦ ସ୍ୱରୂପ ଭଗବାନଙ୍କ ସମ୍ବନ୍ଧେ ଗବେଷଣା କରିଛନ୍ତି ମୁନିଋଷି, ମହାପୁରୁଷ, ଆଚାର୍ଯ୍ୟ ତଥା ଅଧ୍ୟାତ୍ମସାଧକଗଣ । ଭଗବାନଙ୍କ ବିଷୟରେ ଜାଣିବାକୁ ହେଲେ, ଭଗବତ୍ ପ୍ରାପ୍ତିର ଉପାୟ ଆଚରଣ କରିବାକୁ ହେଲେ ସାଧୁ-ସନ୍ଥ, ମୁନିଋଷିମାନଙ୍କୁ ପଚାରି ସେମାନଙ୍କ ନିର୍ଦ୍ଦେଶରେ ପ୍ରଯତ୍ନ କଲେ ବୁଝିପାରିବେ ଏବଂ ଜାଣିପାରିବେ । ଯେଉଁ ବ୍ୟକ୍ତି ସେ ବିଷୟରେ ଅନଭିଜ୍ଞ ତାଙ୍କ ଆଦର୍ଶ ଗ୍ରହଣ କରିବା ବା ତାଙ୍କ ନିର୍ଦ୍ଦେଶକୁ ସ୍ୱୀକାର କରିବାର ଅର୍ଥ – ମୃତ୍ୟୁଶଯ୍ୟାଶାୟୀ ରୋଗୀର ଚିକିତ୍ସା ପାଇଁ ଜଣେ ଓକିଲର ପରାମର୍ଶ ଲୋଡ଼ିବା ।

ପ୍ରଶ୍ନ : ତୁମ ଯୁକ୍ତି ସମ୍ମୁଖରେ ଯଦିଓ ନୀରବ ହେବାକୁ ପଡୁଅଛି, ତଥାପି ଏହି ବୈଜ୍ଞାନିକ ଯୁଗରେ ପ୍ରତ୍ୟକ୍ଷ ଭାବେ ନ ଦେଖି କୌଣସି ବସ୍ତୁକୁ ବୁଦ୍ଧି ସ୍ୱୀକାର କରିପାରେ ନାହିଁ । ଆଚ୍ଛା, ଏପରି କୌଣସି ମହାପୁରୁଷ କୌଣସି ବ୍ୟକ୍ତିକୁ ଭଗବାନଙ୍କୁ ଦର୍ଶନ କରାଇ ଦେଇଅଛନ୍ତି ?

ଉତ୍ତର : ହଁ, ବହୁତ ଦିନର ଘଟଣା ନୁହେଁ, ଶ୍ରୀରାମକୃଷ୍ଣ ପରମହଂସ ସ୍ୱାମୀ ବିବେକାନନ୍ଦଙ୍କୁ ଭଗବାନଙ୍କ ଦର୍ଶନ କରାଇଦେଇ ଅଛନ୍ତି । ଆଚାର୍ଯ୍ୟ ରାମାନନ୍ଦଙ୍କ ଶିଷ୍ୟ ଧନା ଜାଠ ତାଙ୍କୁ ଶାଳଗ୍ରାମ ମୂର୍ତ୍ତି ଦେଇଥିବା ମହାତ୍ମାଙ୍କୁ ଭଗବତ୍

ଦର୍ଶନ କରାଇ ଦେଇଥିଲେ । ମୋହନ ତାଙ୍କ ବିଦ୍ୟାଗୁରୁଙ୍କୁ ଭଗବତ୍ ଦର୍ଶନ କରାଇ ପାରିଥିଲେ । ଏହିପରି ବହୁ ମହାତ୍ମା ବହୁ ବ୍ୟକ୍ତିଙ୍କୁ ଭଗବତ୍ ଦର୍ଶନ କରାଇ ଦେଇଅଛନ୍ତି ।

ପ୍ରଶ୍ନ : ତେବେ ଏପରି କୌଣସି ମହାପୁରୁଷଙ୍କ ନାମ କୁହନ୍ତୁ ଯେ କି ରାମକୃଷ୍ଣ ପରମହଂସ ବିବେକାନନ୍ଦଙ୍କୁ ଭଗବତ୍ ଦର୍ଶନ କରାଇ ଦେବା ଭଳି ଆମ୍ଭଙ୍କୁ ଭଗବତ୍ ଦର୍ଶନ କରାଇଦେବେ । ଫଳରେ ଆମ ବିବାଦର ସମାଧାନ ହୋଇଯିବ ଓ ଆମେ ଭଗବାନଙ୍କର ଅସ୍ତିତ୍ୱକୁ ବିନା ଦ୍ୱିଧାରେ ସ୍ୱୀକାର କରି ନେବୁ । ଏହା କ'ଣ ଯୁକ୍ତିଯୁକ୍ତ ନୁହେଁ ?

ଉତ୍ତର : ଯଥାର୍ଥତାକୁ ଏଡ଼ାଇବା ପାଇଁ ତଥା ସତ୍ୟକୁ ଆବରଣରେ ରଖିବା ପାଇଁ ଏହା ଏକ ତାର୍କିକ ବୁଦ୍ଧିର ଯୁକ୍ତି ଓ କୌଶଳ । କିନ୍ତୁ ଯଥାର୍ଥରେ ଯୁକ୍ତିଯୁକ୍ତ ନୁହେଁ । ଶ୍ରୀରାମକୃଷ୍ଣ ପରମହଂସଙ୍କର କେବଳ ବିବେକାନନ୍ଦ ଏକମାତ୍ର ଶିଷ୍ୟ ନ ଥିଲେ, ଆଉ ଅନେକ ଶିଷ୍ୟ ମଧ୍ୟ ଥିଲେ, କିନ୍ତୁ ସେ ଅନ୍ୟ କାହାକୁ ଭଗବତ୍ ଦର୍ଶନ ନ କରାଇ କେବଳ ବିବେକାନନ୍ଦଙ୍କୁ କାହିଁକି ଭଗବତ୍ ଦର୍ଶନ କରାଇଦେଲେ ? ଭଗବତ୍ ଦର୍ଶନ ସକାଶେ କେବଳ ବିବେକାନନ୍ଦଙ୍କ ସହିତ ନିଜକୁ ତୁଳନା କଲେ ହେବ ନାହିଁ, ତାଙ୍କର ଯେଉଁ ତୀବ୍ର ବୈରାଗ୍ୟ, ଭଗବତ୍ ପ୍ରାପ୍ତି ନିମିତ୍ତ ଯେଉଁ ଜ୍ୱଳନ୍ତ ଅଭୀପ୍ସା ଥିଲା ସେସବୁ ଆଡ଼କୁ ଦୃଷ୍ଟିପାତ କରିବାକୁ ହେବ । ଶଙ୍କରାଚାର୍ଯ୍ୟଙ୍କ ହୀନଦଣ୍ଡ ଶିଷ୍ୟଙ୍କ ଭଳି ଅପବିତ୍ର ଖାଦ୍ୟକୁ ଆନନ୍ଦରେ ଗ୍ରହଣ କରି ଆଉଟା ହେଉଥିବା ଗରମ ସୀସା ପାନ କରିବାକୁ ପଡ଼ିବ ବୋଲି ମୃତ୍ୟୁଭୟରେ ପଳାୟନ କଲେ ଚଳିବ ନାହିଁ । ବିବେକାନନ୍ଦଙ୍କ ପରି ଭଗବତ୍ ପ୍ରାପ୍ତି ସକାଶେ ଦୁର୍ଜେୟ ଅଭୀପ୍ସା ଆବଶ୍ୟକ । ଧନଅର୍ଜନର ଲାଳସା, ଆମୋଦପ୍ରମୋଦ, ବାଦବିବାଦ ଇତ୍ୟାଦି ସକଳ ଦୁର୍ଗୁଣକୁ ପରିତ୍ୟାଗ କରିବାକୁ କୁଣ୍ଠା, ଅଥଚ ଭଗବାନଙ୍କୁ ଦର୍ଶନ କରି ବିନା ପରିଶ୍ରମରେ ସିଧା ସିଧା ବୈକୁଣ୍ଠର ଐଶ୍ୱର୍ଯ୍ୟ ଲାଭ କରାଯାଇ ପାରିବ ! ସାଧାରଣ ଭୌତିକ ଜ୍ଞାନର ଗୋଟାଏ ସାର୍ଟିଫିକେଟ୍ ହାସଲ କରିବାକୁ ଦିନରାତି କଠିନ ପରିଶ୍ରମ କରି ପଢ଼ିବାକୁ ପଡ଼ିବ, ଧନପ୍ରାପ୍ତି ନିମିତ୍ତ ନାନା ପ୍ରକାର କୌଶଳରେ ବ୍ୟବସାୟ-ବାଣିଜ୍ୟ କରିବା ପାଇଁ ରାତ୍ରିରେ ଶାନ୍ତିପୂର୍ଣ୍ଣ ନିଦ୍ରା (Sound sleep)ର ଅଧିକାରରୁ ବଞ୍ଚିତ ହେବାକୁ ହେବ, ଅସ୍ଥାୟୀ, ବିକୃତ ସୁଖଶାନ୍ତି ଲାଭ କରିବା ପାଇଁ ସକଳ ପ୍ରକାର ଦୁଃଖକଷ୍ଟ ସହି ସକଳ ପ୍ରକାର ଶକ୍ତି ପ୍ରୟୋଗ କରି କଠିନ ପରିଶ୍ରମ କରିବାକୁ ହେବ, କିନ୍ତୁ ଜୀବନର ଯଥାର୍ଥ ଉଦ୍ଦେଶ୍ୟ, ଜୀବନର ଏକମାତ୍ର ଲକ୍ଷ୍ୟ ପରମାନନ୍ଦ, ପରମ ଶାନ୍ତି, ପରମ ଐଶ୍ୱର୍ଯ୍ୟ ପ୍ରାପ୍ତ କରିବାରେ କୌଣସି ପ୍ରକାର ପରିଶ୍ରମ କରିବାକୁ ହେବ ନାହିଁ, ଘରେ ବସିଥିବା ଅବସ୍ଥାରେ ଏହା ଆପେ ଆପେ ଲାଭ ହେବ ଅଥବା ଅନ୍ୟଲୋକ ନିଜ ଗରଜରେ ଭଗବାନଙ୍କୁ ଆଣି ସମ୍ମୁଖରେ ଛିଡ଼ା କରି ଦେବ । ଏପରି ପରିଶ୍ରମବିମୁଖ ବ୍ୟକ୍ତି କୌଣସି ପ୍ରକାର ଭୌତିକ ବସ୍ତୁ ପ୍ରାପ୍ତ କରିପାରନ୍ତି ନାହିଁ, ପୁଣି ଭଗବତ୍ ଦର୍ଶନ ... ?

ପ୍ରଶ୍ନ : ବୈଜ୍ଞାନିକଗଣ ଅଧିକାରୀ ଅନଧିକାରୀ ଦେଖନ୍ତି ନାହିଁ, କେବଳ ଯନ୍ତ୍ର ସାହାଯ୍ୟରେ ସୂକ୍ଷ୍ମ ବସ୍ତୁ ଅନ୍ୟକୁ ଦେଖାଇ ଦିଅନ୍ତି । ସେହିପରି କୌଣସି ଉପାୟରେ ଅନ୍ୟକୁ ଭଗବତ୍ ଦର୍ଶନ କରାଯାଇପାରେ, ତା' ସକାଶେ ସର୍ତ୍ତ ରଖାଯାଉଛି କାହିଁକି ?

ଉତ୍ତର : ବିଜ୍ଞାନବେତ୍ତାଗଣ ଅନ୍ଧକୁ ଯନ୍ତ୍ର ସାହାଯ୍ୟରେ ସୂକ୍ଷ୍ମ ବସ୍ତୁ ଦେଖାଇ ପାରନ୍ତି କି ? ଯେପରି ଚକ୍ଷୁହୀନ ବ୍ୟକ୍ତି ଯନ୍ତ୍ର ଦ୍ୱାରା ସୂକ୍ଷ୍ମବସ୍ତୁ ଦେଖିପାରେ ନାହିଁ, ସେହିପରି ଯାହାର ମନ ଅଶୁଦ୍ଧ, ପ୍ରାଣ ଅଶୁଦ୍ଧ, ଯେ ଅନ୍ୟାୟୀ, ଅତ୍ୟାଚାରୀ, ସେ ମହାପୁରୁଷମାନଙ୍କ କୃପା ଗ୍ରହଣ କରିପାରନ୍ତି ନାହିଁ କିଂବା ତାଙ୍କ କୃପା ଦ୍ୱାରା ଭଗବତ୍ ଦର୍ଶନ କରିପାରନ୍ତି ନାହିଁ ।

ପ୍ରଶ୍ନ : ଯଦି ଆମ୍ଭେମାନେ ଭଗବାନଙ୍କୁ ସ୍ୱୀକାର କରି ନେଉ, ତେବେ ଭଗବାନ୍ କ'ଣ ଆମ ଜୀବନର ଉନ୍ନତି ପାଇଁ ଆମକୁ ସାହାଯ୍ୟ କରିବେ ? ଆମ୍ଭମାନଙ୍କୁ ନିଜ ତଥା ପରିବାରବର୍ଗଙ୍କ ପାଳନପୋଷଣର ଦାୟିତ୍ୱ ବହନ କରିବାକୁ ହେବ, ପିଲାମାନଙ୍କୁ ଯଥୋଚିତ ଶିକ୍ଷାଦାନପୂର୍ବକ ଶିକ୍ଷିତ କରାଇବାକୁ ହେବ, ଦେଶର ଉନ୍ନତି କରି ତାହାକୁ ସମୃଦ୍ଧିଶାଳୀ କରିବାକୁ ହେବ, ଆମ ଦେଶରେ ଅନେକେ ଅନାହାରରେ, ଦୁଃଖକଷ୍ଟରେ ଜୀବନ କଟାଉଛନ୍ତି, ଆଶ୍ରୟହୀନ ହୋଇ ବାର ଦୁଆର ଶୁଣ୍ଢିପିଣ୍ଡା ହେଉଅଛନ୍ତି, ରୋଗରେ ଛଟପଟ ହୋଇ ମରଣକୁ ସାର ମନେ କରୁଛନ୍ତି । ଉପରୋକ୍ତ ଦୁର୍ଦ୍ଦଶାଗ୍ରସ୍ତ ବ୍ୟକ୍ତି ଔଷଧ ବା ପାଇବେ କେଉଁଠୁ ? ବିଶେଷତଃ ସ୍ତ୍ରୀଲୋକମାନେ ଯେଉଁମାନେ କି ଏହିପ୍ରକାର ଦୁର୍ଦ୍ଦଶାଗ୍ରସ୍ତା ସେମାନେ

ସେମାନଙ୍କର ଅବୟବ ଆଚ୍ଛାଦନ କରିବା ପାଇଁ ବସ୍ତ୍ର ଖଣ୍ଡିଏ ପାଉ ନାହାନ୍ତି, ଏହିସବୁ ଅଭାବ ଦୂର କରିବା ହେଉଛି ବ୍ୟକ୍ତିର ପ୍ରଥମ କାର୍ଯ୍ୟ । ବର୍ତ୍ତମାନ ଦେଶ ଦେଶ ମଧ୍ୟରେ, ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ବାଦବିବାଦ, ଏ ସକଳ ସମସ୍ୟାର ଏକ ସମାଧାନ କରି ସୁସଙ୍ଗତି ସ୍ଥାପନା କରିବାକୁ ହେବ ତଥା ସମାଜରୁ ଅସତ୍ୟ, ଦୁର୍ନୀତି, ଛଳକପଟ ଦୂର କରିବାକୁ ହେବ । ଖାଲି ଆଖି ବୁଜି ଭଗବାନଙ୍କୁ ଜପିଲେ ଏସବୁ ସମସ୍ୟାର ସମାଧାନ କିଏ କରିବ ?

ଉତ୍ତର : କେବଳ ଯୁକ୍ତି କଲେ ଏସବୁ ସମସ୍ୟାର ସମାଧାନ ହେବ ନାହିଁ ? ଏହାର କେବଳ ସମାଧାନ ହୋଇପାରେ ଭଗବାନଙ୍କ ସହିତ ସଂଯୁକ୍ତ ହୋଇ ନିଃସ୍ୱାର୍ଥ ନିରହଂକାର କର୍ମସାଧନରେ । ଯେପର୍ଯ୍ୟନ୍ତ ଏପରି କାର୍ଯ୍ୟ ନ କରାଯାଇଛି ସେପର୍ଯ୍ୟନ୍ତ ଦେଶର ଉନ୍ନତି ସାଧନ ଅସମ୍ଭବ । ଏହି ସକଳ ପ୍ରକାର ଅଭାବବୋଧ ସୃଷ୍ଟିର ପ୍ରାରମ୍ଭରୁ ଅଦ୍ୟାବଧି ଭାବେ ଲାଗି ରହିଛି, ଆଉ ଏହି ଅଭାବର ଦୂରୀକରଣ ନିମିତ୍ତ କେତେ ବିଶିଷ୍ଟ ବ୍ୟକ୍ତି ବରାବର ପ୍ରଯତ୍ନ କରିଆସିଛନ୍ତି । କିନ୍ତୁ ଏହାର ସମାଧାନ ହୋଇପାରି ନାହିଁ । ଏହାର ଏକମାତ୍ର କାରଣ ହେଉଛି, ଏହି ଦ୍ୱନ୍ଦ୍ୱ, ପ୍ରତିକୂଳ ଅବସ୍ଥାର ମୂଳ ଉଦ୍‌ଗମ ସ୍ଥାନର ସନ୍ଧାନ କରାହୋଇ ନାହିଁ, ତା'ର ମୂଳ ସଂଶୋଧିତ ହୋଇ ନାହିଁ, କେବଳ ମୁଥାଘାସ ସଦୃଶ ମାନସିକ ବିଚାର ଓ ସାମାଜିକ ନିୟମ ପ୍ରସାରରେ ବାହ୍ୟ ଅଂଶକୁ ଚାଞ୍ଛି ଦିଆଯାଇଅଛି । ଯେପର୍ଯ୍ୟନ୍ତ ମନୁଷ୍ୟ ହୃଦୟରୁ ହିଂସାଦ୍ୱେଷ, ଈର୍ଷା, ବିରୋଧ ଇତ୍ୟାଦିର ରୂପାନ୍ତର ହୋଇ ସେସବୁ ଅହିଂସା, ମୈତ୍ରୀ, ଶାନ୍ତିରେ ପରିଣତ ନ ହୋଇଛି ସେପର୍ଯ୍ୟନ୍ତ ମାନସିକ ତଥା ସାମାଜିକ ନୀତିନିୟମ ଦ୍ୱାରା ମନୁଷ୍ୟ ସୁଖଶାନ୍ତିରେ ରହିପାରିବ ନାହିଁ; ସମାଜରେ ଶାନ୍ତି, ମୈତ୍ରୀ ସ୍ଥାପନା ହୋଇ ପାରିବ ନାହିଁ, ବ୍ୟକ୍ତି ସ୍ୱାର୍ଥତ୍ୟାଗ କରି ନ୍ୟାୟରେ କାର୍ଯ୍ୟ କରିପାରିବ ନାହିଁ, ସଂସାରରୁ ଯୁଦ୍ଧ ଓ ବିବାଦ ଦୂର ହେବ ନାହିଁ, ସଂସାରରେ କଦାପି ଶାନ୍ତି ସ୍ଥାପନା ହୋଇପାରିବ ନାହିଁ, ଏହା କେବଳ ହେବ ଭଗବତ୍ ପ୍ରାପ୍ତିରେ । କାରଣ ଏହି ସକଳ ଗୁଣର ମୂର୍ତ୍ତିମାନ୍ ବିଗ୍ରହ ହେଉଛନ୍ତି ଭଗବାନ୍ ।

ପ୍ରଶ୍ନ : ତୁମେ କହୁଅଛ ଯେ ସଂସାର ଆରମ୍ଭରୁ ନୈତିକ, ସାମାଜିକ ବିଧାନ ଦ୍ୱାରା ସଂସାରରେ ଶାନ୍ତି ସ୍ଥାପନା କରିବା ସକାଶେ ପ୍ରଯତ୍ନ ହେଉଛି, କିନ୍ତୁ ତାହା ସଫଳ ହୋଇ ନାହିଁ । ପୁଣି କହୁଅଛ ଯେ ଅଧ୍ୟାତ୍ମ-ସାଧନା ଦ୍ୱାରା ହୃଦୟ ରୂପାନ୍ତର ହେଲେ ଅର୍ଥାତ୍ ଭଗବତ୍ ପ୍ରାପ୍ତି ହେଲେ ସଂସାରରେ ସ୍ଥାୟୀ ସୁଖ-ଶାନ୍ତି ସ୍ଥାପନା ହୋଇପାରିବ । ଏ ବିରୋଧାତ୍ମକ ଉକ୍ତି । ବୈଦିକ ଯୁଗର ଋଷିଗଣ, ଶ୍ରୀରାମ, ଶ୍ରୀକୃଷ୍ଣ, ବୁଦ୍ଧ, ଆଚାର୍ଯ୍ୟ ଶଙ୍କର, ରାମାନୁଜ, ଚୈତନ୍ୟ ମହାପ୍ରଭୁ, ଯୀଶୁ, ମହମ୍ମଦ – ଏମାନେ ଅଧ୍ୟାତ୍ମ-ସତ୍ୟ ପ୍ରସାର କରି ନ ଥିଲେ ? ଏମାନେ ଭଗବତ୍ ପ୍ରାପ୍ତି କରି ନ ଥିଲେ ? ଏମାନଙ୍କ ହୃଦୟର କ'ଣ ପରିବର୍ତ୍ତନ ହୋଇ ନ ଥିଲା ? ଯଦି ହୋଇଥିଲା ତେବେ ଏମାନଙ୍କ ଦ୍ୱାରା ସଂସାରରୁ କେତେ ପରିମାଣରେ ଦୁଃଖଦ୍ୱନ୍ଦ୍ୱ ସ୍ଥାୟୀ ରୂପେ ନିବୃତ୍ତ ହୋଇଛି ? ଯଦି ଏମାନଙ୍କ ଦ୍ୱାରା ହୋଇ ନାହିଁ, ତେବେ ଆଜି ସେହି ଅଧ୍ୟାତ୍ମ-ସତ୍ୟ ଦ୍ୱାରା ସଂସାରରୁ ଦୁଃଖଦ୍ୱନ୍ଦ୍ୱର ନିବୃତ୍ତି ହେବ ବୋଲି କିପରି ଆଶା କରୁଛନ୍ତି ? କ'ଣ ତୁମ ମତ ସଂସାରର ପ୍ରତ୍ୟେକ ବ୍ୟକ୍ତି ଘରସଂସାର ତ୍ୟାଗ କରି ସନ୍ନ୍ୟାସ ଗ୍ରହଣ କରିବେ ? ଯଦି ଏହା ହୁଏ, ତେବେ ଅସମୟରେ ସଂସାରରେ ପ୍ରଳୟ ହେବ ।

ଉତ୍ତର : ପ୍ରତ୍ୟେକ ବ୍ୟକ୍ତିଙ୍କୁ ସନ୍ନ୍ୟାସ ଗ୍ରହଣ କରିବାକୁ ହେବ ନାହିଁ କିଂବା ଅକାଳରେ ପ୍ରଳୟର ସମ୍ମୁଖୀନ ହେବାକୁ ହେବ ନାହିଁ । ସଂସାରରେ ତଥା ସମସ୍ତ କର୍ମରେ ଅଧ୍ୟାତ୍ମ-ସତ୍ୟକୁ ପ୍ରତିଷ୍ଠା କରିବାକୁ ହେବ । ଏହା ହେବ ଅତିମାନସ ଶକ୍ତି ଦ୍ୱାରା ଜାଗତିକ ଅଜ୍ଞାନାନ୍ଧକାର ଶକ୍ତିର ରୂପାନ୍ତର ସାଧନରେ ଯେଉଁ ଅତିମାନସ ଶକ୍ତିକୁ ଶ୍ରୀମା ଶ୍ରୀଅରବିନ୍ଦ ଏହି ପୃଥିବୀକୁ ଉତାରି ଆଣିଛନ୍ତି । ପୂର୍ବେ ଭଗବାନଙ୍କ ଅବତାର ରୂପେ ଶ୍ରୀରାମ, ଶ୍ରୀକୃଷ୍ଣ, ବୁଦ୍ଧ, ଚୈତନ୍ୟ ମହାପ୍ରଭୁ ଏବଂ ଶଙ୍କର, ରାମାନୁଜ, ରାମାନନ୍ଦ ଆଚାର୍ଯ୍ୟ ରୂପେ ତଥା ଅନ୍ୟାନ୍ୟ ଅବତାର ଏବଂ ମହାପୁରୁଷମାନେ ଏହି ପୃଥିବୀକୁ ଆସି ଅଧ୍ୟାତ୍ମସତ୍ୟ ପ୍ରଦାନ କରିଥିଲେ । ସେମାନେ ପରମାନନ୍ଦ, ପରମ ଶାନ୍ତିରେ ବାସ କରି ସେମାନଙ୍କ ଅନୁଗାମୀମାନଙ୍କୁ ସେହି ପରମାନନ୍ଦ (Supreme Felicity) ପ୍ରଦାନ କରିଥିଲେ । ସେ ସମୟରେ ସେମାନେ ପୃଥିବୀରେ ସତ୍ୟକୁ ଆଂଶିକ ଭାବେ ଓ ଅସ୍ଥାୟୀ ରୂପେ ପ୍ରତିଷ୍ଠା କରିଥିଲେ । କିନ୍ତୁ ମନର ବିକାଶ ପୂର୍ଣ୍ଣ ହୋଇ ନ ଥିଲା, ତେଣୁ ମନର ଊର୍ଦ୍ଧ୍ୱସ୍ଥ ସତ୍ୟ ଅତିମାନସ, ପୃଥିବୀରେ ପ୍ରତିଷ୍ଠିତ ହେବାର ସମୟ ଆସି ନ ଥିଲା । ଅତଏବ ମନଃ ସ୍ତରରେ ଅଜ୍ଞାନ ଏବଂ ଅନ୍ଧକାର ଶକ୍ତି ଏବଂ ତା'ର କ୍ରିୟା ଦୁଃଖକଷ୍ଟ ଅନିବାର୍ଯ୍ୟ ଥିଲା । ସେଥିନେଇ ସେମାନେ ଅନ୍ଧକାର ଶକ୍ତିକୁ

ରୂପାନ୍ତର କରି ପୃଥିବୀରୁ ଦୁଃଖ ଦ୍ୱନ୍ଦ୍ୱ ପୂର୍ଣ୍ଣତଃ ଦୂର କରି ସ୍ୱର୍ଗରାଜ୍ୟ ସ୍ଥାପନାର ପ୍ରୟାସ କରି ନ ଥିଲେ । ସମୟୋପଯୋଗୀ ଆଧ୍ୟାତ୍ମିକ ଶକ୍ତି ଦ୍ୱାରା ସଂସାରରେ କେତେକ ବ୍ୟକ୍ତିଙ୍କ ମଧ୍ୟରେ ପରମ ଜ୍ଞାନ, ପରମାନନ୍ଦ ପ୍ରାପ୍ତ କରାଇ ସେମାନଙ୍କୁ ମୁକ୍ତି ନିର୍ବାଣ ଅଥବା ଭଗବତ୍ ପ୍ରାପ୍ତି କରାଇ ଦେଇଥିଲେ ।

ତୁମ ପ୍ରଶ୍ନର ଉତ୍ତରରେ କୁହାଯାଇଅଛି – ''ବୁଦ୍ଧିଗତ ସାମାଜିକ ନୀତିନିୟମ ଦ୍ୱାରା ମନୁଷ୍ୟ ହୃଦୟର ପରିବର୍ତ୍ତନ କେବେ ବି ହୋଇ ନାହିଁ ଅଥବା ସଂସାରରେ ସୁଖଶାନ୍ତି ସ୍ଥାପନା ହୋଇପାରି ନାହିଁ । ଏହାର ପ୍ରଯତ୍ନ ସୃଷ୍ଟିର ଆରମ୍ଭରୁ ହୋଇ ଆସୁଥିଲେ ମଧ୍ୟ କେବେ ସଫଳ ହୋଇ ନାହିଁ । ସୁତରାଂ ବ୍ୟକ୍ତିଗତ ରୂପେ ବ୍ୟକ୍ତି ମଧ୍ୟରେ ପରମ ଜ୍ଞାନ, ପରମାନନ୍ଦ ପ୍ରତିଷ୍ଠିତ ହୋଇଛି ଅବତାର ଓ ଆଚାର୍ଯ୍ୟମାନଙ୍କ ଅଧ୍ୟାତ୍ମ-ସତ୍ୟ ଦ୍ୱାରା । କିନ୍ତୁ ଶ୍ରୀମାଶ୍ରୀଅରବିନ୍ଦଙ୍କ ଅତିମାନସ ଶକ୍ତି ଦ୍ୱାରା ଅଦିବ୍ୟ (Anti-divine) ଶକ୍ତିର ରୂପାନ୍ତର (Transformation) ହେଲେ ସଂସାରରୁ ଦୁଃଖ ଦ୍ୱନ୍ଦ୍ୱ ପୂର୍ଣ୍ଣତଃ ଦୂରହେବ, ପୃଥିବୀରେ ଗୋଟିଏ ଅତିମାନବ (Superman) ଜାତି ସ୍ଥାପନା ହେବ ।'' ଏଥିରେ ବିରୁଦ୍ଧଭାବ ଆସିଲା କୁଆଡୁ ? ତୁମେ ନୈତିକତା ଓ ପୁରାତନ ଯୋଗର ଅଧ୍ୟାତ୍ମ-ସତ୍ୟ ତଥା ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗ (Integral Yoga)ର ଅତିମାନସ ରୂପାନ୍ତରକୁ ପୃଥକ୍ ପୃଥକ୍ ନ କରି ଏକ ସଙ୍ଗେ ମିଶ୍ରିତ କରି ଦେଇଥିବାରୁ ତୁମ୍ଭଙ୍କୁ ବିରୋଧ ମତ ପରି ବୋଧ ହେଉଅଛି । ଯଥାର୍ଥରେ ଏହା ଏପରି ନୁହେଁ । ସାଧୁ, ସନ୍ଥ, ମହାତ୍ମାମାନେ ପୁରାତନ ଯୋଗରେ ବ୍ୟକ୍ତିଗତ ରୂପେ ପରମାନନ୍ଦ ଲାଭ କରିଥିଲେ । ତାହାର ପ୍ରମାଣ ହେଉଛି, ସାଧାରଣ ମନୁଷ୍ୟ ଯେଉଁ ନାମଯଶଃ, ଧନସମ୍ପଦ ସକାଶେ ସମସ୍ତ ପ୍ରକାର କଳକୌଶଳ କରିଥାଏ, ସେମାନେ ଅନାୟାସରେ ସେସବୁକୁ ତ୍ୟାଗ କରିପାରନ୍ତି । କାରଣ ସେମାନେ ଭଗବଦାନନ୍ଦ ତଥା ଅନ୍ତରରେ ପରମ ଶାନ୍ତିକୁ ପ୍ରାପ୍ତ କରିଥାଆନ୍ତି । ଏହା ପ୍ରାପ୍ତ ହେବା ପରେ ମନୁଷ୍ୟର ଅଭାବବୋଧ ରହେ ନାହିଁ । ସାଧାରଣ ବ୍ୟକ୍ତିଙ୍କୁ ଏହା ପ୍ରାପ୍ତ ହୋଇ ନ ଥାଏ, ଏହି ବସ୍ତୁକୁ ସେମାନେ ପାର୍ଥିବ ବସ୍ତୁରେ ଖୋଜନ୍ତି ଆଉ କେବେ ବି ପାଆନ୍ତି ନାହିଁ । ସେମାନଙ୍କର ଅଭିଳାଷ କେବେ ବି ପୂର୍ଣ୍ଣ ହୁଏ ନାହିଁ । ମହାତ୍ମା ଓ ଆଚାର୍ଯ୍ୟଗଣ କିପରି କାମନା-ବାସନା ଏବଂ ନାମଯଶଃରୁ ମୁକ୍ତ ଥାଆନ୍ତି ଆଜି ଜଣେ ଦୁଇଜଣ ମହାପୁରୁଷଙ୍କ ଜୀବନର ଗୋଟିଏ ଦୁଇଟି ଦୃଷ୍ଟାନ୍ତରୁ ସ୍ପଷ୍ଟ ବୁଝିପାରିବା ।

## ମହାତ୍ମା ସନାତନଜୀ

ମହାତ୍ମା ସନାତନଜୀଙ୍କର ତ୍ୟାଗ ଓ ବୈରାଗ୍ୟ ଓଡ଼ିଶାର ସମସ୍ତ ଧାର୍ମିକ ବ୍ୟକ୍ତିଙ୍କ ପାଖରେ ବିଦିତ । ସେ ମୁସଲମାନ ବାଦଶାହଙ୍କ ଦରବାରରେ ଉଚ୍ଚପଦସ୍ଥ ଅଧିକାରୀ ଥିଲେ । ଭଗବତ୍ ପ୍ରାପ୍ତିର ତୀବ୍ର ଆକାଙ୍କ୍ଷା ଯୋଗୁଁ ସେ ଜାଗତିକ ସମସ୍ତ ଐଶ୍ୱର୍ଯ୍ୟ ତ୍ୟାଗ କରି ଶ୍ରୀଚୈତନ୍ୟ ମହାପ୍ରଭୁଙ୍କୁ ଗୁରୁ ରୂପେ ଗ୍ରହଣ କଲେ । ତାଙ୍କ ସନ୍ନ୍ୟାସ ଜୀବନର ତ୍ୟାଗ ଥିଲା ଅସାଧାରଣ । ତାଙ୍କର ସମ୍ବଳ ଥିଲା ଖଣ୍ଡିଏ କୌପୀନ ଓ ମାଟିରେ ତିଆରି ଗୋଟିଏ କରୁଆ (ଅର୍ଥାତ୍ ମାଟିର କମଣ୍ଡଳୁ) । ସେ ଗୋଟିଏ ଗଛ ମୂଳରେ ଗୋଟିଏ ରାତ୍ରି ବିଶ୍ରାମ କରୁଥିଲେ ।

ଦିନେ ଜଣେ ବ୍ରାହ୍ମଣ ନିଜ କନ୍ୟାର ବିବାହ ସକାଶେ ଧନପ୍ରାପ୍ତି ଉଦ୍ଦେଶ୍ୟରେ ଆସିଲେ ତ୍ୟାଗୀ ସନାତନଙ୍କ ପାଖକୁ । ତାଙ୍କରି ଆଶୀର୍ବାଦରେ କିଛି ଧନ ପ୍ରାପ୍ତି କରିବା ଥିଲା ତାଙ୍କର ଉଦ୍ଦେଶ୍ୟ । ସନାତନଜୀ ଗଲେ ସ୍ନାନକୁ । ଫେରିଆସି ବ୍ରାହ୍ମଣଙ୍କୁ କହିଲେ, ''ଅମୁକ ସ୍ଥାନରେ ମୁଣ୍ଡାଏ ସୁନା ମୁଁ ଦେଖିଲି । ସେଠାରେ ପଡ଼ିଛି । ତୁମେ ଯାଇ ଘେନିଆସ ।'' ଶୁଣିବା ମାତ୍ରେ ବ୍ରାହ୍ମଣ ଏକା ନିଃଶ୍ୱାସରେ ଦୌଡ଼ି ସେଠାରେ ପହଞ୍ଚିଲେ । ସୁନା ମୁଣ୍ଡାଟା ଦେଖି ତାଙ୍କର ଆନନ୍ଦର ସୀମା ରହିଲା ନାହିଁ । ସନାତନଜୀଙ୍କ ପ୍ରତି କୃତଜ୍ଞତାରେ ତାଙ୍କ ହୃଦୟ ପୂର୍ଣ୍ଣ ହୋଇଗଲା । ସେ ଆସି କହିଲେ, ''ପ୍ରଭୁ, ଏତେ ବଡ଼ ମୂଲ୍ୟବାନ୍ ସୁବର୍ଣ୍ଣ ଦେଖି ଆପଣ ଛାଡ଼ି ଚାଲିଆସିଲେ କିପରି ? ଉଠେଇ ଆଣି ପାରିଥା'ନ୍ତେ'' ଉତ୍ତରରେ ସନାତନଜୀ ଯାହା କହିଥିଲେ ତାହାର ଯଥାର୍ଥ ଅର୍ଥ ହେଉଛି ଏହି,– ''ସଂସାରରେ ସମସ୍ତ କୃପଣ ଓ ଲୋଭୀ ବ୍ୟକ୍ତିଙ୍କ ଲୋଭ, ସ୍ୱାର୍ଥ, ହିଂସା, ଅନ୍ୟାୟର ପ୍ରବୃତ୍ତି ଏହି ଧନ ଉପରେ କେନ୍ଦ୍ରିତ ହୋଇ ଏହାକୁ ଅଶୁଦ୍ଧ କରି ଦେଇଛି ।

ଅତଏବ ଅଶୁଦ୍ଧ ବସ୍ତୁ ସର୍ବଥା ଅସ୍ପୃଶ୍ୟ ଏବଂ ତ୍ୟାଜ୍ୟ ।'' ଯେଉଁ ଧନ ଲାଳସାରେ ସଂସାର ପାଗଳ ସେହି ଧନ ଜଣେ ଭଗବତ୍ ପ୍ରାପ୍ତ ପୁରୁଷ ପକ୍ଷେ ଘୃଣ୍ୟ । ପ୍ରକୃତରେ ସମସ୍ତ କୁପ୍ରବୃତ୍ତି କାମ ଏବଂ ଅର୍ଥରେ କେନ୍ଦ୍ରିତ ଥାଏ । ସେଇଥିପାଇଁ କେତେକ ଅଧ୍ୟାତ୍ମ ସାଧକ କାମିନୀକାଞ୍ଚନକୁ ତ୍ୟାଗ କରନ୍ତି, ଆଉ କେତେକେ ସେଥିରେ ଅନାସକ୍ତ ରହନ୍ତି । କାମିନୀକାଞ୍ଚନଠାରୁ ଅଧିକ ଆକର୍ଷଣକାରୀ ବସ୍ତୁ ନାମ, ଯଶ । ବ୍ୟକ୍ତି କାମିନୀ, କାଞ୍ଚନ ତ୍ୟାଗ କରିବା ପରେ ନାମ, ଯଶର ଫାନ୍ଦରେ ପଡ଼ିଯାଏ । ଏଥିରୁ ଉଦ୍ଧାର ହୁଅନ୍ତି ବାସନା କାମନା ଶୂନ୍ୟ ଭଗବତ୍-ଆଶ୍ରିତ ବ୍ୟକ୍ତି ।* ବ୍ୟକ୍ତି ଯେତେବେଳେ ଜୀବନର ପ୍ରଧାନ ଲକ୍ଷ୍ୟ ଭଗବତ୍ ପ୍ରାପ୍ତି ମାନି, ଭଗବତ୍ ଆଶ୍ରୟରେ ଭଗବାନଙ୍କ ସାହାଯ୍ୟରେ, ଭଗବତ୍ ଶକ୍ତିକୁ ଏକମାତ୍ର ଅବଲମ୍ବନ ରଖି ସାଧନା ମାର୍ଗରେ ଅଗ୍ରସର ହୁଏ, ସେତେବେଳେ ସାଧନା ପଥରେ ବାଧା ରୂପେ ନାମ, ଯଶ ଆସିଲେ, ତା' ମଧ୍ୟରେ ଥିବା ଆତ୍ମା ବାଧାର ସ୍ୱରୂପକୁ ଚିହ୍ନେଇ ଦିଏ । ଚିହ୍ନିବା ପରେ ଯଦି ସେ ସ୍ୱୟଂ ପ୍ରଯତ୍ନ କରି ସେ ବାଧାକୁ ଦୂର କରି ନ ପାରେ ତେବେ ଭଗବାନ୍ ସ୍ୱୟଂ ସେ ବାଧାକୁ ଦୂର କରିବାର ଉପାୟ କରନ୍ତି । ଏପରି ଘଟେ ଅଧିକାଂଶ ସାଧକମାନଙ୍କ ଜୀବନରେ । ଉଦାହରଣସ୍ୱରୂପ ଚୈତନ୍ୟ ମହାପ୍ରଭୁଙ୍କ ଚରିତ୍ରରୁ ନାମ, ଯଶ ମହାନ୍ ତ୍ୟାଗର ଗୋଟିଏ ଘଟଣା ଏଠାରେ ଉଲ୍ଲେଖ କରିବା । ଭଗବାନଙ୍କ ଆଶ୍ରୟ ବ୍ୟତୀତ ବ୍ୟକ୍ତି ଏଥିରୁ ମାନସିକ ବିଚାର, ନୈତିକ ଆଦର୍ଶ ଦ୍ୱାରା କଦାପି ମୁକ୍ତ ହୋଇପାରେ ନାହିଁ ।

## ଚୈତନ୍ୟ ମହାପ୍ରଭୁ

ଚୈତନ୍ୟ ମହାପ୍ରଭୁ ନଦୀୟାରେ ବିଦ୍ୟାଧ୍ୟୟନ କରିବା ସମୟରେ ତାଙ୍କର ସହପାଠୀ ଥିଲେ ରଘୁନାଥ ଦାସ । ସେ ଯେପରି ମେଧାବୀ, ସେହିପରି ମନନଶୀଳ ଏବଂ କଠୋର ପରିଶ୍ରମୀ ଥିଲେ । ଦିନେ ସଂସ୍କୃତ ବିଦ୍ୟାଳୟରୁ ଫେରି ଗଙ୍ଗା ପାରିହେବା ସମୟରେ ନୌକାରେ ଚୈତନ୍ୟ ମହାପ୍ରଭୁ ସଂସ୍କୃତ ବ୍ୟାକରଣର ଲେଖିଥିବା ଗୋଟିଏ ଟୀକା ରଘୁନାଥ ଦାସଙ୍କୁ ଦେଖିବାକୁ ଦେଲେ । ସେ ସେହି ଟୀକାଟି ପଢ଼ିବା ସମୟରେ ତାଙ୍କ ଆଖିରୁ ଲୁହ ବହିପଡ଼ିଲା । ଚୈତନ୍ୟ ମହାପ୍ରଭୁ ଚକିତ ହୋଇ କାରଣ ପଚାରିଲେ । ସେ ଉତ୍ତରରେ କହିଲେ, ''ଏହି ଟୀକା ପଢ଼ିଲେ ମୋ ଲେଖିଥିବା ଟୀକାଟିକୁ କେହି ପଚାରିବେ ନାହିଁ ।'' ଏକଥା ଶୁଣିବା ମାତ୍ରେ ଚୈତନ୍ୟ ମହାପ୍ରଭୁ ନିଜେ ଲେଖିଥିବା ବ୍ୟାକରଣ ଟୀକାଟି ଚିରି ତାଙ୍କ ସାମନାରେ ଅତ୍ୟନ୍ତ ହର୍ଷର ସହିତ ଗଙ୍ଗା ସ୍ରୋତରେ ଭସାଇଦେଲେ । ଫେର୍ ସେ କେବେ ବ୍ୟାକରଣ ଟୀକା ଲେଖି ନ ଥିଲେ । ସାଧାରଣ ଲେଖକ ପକ୍ଷେ ନାମଯଶଃର ଏପରି ତ୍ୟାଗ ଅସାଧାରଣ । ଭଗବାନଙ୍କ କୃପାରୁ ଭକ୍ତ ପକ୍ଷେ ଏହା ସମ୍ଭବ । ଚୈତନ୍ୟ ମହାପ୍ରଭୁ ଥିଲେ ଆଚାର୍ଯ୍ୟ ତଥା ତାଙ୍କୁ ଭକ୍ତଲୋକ ଭଗବାନଙ୍କ ଅବତାର ବୋଲି ମାନନ୍ତି । ତାଙ୍କ ସକାଶେ ଏ ଘଟଣାର କୌଣସି ମହତ୍ତ୍ୱ ନାହିଁ । କିନ୍ତୁ ଲୋକ ଦୃଷ୍ଟିରେ ଯେଉଁମାନେ ସାଧାରଣ ଭକ୍ତ ସେମାନଙ୍କ ଜୀବନରେ ଏହିପରି ଘଟଣା ବରାବର ଘଟିଥାଏ ।

ବ୍ୟକ୍ତି ଶାନ୍ତି, ସନ୍ତୋଷ, ଆନନ୍ଦରେ ରହିପାରେ ଯେବେ ଅଧ୍ୟାତ୍ମ ସାଧନା ଦ୍ୱାରା ଭଗବାନଙ୍କ ସଙ୍ଗେ ଏକତ୍ୱ ପ୍ରାପ୍ତ କରିପାରେ । ଏହା ଦେଖାଯାଏ ଅଧ୍ୟାତ୍ମ ସାଧକମାନଙ୍କ ଜୀବନରେ ।

ପ୍ରଶ୍ନ : ତୁମ ଉତ୍ତରଗୁଡ଼ିକ ଶୁଣିବା ପରେ ଯଦ୍ୟପି ଅନ୍ୟ ପ୍ରଶ୍ନ କରିବାର ଅବକାଶ ନାହିଁ, ତଥାପି ବହୁତ ବ୍ୟକ୍ତି କହନ୍ତି, ''ଈଶ୍ୱର ବୋଲି ପ୍ରକୃତରେ କିଛି ନାହିଁ । ଯେଉଁ ବ୍ୟକ୍ତିଙ୍କର ମସ୍ତିଷ୍କ ବିକୃତ ହୁଏ, ସେହି ବ୍ୟକ୍ତି ଭୁଲବଶତଃ କୌଣସି ବସ୍ତୁ ଦେଖି ତାକୁ ଈଶ୍ୱର ଧାରଣା କରିନିଅନ୍ତି ।'' ଏପରି କହୁଥିବା ବ୍ୟକ୍ତିଙ୍କର ଧାରଣାରେ କ'ଣ ସତ୍ୟତା ନାହିଁ ?

ଉତ୍ତର : ଏକେବାରେ ନାହିଁ । ଈଶ୍ୱରଙ୍କୁ ଦେଖିଥିବା ବ୍ୟକ୍ତିଙ୍କ ମସ୍ତିଷ୍କ ଭ୍ରମ ନୁହେଁ, ଏହିପରି କହିବା ବ୍ୟକ୍ତିଙ୍କ ମସ୍ତିଷ୍କ ନିର୍ବିବାଦ ରୂପେ ଭ୍ରମ । ଋଷି ମୁନିମାନେ ଭଗବତ୍ ପ୍ରାପ୍ତ କରି ଉପନିଷଦ୍, ଗୀତା, ଭାଗବତ୍, ରାମାୟଣାଦି

* ଶ୍ରୀଅରବିନ୍ଦଙ୍କ ଯୋଗରେ ଅତିମାନସ ଶକ୍ତି ଦ୍ୱାରା ମନୁଷ୍ୟର ମନ, ପ୍ରାଣ, ଶରୀର ଏବଂ କାମିନୀକାଞ୍ଚନ ଓ ନାମଯଶଃ ଇତ୍ୟାଦି ଦୁର୍ଗୁଣର ରୂପାନ୍ତର ସାଧିତ ହୁଏ ।

ପୁରାଣ ଶାସ୍ତ୍ର ଲେଖିଛନ୍ତି । ସେହି ଶାସ୍ତ୍ର ଅନୁସରଣ ଏବଂ ଗବେଷଣା ଦ୍ୱାରା ଆଜି ଅଲୌକିକ ବସ୍ତୁ ଆବିଷ୍କାର ହେଉଅଛି । ଲୋକେ ତାଙ୍କୁ ଈଶ୍ୱର ତୁଲ୍ୟ ପୂଜା କରୁଅଛନ୍ତି । ବୁଦ୍ଧ, ଖ୍ରୀଷ୍ଟ, ଶଙ୍କର, ରାମାନୁଜ, ରାମାନନ୍ଦ, ରାମକୃଷ୍ଣ ପରମହଂସ, ବିବେକାନନ୍ଦ,— ଏମାନେ ଭଗବାନଙ୍କୁ ପ୍ରାପ୍ତ କରିଥିବାରୁ ରାଜା, ମହାରାଜା, ବିଦ୍ୱାନ, ଧନୀ, ଶ୍ରେଷ୍ଠ ବ୍ୟକ୍ତିମାନେ ତାଙ୍କ ଚରଣରେ ମସ୍ତକ ନତ କରି ନିଜକୁ ସୌଭାଗ୍ୟଶାଳୀ ଓ ଧନ୍ୟ ମନେ କରୁଛନ୍ତି । ଆଜି ବି ସେମାନଙ୍କ ନାମ ଅମର ହୋଇଅଛି । ସେମାନଙ୍କ ଦିବ୍ୟଗୁଣ ଆଜି ମଧ ବ୍ୟକ୍ତିର ହୃଦୟକୁ ଅଧିକାର କରିଅଛି । ବର୍ତ୍ତମାନ ସମୟରେ ଯେଉଁ ସାଧୁ ଓ ମହାତ୍ମାମାନେ ଭଗବତ୍ ପ୍ରାପ୍ତି କରିଅଛନ୍ତି ସେମାନଙ୍କ ଚରଣ ଆଶ୍ରୟରେ ହଜାର ହଜାର ନରନାରୀ ସୁଖ, ଶାନ୍ତି, ଆନନ୍ଦ ପ୍ରାପ୍ତ କରୁଅଛନ୍ତି । ଏପରି ପୂଜିତ ବ୍ୟକ୍ତିଙ୍କ ମସ୍ତିଷ୍କ ବିକୃତ କହିବା ବ୍ୟକ୍ତିଙ୍କ ମସ୍ତିଷ୍କ କେତେଦୂର ଠିକ୍ ସ୍ୱୟଂ ବିଚାର କରନ୍ତୁ ।

ଯେଉଁମାନେ ଜନ୍ମରୁ ଅନ୍ଧ, କେବେ ବି ବୃକ୍ଷ, ଲତା, ମନୋମୁଗ୍ଧକାରୀ ସୌନ୍ଦର୍ଯ୍ୟ, ଲାବଣ୍ୟ, ପୁଷ୍ପ, ପ୍ରାକୃତିକ ସୌନ୍ଦର୍ଯ୍ୟ, ବନ, ଉପବନ, ପାହାଡ଼, ପର୍ବତ, ନଦ, ନଦୀ, ନୃତ୍ୟ, ଚିତ୍ରକଳା, ସୁନ୍ଦର ପଶୁ, ସୁନ୍ଦର ବାଳକ ଦେଖି ନାହାନ୍ତି,— ସେମାନେ ଏହି ବର୍ଣ୍ଣନା ଶୁଣି ଯଦି ମିଥ୍ୟା ବା ଭ୍ରମ ବୋଲି କହନ୍ତି ତେବେ ସେହିମାନଙ୍କ ସ୍ୱଜାତି ଜନ୍ମାନ୍ଧମାନେ ତାହାକୁ ସତ୍ୟ ବୋଲି ମାନିପାରନ୍ତି । କିନ୍ତୁ ଯେଉଁମାନଙ୍କର ଦୃଷ୍ଟିଶକ୍ତି ଅଛି, ଯେଉଁମାନେ ପ୍ରତ୍ୟକ୍ଷ ଦେଖୁଛନ୍ତି ସେମାନେ କଦାପି ବିଶ୍ୱାସ କରିପାରିବେ ନାହିଁ । ଠିକ୍ ସେହିପରି ଈଶ୍ୱର । ଯେଉଁମାନେ ଈଶ୍ୱର ଦର୍ଶନ କରିଛନ୍ତି, ସେମାନେ ଈଶ୍ୱର ଦର୍ଶନ ନ କରିଥିବା ବ୍ୟକ୍ତିଙ୍କ ଭ୍ରମାତ୍ମକ ଅନୈଶ୍ୱରବାଦ ଉକ୍ତିରେ କେବେ ବି ବିଶ୍ୱାସ କରିପାରିବେ ନାହିଁ ।

ପ୍ରଶ୍ନ : ଆମ୍ଭେମାନେ ଆଧୁନିକ ଶିକ୍ଷିତ ବ୍ୟକ୍ତି । ବସ୍ତୁବାଦ ଆମ୍ଭମାନଙ୍କ ରକ୍ତ ସହିତ ମିଶ୍ରିତ ହୋଇଯାଇଛି ଏବଂ ଆମ୍ଭମାନଙ୍କ ବୁଦ୍ଧିକୁ ପ୍ରଭାବିତ କରିଛି । ଆମ୍ଭମାନଙ୍କ ସତ୍ୟଗ୍ରାହୀ ହୃଦୟରେ ଆବରଣ ପଡ଼ିଅଛି । ସେହି କାରଣରୁ ଯୁକ୍ତିଯୁକ୍ତ ଉତ୍ତର ପାଇବା ସତ୍ତ୍ୱେ ମଧ ସମସ୍ୟାର ସମାଧାନ ହେଉ ନାହିଁ, କିଂବା ଅଦୃଶ୍ୟ ଭଗବତ୍ ଅସ୍ତିତ୍ୱରେ ବିଶ୍ୱାସ କରିବାକୁ ସମର୍ଥ ହେଉ ନାହିଁ; ଏପରି କିଛି ଉପାୟ କୁହନ୍ତୁ ଯେଉଁଥିରେ ଆମ୍ଭ ମନ ନମନୀୟ ହୋଇ ସତ୍ୟକୁ ଗ୍ରହଣ କରିପାରେ ।

ଉତ୍ତର : ଏହା ଏକେବାରେ ସତ୍ୟ ଯେ ହୃଦୟର ଗଭୀରରେ ଭଗବତ୍ ସ୍ୱରୂପ ଆତ୍ମାର ନିବାସ । ଯଦିଓ ସେ ସର୍ବବ୍ୟାପୀ, ତଥାପି ତାଙ୍କ ନିବାସ ହୃଦୟରେ । ଅବଶ୍ୟ ଏହି ସ୍ଥୂଳ ଅସ୍ଥିମାଂସ ମଧରେ ନୁହେଁ, ସୂକ୍ଷ୍ମଶରୀରର ହୃଦୟଦେଶରେ । ଏହି ଅନ୍ତରାତ୍ମା ଯେପର୍ଯ୍ୟନ୍ତ ମନପ୍ରାଣ ଆବରଣର ପଶ୍ଚାତରେ ଥାଏ ସେପର୍ଯ୍ୟନ୍ତ ବ୍ୟକ୍ତି ସୀମିତ, ଶୁଷ୍କ ବୁଦ୍ଧି, ଯୁକ୍ତିତର୍କରେ ଭଗବତ୍ ବିଶ୍ୱାସ କରିପାରେ ନାହିଁ । କେବଳ ନିରର୍ଥକ ଯୁକ୍ତିରେ ନିଜର ଅଦୂରଦର୍ଶିତାକୁ ପ୍ରୋତ୍ସାହିତ କରୁଥାଏ । ମନୁଷ୍ୟ ଯୁକ୍ତି ଦିଏ ଯେ ସେ ନ ଦେଖି କୌଣସି ବସ୍ତୁକୁ ବିଶ୍ୱାସ କରେ ନାହିଁ; ଯଥାର୍ଥରେ ତାହା ନୁହେଁ । ବହୁତ ବସ୍ତୁ ସେ ନ ଦେଖି ବିଶ୍ୱାସ କରେ । କିନ୍ତୁ ବୁଦ୍ଧିର ଅତୀତ ଭଗବାନଙ୍କୁ ବୁଝି ନ ପାରି ନିଜ ସିଦ୍ଧାନ୍ତକୁ ସମର୍ଥନ କରିବା ସକାଶେ ଯୁକ୍ତିତର୍କର ଆଶ୍ରୟ ନେଉଥାଏ ।

ମନୁଷ୍ୟ ବହୁତ ଦେଶ ଦେଖି ନ ଥାଏ, ବହୁତ ବସ୍ତୁର ଜ୍ଞାନ ସେ ପ୍ରାପ୍ତ କରି ନ ଥାଏ, ବହି ପଢ଼ି ବିଶ୍ୱାସ କରେ । ବୈଜ୍ଞାନିକମାନେ ବସ୍ତୁ ଆଲୋଚନା କରିବା ପୂର୍ବରୁ ବିଶ୍ୱାସରେ ଏକ୍ସ୍‌ପେରିମେଣ୍ଟ ବା ପରୀକ୍ଷା କରିଚାଲନ୍ତି ଏବଂ ବସ୍ତୁ ବା ତଥ୍ୟ ଆବିଷ୍କାର କରିଥା'ନ୍ତି; ଆମେରିକା, ଆଫ୍ରିକା ସମ୍ବନ୍ଧରେ ବହିରେ ପଢ଼ି ସେଠାକୁ ଗଲେ ବହିରେ ଲେଖାଥିବାର ସତ୍ୟାସତ୍ୟ ଜାଣନ୍ତି । ଘରେ ବସି ବହି ପଢ଼ି ଆମେରିକା, ଆଫ୍ରିକା ଦେଶ ନାହିଁ ବା ସେହି ଲେଖା ଭୁଲ୍ ବୋଲି କହିପାରନ୍ତି ନାହିଁ । ଫେର୍ ଭଗବତ୍-ପ୍ରାପ୍ତି ମାର୍ଗରେ ଯାତ୍ରା ନ କରି ଭଗବାନ୍ କେବଳ କଳ୍ପନାର ବସ୍ତୁ ବୋଲି କହିବା କେତେଦୂର ଯୁକ୍ତିଯୁକ୍ତ ?

ଭଗବାନ୍ ମନ, ବୁଦ୍ଧି, ଚେତନାର ପରେ ଦିବ୍ୟାତିଦିବ୍ୟ ଅଣୋରଣୀୟାନ୍ ମହତୋ ମହୀୟାନ୍ । ତାଙ୍କୁ ସ୍ଥୂଳ ଦୃଷ୍ଟିରେ ଦେଖାଯାଏ ନାହିଁ । ତାଙ୍କୁ ଦେଖିବାକୁ ହେଲେ ହୃଦୟ ଶୁଦ୍ଧ କରିବାକୁ ହୁଏ ଓ ଦିବ୍ୟ ଦୃଷ୍ଟି ପ୍ରାପ୍ତ କରିବାକୁ ହୁଏ । ତେବେ ଭଗବାନଙ୍କୁ ଦେଖିହୁଏ ।

ଋଷି, ମୁନି, ସନ୍ଥ, ମହାତ୍ମା ଭଗବାନଙ୍କୁ ଦେଖିଛନ୍ତି, ତାଙ୍କୁ ପ୍ରାପ୍ତ କରିଛନ୍ତି । ସେହି ସକାଶେ ଆଜି ସେମାନେ ଆମର ପୂଜ୍ୟ ହୋଇଛନ୍ତି । ତାଙ୍କରି ଲେଖିବା ଶାସ୍ତ୍ର ଅନୁସାରେ ନୈତିକତା ଓ ଧର୍ମ ଆମେ ପାଳନ କରି ଆସୁ ଅଛୁ ।

ସେମାନେ ଭଗବତ୍ ପ୍ରାପ୍ତି କରି ଯେଉଁ ମାର୍ଗ ନିର୍ଦ୍ଦେଶ କରିଛନ୍ତି ବା ଆମ୍ଭ ସମ୍ମୁଖରେ ଯେଉଁ ଆଦର୍ଶ ସ୍ଥାପନା କରିଛନ୍ତି, ତାହାରି ଆଚରଣ କରି ଯଦି ଆମେ ଭଗବାନଙ୍କୁ ନ ପାଉ ତେବେ ଭଗବାନଙ୍କ ଅସ୍ତିତ୍ୱରେ ଅବିଶ୍ୱାସ କରିପାରୁ, ଏହା ପୂର୍ବରୁ ନୁହେଁ ।

ଯଥାର୍ଥରେ କେବଳ ଯୁକ୍ତିବାଦୀ, ବୁଦ୍ଧିବିଳାସୀ ବ୍ୟକ୍ତିଙ୍କ ସକାଶେ ଭଗବାନ୍ ବହୁଦୂର । ଯେଉଁମାନେ ସୀମିତ ବୁଦ୍ଧି-ପ୍ରଧାନ, ଯେଉଁମାନେ ସୁଖ ଏବଂ ଦୁଃଖ ଉଭୟକୁ କିଂକର୍ତ୍ତବ୍ୟବିମୂଢ଼ ହୋଇ ବରଦାସ୍ତ କରି ଆସୁଛନ୍ତି, ସେମାନଙ୍କ ସକାଶେ ଭଗବାନ୍ ମାୟାମରୀଚିକା, କଳ୍ପନାର ବିଗ୍ରହ ହୋଇପାରନ୍ତି, ସେଥିରେ କିଛି ଯାଏ ଆସେ ନାହିଁ । କିନ୍ତୁ ଯେଉଁମାନେ ସଂସାରର ଦୁଃଖତାପରେ ତପ୍ତ; ଯେଉଁମାନଙ୍କ ହୃଦୟରେ ଭଗବତ୍ ପ୍ରାପ୍ତିର ଆକାଂକ୍ଷା ଅଛି, ସେହିମାନେ ଜୀବନର ସମସ୍ତ ମୂଲ୍ୟ ଦେଇ ଭଗବାନଙ୍କୁ ଖୋଜୁଛନ୍ତି ଏବଂ ପାଉଛନ୍ତି । ଯୁକ୍ତିବାଦୀଙ୍କ ଯୁକ୍ତିରେ ଭଗବାନ୍ ମିଥ୍ୟା ହୁଅନ୍ତୁ ବା ସତ୍ୟ ହୁଅନ୍ତୁ ତାହାର କୌଣସି ମୂଲ୍ୟ ନାହିଁ । ସତ୍ୟ ସ୍ୱତଃସିଦ୍ଧ ସତ୍ୟ । କାହାରି ଅସତ୍ୟ କହିବା ବା ସତ୍ୟ କହିବାକୁ ସେ ଅପେକ୍ଷା କରେ ନାହିଁ ।

ବୁଦ୍ଧିକୁ ନମନୀୟ କରିବାର ଉପାୟ ହେଲା ତାକୁ ପ୍ରାଧାନ୍ୟ ନ ଦେବା । ତେବେ ତୁମେ ଏହି ବୁଦ୍ଧିରେହିଁ ଭଗବାନଙ୍କୁ ବିଶ୍ୱାସ କରିପାରିବ ଏବଂ ଯଥାର୍ଥ ପ୍ରଣାଳୀରେ ସାଧନା କରି ଭଗବତ୍ ପ୍ରାପ୍ତି କରି ଚିର ଅଭିଳଷିତ ପରମାନନ୍ଦ ପ୍ରାପ୍ତ କରି ଜୀବନକୁ କୃତାର୍ଥ କରିପାରିବ ।

ବୁଦ୍ଧିକୁ ଶାନ୍ତ ନୀରବ କରି ବିଚାର କଲେ ବୁଝିପାରିବେ ଯେ ଜୀବନ ଆରମ୍ଭରୁ ଆଜି ପର୍ଯ୍ୟନ୍ତ ଯେଉଁ କାର୍ଯ୍ୟ କରିଆସିଛନ୍ତି ସେହି ସମସ୍ତ କାର୍ଯ୍ୟର ପଶ୍ଚାତ୍‌ରେ ଜ୍ଞାତ ବା ଅଜ୍ଞାତରେ ଅଛି ଦୁଃଖବିହୀନ ସୁଖ ପାଇବାର କାମନା । ଏହି ବିଷୟ ପୂର୍ବରୁ ଆଲୋଚନା ହୋଇଛି । କୌଣସି ବ୍ୟକ୍ତି ଭଗବାନଙ୍କ ପ୍ରାପ୍ତି ଛଡ଼ା ଏପର୍ଯ୍ୟନ୍ତ ଜୀବନରେ କଦାପି ପରମ ସୁଖ ପାଇ ନାହିଁ ବା ଜୀବନରେ ଦୁଃଖରହିତ ସୁଖ ପାଇ ନାହିଁ — ଏହା ଏକେବାରେ ନିରାଟ ସତ୍ୟ । ଏଥିରେ ଲେଶ ମାତ୍ର ସନ୍ଦେହ ନାହିଁ ।

ପ୍ରଶ୍ନ : ଯଦି ଦୁଃଖ ନ ରହେ ତେବେ ସୁଖର ମୂଲ୍ୟ ରହିବ ନାହିଁ । ରାତ୍ରି ନ ଥିଲେ ଦିବସର ମୂଲ୍ୟ କ'ଣ ? ସଂସାର ଦୁଃଖ ଏବଂ ସୁଖରେ ଜଡ଼ିତ । ପୂର୍ଣ୍ଣଭାବରେ ଦୁଃଖର ନିବୃତ୍ତି ହେବ କିପରି ? ମନୁଷ୍ୟ ଦୁଃଖଛଡ଼ା ସୁଖରେ ରହିବ ବା କିପରି ?

ଉତ୍ତର : ଯେଉଁ ଜ୍ଞାନୀ, ଭକ୍ତମାନଙ୍କୁ ଦୁଃଖ ସ୍ପର୍ଶ କରେ ନାହିଁ, ସେମାନେ କେବଳ ସୁଖରେ ରହୁଛନ୍ତି କିପରି ? କଙ୍କଡ଼ାବିଛା କାମୁଡ଼ିଲେ, ଶରୀରରେ ବଥ ହେଲେ କିଂବା କୌଣସି ହିଂସ୍ର ଜନ୍ତୁ ଦ୍ୱାରା ଆଘାତପ୍ରାପ୍ତ ହେଲେ ପୀଡ଼ା ହୁଏ । ସେଥିରୁ ମୁକ୍ତ ହେଲେ ବ୍ୟକ୍ତି ସୁଖ ଅନୁଭବ କରେ କିନ୍ତୁ ସୁଖ ରକ୍ଷା କରିବା ସକାଶେ କଙ୍କଡ଼ାବିଛା କାମୁଡ଼ିବା, ହିଂସ୍ରଜନ୍ତୁର ଆକ୍ରମଣ ବା ବଥ ହେବା କ'ଣ ବ୍ୟକ୍ତି ଚାହେଁ ? ଏହି ପୀଡ଼ା ଛଡ଼ା ସୁଖର କ'ଣ କୌଣସି ମୂଲ୍ୟ ନାହିଁ, ଏହା କ'ଣ ଯୁକ୍ତିଯୁକ୍ତ ?

ଯେଉଁମାନେ କିଂକର୍ତ୍ତବ୍ୟବିମୂଢ଼ ହୋଇ ସୁଖ ସହିତ ପାରିବାରିକ, ସାମାଜିକ ଦୁଃଖ, ଦୁର୍ଦ୍ଦଶା ଭୋଗୁଛନ୍ତି, ସେଥିରୁ ଉଦ୍ଧାର ହେବାର କୌଣସି ଉପାୟ ପାଉ ନାହାନ୍ତି ବା ପ୍ରଯତ୍ନ କରୁ ନାହାନ୍ତି ସେହିମାନେ ଏ ସିଦ୍ଧାନ୍ତକୁ ଆବିଷ୍କାର କରିଛନ୍ତି । କୌଣସି ବ୍ୟକ୍ତି ଦୁଃଖ ଚାହେଁ ନାହିଁ, ସମସ୍ତେ ଚାହାନ୍ତି ଦୁଃଖ-ଅମିଶ୍ରିତ ସୁଖ । ଯଦି ସୁଖଭୋଗ ସକାଶେ ଦୁଃଖର ଆବଶ୍ୟକ ହୁଅନ୍ତା ତେବେ ବ୍ୟକ୍ତି ସୁଖକୁ ଯେପରି ଚାହୁଁଛନ୍ତି ଦୁଃଖକୁ ମଧ୍ୟ ସେହିପରି ଚାହୁଁ ଥାଆନ୍ତେ; ଏପରି ତ ନୁହେଁ । ଫେର୍ ସାକେତ, ବୈକୁଣ୍ଠ, ଗୋଲୋକାଦି ଭଗବତ୍ ଦିବ୍ୟଲୋକରେ ଦୁଃଖ ନ ଥାଏ । ସେମାନେ କେବଳ ପରମସୁଖରେ ଥାଆନ୍ତି । ଦୁଃଖ ଛଡ଼ା ମନୁଷ୍ୟ ରହି ପାରିବ ନାହିଁ ଯଦି ଏହି ସିଦ୍ଧାନ୍ତ ମାନି ନିଆହୁଏ ତେବେ ସେମାନଙ୍କ ଜୀବନ ସଙ୍କଟପୂର୍ଣ୍ଣ ହୁଅନ୍ତା । ଘର ପରିବାରର ବିକୃତ ସୁଖଭୋଗ ତ୍ୟାଗ କରି, ସନ୍ନ୍ୟାସ ଗ୍ରହଣ କରି, ପରମ ସୁଖ ପ୍ରାପ୍ତ କରିବା ବ୍ୟକ୍ତି, ବହୁତ ଭୁଲ୍ କରିଥା'ନ୍ତେ । ଶୁକଦେବ, ଶଙ୍କରାଚାର୍ଯ୍ୟ, ଚୈତନ୍ୟ ମହାପ୍ରଭୁଙ୍କୁ ଆମ୍ଭେମାନେ ଆଜି ପୂଜା ନ କରି ଦୁଃଖ ଏବଂ ସୁଖ ଉଭୟ ଭୋଗ କରୁଥିବା ଚୋର, ଡକାୟତ, ଦୁରାଚାରୀ ବ୍ୟକ୍ତିଙ୍କ ପୂଜା କରନ୍ତୁ, ସମାଜରେ ସେହିମାନଙ୍କର ସମ୍ମାନ ହୁଅନ୍ତା । ଏହା ଏକେବାରେ ଭ୍ରମାତ୍ମକ ଯୁକ୍ତି ।

ପ୍ରଶ୍ନ : ତୁମ ଯୁକ୍ତି ଏକେବାରେ ଯଥାର୍ଥ ବୋଧ ହେଉଛି । ମୋର ନିଜ ଅଭିଜ୍ଞତାରେ ମଧ୍ୟ ବାଲ୍ୟାବସ୍ଥାରୁ ଆଜି

ପର୍ଯ୍ୟନ୍ତ ପଢ଼ିବା, ଚାକିରି କରିବା, ଦେଶସେବା କରିବା ଇତ୍ୟାଦି କର୍ମରେ ଶାନ୍ତି-ସନ୍ତୋଷ ପ୍ରାପ୍ତ କରି ନାହିଁ କିଂବା କୌଣସି ବ୍ୟକ୍ତିଙ୍କୁ ସଂସାର କାର୍ଯ୍ୟରେ ସୁଖ ପ୍ରାପ୍ତ କରିବା ଦେଖିନାହିଁ । କିନ୍ତୁ ପରମ ସୁଖ, ପରମ ଶାନ୍ତି କେବଳ ଅଧ୍ୟାତ୍ମ ସାଧକ, ସାଧୁ, ମହାପୁରୁଷଙ୍କ ଜୀବନରେ ଦେଖାଯାଉଅଛି । ସୁତରାଂ ସେହି ସୁଖ, ଶାନ୍ତି, ଆନନ୍ଦ ପ୍ରାପ୍ତ କରିବାର ଉପାୟ କ'ଣ ?

ଉତ୍ତର : ପରମ ସୁଖ, ପରମ ଶାନ୍ତି ପ୍ରାପ୍ତ କରିବାର ଏକମାତ୍ର ଉପାୟ ହେଲା ଭଗବାନଙ୍କ ସହିତ ନିଜ ଚେତନାକୁ ଏକ କରିଦେବା । କାରଣ ଭଗବାନ୍ ହେଉଛନ୍ତି ଶାଶ୍ୱତ ଶାନ୍ତି, ପରମ ଆନନ୍ଦ, ପରମ ଜ୍ଞାନ, ଅକଳ୍ପନୀୟ ଶକ୍ତିର ପୁଞ୍ଜୀଭୂତ ବିଗ୍ରହ । ସଂସାରରେ ଯେଉଁ ଆନନ୍ଦ, ଯେଉଁ ଜ୍ଞାନ, ଯେଉଁ ଶାନ୍ତି ଯେଉଁ ଶକ୍ତି ପ୍ରକାଶିତ ହୋଇଅଛି, ତାହା ହେଉଛି ସେହି ଭଗବାନଙ୍କ ଜ୍ଞାନ, ଆନନ୍ଦ, ଶାନ୍ତି, ଶକ୍ତି ସମୁଦ୍ର ମଧ୍ୟରୁ ଜଳକଣା ସଦୃଶ । ସେହି ଭଗବାନଙ୍କ ସହିତ ସମ୍ବନ୍ଧ ସ୍ଥାପନ କଲେ, ଭଗବାନଙ୍କର ସେହି ଦିବ୍ୟଗୁଣ କ୍ରମଶଃ ବ୍ୟକ୍ତି ମଧ୍ୟରେ ପ୍ରକାଶିତ ହୁଏ । ବ୍ୟକ୍ତି ଜୀବନ ସାର୍ଥକ ହୁଏ । ସେ ଦୁଃଖତାପରୁ ମୁକ୍ତ ହୋଇ ପରମାନନ୍ଦରେ ନିବାସ କରେ ।

ଯେପରି ଜ୍ୟେଷ୍ଠମାସ ରୌଦ୍ରତାପରେ ସମସ୍ତ କୃଷିକ୍ଷେତ୍ରସ୍ଥ ଶସ୍ୟ ଭସ୍ମୀଭୂତ ହୋଇଯାଏ । କିନ୍ତୁ ସେହି କୃଷିକ୍ଷେତ୍ରର ସମ୍ବନ୍ଧ ଯଦି କୌଣସି ସ୍ଥାୟୀ ଜଳସ୍ରୋତ ସହିତ ସ୍ଥାପନ କରାଯାଏ ତେବେ ତାହା ରୌଦ୍ରତାପ ଦ୍ୱାରା ଭସ୍ମୀଭୂତ ନ ହୋଇ ଶସ୍ୟ ଉତ୍ପାଦନ କରେ । ଠିକ୍ ସେହିପରି ଜ୍ଞାନ, ଆନନ୍ଦ, ଶାନ୍ତି ଓ ସୁଖର ସ୍ଥାୟିସ୍ରୋତ ଭଗବାନ୍; ତାଙ୍କ ସଙ୍ଗେ ଜୀବନକୁ ଅର୍ଥାତ୍ ମନ, ପ୍ରାଣ, ଶରୀରକୁ ଯେପର୍ଯ୍ୟନ୍ତ ଏକ କରିଦିଆ ନ ହୁଏ ଅଥବା ତାଙ୍କ ସଙ୍ଗେ ଏକ ସ୍ଥାୟୀ ସମ୍ବନ୍ଧ ସ୍ଥାପନ କରା ନ ଯାଏ, ସେପର୍ଯ୍ୟନ୍ତ ଜ୍ୟେଷ୍ଠ ମାସର କୃଷିତୁଲ୍ୟ ଜୀବନକୁ ସଂସାର ବିଷୟର ଘୋର ରୌଦ୍ରତାପରୁ ରକ୍ଷା କରି ଜ୍ଞାନ, ଆନନ୍ଦ ରୂପକ ଜଳରେ ପ୍ଲାବିତ କରାଯାଇପାରେ ନାହିଁ । ନିଜକୁ ଭଗବାନଙ୍କ ସଙ୍ଗେ ଏକ କରିଦେଲେ, ସଂସାର ହୋଇଯାଏ ସ୍ୱର୍ଗ, ଜୀବନ ହୋଇଯାଏ ଆନନ୍ଦର ସମୁଦ୍ର । ବହୁତ ସାଧୁ, ସନ୍ଥ, ଋଷି, ମୁନି ଓ ଭକ୍ତଙ୍କ କଥା ଶୁଣିଥିବେ । ଲୋକଙ୍କ ଦୃଷ୍ଟିରେ ସେମାନେ ଦରିଦ୍ର ହୁଅନ୍ତୁ ବା ଧନୀ ହୁଅନ୍ତୁ, କିନ୍ତୁ ସେମାନେ ଆନନ୍ଦରେ ବିଭୋର ରହନ୍ତି । ସାଧାରଣ ଲୋକଙ୍କ ଦୃଷ୍ଟିରେ ଯାହା ସୁଖ, ଦୁଃଖ, ଆନନ୍ଦ, ନିରାନନ୍ଦ ସେମାନଙ୍କ ସକାଶେ ଉଭୟହିଁ ସମାନ ଥାଏ । ଉଭୟ ମଧ୍ୟରେ ସେ ସେହି ପରମାନନ୍ଦଙ୍କୁ ପ୍ରାପ୍ତ କରନ୍ତି । ସେମାନଙ୍କ ଚେତନାକୁ ଏହିସବୁ ଦୁଃଖ, ଦ୍ୱନ୍ଦ୍ୱ ସ୍ପର୍ଶ କରେ ନାହିଁ । ଭାଗବତରେ ପ୍ରହ୍ଲାଦ କଥା ଶୁଣିଥିବେ । ହିରଣ୍ୟକଶିପୁ ରାକ୍ଷସରାଜାର ଭୟରେ ଇନ୍ଦ୍ରାଦି ଦେବତା ତ୍ରସ୍ତ । କିନ୍ତୁ ବାଳକ ପ୍ରହ୍ଲାଦ ନିର୍ଭୀକ ଭାବରେ ତା ସମ୍ମୁଖରେ ଛିଡ଼ା ହୋଇ କହୁଥିଲେ, ''ପିତା, ଏକମାତ୍ର ଭଗବାନହିଁ ପ୍ରତ୍ୟେକ ପ୍ରାଣୀର ବନ୍ଧୁ ଓ ରକ୍ଷକ, ତୁମେ ତାଙ୍କୁହିଁ ଆରାଧନା କର ।'' ପ୍ରହ୍ଲାଦ ଭଗବତ୍ ଆଶ୍ରୟରୁ ଏପରି ନିର୍ଭୟତା ପ୍ରାପ୍ତ ହୋଇଥିଲେ ଯେ ସେ ମହାକାଳସ୍ୱରୂପ ଦୈତ୍ୟରାଜର ପ୍ରଚଣ୍ଡ ମୂର୍ତ୍ତି ସମ୍ମୁଖରେ ପରମ ହିତକାରକ ମିତ୍ରର ସାମିପ୍ୟ ପ୍ରାପ୍ତ ହେବା ସଦୃଶ ଅବିକମ୍ପିତଭାବେ ଛିଡ଼ା ହୋଇଥିଲେ । କାରଣ ତାଙ୍କ ଚେତନା ଭଗବତ୍‌ମୟ ହୋଇଯାଇଥିଲା । ସେ ପ୍ରତ୍ୟେକ ବସ୍ତୁରେ ଭଗବାନଙ୍କୁ ଦେଖୁଥିଲେ । ତେଣୁ ଭଗବାନଙ୍କ ନିର୍ଭୟାଦି ଗୁଣ ତାଙ୍କ ମଧ୍ୟରେ ପ୍ରତିଷ୍ଠିତ ହୋଇଥିଲା । ବହୁତ ଦିନର କଥା ନୁହେଁ, ଏ ଯୁଗର କଥା । ମୀରାବାଈଙ୍କୁ ଅଧିକାଂଶ ଲୋକ ଜାଣନ୍ତି । ମହାପ୍ରତାପୀ ରାଣା* ବିକ୍ରମାଦିତ୍ୟ ତାଙ୍କ ନିଷ୍ଠାରୁ ତାଙ୍କୁ ତିଳେମାତ୍ର ବିଚଳିତ କରିପାରିଲେ ନାହିଁ । ଶେଷରେ ତାଙ୍କୁ ବିଷ ଦେଲେ, ମାତ୍ର ସେହି ବିଷ ମୀରାବାଈଙ୍କ ସକାଶେ ହୋଇଗଲା ଅମୃତ । ଭଗବାନ୍ ହାର୍ଦ୍ଦିକ ବିଶ୍ୱାସ ତଥା ଶୁଦ୍ଧ ଭାବରେ ପ୍ରାପ୍ତ ହୁଅନ୍ତି । ଯେଉଁମାନେ କେବଳ ନିରର୍ଥକ ଯୁକ୍ତିତର୍କ କରି ଭଗବାନଙ୍କୁ ଜାଣିବାକୁ ଚେଷ୍ଟା କରନ୍ତି, ସେମାନଙ୍କୁ ହତାଶ ହେବାକୁ ପଡ଼େ, କାରଣ ଭଗବାନ୍ ତର୍କର ବହୁ ଊର୍ଦ୍ଧ୍ୱରେ । ସେଠାରେ ମନ-ବୁଦ୍ଧି ପହଞ୍ଚି ପାରେ ନାହିଁ, ଫେର୍ ଯୁକ୍ତିତର୍କ ପହଞ୍ଚିବ କିପରି ? କେତେ ଲୋକ ଭଗବାନଙ୍କୁ ସର୍ବବ୍ୟାପୀ, ସର୍ବଦ୍ରଷ୍ଟା, ସର୍ବଶକ୍ତିମାନ୍, ସର୍ବଜ୍ଞ ବୋଲି ଯୁକ୍ତିରେ ପ୍ରମାଣ କରିଦିଅନ୍ତି, କିନ୍ତୁ କୌଣସି ଅସତ୍ କାର୍ଯ୍ୟ କରିବା ସମୟରେ ଭଗବାନଙ୍କ ପ୍ରତି ଟିକିଏ ବି ଭ୍ରୂକ୍ଷେପ କରନ୍ତି ନାହିଁ, ଅଳ୍ପଶକ୍ତି ପ୍ରାପ୍ତ ବ୍ୟକ୍ତିଙ୍କୁ ଭୟ କରି ସେମାନଙ୍କ ଦୃଷ୍ଟିର ପଶ୍ଚାତରେ ସେହି କାର୍ଯ୍ୟ କରନ୍ତି । ଏପରି ବ୍ୟକ୍ତିଙ୍କ ଦ୍ୱାରା ଭଗବାନଙ୍କ ଅସ୍ତିତ୍ୱ କିଂବା ଅସ୍ତିତ୍ୱହୀନତା ପ୍ରମାଣିତ ହେବାରେ କୌଣସି ମୂଲ୍ୟ ନ ଥାଏ । ଏସବୁ ବିଚାରରେ ନ ପଡ଼ି ଯେ ଯଥାର୍ଥ ନିଷ୍ଠାର ସହିତ (sincerely) ଭଗବାନଙ୍କୁ

* ମୀରାବାଈଙ୍କର ପତିଙ୍କ ଛୋଟଭାଇଙ୍କ ନାମ ଥିଲା ବିକ୍ରମାଦିତ୍ୟ । ନାଭାଜିଙ୍କ ଭକ୍ତମାଳାର ପ୍ରସିଦ୍ଧ ଟୀକାରେ ଏହା ବର୍ଣ୍ଣିତ ହୋଇଅଛି ।

ଜାଣିବାକୁ ଚାହେଁ ଏବଂ ପ୍ରଯତ୍ନ କରେ, ସେ ନିଶ୍ଚୟ ତାଙ୍କୁ ଜାଣେ ଏବଂ ତାହାର ଜାଣିବାରେ ଭଗବାନ୍ ମଧ ସାହାଯ୍ୟ କରନ୍ତି । ସଦାଚାରୀ ସତ୍ୟବାଦୀ ବ୍ୟକ୍ତିଙ୍କୁ ଭଗବାନ୍ କିପରି ପ୍ରାପ୍ତ ହୁଅନ୍ତି, ଆଜି ତାହା ଆର୍ଯ୍ୟସମାଜୀ ବାବାଙ୍କ ଚରିତ୍ରରୁ ହୃଦୟଙ୍ଗମ କରିପାରିବା । କାରଣ ସମସ୍ତ ଦିବ୍ୟଗୁଣର ମୂର୍ତ୍ତିମାନ ବିଗ୍ରହ ହେଉଛନ୍ତି ଭଗବାନ୍ । ସତ୍ୟ ଭାବରେ ବ୍ୟକ୍ତି ଦିବ୍ୟଗୁଣ ଗ୍ରହଣ କଲେ ଭଗବାନଙ୍କ ସହିତ ତାହାର ସମ୍ବନ୍ଧ ସ୍ଥାପିତ ହୁଏ । ସେ ଦିନେ ନା ଦିନେ ଭଗବାନଙ୍କୁ ପ୍ରାପ୍ତ କରିପାରେ ।

## ଆର୍ଯ୍ୟସମାଜୀ ବାବା

ଥରେ ଆର୍ଯ୍ୟସମାଜୀ ବାବାଙ୍କର ପ୍ରସିଦ୍ଧ ଓଡ଼ିଆବାବାଙ୍କ ସହିତ ଦେଖାହେଲା ।

ଉତ୍ତର ଭାରତରେ ଓଡ଼ିଆବାବା ନାମରେ ଜଣେ ପ୍ରସିଦ୍ଧ ମହାତ୍ମା ଥିଲେ । ସେ ଥିଲେ ବଡ଼ ତ୍ୟାଗୀ । ତାଙ୍କ ସକାଶେ ବୃନ୍ଦାବନରେ ଗୋଟିଏ ମଠ ତିଆରି କରି ଦିଆଯାଇଥିଲା । ସେଠାରେ ସେ ଶେଷ ଜୀବନ ବିତାଇଥିଲେ । ତା' ପୂର୍ବରୁ ସେ ବିଶେଷ ରୂପେ କନଖଳ ପାଖାପାଖି ଗଙ୍ଗାକୂଳରେ ଏବଂ ଅନ୍ୟାନ୍ୟ ସ୍ଥାନମାନଙ୍କରେ ବିଚରଣ କରୁଥିଲେ । ସେ ବଡ଼ ଏକାନ୍ତପ୍ରିୟ ମହାତ୍ମା; କିନ୍ତୁ ସେ ଯେଉଁଠି ପହଞ୍ଚନ୍ତି, ସେଠାରେ ବହୁତ ଲୋକ ଏକତ୍ର ହୋଇଯା'ନ୍ତି ଏବଂ ପ୍ରଶ୍ନ କରନ୍ତି । ତାଙ୍କଠାରୁ ଯେଉଁ ଉତ୍ତର ମିଳେ ସେସବୁ ଗୀତାପ୍ରେସରୁ ପ୍ରକାଶିତ ''କଲ୍ୟାଣ''ରେ ପ୍ରକାଶିତ ହୁଏ । ଦିନେ ସେ ସନ୍ଧ୍ୟା ସମୟରେ ଗୋଟିଏ ଗ୍ରାମରେ ପହଞ୍ଚିବା ମାତ୍ରେ ବହୁତ ଲୋକ ଏକତ୍ର ହୋଇଗଲେ । ସେହି ସମୟରେ ଜଣେ ତେଜସ୍ୱୀ ବ୍ୟକ୍ତି ଆସିଲେ, ତାଙ୍କ ହାତରେ ଥିଲା ଜପମାଳା, ମୁଖରେ ''ରାଧେଶ୍ୟାମ'' ନାମ ଜପ । ଦୂରରୁ ଦେଖି ତାଙ୍କ ଆଡ଼କୁ ଜଣେ ଅଙ୍ଗୁଳି ନିର୍ଦ୍ଦେଶ କରି କହିଲେ, ''ଆର୍ଯ୍ୟସମାଜୀ ବାବା ଆସୁଛନ୍ତି ।'' ସେ ଆସି ମହାତ୍ମାଜିଙ୍କୁ ସଭକ୍ତି ପ୍ରଣାମ କରି ତାଙ୍କ ନିର୍ଦ୍ଦେଶାନୁସାରେ ତାଙ୍କ ପାଖରେ ବସିଲେ । ଓଡ଼ିଆବାବା ପଚାରିଲେ, ''ତୁମକୁ ଆର୍ଯ୍ୟସମାଜୀ ବାବା ବୋଲି କାହିଁକି କହନ୍ତି ?'' ସେ କହିଲେ – ''ପ୍ରଥମେ ମୁଁ ଥିଲି ଆର୍ଯ୍ୟସମାଜୀ । ମୋର ଜନ୍ମ ହୋଇଥିଲା ଏକ ଆର୍ଯ୍ୟସମାଜ ପରିବାରରେ । ସଙ୍ଗ ପ୍ରଭାବରେ ଭଗବାନଙ୍କ ଅବତାର, ମନ୍ଦିର ଆଉ ପୂଜାରେ ମୋର ବିଶ୍ୱାସ ନ ଥିଲା । ମୋର କାମ ଥିଲା କସରତ କରିବା, କୁସ୍ତି ଲଢ଼ିବା । ପିଲାଦିନୁ ପିତାମାତାଙ୍କ ନିର୍ଦ୍ଦେଶରେ ସତ କହେ ଓ ବ୍ରହ୍ମଚର୍ଯ୍ୟ ପାଳନ କରେ । ଅସତ୍ କର୍ମରେ ମୋର ପ୍ରବୃତ୍ତି ନ ଥାଏ । ପିତାଙ୍କ ମୃତ୍ୟୁ ପରେ ପରିବାରର ଆବଶ୍ୟକତା ଯୋଗୁଁ ବନାରସରେ ଜଣେ ଶେଠଙ୍କ ଘରେ ଚାକିରି କଲି । ଶେଠଜି ଥିଲେ ଭକ୍ତ । ଘରେ ରାଧାକୃଷ୍ଣ ମୂର୍ତ୍ତି ସ୍ଥାପନା କରି ପୂଜା କରନ୍ତି, ସାଧୁସନ୍ଥ ଆସିଲେ ସେବା କରନ୍ତି । ମୋ ସ୍ୱଭାବର ପରିଚୟ ପାଇବା ପରେ ସେ ମୋତେ ଚାକର ମନେ ନ କରି ତାଙ୍କ ପରିବାରର ଜଣେ ବ୍ୟକ୍ତି ପରି ବ୍ୟବହାର କରିବାକୁ ଲାଗିଲେ । କେତେକ ବର୍ଷ ପରେ କିଛି ପରିମାଣରେ ଘରର ଭାର ମୋ ଉପରେ ଛାଡ଼ିଦେଲେ । ଏପରିକି ତାଙ୍କ ନିଜ ପିଲାଙ୍କୁ ମୁଁ ଶାସନ କରେ, ଧମକାଏ, କେବେ କେବେ ଅନ୍ୟାୟ ଦେଖି ମାଡ଼ଦିଏ । କିନ୍ତୁ ସେଥିରେ ସେ କେବେ ବି ହସ୍ତକ୍ଷେପ କରନ୍ତି ନାହିଁ । ଘରେ ଶ୍ରୀକୃଷ୍ଣଙ୍କ ପୂଜାହୁଏ, କିନ୍ତୁ ମୁଁ କେବେ ବି ମନ୍ଦିରକୁ ଯାଏ ନାହିଁ, ପ୍ରଣାମ କରେ ନାହିଁ, ପ୍ରସାଦ ଦୃଷ୍ଟିରେ ପ୍ରସାଦ ସେବନ କରେ ନାହିଁ । ଦିନେ ଶେଠଜି ଘରେ ନ ଥିଲେ । ତାଙ୍କ ପରିବାରର ଲୋକେ ବି ଜଣେ ବନ୍ଧୁଙ୍କ ଘରକୁ ନିମନ୍ତ୍ରଣରେ ଯାଇଥିଲେ । ଛୋଟ ପୁଅ ସ୍କୁଲକୁ ଯାଇଥିଲା । ମୁଁ ଥିଲି ଘରେ ଏକା । ମିଥ୍ୟା କଥା ଶୁଣିଲେ ମୋର ରାଗହୁଏ । ହଠାତ୍ ଦେଖିଲି ଶେଠଜିଙ୍କ ଛୋଟ ପୁଅ ହାତରେ ବହି ଧରି ସ୍କୁଲରୁ ଆସି ମୋ ଆଗରେ ଛିଡ଼ା ହୋଇଛି । ମୁଁ ପଚାରିଲି, ''ତୁ ସ୍କୁଲରୁ କାହିଁକି ଆସିଲୁ ?'' ସେ ମୋ ଆଡ଼କୁ ଚାହିଁ ହସି ହସି କହିଲା, ''ନା, ମୁଁ ସ୍କୁଲରୁ ଆସି ନାହିଁ ।'' ଏ ମିଥ୍ୟା କଥା ଶୁଣିବା ମାତ୍ରେ ମୋର ରାଗ ହେଲା । ତାକୁ ମାରିବାକୁ ତା' ଆଡ଼କୁ ଦୌଡ଼ିଲି । ମୁଁ ପଛରେ, ସେ ମୋ ଆଗରେ, ଦୌଡ଼ି ଦୌଡ଼ି ଗୋଟିଏ ଘରେ ପଶେ, ମୁଁ ସେ ଘରକୁ ଯିବା ମାତ୍ରେ, ସେ ଘରୁ ବାହାରି ଅନ୍ୟ ଘରକୁ ଦୌଡ଼େ, ମଝିରେ ମଝିରେ ମୋ ଆଡ଼କୁ ଚାହିଁ ହସିଦିଏ, ଫେର୍ ଦୌଡ଼େ । ମୁଁ ଦୌଡ଼ି ଦୌଡ଼ି ହଇରାଣ ହୋଇଯାଏ । ସେ ମିଥ୍ୟା କହିଲା ଓ ମୋତେ ଅତ୍ୟଧିକ ବିରକ୍ତ କଲା । ସେଥିପାଇଁ ମୁଁ ତା' ଉପରେ ଭୀଷଣଭାବେ ରାଗିଗଲି । କିନ୍ତୁ ସେ ଯେତେବେଳେ ବିଜୟ ଗର୍ବରେ ମୋ ଆଡ଼କୁ

ଚାହିଁ ହସି ଦେଉଥିଲା, ସେତେବେଳେ ରାଗରେ ମୋ ହୃଦୟ ଜଳି ଯାଉଥିଲା । ଏହିପରି ଅଧଘଣ୍ଟାଏ କାଳ ଚାଲିଲା । ମୁଁ ଏକେବାରେ ବିବଶ ହୋଇଗଲିଣି । ଶରୀରରୁ ସମସ୍ତ ବଳ ନଷ୍ଟ ହୋଇଗଲା । କି ଦୁଃଖ ! ଜଣେ ପିଲା ପାଖରେ ମୋ ପରି ଜଣେ ପହିଲ୍‌ମାନ୍ ଏକେବାରେ ପରାସ୍ତ ! ମୋର ସମସ୍ତ ଉଦ୍ୟମ ବ୍ୟର୍ଥ ହେବା ପରେ ଶେଷରେ ସେ ମୋ ଆଡ଼କୁ ଚାହିଁ ହସି ହସି ପଛେଇ ଚାଲି ମନ୍ଦିର ଭିତରେ ପ୍ରବେଶ କଲା । ମୋର ଏ ପ୍ରଥମ ଦିନ, ତାକୁ ଧରିବା ପାଇଁ ମୁଁ ମଧ୍ୟ ସେହି ମନ୍ଦିର ଭିତରେ ପ୍ରବେଶ କଲି । କି ଆଶ୍ଚର୍ଯ୍ୟ ! ମୁଁ ପ୍ରତ୍ୟକ୍ଷ ଏବଂ ସ୍ପଷ୍ଟ ଭାବରେ ଦେଖିଲି ସେ ମୃଦୁହାସ୍ୟରେ ତିର୍ଯ୍ୟକ୍ ଦୃଷ୍ଟିରେ ଚାହିଁ ମନ୍ଦିରରେ ଥିବା ଶ୍ରୀକୃଷ୍ଣଙ୍କ ମୂର୍ତ୍ତି ସଙ୍ଗେ ମିଶିଗଲା । ମୁଁ ଅବାକ୍, ମୋର ମନ-ପ୍ରାଣ-ଶରୀର ନିସ୍ତବ୍ଧ, ବିଚାର ନାହିଁ, କଳ୍ପନା ନାହିଁ, ଦୁଇ ଚକ୍ଷୁରୁ ଅଶ୍ରୁଧାରା ପ୍ରବାହିତ ହେବାକୁ ଲାଗିଲା । ଶରୀରରେ ରୋମାଞ୍ଚ ଜାତ ହେଲା । ପରେ କେତେ ସମୟ ପର୍ଯ୍ୟନ୍ତ ସେ ମନ୍ଦିରରେ ପଡ଼ି ରହିଥିଲି ତାହା ମୁଁ ଜାଣେ ନାହିଁ । ଆଖି ଖୋଲି ଦେଖେ ତ ଶେଠଜି ମୋ ପାଖରେ ବସି ପଙ୍ଖା କରୁଛନ୍ତି । ତାଙ୍କ ଆଖିରୁ ଝର ଝର ହୋଇ ଲୋତକ ପଡୁଅଛି । ତାଙ୍କ ପାଖରେ ତାଙ୍କର ସେହି ସାନପୁଅ ସ୍କୁଲରୁ ଆସି କାଠପରି ଛିଡ଼ାହୋଇ ଆମ୍ଭମାନଙ୍କୁ ଟକ୍‌ଟକ୍ କରି ଦେଖୁଅଛି । ମୋର ଏପରି ଅବସ୍ଥାରେ ମନ୍ଦିରରେ ପଡ଼ିରହିବା ତା' ସକାଶେ ଏକେବାରେ ନୂତନ ଏବଂ ବିସ୍ମୟକର ଘଟଣା ଥିଲା । ସେତେବେଳେ ମନ୍ଦିରର ଘଣ୍ଟାରେ ଠନ୍ ଠନ୍ ହୋଇ ଚାରିଟା ବାଜିଲା । ସେତେବେଳକୁ ମୋର ଦୃଷ୍ଟି କେହି ବଦଳାଇ ଦେଇଥିଲା । ଯାହା ଉପରେ ମୋର ଏତେ ରାଗ ଥିଲା, ଯେ ମୋତେ ଏତେ ବିରକ୍ତ କରୁଥିଲା ବୋଲି ମନେ କରିଥିଲି, ତାଙ୍କୁହିଁ ଦେଖୁଛି ଶ୍ରୀକୃଷ୍ଣ ରୂପରେ । ସେ ମୋ ଆଡ଼କୁ କୃପାଦୃଷ୍ଟିରେ ଚାହିଁ ଆନନ୍ଦ ବୃଷ୍ଟି କରୁଛନ୍ତି । କି ସୁନ୍ଦର ସେହି ତ୍ରିଭଙ୍ଗୀ-ମୂର୍ତ୍ତି ! ସେହିଁ ମୋ ହୃଦୟକୁ ଅଧିକାର କରି ନେଇଛନ୍ତି । ସେହିଦିନଠାରୁ ମୋର ଜୀବନର ଧାରା ବଦଳିଯାଇଛି ।''

ପ୍ରଶ୍ନ : ଏହିସବୁ ପ୍ରଶ୍ନର ଉତ୍ତର ଦ୍ୱାରା ଭଗବାନଙ୍କ ଅସ୍ତିତ୍ୱକୁ ମନ ଓ ବୁଦ୍ଧି ସ୍ୱୀକାର କରି ନେଇଛି । ଅଧ୍ୟାତ୍ମ ସାଧନା ଦ୍ୱାରା ବ୍ୟକ୍ତି ଭଗବତ୍ ପ୍ରାପ୍ତି କରି ଶାନ୍ତି, ସନ୍ତୋଷ, ଆନନ୍ଦ ପ୍ରାପ୍ତ କରିପାରିବ ବୋଲି ବିଶ୍ୱାସ ହେଉଅଛି । ଅଧ୍ୟାତ୍ମ-ସତ୍ୟକୁ ଭିତ୍ତି କରି କର୍ମ କରିବା ଦ୍ୱାରା ନିଜ ଜୀବନର ଉନ୍ନତି ମଧ୍ୟ ହୋଇପାରିବ, ଏଥିରେ ସନ୍ଦେହ ନାହିଁ । କିନ୍ତୁ ଶ୍ରୀଅରବିନ୍ଦଙ୍କ ଅତିମାନସ ରୂପାନ୍ତର ଯୋଗରେ ସଂସାରରୁ କିପରି ହିଂସା, ଦ୍ୱେଷ, ଯୁଦ୍ଧ ଇତ୍ୟାଦି ଦୂର ହେବ, ପୃଥିବୀ ସ୍ୱର୍ଗରେ ପରିଣତ ହେବ ? ଏ ବିଷୟ ସ୍ପଷ୍ଟ ରୂପେ ବୁଝିପାରି ନାହିଁ । ପୂର୍ବେ ଅଧ୍ୟାତ୍ମ ଧର୍ମର ପ୍ରବର୍ତ୍ତକ ଆଚାର୍ଯ୍ୟ ତଥା ଅବତାରମାନେ ଆସି ପୃଥିବୀରେ ସ୍ଥାୟିରୂପେ ଅହିଂସା, ଶାନ୍ତି, ଆନନ୍ଦ କାହିଁକି ପ୍ରତିଷ୍ଠା କଲେ ନାହିଁ ? ଏହାର ଉତ୍ତର ଯଦିଓ ଦିଆଯାଇଅଛି ତଥାପି ପୂର୍ଣ୍ଣ ରୂପେ ସନ୍ଦେହ ଦୂର ହୋଇ ନାହିଁ ।

ଉତ୍ତର : ଭଗବାନଙ୍କ ଅବତାର ତଥା ଆଚାର୍ଯ୍ୟମାନେ ପୃଥିବୀକୁ ଆସି ଯେଉଁ ଅଧ୍ୟାତ୍ମ ସତ୍ୟକୁ ପ୍ରତିଷ୍ଠା କଲେ ତାହାଦ୍ୱାରା ସଂସାରରୁ ପୂର୍ଣ୍ଣ ରୂପେ ଦୁଃଖଦ୍ୱନ୍ଦ୍ୱ ନିବୃତ୍ତ ହୋଇ ପାରିଲା ନାହିଁ । କାରଣ ସମସ୍ତ ଦୁର୍ଗୁଣ ଏବଂ ଅନ୍ଧକାର ଅଜ୍ଞାନ ଶକ୍ତିର ଆଶ୍ରୟ ବା ନିବାସ ଅବଚେତନାରେ । ମନର ବିକାଶ ପୂର୍ଣ୍ଣ ରୂପେ ହୋଇ ନ ଥିବାରୁ ଅବତାର ଏବଂ ଆଚାର୍ଯ୍ୟମାନେ ମନର ଊର୍ଦ୍ଧ୍ୱରୁ ଅତିମାନସ ଶକ୍ତିକୁ ଏହି ପୃଥିବୀକୁ ଉତାରି ଆଣି ନ ଥିଲେ କିଂବା ତାହାଦ୍ୱାରା ଅବଚେତନାକୁ ରୂପାନ୍ତର କରିବାକୁ ଚେଷ୍ଟା କରି ନ ଥିଲେ । ତା'ର ସମୟ ମଧ୍ୟ ଆସି ନ ଥିଲା । ସେମାନଙ୍କ ଉପସ୍ଥିତି ସମୟରେ ସେମାନଙ୍କ ଅଧ୍ୟାତ୍ମ-ଶକ୍ତି ପ୍ରଭାବରେ ଅଜ୍ଞାନ ଶକ୍ତି କିଛି ପରିମାଣରେ ମଥାନତ କରି ରହିଥିଲା । ସମୟ ପାଇ କ୍ରମଶଃ ଉପରକୁ ଉଠି ପ୍ରତିଷ୍ଠିତ ଅଧ୍ୟାତ୍ମ-ସତ୍ୟକୁ ସ୍ଥାନଚ୍ୟୁତ କଲା । ବରାବର ଆଜି ସୁଦ୍ଧା ଏହିପରି ହୋଇ ଆସୁଅଛି ।

ବର୍ତ୍ତମାନ ଅବଚେତନା ରୂପାନ୍ତରର ସମୟ ଆସିଛି । ମନ ବିକାଶର ଶେଷ ସୀମାରେ ପହଞ୍ଚିଥିବାରୁ ଅତିମାନସ ଶକ୍ତି ଏହି ପୃଥିବୀରେ ଅବତରଣ କରିଛି । ତାହାଦ୍ୱାରା ମା' ଅବଚେତନାର ରୂପାନ୍ତର କାର୍ଯ୍ୟ କରୁଅଛନ୍ତି । ବ୍ୟକ୍ତି ଏହି ଅତିମାନସ ଶକ୍ତି ପ୍ରତି ନିଜକୁ ସମର୍ପଣ କଲେ ତଦ୍ଦ୍ୱାରା ତା'ର ମନ, ପ୍ରାଣ, ଶରୀର ଦିବ୍ୟ ତତ୍ତ୍ୱରେ ରୂପାନ୍ତର ହେବ । ସେ ରୋଗ, ଜରା, ମୃତ୍ୟୁରୁ ମୁକ୍ତ ହୋଇ ଭଗବାନଙ୍କ ସହିତ ଏକତ୍ୱ ପ୍ରାପ୍ତ କରିବ ଏବଂ ଭଗବାନଙ୍କ ସଂକଳ୍ପରେ ପରିଚାଳିତ ହେବ । ଭଗବାନଙ୍କ ଦିବ୍ୟଗୁଣ — ଜ୍ଞାନ, ଆନନ୍ଦ, ଭକ୍ତି, ପରମ ଶାନ୍ତି, ସମତା ମଧ୍ୟରେ ସେ ପ୍ରତିଷ୍ଠିତ ହେବ । ଅତିମାନସ ଶକ୍ତି ଦ୍ୱାରା ରୂପାନ୍ତର କାର୍ଯ୍ୟ ସମ୍ପାଦନ ହେବା ଅନୁପାତରେ କ୍ରମଶଃ ସଂସାରରୁ ଅନ୍ୟାୟ, ଅସତ୍ୟ,

ହିଂସାଦ୍ୱେଷ ଦୂର ହେବ; ଦେଶସେବା, ସମାଜ-ଗଠନ କର୍ମ ହେବ ଯଥାର୍ଥ ନିଃସ୍ୱାର୍ଥ ଭଗବତ୍ ସେବା ରୂପେ । କାରଣ ସେତେବେଳେ ସଂସାରର ପ୍ରଧାନ କର୍ମୀମାନେ ସୀମିତ ମନ ଦ୍ୱାରା ପରିଚାଳିତ ନ ହୋଇ ଅତିମାନସ ଶକ୍ତି ଦ୍ୱାରା ପରିଚାଳିତ ହେବେ । ତେବେ ଜୀବନ ହୋଇଉଠିବ ଆନନ୍ଦମୟ ଏବଂ ସଂସାର ହୋଇଉଠିବ ସ୍ୱର୍ଗ । ଏହା ସାଧିତ ହେବ ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗ ସାଧନା ଦ୍ୱାରା ।

ଜୀବିକାନିର୍ବାହ ତଥା ଜୀବନର ଉନ୍ନତି ପାଇଁ ପ୍ରତ୍ୟେକ ବ୍ୟକ୍ତିର ଖାଦ୍ୟ, ବସ୍ତ୍ର, ଶିକ୍ଷା ଇତ୍ୟାଦି ଯେପରି ଆବଶ୍ୟକ ସେହିପରି ଅଥବା ତା'ଠାରୁ ଅଧିକ ଆବଶ୍ୟକ ଯୋଗ । ଯୋଗବିହୀନ ଜୀବନ ଅପୂର୍ଣ୍ଣ ତଥା ଦୁଃଖଦ୍ୱନ୍ଦ୍ୱ ଓ ଅଜ୍ଞାନ ଦ୍ୱାରା ପ୍ରପୀଡ଼ିତ ।

ପ୍ରଶ୍ନ : ଯଦି ସବୁକିଛି ଭଗବାନଙ୍କୁ ଅର୍ପଣ କରିଦିଆଯାଏ, ତେବେ ତାହା କ'ଣ ଗୋଟାଏ ପ୍ରକାର ପରତନ୍ତ୍ରତା ନୁହେଁ ?

ଉତ୍ତର : ସ୍ୱତନ୍ତ୍ର ଯଦି କେହି ଥାଏ, ତେବେ ସେ ପରତନ୍ତ୍ରତା କଥା କହିପାରେ । ଆମ୍ଭେମାନେ ସମସ୍ତେ ଅନ୍ୟଶକ୍ତିର ଯନ୍ତ୍ର, ଆମ୍ଭ ଇଚ୍ଛା ବିରୋଧରେ ଅଧିକାଂଶ କାର୍ଯ୍ୟ ହୁଏ ଯାହାକୁ ଆମେ ନ ଚାହୁଁ । ଆମେ ଚାହୁଁ ଆନନ୍ଦ, ସୁଖ, ଶାନ୍ତି, ସ୍ୱାସ୍ଥ୍ୟ, ଯୌବନ ଓ ଜୀବନ; କିନ୍ତୁ ମିଳେ ରୋଗ, ଦୁଃଖ, ଅଶାନ୍ତି, ବାର୍ଦ୍ଧକ୍ୟ ଓ ମୃତ୍ୟୁ । ଅନେକ ସମୟରେ ବ୍ୟକ୍ତି କ୍ରୋଧଯୁକ୍ତ ହୋଇ କହେ, ''ମୁଁ ସ୍ୱଭାବତଃ ସ୍ୱତନ୍ତ୍ର, ଅନ୍ୟର ଅଧୀନତା ମୁଁ ବରଦାସ୍ତ କରିପାରିବି ନାହିଁ ।'' କିନ୍ତୁ ସେ ସେହି ସମୟରେ କ୍ରୋଧର କବଳରେ କବଳିତ ହୋଇ ଏହା କହୁଛି ବୋଲି ବୁଝି ପାରେ ନାହିଁ । ଆମ୍ଭେମାନେ କାମକ୍ରୋଧ, ହିଂସାଦ୍ୱେଷ, ସ୍ୱାର୍ଥଅହଂର ଅଧୀନ ହୋଇ ନିଜର ଯଥାର୍ଥ ସ୍ୱରୂପ – ସତ୍-ଚିତ୍-ଆନନ୍ଦ ସ୍ୱରୂପ ପରମାତ୍ମାଙ୍କ ଅଂଶ ବୋଲି ଭୁଲିଯାଇଅଛୁ । ମାୟାରେ ମୋହିତ ହୋଇ ଅହଂକାରକୁ ମନେକରୁ ନିଜର ବ୍ୟକ୍ତିତ୍ୱ । ସେଥିପାଇଁ ନିଜକୁ ଭୁଲ୍ ବୁଝୁ ଆଉ ପରାଧୀନତାକୁ କହୁ ସ୍ୱାଧୀନତା । ଏହି ଭ୍ରମ ଧାରଣା ଦୂର ହୁଏ ଭଗବତ୍ ଭକ୍ତି ଅଥବା ଜ୍ଞାନ ପ୍ରାପ୍ତିରେ । ପ୍ରକୃତରେ ନିଜକୁ ଭଗବାନଙ୍କୁ ଦେଇଦେବାର ଅର୍ଥ ନିଜକୁ ପାଇବା । ସମର୍ପଣର ଅର୍ଥ ଅଧୀନ ହେବା ନୁହେଁ, ଅହଂକାର, କାମ, କ୍ରୋଧ, ମୋହ, ମଦ, ମତ୍ସର, ହିଂସା ଆଦି ବିଦେଶୀ ଶକ୍ତିମାନଙ୍କ ଅଧୀନରୁ ମୁକ୍ତି ପାଇବା । ଭଗବାନ୍ ବିଦେଶୀ ନୁହନ୍ତି, ଆମର ଶୁଦ୍ଧ ସତ୍ତା । ଭଗବାନହିଁ ଏସବୁ ଆବରଣକୁ ସ୍ୱୀକାର କରି ବହୁରୂପେ ଶରୀର ଧାରଣ କରିଅଛନ୍ତି । ଯଥାର୍ଥ ସ୍ୱତନ୍ତ୍ରତା ମିଳେ ଯୋଗସାଧନାରେ । ଏହା ପ୍ରତ୍ୟେକ ବ୍ୟକ୍ତିର ଆବଶ୍ୟକ ।

ପ୍ରଶ୍ନ : ଆମ୍ଭେମାନେ ଆଜି ପର୍ଯ୍ୟନ୍ତ ବୁଝିଥିଲୁ ଯେ ଯୋଗ କେବଳ ସନ୍ନ୍ୟାସୀମାନଙ୍କ ସକାଶେ, କିନ୍ତୁ ତାହା ନୁହେଁ, ପ୍ରତ୍ୟେକ ବ୍ୟକ୍ତି ପାଇଁ ଯୋଗ ଅନିବାର୍ଯ୍ୟ । ଯୋଗ ଦ୍ୱାରା ଜୀବନ ପୂର୍ଣ୍ଣ ହୁଏ । ତେବେ ତା'ର ସାଧନ ପ୍ରଣାଳୀ କ'ଣ ? ସ୍ପଷ୍ଟଭାବେ ବୁଝାଇ ଦିଅନ୍ତୁ ।

ଉତ୍ତର : ତାହାର ପ୍ରଣାଳୀ ହେଲା – ଭଗବାନଙ୍କ ଚରଣରେ ନିଜେ ଓ ନିଜର ସମଗ୍ର ସତ୍ତା, ମନ, ପ୍ରାଣ, ଶରୀରର ପୂର୍ଣ୍ଣ ସମର୍ପଣ, ଅଭୀପ୍ସା ଏବଂ ପ୍ରତିକୂଳ ବସ୍ତୁର ତ୍ୟାଗ । କିନ୍ତୁ ଏହା ସଙ୍ଗେ ସଙ୍ଗେ ଜୀବନର ଯଥାର୍ଥ ଲକ୍ଷ୍ୟ ଜାଣିବା ଆବଶ୍ୟକ । କାରଣ ମନୁଷ୍ୟ ଜୀବନର ଏକ ମାତ୍ର ଲକ୍ଷ୍ୟ ଭଗବତ୍ ପ୍ରାପ୍ତି; କିନ୍ତୁ ପୁରାତନ ଯୋଗସମୂହ ଏବଂ ବ୍ୟକ୍ତିର ସ୍ୱଭାବ ଓ ସମୟ ଅନୁଯାୟୀ ଜୀବନର ଲକ୍ଷ୍ୟ ଏବଂ ଲକ୍ଷ୍ୟପ୍ରାପ୍ତିର ପ୍ରଣାଳୀ ଭିନ୍ନ ଭିନ୍ନ ରୂପେ ନିରୂପିତ ହୋଇଅଛି । ସୁତରାଂ ବର୍ତ୍ତମାନ ମନୁଷ୍ୟର ଯେଉଁ ବିକାଶ ହୋଇଅଛି ସେଥିସକାଶେ ଯଥାର୍ଥ ଲକ୍ଷ୍ୟ କ'ଣ ?

## (୨)

## ଲକ୍ଷ୍ୟ

ପ୍ରଶ୍ନ : ପୁରାତନ ଯୋଗର ଲକ୍ଷ୍ୟ, ଶ୍ରୀଅରବିନ୍ଦଙ୍କ ଯୋଗର ଲକ୍ଷ୍ୟ ମଧ୍ୟରେ ପ୍ରଭେଦ କ'ଣ ?

ଉତ୍ତର : ପୁରାତନ ସମସ୍ତ ଯୋଗର ଲକ୍ଷ୍ୟ ଥିଲା, ସଂସାର, ଶରୀର, କର୍ମ, ସମସ୍ତ ତ୍ୟାଗ, ମୁକ୍ତି ବା ନିର୍ବାଣ

ଅଥବା ଭଗବତ୍ ପ୍ରାପ୍ତି । ଶ୍ରୀଅରବିନ୍ଦଙ୍କ ଯୋଗର ଲକ୍ଷ୍ୟ ମନ-ପ୍ରାଣ-ଶରୀରକୁ ତା'ର ମୂଳ ଦିବ୍ୟ-ତତ୍ତ୍ୱରେ ରୂପାନ୍ତର । ରୂପାନ୍ତରିତ ବ୍ୟକ୍ତି ମୃତ୍ୟୁ, ଜରା, ରୋଗ ଅଧୀନରୁ ପୂର୍ଣ୍ଣତଃ ମୁକ୍ତ; ଏବଂ ସମଗ୍ର ସତ୍ତାରେ ଭଗବାନଙ୍କ ସଙ୍ଗେ ଏକତ୍ୱ ପ୍ରାପ୍ତ ହେବା ସତ୍ତ୍ୱେ ଭଗବାନଙ୍କ ଯନ୍ତ୍ର ।

ପୁରାତନ ଯୋଗିଗଣ ଜୀବନ ତଥା ସଂସାର ତ୍ୟାଗ କରି ମୃତ୍ୟୁ ପରେ ନିର୍ବାଣ କୈବଲ୍ୟ ମୁକ୍ତି ପ୍ରାପ୍ତି ଅଥବା ଦିବ୍ୟ ସ୍ୱରୂପରେ ଗୋଲୋକ, ସାକେତ, ବୈକୁଣ୍ଠ, କୈଳାସରେ ଭଗବତ୍ ପ୍ରାପ୍ତି କରୁଥିଲେ । କିନ୍ତୁ ସଂସାରରେ ଥିବା ବ୍ୟକ୍ତି ଦୁଃଖକଷ୍ଟ ତଥା ଦ୍ୱନ୍ଦ୍ୱ ଭୋଗ କରୁଥିଲେ । ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗର ସାଧକର ଏହି ଭୌତିକ, ନଶ୍ୱର, ଜଡ଼-ଶରୀର, ମନ ଓ ପ୍ରାଣ ତା'ର ମୂଳ ଦିବ୍ୟତତ୍ତ୍ୱରେ ରୂପାନ୍ତର ହେବ ଏବଂ ସେ ଜରା-ରୋଗ-ମୃତ୍ୟୁରୁ ମୁକ୍ତ ହେବ । ସେ ମନ-ପ୍ରାଣ ଦ୍ୱାରା ପରିଚାଳିତ ନ ହୋଇ ପୂର୍ଣ୍ଣତଃ ଭଗବାନଙ୍କ ସଂକଳ୍ପ ଦ୍ୱାରା ପରିଚାଳିତ ହେବ । ସେ ହେବ ଭଗବାନଙ୍କ ଯନ୍ତ୍ର । ଯେଉଁମାନେ ସାଧନା କରିବେ ସେମାନେ ବର୍ତ୍ତମାନର ସଂକୁଚିତ ସୀମିତ ଅବସ୍ଥାକୁ ଅତିକ୍ରମ କରି ଉନ୍ନତତର ଅବସ୍ଥାକୁ ପ୍ରାପ୍ତ ହେବେ । ସଂସାର ହେବ ସ୍ୱର୍ଗ ।

ପୁରାତନ ଯୋଗରେ ଶରୀର ଓ ସଂସାରକୁ ତ୍ୟାଗ କରି ବ୍ୟକ୍ତିଗତ ମୁକ୍ତି ଲାଭ କରାଯାଉଥିଲା । କିନ୍ତୁ ଶ୍ରୀଅରବିନ୍ଦଙ୍କ ଯୋଗରେ ଶରୀର ତ୍ୟାଗ ନ କରି ଶରୀରକୁ ଚିନ୍ମୟ ତତ୍ତ୍ୱରେ ରୂପାନ୍ତର କରାହେବ, ଏହି ସଂସାରରେ ଭଗବାନଙ୍କୁ ପ୍ରକଟ କରାହେବ, ସଂସାର ହେବ ସ୍ୱର୍ଗ — ଏହାହିଁ ପୁରାତନ ଓ ଶ୍ରୀଅରବିନ୍ଦଙ୍କ ଯୋଗ ମଧ୍ୟରେ ପାର୍ଥକ୍ୟ ।

ପ୍ରଶ୍ନ : ପୁରାତନ ଯୋଗ ଓ ଶ୍ରୀଅରବିନ୍ଦଙ୍କ ଯୋଗ ମଧ୍ୟରେ ଯେଉଁ ପାର୍ଥକ୍ୟ କହିଲେ ତାହା କ୍ରିୟାତ୍ମକ ରୂପେ ଦୃଷ୍ଟିଗୋଚର ହେଉ ନାହିଁ । ପୁରାତନ ଯୋଗର ସାଧକମାନେ ଘରସଂସାର, ଭୋଗବିଳାସ, ସବୁ ତ୍ୟାଗ କରି ଜଙ୍ଗଲରେ ଏକାନ୍ତରେ ସାଧନା କରୁଥିଲେ କିଂବା ସଂସାରରୁ ପୃଥକ୍ ରହି ସାମୂହିକ ଭାବେ କେତେକ ବ୍ୟକ୍ତି କୌଣସି ଆଶ୍ରମରେ ରହି ସାଧନା କରୁଥିଲେ । ଶ୍ରୀଅରବିନ୍ଦଙ୍କ ଯୋଗରେ ଠିକ୍ ସେହିପରି ବ୍ୟକ୍ତି ଘର ପରିବାର ଛାଡ଼ି ସେମାନଙ୍କଠାରୁ ସମ୍ବନ୍ଧ ତୁଟାଇ ଆଶ୍ରମରେ ରହି ସାଧନା କରୁଅଛନ୍ତି । ଯେଉଁମାନେ ଘର ପରିବାର ତ୍ୟାଗ କରି ପାରୁ ନାହାନ୍ତି ସେମାନେ ସମାଜରେ ରହି ଯଦିଓ ସାଧନା କରୁଛନ୍ତି, ତଥାପି ଲକ୍ଷ୍ୟପ୍ରାପ୍ତିର ତତ୍ତ୍ୱ ଉଭୟଙ୍କ ପାଇଁ ସମାନ । ସଂସାର ସମ୍ବନ୍ଧ ସ୍ଥୂଳ ରୂପେ ତ୍ୟାଗ ନ କଲେ ମଧ୍ୟ ଅନ୍ତରରେ ନିର୍ଲିପ୍ତ ରହିବା ଅନିବାର୍ଯ୍ୟ । ଅନ୍ୟଥା ଲକ୍ଷ୍ୟପ୍ରାପ୍ତି ଅସମ୍ଭବ ।

ପୁରାତନ ଯୋଗରେ ଭିନ୍ନ ଭିନ୍ନ ସ୍ଥାନରେ ମଠ ଥିଲା, ଭାଗବତ ଟୁଙ୍ଗି ଥିଲା, କୀର୍ତ୍ତନମଣ୍ଡଳୀ ଥିଲା । ସେଠାରେ ସନ୍ଧ୍ୟା ସମୟରେ ବ୍ୟକ୍ତି ଏକତ୍ର ହୋଇ ଭଗବତ୍ ଚର୍ଚ୍ଚା କରୁଥିଲେ । ଶ୍ରୀଅରବିନ୍ଦଙ୍କ ଯୋଗରେ ପାଠଚକ୍ର ହେଉଅଛି, ଏହା ନୂତନ ନାମରେ ପୁରାତନ ସଂସ୍ଥା । ପୁଣି ପୁରାତନ ଯୋଗଠାରୁ ଶ୍ରୀଅରବିନ୍ଦଙ୍କ ଯୋଗର ପାର୍ଥକ୍ୟ କେଉଁଠି ?

ପୁରାତନ ଯୋଗରେ ମହାତ୍ମାଗଣ ଭ୍ରମଣ କରି ବ୍ୟକ୍ତିକୁ ସଦୁପଦେଶ ଦେଉଥିଲେ କିଂବା ବ୍ୟକ୍ତି ମହାତ୍ମାମାନଙ୍କ ଆଶ୍ରମକୁ ଯାଇ ସେମାନଙ୍କୁ ଦର୍ଶନ କରୁଥିଲେ ଓ ସଦୁପଦେଶ ଗ୍ରହଣ କରୁଥିଲେ । ଠିକ୍ ଏହିପରି ଶ୍ରୀଅରବିନ୍ଦଙ୍କ ଯୋଗରେ ମଧ୍ୟ ଦେଖାଯାଏ । ଏଥିରେ ପାର୍ଥକ୍ୟ କେଉଁଠି ?

ଉତ୍ତର : ଲୁହାରେ ସୁନେଲି ରଙ୍ଗ ଦେଇ ଚକ୍‌ଚକ୍ କରିବାକୁ ହେବ ଅଥବା ପରଶମଣି ସ୍ପର୍ଶରେ ସୁବର୍ଣ୍ଣରେ ପରିଣତ କରିବାକୁ ହେଉ, ଏହି ଉଭୟ କାର୍ଯ୍ୟରେ କଳଙ୍କ ଛଡ଼ାଇବାକୁ ହୁଏ; କଳଙ୍କି ଯେପରି ସୁନେଲି ରଙ୍ଗ ଧରେ ନାହିଁ, ସେହିପରି ପରଶମଣିର ସ୍ପର୍ଶ ଦ୍ୱାରା ସୁବର୍ଣ୍ଣରେ ପରିଣତ ହୁଏ ନାହିଁ । ସେହିପରି ମଣିଷ ଅଜ୍ଞାନତା ତ୍ୟାଗ ନ କଲେ ସେ ଶରୀର ତ୍ୟାଗ କରି ମୁକ୍ତି ଲାଭ କରିପାରେ ନାହିଁ, କିଂବା ଶ୍ରୀଅରବିନ୍ଦଙ୍କ ଯୋଗରେ ଅତିମାନସ ଶକ୍ତି ଦ୍ୱାରା ତା'ର ମନ-ପ୍ରାଣ-ଶରୀର ଚିନ୍ମୟ ତତ୍ତ୍ୱରେ ରୂପାନ୍ତରିତ ହୁଏ ନାହିଁ । ଆସକ୍ତି, ଅଜ୍ଞାନତା, ବାସନା-କାମନା, ଭୋଗ-ବିଳାସ ସହିତ ଦିବ୍ୟଜ୍ଞାନ, ଦିବ୍ୟଜ୍ୟୋତିଃ, ଦିବ୍ୟାନନ୍ଦ ପ୍ରଭୃତି କୌଣସି ଯୋଗରେ କେବେ ବି ଏକ ସଙ୍ଗରେ ରହେ ନାହିଁ । ଅନ୍ଧକାର ଓ ଆଲୋକ ଯେପରି ଏକ ସଙ୍ଗେ ରହିପାରେ ନାହିଁ, ସେହିପରି ପିତାମାତା, ଭାଇବନ୍ଧୁ, ସ୍ତ୍ରୀପୁତ୍ର ପ୍ରତି ମୋହ, ଆସକ୍ତି ତଥା ଜାଗତିକ ସମ୍ବନ୍ଧ ଏବଂ ଜ୍ଞାନ, ଆନନ୍ଦ ଓ ପ୍ରେମର ମୂର୍ତ୍ତିମାନ୍ ବିଗ୍ରହ ଭଗବତ୍ ପ୍ରାପ୍ତି, ଏହା ଏକସଙ୍ଗେ ହୋଇପାରେ ନାହିଁ । ପୁରାତନ ଯୋଗର ମୁକ୍ତିମାର୍ଗ ହେଉ ଅଥବା ଶ୍ରୀଅରବିନ୍ଦଙ୍କ ଯୋଗର ରୂପାନ୍ତର ସାଧନ

ହେଉ, ଉଭୟରେ ଅଜ୍ଞାନତା ତଥା ସକଳ ପ୍ରକାର ଅଜ୍ଞାନପ୍ରସୂତ ଗତିବୃତ୍ତିକୁ ତ୍ୟାଗ କରିବା ଅପରିହାର୍ଯ୍ୟ । ବ୍ୟକ୍ତି ଗୃହରେ ରହି ସାଧନା କରୁ, ଅଥବା ଗୃହତ୍ୟାଗ କରି ସାଧନା କରୁ, ଉଭୟ ଅବସ୍ଥାରେ କାମନାବାସନା, ମୋହ, ଆସକ୍ତି ପ୍ରଭୃତିକୁ ତ୍ୟାଗ କରିବାକୁ ହୁଏ । ପୁରାତନ ଯୋଗ ଓ ଶ୍ରୀଅରବିନ୍ଦଙ୍କ ଯୋଗ ମଧ୍ୟରେ ଅଜ୍ଞାନତା ଓ ପ୍ରତିକୂଳ ବସ୍ତୁର ତ୍ୟାଗ ବହୁ ଅଂଶରେ ସମାନ ଥିବା ସତ୍ତ୍ୱେ ଏହି ତ୍ୟାଗର ଉପଯୋଗିତା ଦୃଷ୍ଟିରୁ ଏକଠାରୁ ଅନ୍ୟଟି ସମ୍ପୂର୍ଣ୍ଣ ବିପରୀତ । ଯେପରି ଜଣେ ବ୍ୟକ୍ତି ନଦୀରେ ପ୍ରାଣ ବିସର୍ଜନ କରିବାକୁ ଅଗାଧ ଜଳରେ ଡେଇଁପଡ଼େ; ଆଉ ଜଣେ ବ୍ୟକ୍ତି ବୁଡ଼ି ଯାଉଥିବା ବ୍ୟକ୍ତିକୁ ଉଦ୍ଧାର କରିବାକୁ ସେହି ଜଳରେ ଡେଇଁପଡ଼େ; ଏହି ଦୁଇଜଣଙ୍କ କ୍ରିୟା ବା କର୍ମ ଏକ ପ୍ରକାର ପ୍ରତୀତ ହେଲେ ମଧ୍ୟ ପରିଣାମ ଏକେବାରେ ବିପରୀତ; ଠିକ୍ ସେହିପରି ପୁରାତନ ଯୋଗ ଏବଂ ଶ୍ରୀଅରବିନ୍ଦଙ୍କ ଯୋଗରେ ତ୍ୟାଗ ସମାନ ଥିବା ସତ୍ତ୍ୱେ ପରିଣାମ ପୂର୍ଣ୍ଣତଃ ଭିନ୍ନ । ପୁରାତନ ସକଳ ଯୋଗୀ ଅଜ୍ଞାନର ତ୍ୟାଗ ସହିତ ତା'ର ପଶ୍ଚାତରେ ବା ତା'ର ମୂଳରେ ଥିବା ଜ୍ଞାନକୁ ତ୍ୟାଗ କରିଅଛନ୍ତି । ଶ୍ରୀଅରବିନ୍ଦଙ୍କ ଯୋଗର ସାଧକ ଅଜ୍ଞାନକୁ ତ୍ୟାଗ କରି ତା ପଶ୍ଚାତରେ ଥିବା ଜ୍ଞାନକୁ ଆବିଷ୍କାର କରିଅଛନ୍ତି । ଆଚାର୍ଯ୍ୟ ଶଙ୍କର ଜଗତକୁ ଓ ଶରୀରକୁ ମାୟା କହି ତ୍ୟାଗ କରିଅଛନ୍ତି; ଅନ୍ୟାନ୍ୟ ଆଚାର୍ଯ୍ୟମାନେ ଜଗତକୁ ସତ୍ୟ କହି ମଧ୍ୟ ଜଗତ ଓ ଶରୀରକୁ ତ୍ୟାଗ କରିଅଛନ୍ତି । ସମସ୍ତ ପୁରାତନ ଯୋଗର ସିଦ୍ଧାନ୍ତ ମଧ୍ୟରେ ପରସ୍ପର ଅସାମଞ୍ଜସ୍ୟ ପରିଲକ୍ଷିତ ହେଉଥିଲେ ବି ସଂସାର ଓ ଶରୀର ତ୍ୟାଗ ଦୃଷ୍ଟିରୁ ସକଳ ସମାନ । ସେମାନେ ଅଜ୍ଞାନ ସ୍ୱରୂପ ଏହି ଦୃଶ୍ୟମାନ ସଂସାର ଓ ଶରୀରର ତ୍ୟାଗ ସହିତ ତା'ର ପଶ୍ଚାତରେ ଥିବା ପରମ ସତ୍ୟ, ସୃଷ୍ଟିର ରହସ୍ୟ, ଶରୀରର ଦିବ୍ୟ-ତତ୍ତ୍ୱରେ ରୂପାନ୍ତର, ପୃଥିବୀର ସ୍ୱର୍ଗରେ ପରିଣତ, ଭଗବାନଙ୍କର ଏହି ସ୍ଥୂଳ ଜଗତରେ ଅଭିବ୍ୟକ୍ତି – ଏହି ସତ୍ୟକୁ ସେମାନେ ତ୍ୟାଗ କରିଅଛନ୍ତି ଅର୍ଥାତ୍ ଆବିଷ୍କାର କରି ନାହାନ୍ତି । ଏହା ଶ୍ରୀଅରବିନ୍ଦଙ୍କ ଦ୍ୱାରା ଆବିଷ୍କୃତ ହୋଇଅଛି । ଅତଏବ ଶ୍ରୀଅରବିନ୍ଦଙ୍କ ଯୋଗ, ଶ୍ରୀଅରବିନ୍ଦ ଆଶ୍ରମ ତଥା ବାହାରର ଶ୍ରୀଅରବିନ୍ଦ ପାଠଚକ୍ର ପୁରାତନ ସଂସ୍କାର ନୂତନ ନାମ ନୁହେଁ, ଏକେବାରେ ପ୍ରାରମ୍ଭରୁ ଶେଷ ପର୍ଯ୍ୟନ୍ତ ନୂତନ ଏବଂ ମନୁଷ୍ୟ ଜୀବନର ପୂର୍ଣ୍ଣୋପଯୋଗୀ ।

ପ୍ରଶ୍ନ : ଅଦ୍ୱୈତବାଦର ଆଚାର୍ଯ୍ୟ ଶଙ୍କର ଜଗତକୁ ଏକେବାରେ ମିଥ୍ୟା, ମାୟା କହି ନାହାନ୍ତି, ସେ କହିଛନ୍ତି, ଦୃଶ୍ୟମାନ ବୈଚିତ୍ର୍ୟ,– ବିଭିନ୍ନ ବ୍ୟକ୍ତି, ମନୁଷ୍ୟ, ପଶୁ ଇତ୍ୟାଦି ଏହି ଯେଉଁ ପୃଥକ୍ ରୂପ – ଏହିସବୁ ମିଥ୍ୟା । ଏହାର ପଶ୍ଚାତ୍‌ରେ ରହିଅଛି ଏକ ଅଖଣ୍ଡ ସତ୍ୟସତ୍ତା । ଆଚାର୍ଯ୍ୟ ଶଙ୍କର ବିଭିନ୍ନ ସ୍ଥାନରେ ଜଗତକୁ 'ମାୟା' ବୋଲି ଯେଉଁ ଶବ୍ଦ ପ୍ରୟୋଗ କରିଛନ୍ତି ତାହା ତାଙ୍କର ସିଦ୍ଧାନ୍ତ ନୁହେଁ । 'ମାୟା' ପ୍ରସଙ୍ଗ ଅନୁରୂପ ଶବ୍ଦ, ଦୃଶ୍ୟମାନ ବସ୍ତୁ 'ମାୟା' ଅର୍ଥରେ ପ୍ରୟୋଗ କରିଅଛନ୍ତି । ଯେପରି ସେ ଗଙ୍ଗା, କାଶୀ, ଶ୍ରୀରାମଙ୍କୁ ବନ୍ଦନା କରିଅଛନ୍ତି । ବନ୍ଦନା ବା ଭକ୍ତି ଅନ୍ୟକୁ କରାହୁଏ । ଦୁଇ ବ୍ୟକ୍ତି ହେଲେ ସିଦ୍ଧାନ୍ତ ହେଲା ଦ୍ୱୈତ । ଏହା ଶ୍ରୀଶଙ୍କରଙ୍କ ସିଦ୍ଧାନ୍ତ ନୁହେଁ । ସେହି ବନ୍ଦନାକୁ ନେଇ ଯେପରି ତାଙ୍କ ସିଦ୍ଧାନ୍ତକୁ 'ଦ୍ୱୈତ' ସିଦ୍ଧ କରାଯାଏ ନାହିଁ ସେହିପରି ତାଙ୍କ 'ମାୟା' ଶବ୍ଦର ଅର୍ଥରେ ଜଗତକୁ ଏକେବାରେ ମାୟା କୁହାଯାଇପାରେ ନାହିଁ ।

ଉତ୍ତର : ଆଚାର୍ଯ୍ୟ ଶଙ୍କରଙ୍କ କେତେକ ଅନୁଗାମୀମାନେ 'ମାୟା' ଶବ୍ଦର ଅର୍ଥ ସଂସାର ଏକେବାରେ ମିଥ୍ୟାମାୟା, ସ୍ୱପ୍ନ, ତ୍ରିକାଳରେ ଅସତ୍ୟ ବୋଲି କହନ୍ତି । ସେମାନେ କହନ୍ତି ସଂସାର ତ୍ରିକାଳରେ ଅସତ୍ୟ; ପୂର୍ବେ ନ ଥିଲା, ବର୍ତ୍ତମାନ ନାହିଁ, ଭବିଷ୍ୟତରେ ରହିବ ନାହିଁ । ଏହି ବ୍ୟାଖ୍ୟାର ଭିତ୍ତି, ଶଙ୍କର-ଭାଷ୍ୟର ଆଧାର ହେଉଛି, ''ରଜ୍ଜୁ ସର୍ପବତ୍, ମୃଗତୃଷ୍ଣା ଜଳବତ୍, ଶୁକ୍ତିକା ରଜତବତ୍ ।'' ଅର୍ଥାତ୍, ଦୌଡ଼ି ସର୍ପ ନୁହେଁ, ରାତ୍ରିରେ ସର୍ପର ଭ୍ରମ ହୁଏ; ମୃଗତୃଷ୍ଣାରେ କସ୍ମିନ୍‌କାଳେ ଜଳ ନ ଥାଏ, କିନ୍ତୁ ଭ୍ରମରେ ଜଳ ପ୍ରତୀତ ହୁଏ; ସିପି ବା ଶାମୁକା ରୁପା ନୁହେଁ, ସେଥିରେ ଶିଶିରବିନ୍ଦୁ ରୁପା ସଦୃଶ ମିଥ୍ୟା ପ୍ରତୀତ ହୁଏ । ଅତଏବ ଏହି ଯେଉଁ ସଂସାର,– ମନୁଷ୍ୟ, ପଶୁ, ପକ୍ଷୀ, ଗଛ, ଲତା ଆଦି ଦୃଷ୍ଟିଗୋଚର ହେଉଛି ତାହାସବୁ ମିଥ୍ୟା, ମାୟା ଭ୍ରମ ।

ଶଙ୍କରଙ୍କର ଆଉ କେତେକ ଅନୁଗାମୀ କୁହନ୍ତି, ଦୃଶ୍ୟମାନ ବସ୍ତୁ ଆପାତତଃ ପ୍ରତୀୟମାନ, ବ୍ୟାବହାରିକ ସତ୍ୟ, କିନ୍ତୁ ଯଥାର୍ଥରେ ଏହା ମିଥ୍ୟା । ଏହା ପଶ୍ଚାତରେ ଏକ ଅଖଣ୍ଡ, ଅଦ୍ୱିତୀୟ ସତ୍ୟ, ନିରାକାର, ନିର୍ଲିପ୍ତ ସତ୍ତା

ବିଦ୍ୟମାନ । ଏହି ଦୁଇ ଉକ୍ତିରେ ପ୍ରଭେଦ ଅଛି କି ନାହିଁ ? ଯଦି ଥାଏ ତାହାର ସୂକ୍ଷ୍ମତା କ'ଣ ? ଏଠାରେ ତାହା ଆଲୋଚ୍ୟ ବିଷୟ ନୁହେଁ, ତା'ର ପ୍ରୟୋଜନ ମଧ୍ୟ ନାହିଁ । କାରଣ ଶଙ୍କରଙ୍କ ସିଦ୍ଧାନ୍ତ ଯାହା ହେଉନା କାହିଁକି, ସେ ପ୍ରତ୍ୟକ୍ଷ ଭାବେ ଶରୀର ତ୍ୟାଗ କରିଛନ୍ତି, ସଂସାର ତ୍ୟାଗ କରିଛନ୍ତି, ସଂସାର ଯେପରି ଦ୍ୱନ୍ଦ୍ୱରେ ଥିଲା ଆଜି ମଧ୍ୟ ସେହିପରି ରହିଛି; ଏହା ଏକେବାରେ ସ୍ୱଷ୍ଟ । ଏହାର ବିପରୀତ ହେଲା ଶ୍ରୀଅରବିନ୍ଦଙ୍କ ସିଦ୍ଧାନ୍ତ ।

ଶ୍ରୀଅରବିନ୍ଦଙ୍କ ଯୋଗରେ ସାଧକର ମନ-ପ୍ରାଣ-ଶରୀର ତା'ର ମୂଳ ଦିବ୍ୟତତ୍ତ୍ୱରେ ରୂପାନ୍ତର ହୁଏ, ସେ ମୃତ୍ୟୁ, ଜରା, ବ୍ୟାଧି ଇତ୍ୟାଦିରୁ ମୁକ୍ତ ହୁଏ । ସେ ରୂପାନ୍ତରିତ ମନ-ପ୍ରାଣ-ଶରୀରରେ ଏକସଙ୍ଗେ ସାକାର ଓ ନିରାକାର ଏବଂ ଏହାପରେ ପୁରୁଷୋତ୍ତମ ପରଂବ୍ରହ୍ମଙ୍କୁ ସମସ୍ତ ସତ୍ତାରେ ଉପଲବ୍ଧି କରେ । ସମ୍ପୂର୍ଣ୍ଣ ସତ୍ତାରେ ସେ ଭଗବାନ୍ ପୁରୁଷୋତ୍ତମ ପରଂବ୍ରହ୍ମଙ୍କ ସଙ୍ଗେ ପୂର୍ଣ୍ଣ ଏକତ୍ୱ ପ୍ରାପ୍ତ କରିବା ସତ୍ତ୍ୱେ ଭଗବାନଙ୍କ ଯନ୍ତ୍ର ରୂପେ ଭାଗବତୀ ଶକ୍ତି ଦ୍ୱାରା ପରିଚାଳିତ ହୁଏ । ଅଦ୍ୱୈତ ସିଦ୍ଧାନ୍ତ ଅନୁସାରେ ବ୍ରହ୍ମ ସହିତ ଜୀବ ଏକ ହୋଇଯିବାରେ ଯେଉଁ ଅନିର୍ବଚନୀୟ ଜ୍ଞାନ, ଆନନ୍ଦ, ଭଗବତ୍ ଉପାସନାରେ ଯେଉଁ ପରାଭକ୍ତି, ପରମାନନ୍ଦ ତାହା ଏକହିଁ ସମୟରେ ରୂପାନ୍ତରିତ ମନ-ପ୍ରାଣ-ଶରୀରରେ ଉପଲବ୍ଧି ହୁଏ । ଏହି ଅବସ୍ଥାର ଅର୍ଥ ଦିବ୍ୟମାନବ । ପୂର୍ଣ୍ଣଯୋଗର ସାଧକ ଏହି ଲକ୍ଷ୍ୟ ଆଡ଼କୁ ଅଗ୍ରସର ହେବା ଅନୁପାତରେ ସଂସାରରୁ କ୍ରମଶଃ ଦୁଃଖଦ୍ୱନ୍ଦ୍ୱ ଦୂର ହେଉଥାଏ । ପୃଥିବୀରେ ଦିବ୍ୟମାନବ ଜାତି ପ୍ରତିଷ୍ଠିତ ହେଲେ ସଂସାରରୁ ପୂର୍ଣ୍ଣ ରୂପେ ହିଂସାଦ୍ୱେଷ, ବୈରବିରୋଧ, ଯୁଦ୍ଧବିଗ୍ରହ ଆଦି ଲୁପ୍ତ ହୁଏ । ସଂସାର ସ୍ୱର୍ଗରେ ପରିଣତ ହୁଏ । ପୁରାତନ ଯୋଗରେ ସଂସାର ତଥା ଶରୀର ତ୍ୟାଗ କରିବାରେ ଯେଉଁ ମୁକ୍ତି ଓ ଭଗବତ୍ ପ୍ରାପ୍ତି ହୁଏ ଶ୍ରୀଅରବିନ୍ଦଙ୍କ ଯୋଗରେ ତାହାସବୁ ରୂପାନ୍ତରିତ ଶରୀର (transformed body) ସେ ପ୍ରାପ୍ତ ହୁଏ । ପୁରାତନ ଯୋଗରେ ବ୍ୟକ୍ତି ସାଧନା କରି ସ୍ୱୟଂ ମୁକ୍ତ ହୋଇ ଯାଆନ୍ତି; ସଂସାର ଯେଉଁ ଦୁଃଖକଷ୍ଟରେ ଥାଏ ତାହା ସେହିପରି ରହିଥାଏ । ପୁରାତନ ଯୋଗରେ ବ୍ୟକ୍ତିଗତ ମୁକ୍ତି; ଶରୀର ତଥା ସଂସାର ତ୍ୟାଗ । କିନ୍ତୁ ଶ୍ରୀଅରବିନ୍ଦଙ୍କ ଯୋଗରେ ଶରୀର ରୂପାନ୍ତର, ପୃଥିବୀ ସ୍ୱର୍ଗରେ ପରିଣତ । ଅନ୍ୟ ଭାଷାରେ କହିଲେ ପୁରାତନ ଯୋଗରେ ବ୍ୟକ୍ତିଗତ ମୁକ୍ତି, ଶ୍ରୀଅରବିନ୍ଦଙ୍କ ଯୋଗରେ ବ୍ୟକ୍ତିର ଶରୀର ରୂପାନ୍ତରରେ ସଂସାର ଦୁଃଖଦ୍ୱନ୍ଦ୍ୱରୁ ମୁକ୍ତି । ପୁରାତନ ଯୋଗ ଓ ଶ୍ରୀଅରବିନ୍ଦଙ୍କ ଯୋଗ ମଧ୍ୟରେ ଏହାହିଁ ପାର୍ଥକ୍ୟ ।

ପ୍ରଶ୍ନ : ପ୍ରାଣୀମାନଙ୍କ ଦୁଃଖକଷ୍ଟର ଧାରଣାହିଁ ଦ୍ୱୈତତା । ବ୍ୟକ୍ତିର ପ୍ରାଣରେ ପୃଥକ୍‌ବୋଧ ଆସିଲେ ତା'ର ଦୁଃଖକଷ୍ଟର ଧାରଣା ହୋଇପାରେ । ବ୍ୟକ୍ତି ଅନିର୍ବଚନୀୟ ନିର୍ବିଶେଷ ସତ୍ତାରେ ଏକ ହୋଇଗଲେ ଦ୍ୱୈତତା ରହେ ନାହିଁ । ସେ ଅବସ୍ଥା କେବଳ ପରମ ଆନନ୍ଦ ଓ ଶାନ୍ତିରେ ପ୍ରତିଷ୍ଠିତ । ସେହି ପରମାନନ୍ଦ ହେଉଛି ଅନିର୍ବଚନୀୟ, ମୂକ ସୁସ୍ୱାଦୁ ଖାଦ୍ୟ ଭକ୍ଷଣ କରି ତା'ର ସ୍ୱାଦ ପ୍ରକାଶ କରି ନ ପାରିବା ସଦୃଶ; ସେହି ଅନିର୍ବଚନୀୟ ପରମାନନ୍ଦ କେବଳ ଅନୁଭବଗମ୍ୟ । ସେ ଅବସ୍ଥାର ବୈଚିତ୍ର୍ୟ ଏବଂ ଦୁଃଖକଷ୍ଟସବୁ ମିଥ୍ୟା, ମାୟା ଓ ସ୍ୱପ୍ନବତ୍ । ପୃଥକ୍‌ବୋଧ ନ ଥିଲେ ଦୁଃଖ କଷ୍ଟ ଆସିବ କେଉଁଠୁ ? ଦୁଃଖକଷ୍ଟର ଧାରଣାହିଁ ଭ୍ରମ ତଥା ଅଜ୍ଞାନତା । ମାୟାମୟ, ଭ୍ରମାତ୍ମକ ଶରୀର-ମନ-ପ୍ରାଣର ରୂପାନ୍ତର ଧାରଣା କରିବାହିଁ ଅଜ୍ଞାନତା ।

ଉତ୍ତର : କହିବାରେ ଯେତେ ସହଜ, କାର୍ଯ୍ୟରେ ତେତେ ସହଜ ଦେଖାଯାଏ ନାହିଁ । କଙ୍କଡ଼ା ବିଛା କାମୁଡ଼ିଲେ, ଉଦରରେ ହୋଇଥିବା କ୍ୟାନ୍‌ସର ଅପରେସନ ସମୟରେ ଶରୀରକୁ ମାୟା ଓ ଭ୍ରମ କହୁଥିବା ଜ୍ଞାନୀ ମହାତ୍ମାମାନଙ୍କୁ ସମାଧି ବ୍ୟତୀତ ଜାଗ୍ରତ୍ ଅବସ୍ଥାରେ କଷ୍ଟ ହୁଏ ନାହିଁ କି ? ଏପରି ଋଷିମୁନିଙ୍କ ଜୀବନରେ ତଥା ଉପସ୍ଥିତ ଜ୍ଞାନୀ ମହାତ୍ମାମାନଙ୍କ ଜୀବନରେ ଦେଖାଯାଉ ନାହିଁ କିଂବା ସାଧାରଣତଃ ଶୁଣାଯାଉ ନାହିଁ । ଯଦି କେବେ କୌଣସି ମହାତ୍ମାଙ୍କର ଜାଗ୍ରତ୍ ଅବସ୍ଥାରେ ଏପରି ସମ୍ଭବ ହୋଇଥାଏ, ତେବେ ତାହା କେବଳ ସେହି ମହାତ୍ମାଙ୍କ ସକାଶେ, ପ୍ରତ୍ୟେକ ଜ୍ଞାନିମହାତ୍ମାଙ୍କ ସକାଶେ ସମ୍ଭବ ନୁହେଁ । କାରଣ ଜାଗ୍ରତ୍ ଅବସ୍ଥାରେ ଶରୀରରୁ ଆତ୍ମାକୁ ପୃଥକ୍ ଧାରଣା କଲେ ମଧ୍ୟ ଶରୀରରୁ ପୂର୍ଣ୍ଣତଃ ସମ୍ବନ୍ଧ ବିଚ୍ଛିନ୍ନ ହୁଏ ନାହିଁ । ପୂର୍ଣ୍ଣତଃ ସମ୍ବନ୍ଧ ବିଚ୍ଛିନ୍ନ ନ ହେଲେ ଶାରୀରିକ ଯନ୍ତ୍ରଣା ବୋଧ ହେବା ସ୍ୱାଭାବିକ । ସମ୍ବନ୍ଧ ବିଚ୍ଛିନ୍ନ ହୁଏ ସମାଧି ଅବସ୍ଥାରେ । ସେତେବେଳେ ଶାରୀରିକ କ୍ରିୟା ବନ୍ଦ ହୋଇଯାଇଥାଏ । ଅଥବା ମୃତ୍ୟୁ ସମୟରେ ଶରୀରରୁ ସମ୍ବନ୍ଧ ବିଚ୍ଛିନ୍ନ ହେଲେ ବ୍ୟକ୍ତିକୁ ଆଉ ଉଠିବାକୁ ପଡ଼େ ନାହିଁ । କଦାଚିତ୍ ଜାଗ୍ରତ୍ ଅବସ୍ଥାରେ

ଜ୍ଞାନିଯୋଗୀ ଯଦି କୁହନ୍ତି ଯେ ସେମାନଙ୍କୁ ଶାରୀରିକ ଯନ୍ତ୍ରଣା ବା ଦୁଃଖକଷ୍ଟ ସ୍ପର୍ଶ କରେ ନାହିଁ, ତେବେ ହୋଇପାରେ କେବଳ ସେହିମାନଙ୍କ ସକାଶେ; କିନ୍ତୁ ସାଧନା ନ କରୁଥିବା ବ୍ୟକ୍ତିଙ୍କ ସକାଶେ ଦୁଃଖକଷ୍ଟକୁ ଭ୍ରମ ଓ ମାୟା କହିବାର କୌଣସି ଅର୍ଥ ନ ଥାଏ । ସେମାନେ ରାତିଦିନ ସେହି ଦ୍ୱନ୍ଦ୍ୱରେ ପଡ଼ି ଦୁଃଖକଷ୍ଟ ଭୋଗ କରୁଥା'ନ୍ତି । ଜ୍ଞାନୀ ଓ ଯୋଗୀମାନେ ଶରୀର ସଂସାରକୁ ମାୟା ଭ୍ରମ କହି ଜୀବନରୁ ପଳାୟନ କରିବାରେ ସଂସାର ଉତ୍ପନ୍ନ ହେବାର ସମସ୍ୟା ସମାଧାନ ହୁଏ ନାହିଁ । ସଂସାର ଓ ଶରୀର ଦୁଃଖର କାରଣ । ଏହି ଦୁଃଖରୁ ନିବୃତ୍ତ ହୋଇ ବ୍ରହ୍ମରେ ମିଶିଯିବାର ଯଦି ଥିଲା, ତେବେ ସଂସାରକୁ ଆସିବାର ଆବଶ୍ୟକତା କ'ଣ ? ବ୍ରହ୍ମ ତ ଏକ, ତୁମେ ଆସିଲ କେଉଁଠୁ ଏବଂ କାହିଁକି ? ଏହି ହେଉଛି ସମସ୍ୟା । ଏହି ସମସ୍ୟାର ସମାଧାନ ହୁଏ ଶ୍ରୀଅରବିନ୍ଦଙ୍କ ଯୋଗରେ ମନ-ପ୍ରାଣ-ଶରୀର ରୂପାନ୍ତର ହେବାରେ । ଏଥିରେ ସଂସାରର ଦୁଃଖ ଦୂରୀକରଣର ଉପାୟ ନ ଦେଖି ପଳାୟନ ହୋଇ ନାହିଁ ।

ବ୍ରହ୍ମରେ ଲୀନ ହେବାର ଅର୍ଥ — ମୂକ ଗୁଡ଼ ଖାଇ ସ୍ୱାଦ ପ୍ରକାଶ ନ କରିବା ସଦୃଶ । ଯେଉଁ ଅନିର୍ବଚନୀୟ ପରମାନନ୍ଦ କଥା କହୁଛନ୍ତି ତାହା ଶରୀର ରୂପାନ୍ତର ହେଲେ ପ୍ରାପ୍ତ ହୁଏ । ମନ-ପ୍ରାଣ-ଶରୀର ରୂପାନ୍ତରିତ ନ ହେଲେ ଏହାକୁ ଅନୁଭବ କରିପାରେ ନାହିଁ କିଂବା ପ୍ରକାଶ କରିପାରେ ନାହିଁ । ଏସବୁରୁ ସମ୍ବନ୍ଧ ତୁଟାଇ ଆତ୍ମାକୁ ନିରାକାର ବ୍ରହ୍ମରେ ଲୀନ କରି ଦିଆଯାଇଥାଏ । ନିରାକାର ବ୍ରହ୍ମ ଓ ଶରୀର ମଧ୍ୟରେ ବ୍ୟବଧାନ ସୃଷ୍ଟି ହୁଏ । ଏହି ବ୍ୟବଧାନ ଯୋଗୁଁ ଉଚ୍ଚତର ଆନନ୍ଦ ମନ-ପ୍ରାଣ-ଶରୀରରେ ଅଭିବ୍ୟକ୍ତି ହୁଏ ନାହିଁ; ସଂସାରର ରୂପ ହେଉଛି ଶରୀର, ଶରୀରକୁ ଏହି ଆନନ୍ଦ ପ୍ରାପ୍ତ ନ ହେବାରୁ ସଂସାର ଏଥିରୁ ବଞ୍ଚିତ ହେବା ସ୍ୱାଭାବିକ ।

ଭଗବାନ୍ ଯେଉଁ ତତ୍ତ୍ୱ, ବ୍ୟକ୍ତିର ମନ-ପ୍ରାଣ-ଶରୀର ସେହି ତତ୍ତ୍ୱରେ ରୂପାନ୍ତର ହୁଏ । ସେତେବେଳେ ଭଗବାନଙ୍କୁ ବ୍ୟକ୍ତି ସମସ୍ତ ସତ୍ତାରେ ପୂର୍ଣ୍ଣ ରୂପେ ଉପଲବ୍ଧି କରେ । ଆଉ ମଧ୍ୟ ସେ ଏହି ଶରୀରରେ ଓ ଏହି ସଂସାରରେ ଉତାରି ଆଣେ — ନିରାକାର, ସାକାର, ଉଭୟ ଧର୍ତ୍ତା ପୁରୁଷୋତ୍ତମ ତତ୍ତ୍ୱକୁ । ଭଗବାନଙ୍କ ସହିତ ପୂର୍ଣ୍ଣ ଏକତ୍ୱ ପ୍ରାପ୍ତ ହେବା ସତ୍ତ୍ୱେ ସେ ପରମ ଜ୍ଞାନ, ଶକ୍ତି ଓ ଆନନ୍ଦ ଅନୁଭବ କରେ ଏହି ଶରୀରରେ । ଶରୀର ଓ ସଂସାର ତତ୍ତ୍ୱତଃ ଏକ ହୋଇଥିବାରୁ ସେହି ପରମାନନ୍ଦର ପ୍ରଭାବରେ ସଂସାରରୁ ଦୁଃଖକଷ୍ଟ ମୋଚନ ହୁଏ । ଅର୍ଥାତ୍, ଯେଉଁମାନେ ସାଧନା ନ କରନ୍ତି ସେମାନଙ୍କ ଶରୀରର ଯଦିଓ ରୂପାନ୍ତର ନ ହୁଏ, ସେମାନେ ଯଦ୍ୟପି ରୂପାନ୍ତରିତ ଯୋଗୀ ସଦୃଶ ଭଗବାନଙ୍କ ସହିତ ଏକତ୍ୱ ପ୍ରାପ୍ତ କରି ପରମଜ୍ଞାନ, ପରମାନନ୍ଦ ପ୍ରାପ୍ତ କରନ୍ତି ନାହିଁ ତଥାପି ସେମାନଙ୍କର ଈର୍ଷା, ଦ୍ୱେଷ, ବିରୋଧ, ସ୍ୱାର୍ଥ ମୋହାଦି ଦୂର ହୋଇଯାଏ; ସକଳ ପ୍ରକାର ଆସୁରୀ ଶକ୍ତିର ପରାଜୟ ଘଟେ ଏବଂ ସଂସାର ସ୍ୱର୍ଗରେ ପରିଣତ ହୁଏ । ପୁରାତନ ଯୋଗୀ ସଦୃଶ ନିରାକାର ବ୍ରହ୍ମରେ ଲୀନ ହୋଇଗଲେ ସଂସାରର କିଛି ପରିବର୍ତ୍ତନ ଘଟେ ନାହିଁ । କେବଳ ମନ-ପ୍ରାଣ-ଶରୀରର ପୂର୍ଣ୍ଣ ରୂପାନ୍ତରରେ ଏହା ସମ୍ଭବ ହୋଇଥାଏ, ଆଉ ଏହାହିଁ ଶ୍ରୀଅରବିନ୍ଦଙ୍କ ଯୋଗର ଲକ୍ଷ୍ୟ ।

ପ୍ରଶ୍ନ : ତୁମେ କହୁଛ ଯେ ଶ୍ରୀଅରବିନ୍ଦଙ୍କ ଯୋଗର ସାଧକମାନଙ୍କର ଶରୀର ରୂପାନ୍ତର ହେଲେ ସଂସାରରୁ ଦୁଃଖଦ୍ୱନ୍ଦ୍ୱ ଦୂର ହୁଏ । ଶ୍ରୀଅରବିନ୍ଦଙ୍କ ଯୋଗ କେବଳ ନିଜ ସକାଶେ ନୁହେଁ, ସଂସାରର କଲ୍ୟାଣ ସକାଶେ । ବ୍ୟକ୍ତିର ଜ୍ଞାନ-ଦୃଷ୍ଟିରେ ସବୁକିଛି ମାୟା-ଭ୍ରମ । ଯେଉଁ ଦୁଃଖକଷ୍ଟର ଅସ୍ତିତ୍ୱ ନାହିଁ, ତାକୁ ଦୂର କରିବା କ'ଣ ଅଜ୍ଞାନତା ନୁହେଁ ?

ଉତ୍ତର : ତୁମର ଏପରି ଯୁକ୍ତିକୁ ଦୂରରୁ ଜୁହାର । ବ୍ୟକ୍ତି ଖାଇବାକୁ ନ ପାଇ ଛଟପଟ ହୋଇ ମରୁଥିବ, କ୍ଷୁଧାରେ ପେଟ ଜଳୁଥିବ, କିନ୍ତୁ ପାଟିରେ ଘା' ହୋଇଥିବା ଯୋଗୁଁ ଖାଇପାରୁ ନ ଥିବ, ଯୁଦ୍ଧରେ ଗୁଳି ଦ୍ୱାରା ଆହତ ହୋଇ ଦାରୁଣ ଯନ୍ତ୍ରଣା ଭୋଗ କରୁଥିବ, ସ୍ୱାମୀ-ସ୍ତ୍ରୀ ମଧ୍ୟରେ କଳହ ଲାଗି ଅଶାନ୍ତି ସୃଷ୍ଟି ହେଉଥିବ, କନ୍ୟାର ମିଥ୍ୟା କଳଙ୍କ ରଟନାରେ ପିତାମାତା ମର୍ମାହତ ହେବେ, ନିରପରାଧ ଦେଶ ଉପରେ ଅନ୍ୟ ଦୁଷ୍ଟ ଦେଶ ଆକ୍ରମଣ କରିବ, ନାରୀମାନଙ୍କ ଉପରେ ଅତ୍ୟାଚାର ହେବ, ହୁଏତ ତୁମେ ଏହିସବୁକୁ ମିଥ୍ୟାମାୟା କହି ଏହାକୁ ଦୂର କରିବା ପ୍ରଯତ୍ନରୁ କ୍ଷାନ୍ତ ହେବ । ପୁଣି ଯଦି କେହି ଏହାର ଦୂରୀକରଣ ପାଇଁ ପ୍ରଯତ୍ନ କରେ, ତେବେ ତାହା ଅଜ୍ଞାନତା ବୋଲି ତୁମେ ମନ୍ତବ୍ୟ ପ୍ରକାଶ କରିବ; ଏହା ତୁମ ବ୍ୟକ୍ତିଗତ ମତ ନା ଆଚାର୍ଯ୍ୟ ତଥା ଶାସ୍ତ୍ରସମ୍ମତ ? ତୁମର ଏହି ସିଦ୍ଧାନ୍ତ ଯଦି ଗ୍ରହଣୀୟ ହୁଏ, ତେବେ ଅଦ୍ୱୈତ

ସିଦ୍ଧାନ୍ତର ପ୍ରବର୍ତ୍ତକ ଆଚାର୍ଯ୍ୟ ଶଙ୍କରଙ୍କୁ ବ୍ରହ୍ମସୂତ୍ରର ଭାଷ୍ୟ ତଥା ଅନ୍ୟାନ୍ୟ ମୂଲ୍ୟବାନ୍ ଗ୍ରନ୍ଥ ଲେଖିବାର କୌଣସି ଆବଶ୍ୟକତା ନ ଥିଲା; ସେ ସ୍ୱୟଂ ପଦଯାତ୍ରାରେ କୁମାରିକାଠାରୁ ହିମାଳୟ ପର୍ଯ୍ୟନ୍ତ ଭ୍ରମଣ କରି ମଠସ୍ଥାପନା ଓ ନିଜ ସିଦ୍ଧାନ୍ତ-ପ୍ରତିଷ୍ଠା କରିବାର ପ୍ରୟାସୀ ହୋଇ ନ ଥାନ୍ତେ, ଉପଦେଶ ଦ୍ୱାରା ହଜାର ହଜାର ନରନାରୀଙ୍କୁ ମୁକ୍ତିପଥ ଦର୍ଶାଇ ନ ଥାନ୍ତେ । ବୁଦ୍ଧଦେବ ଓ ଅନ୍ୟାନ୍ୟ ସମସ୍ତ ଆଚର୍ଯ୍ୟ ତଥା ଋଷିମୁନି ଏବଂ ଅବତାରଙ୍କୁ ସଂସାରର କଲ୍ୟାଣ ସାଧନ କରିବାର ଆବଶ୍ୟକ ହୋଇ ନ ଥା'ନ୍ତା; ତେବେ ତୁମ ଯୁକ୍ତି ସାର୍ଥକ ହୋଇଥା'ନ୍ତା ସେମାନେ କ'ଣ ଅଜ୍ଞାନୀ ଥିଲେ ଯେ ଏପରି କରୁଥିଲେ ?

ପ୍ରଶ୍ନ : ନା, ସେମାନେ ଥିଲେ ଜ୍ଞାନୀ । ସେମାନଙ୍କ ଦୃଷ୍ଟିରେ ଦୁଃଖକଷ୍ଟ ଇତ୍ୟାଦି ମାୟା ଥିଲା । କିନ୍ତୁ ଅନ୍ୟମାନଙ୍କର ଦୁଃଖଦୂରୀକରଣ ପାଇଁ ସେମାନେ କର୍ମ କରୁଥିଲେ ।

ଉତ୍ତର : ଋଷିମୁନି, ମହାପୁରୁଷ, ଆଚାର୍ଯ୍ୟ ଓ ଅବତାରଗଣ ସ୍ୱୟଂ ଜ୍ଞାନସ୍ୱରୂପ । ସେମାନେ ଅଜ୍ଞାନ, ମୋହମାୟାରୁ ପୂର୍ଣ୍ଣତଃ ମୁକ୍ତ ହୋଇ କେବଳ ଅନ୍ୟମାନଙ୍କର ଦୁଃଖ ଦୂର କରିବା ପାଇଁ ଓ ସେମାନଙ୍କୁ ସତ୍‌ପଥରେ ପରିଚାଳିତ କରିବା ପାଇଁ ଯଦି କର୍ମ କରିଛନ୍ତି ତେବେ ଶ୍ରୀଅରବିନ୍ଦଙ୍କ ଯୋଗରେ ରୂପାନ୍ତର (transformation) ଓ ସଂସାରର ଦୁଃଖକଷ୍ଟର ନିବାରଣ କିପରି ଅଜ୍ଞାନତା ହେବ ?

ମନୁଷ୍ୟ ନିଜେ ମୁକ୍ତ ହେଲେ ଅନ୍ୟକୁ ମୁକ୍ତ କରିବ; ସେ ନିଜେ ଜ୍ଞାନୀ ହେଲେ ଅନ୍ୟକୁ ଜ୍ଞାନ ପ୍ରଦାନ କରିପାରିବ, ଏହା ଏକବାରେ ସତ୍ୟ । ଶ୍ରୀଅରବିନ୍ଦଙ୍କ ଯୋଗରେ ଯଦି ସଂସାରରୁ ଦୁଃଖଦ୍ୱନ୍ଦ୍ୱ ଦୂର ହୁଏ ତେବେ ସେ ଯୋଗର ସାଧକ କିପରି ଅନ୍ଧକାରରେ ରହିବେ ? ଦୁଃଖଦ୍ୱନ୍ଦ୍ୱର ଅର୍ଥହିଁ ଅଜ୍ଞାନ । ଜ୍ଞାନ ବିନା ଦୁଃଖଦ୍ୱନ୍ଦ୍ୱ ଦୂରହୁଏ ନାହିଁ ।

ଶଙ୍କରାଚାର୍ଯ୍ୟ, ବୁଦ୍ଧଦେବ, ରାମାନୁଜ ପ୍ରଭୃତି ମହାପୁରୁଷଗଣ ସ୍ୱୟଂ ଶୁଦ୍ଧ, ବୁଦ୍ଧ ମୁକ୍ତ ଥିଲେ । ସେମାନଙ୍କର ନିଜ ପାଇଁ କୌଣସି କର୍ମର ପ୍ରୟୋଜନ ନ ଥିଲା । ସେମାନେ ସଂସାରକୁ ଆସି କର୍ମ କରିଥିଲେ ସଂସାରର ହିତ ସକାଶେ । ସେମାନଙ୍କର ଉଦ୍ଦେଶ୍ୟ ଥିଲା ମୁକ୍ତି ବା ଭଗବତ୍‌ପ୍ରାପ୍ତି ନିମିତ୍ତ ଅଭୀପ୍ସୁ ବ୍ୟକ୍ତିମାନଙ୍କୁ ସତ୍‌ମାର୍ଗ, ସତ୍-ପ୍ରେରଣା ଦେଇ ଜନ୍ମ-ମରଣ ଦ୍ୱନ୍ଦ୍ୱରୁ ଉଦ୍ଧାର କରିବା । ଆଉ ତାହାହିଁ ସେମାନେ କରିଥିଲେ । ସମୟ ଆସି ନ ଥିବାରୁ ଏହା ହୋଇଥିଲା ଆଂଶିକ ଏବଂ ଅସ୍ଥାୟୀ । ଯେପର୍ଯ୍ୟନ୍ତ ଆସୁରୀ ଶକ୍ତିର ରୂପାନ୍ତର ନ ହୁଏ, ସେପର୍ଯ୍ୟନ୍ତ ପୃଥିବୀରେ ସ୍ଥାୟୀ ସୁଖଶାନ୍ତି ସ୍ଥାପନା ହୋଇପାରେ ନାହିଁ । ସଂସାର ପରିଚାଳିତ ହୁଏ ଭାଗବତୀ ଶକ୍ତି ଦ୍ୱାରା ତଥା ଅବିଦ୍ୟା ଆସୁରୀ ଶକ୍ତି ଦ୍ୱାରା । ଭାଗବତୀ ଶକ୍ତିର କ୍ରିୟା ହେଲା – ଶାନ୍ତି, ଜ୍ଞାନ, ଆନନ୍ଦ, ପ୍ରେମ, ସତ୍ୟ, ନ୍ୟାୟ, ଦୟା, କରୁଣା, ମୈତ୍ରୀ, ଭ୍ରାତୃତ୍ୱ ଇତ୍ୟାଦି । ଆସୁରୀ ଶକ୍ତିର କ୍ରିୟା ହେଲା – ବୈର-ବିରୋଧ, ଚୋରି-ଡକାୟତି, ମିଥ୍ୟାଚାର, ହିଂସା-ଦ୍ୱେଷ, ସ୍ୱାର୍ଥ, ଅନ୍ୟାୟ, ଅତ୍ୟାଚାର ଇତ୍ୟାଦି । ଆସୁରୀ ଶକ୍ତିର ରୂପାନ୍ତର ନ ହେଲେ ଏହି ଅଜ୍ଞାନପ୍ରସୂତ ଅନ୍ୟାୟ, ଅତ୍ୟାଚାରାଦି ସ୍ଥାୟିଭାବେ ଦୂରହୁଏ ନାହିଁ । ଅନ୍ୟାୟ, ଅତ୍ୟାଚାରାଦି ବୃଦ୍ଧି ହେଲେ ଆଚାର୍ଯ୍ୟ ତଥା ଅବତାର ଆସି ଧର୍ମ ପ୍ରସାର ଦ୍ୱାରା କିଛିଦିନ ପାଇଁ ଅଧର୍ମକୁ ଚାପି ରଖନ୍ତି । କିଛିଦିନ ପରେ ମୁଥାଘାସ ପରି ଅଜ୍ଞାନ ଓ ଅଧର୍ମ ପୁଣି ମୁଣ୍ଡ ଟେକି ଛିଡ଼ାହୁଏ । ଏହିସବୁର ପୂର୍ଣ୍ଣ ରୂପାନ୍ତର ହୁଏ ଆଦ୍ୟା ଅତିମାନସ ଭାଗବତୀ ଶକ୍ତି ଦ୍ୱାରା, ଯେଉଁ ଶକ୍ତିକୁ ମା'ଶ୍ରୀଅରବିନ୍ଦ ଏହି ପୃଥିବୀ ପୃଷ୍ଠକୁ ଉତାରି ଆଣିଛନ୍ତି ଏବଂ ସେହି ଶକ୍ତି ଦ୍ୱାରା ମା' ରୂପାନ୍ତର କାର୍ଯ୍ୟ କରାଉଅଛନ୍ତି । ପୂର୍ବେ ଅବତାର ତଥା ଆଚାର୍ଯ୍ୟଗଣ ଯେଉଁ କାର୍ଯ୍ୟ କରି ଆସୁଥିଲେ ତାହା ପୂର୍ଣ୍ଣ ହୋଇ ନ ଥିଲା; ତାହା ପୂର୍ଣ୍ଣ ହେବ ଶ୍ରୀଅରବିନ୍ଦଙ୍କ ଯୋଗରେ । ପୂର୍ବ ଅବତାର ତଥା ଆଚାର୍ଯ୍ୟମାନଙ୍କ କାର୍ଯ୍ୟର ପୂର୍ଣ୍ଣ ରୂପାୟନ ହେବ ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗରେ ମନ-ପ୍ରାଣ-ଶରୀରର ପୂର୍ଣ୍ଣ ରୂପାନ୍ତରରେ ।

ପ୍ରଶ୍ନ : ସଂସାରରୁ ଦୁଃଖଦ୍ୱନ୍ଦ୍ୱ ଦୂରକରି ମୃତ୍ୟୁପୁରୀକୁ ସ୍ୱର୍ଗରେ ପରିଣତ କରିବା ଠିକ୍ । ଏହା ଅଜ୍ଞାନତା (Ignorance) ନୁହେଁ । କିନ୍ତୁ ଜୀବ ବ୍ରହ୍ମରେ ଏକ ହୋଇଗଲେ ନଦୀଜଳ ସମୁଦ୍ରଜଳ ସହିତ ଏକ ହେବା ସଦୃଶ କୌଣସି ପୃଥକତ୍ୱ ରହେ ନାହିଁ, ଥାଏ କେବଳ ଅନିର୍ବଚନୀୟ ଆନନ୍ଦ । ସେ ଅବସ୍ଥାରେ କିଏ କାହାକୁ ରୂପାନ୍ତର କରିବ ?

ଉତ୍ତର : ଏହା ବିରୋଧାତ୍ମକ ଉକ୍ତି । ତୁମ କହିବାନୁସାରେ ନଦୀଜଳ ସମୁଦ୍ରଜଳ ସହିତ ମିଶି ଏକ ହୋଇଯିବା ସଦୃଶ ଜୀବ ନିରାକାର ତତ୍ତ୍ୱରେ ମିଶି ଏକ ହୋଇଯାଏ । ତତ୍ତ୍ୱ ନିରାକାର, ପୁଣି ଅନିର୍ବଚନୀୟ ଆନନ୍ଦ ଅନୁଭବ କରେ କିଏ ଓ କିପରି ? ଏହା ବିରୋଧାତ୍ମକ ଉକ୍ତି । ଅନୁଭୂତି (Realisation) ଶବ୍ଦରେ ପ୍ରକାଶ ନ ହେଲେ ମଧ୍ୟ ତାହାର କ୍ରିୟାହିଁ ଦ୍ୱୈତ, ଅର୍ଥାତ୍ ଅନୁଭବ ହେବା ଏକ ବସ୍ତୁ, ଅନୁଭବ ଯେ କରେ ସେ ଭିନ୍ନ ବ୍ୟକ୍ତି । ଅଦ୍ୱୈତବାଦକୁ ରକ୍ଷା କରିବାକୁ ଯାଇ ଯଦି କୁହାଯାଏ ସେଠାରେ କୌଣସି ଅନୁଭୂତି ନାହିଁ, ତେବେ ତ ଗୋଟାଏ ମସ୍ତବଡ଼ ବିରୋଧ ହେବ – ଜଡ଼ତା । ବ୍ରହ୍ମ ଚୈତନ୍ୟ ତଥା ଜ୍ଞାନସ୍ୱରୂପ; ସୁତରାଂ ତାକୁ ଜଡ଼ କହିବା ଏକେବାରେ ଅଯୌକ୍ତିକ । ଯେକୌଣସିମତେ ସ୍ୱୀକାର କରିବାକୁ ହେବ ଆନନ୍ଦ ଅନୁଭୂତି । ମୂକ ଗୁଡ଼ଖାଇ ତା'ର ସ୍ୱାଦ ପ୍ରକାଶ କରିପାରେ ନାହିଁ, ଏହି ଉଦାହରଣକୁ ଦେଇ ଅଦ୍ୱୈତ ସିଦ୍ଧାନ୍ତକୁ ରକ୍ଷା କରାଯାଇଛି । ମୂକ ସ୍ୱାଦ ପ୍ରକାଶ କରି ନ ପାରିଲେ ବି ଅନୁଭବ କରିପାରେ; ଅନୁଭବହିଁ ଦ୍ୱୈତତା । ଅଦ୍ୱୈତବାଦୀମାନେ ବ୍ରହ୍ମଙ୍କ ନିରାକାର ସ୍ୱରୂପକୁ ଯେପରି ଭାବେ ବ୍ୟାଖ୍ୟା କରିଛନ୍ତି ସେଥିରେ ଯଥାର୍ଥରେ ଅଦ୍ୱୈତ ରକ୍ଷା ହୋଇ ନାହିଁ । ଆନନ୍ଦ ପ୍ରକାଶ ହେଉ ବା ନ ହେଉ, ଅନୁଭବ ମାତ୍ରେହିଁ ଦ୍ୱୈତତା । ଏହାର ଯଥାର୍ଥ କାରଣ ହେଉଛି ଅଦ୍ୱୈତବାଦୀମାନେ ମନ-ପ୍ରାଣ-ଶରୀରକୁ ମାୟା, ମିଥ୍ୟା, ଭ୍ରମ କହି ସେଥିରୁ ସମ୍ବନ୍ଧ ତୁଟାଇ ନିତ୍ୟମୁକ୍ତ ଜୀବକୁ ବ୍ରହ୍ମରେ ବିଲୀନ କରି ଏକ ହୋଇଯା'ନ୍ତି । ଏହି ମୁକ୍ତି ଅନୁଭୂତିରୁ ମନ-ପ୍ରାଣ-ଶରୀର ପୂର୍ଣ୍ଣତଃ ବଞ୍ଚିତ ରହନ୍ତି । ମନ-ପ୍ରାଣ-ଶରୀର ଏବଂ ବ୍ରହ୍ମ ମଧ୍ୟରେ ମସ୍ତବଡ଼ ବ୍ୟବଧାନ ହୋଇ ଯାଇଥାଏ । ଏହି ବ୍ୟବଧାନଯୁକ୍ତ ଅସମ୍ବନ୍ଧିତ ମନ ଦ୍ୱାରା ବ୍ରହ୍ମରେ ଲୀନ ହୋଇଯିବା ଅନୁଭୂତି ଯଥାର୍ଥ ଭାବେ ବ୍ୟକ୍ତ ହୋଇପାରେ ନାହିଁ । ଯଦି ମନ ଏବଂ ବ୍ରହ୍ମ ମଧ୍ୟରେ ସମ୍ବନ୍ଧ ସ୍ଥାପନ ହୋଇଥା'ନ୍ତା ଏବଂ ବ୍ରହ୍ମ ଯେପରି ଅସୀମ ସେହିପରି ମନ ଯଦି ଅତିମାନସ ଶକ୍ତି ଦ୍ୱାରା ରୂପାନ୍ତର ହୋଇ ଅସୀମ ହୋଇଥା'ନ୍ତା, ତେବେ ମନ ବ୍ରହ୍ମର ଯଥାର୍ଥ ସ୍ୱରୂପ ପ୍ରକାଶ କରିପାରିଥା'ନ୍ତା । ସମୟ ଆସି ନ ଥିବାରୁ ସେହି ଅତିମାନସ ଶକ୍ତି ଏହି ପୃଥିବୀକୁ ଆସି ନ ଥିଲା । ପୁରାତନ ଯୋଗୀମାନେ ମନ-ପ୍ରାଣ-ଶରୀରକୁ ତ୍ୟାଗକରି ଯେଉଁ ଉଚ୍ଚତର ଚେତନାରେ ବ୍ରହ୍ମ ଉପଲବ୍ଧି କଲେ, ସେହି ଚେତନା ସ୍ତର ଏହି ମାନସ ଚେତନା ସ୍ତରକୁ ଆଣିପାରିଲେ ନାହିଁ । ମାନସ ଚେତନା ଯେପରି ସୀମିତ, ସଂକୁଚିତ ଥିଲା ସେହିପରି ରହିଗଲା । ଉଚ୍ଚତର ସତ୍ୟ ସ୍ଥୂଳ ଜଗତରେ ପ୍ରକାଶ ହୁଏ ମନ ମାଧ୍ୟମରେ; ମନ ସସୀମ ଥିବାରୁ ଅସୀମ ସତ୍ୟ ମନର ସସୀମ ଛାଞ୍ଚରେ ପ୍ରକାଶ ହେବାରେ ସସୀମ ହୋଇଗଲା । ବ୍ରହ୍ମର ସ୍ୱରୂପ କେବେ ବି ସସୀମ ହୁଏ ନାହିଁ । ସେ ସର୍ବକାଳରେ ଥାଏ ଅସୀମ । କେବଳ ମନ-ଭାଷାରେ ହୁଏ ସସୀମ । ବ୍ରହ୍ମର ଯଥାର୍ଥ ସ୍ୱରୂପ ମନ-ଭାଷାରେ ସସୀମ ହୋଇ ଥିବାରୁ ଦାର୍ଶନିକ ମତଭେଦ ସୃଷ୍ଟି ହୁଏ ଏବଂ ପରସ୍ପର ବିରୋଧ ମଧ୍ୟ ହୁଏ । ବ୍ରହ୍ମର ସ୍ୱରୂପ ସାକାର ଓ ନିରାକାର, ଏକ ସଙ୍ଗେ ପୁରୁଷୋତ୍ତମ ତତ୍ତ୍ୱ । ବେଦ, ଉପନିଷଦ୍, ଗୀତାଦି ଶାସ୍ତ୍ରରେ ବ୍ରହ୍ମର ସ୍ୱରୂପ ନିରାକାର କୁହାଯାଇଛି, ସାକାର କୁହାଯାଇଛି, ପୁରୁଷୋତ୍ତମ ତତ୍ତ୍ୱ ମଧ୍ୟ କୁହାଯାଇଛି । ସେହି ଏକ ତତ୍ତ୍ୱ ନିଷ୍କ୍ରିୟ ନିରାକାର ହେବା ସତ୍ତ୍ୱେ ସକ୍ରିୟ ସୃଷ୍ଟିକର୍ତ୍ତା । ଜଡ଼ବସ୍ତୁ, ମନୁଷ୍ୟ ତଥା ପଶୁ ପରି ବ୍ରହ୍ମ ସୀମିତ ନୁହେଁ । ସେ ଅନନ୍ତ, ଅସୀମ, ଅଚିନ୍ତ୍ୟ, ସର୍ବସମର୍ଥ । ସାକାରରୂପେ ସୃଷ୍ଟି ପରିଚାଳନା କରନ୍ତି ଓ ସେହି ସମୟରେ ସେ ନିରାକାର ନିଷ୍କ୍ରିୟ ମଧ୍ୟ ରହିଥା'ନ୍ତି । ଏହା ସୀମିତ ମନ ପକ୍ଷେ ବୁଝିବା ଅସମ୍ଭବ । ଏହି ଉପଲବ୍ଧି ହୁଏ, ବୁଝାଯାଏ ଯଦି ମନକୁ ଅତିମାନସ ଅଧିକାର କରେ । ଯେପର୍ଯ୍ୟନ୍ତ ବ୍ୟକ୍ତି ଅସୀମ ଅତିମାନସ ଚେତନାକୁ ପ୍ରାପ୍ତ ନ କରେ ସେପର୍ଯ୍ୟନ୍ତ ବ୍ରହ୍ମର ଯଥାର୍ଥ ସ୍ୱରୂପକୁ ଉପଲବ୍ଧି କରିପାରେ ନାହିଁ, କିଂବା ପ୍ରକାଶ କରିପାରେ ନାହିଁ । ପୂର୍ବେ ଅତିମାନସ ଚେତନା ପୃଥିବୀପୃଷ୍ଠକୁ ଆସିବାର ସମୟ ହୋଇ ନ ଥିଲା; ଆଚାର୍ଯ୍ୟମାନେ ପୃଥିବୀକୁ ଆସି ସେହି ସମୟୋପଯୋଗୀ ଅଧ୍ୟାତ୍ମସତ୍ୟ ପୃଥିବୀରେ ପ୍ରତିଷ୍ଠା କରିଥିଲେ । ପ୍ରତ୍ୟେକ ଆଚାର୍ଯ୍ୟ ସତ୍ୟ ଉପଲବ୍ଧି କରିଛନ୍ତି ଏବଂ ସଂସାରରେ ଭଗବାନଙ୍କ ପୂର୍ଣ୍ଣ ଅଭିବ୍ୟକ୍ତି କାର୍ଯ୍ୟରେ ସହାୟତା କରିଛନ୍ତି । ଭଗବାନଙ୍କର ପୂର୍ଣ୍ଣ ଅଭିବ୍ୟକ୍ତି ପୃଥିବୀରେ ପ୍ରକାଶ ହୋଇ ନ ଥିବାରୁ ଭିନ୍ନ ଭିନ୍ନ ଆଚାର୍ଯ୍ୟ ଅଧ୍ୟାତ୍ମ ସତ୍ୟକୁ ଉପଲବ୍ଧି କରିବା ସତ୍ତ୍ୱେ, ପରସ୍ପର ସିଦ୍ଧାନ୍ତରେ ବିରୋଧ ଦେଖାଦେଇଅଛି । ଏହାର ସମାଧାନ ହୋଇଛି ଶ୍ରୀଅରବିନ୍ଦଙ୍କ ଯୋଗରେ – ଅତିମାନସ ଶକ୍ତି ଦ୍ୱାରା ମନ-ପ୍ରାଣ-ଶରୀର ତା'ର ମୂଳ ଚିନ୍ମୟ ତତ୍ତ୍ୱରେ ରୂପାନ୍ତରିତ ହୋଇ ସତ୍-ଚିତ୍-ଆନନ୍ଦ, ସାକାର, ନିରାକାର ଏବଂ ଉଭୟର ଧର୍ତ୍ତା ପୁରୁଷୋତ୍ତମ ତତ୍ତ୍ୱଙ୍କୁ ଉପଲବ୍ଧି

କରିବାରେ । ଏହା ପୂର୍ବରୁ ଅଦ୍ୱୈତବାଦୀମାନେ ମନର ଭାଷାରେ ବାଖ୍ୟା କଲେ, ବ୍ରହ୍ମ ନିଷ୍କ୍ରିୟ ନିରାକାର । ନିଷ୍କ୍ରିୟ ନିରାକାର ସଗୁଣ ସକ୍ରିୟ ହୋଇପାରେ ନାହିଁ । ଅତଏବ ସଗୁଣ ସକ୍ରିୟ ସବୁ ମାୟା । ମନର ସୀମିତ ଭାଷାରେ ସେମାନେ କହନ୍ତି, ''ମନକୁ ଅତିକ୍ରମ କରି ମନର ଊର୍ଦ୍ଧ୍ୱ ଚେତନାରେ ନିରାକାର ନିଷ୍କ୍ରିୟ ସତ୍ତାରେ ଆତ୍ମା ବିଲୀନ ହୋଇଯାଏ । ସେଥିରେ ବ୍ୟକ୍ତିତ୍ୱବୋଧ ରହେ ନାହିଁ । ବ୍ୟକ୍ତିତ୍ୱ ନ ଥିଲେ ବିଭେଦ ଆସିବ କେଉଁଠୁ ? କେବଳ ଏକ ନିଷ୍କ୍ରିୟ ସତ୍ତା । 'ଘଟାକାଶ' 'ମଠାକାଶ'ରେ ଲୟ ହୋଇଯାଏ । ସଂସାରର ବସ୍ତୁସକଳ ହୁଏ ମାୟା-ମରୀଚିକା । କାରଣ ସେମାନେ ଉପଲବ୍ଧି କରନ୍ତି ଏକମାତ୍ର ଶାନ୍ତ ବ୍ରହ୍ମଙ୍କୁ । ସେଠାରେ ବିଭେଦ, ବ୍ୟକ୍ତିତ୍ୱ ନ ଥାଏ; ସଂସାର ସହିତ ଶାନ୍ତ, ନିଷ୍କ୍ରିୟ ବ୍ରହ୍ମର କୌଣସି ସାମଞ୍ଜସ୍ୟ ନ ଥାଏ, ପୁଣି ଏ ସଂସାର, ଶରୀର, ନାନାପ୍ରକାର ପ୍ରାଣୀ, ବୃକ୍ଷଲତା ଆଦି ଆସିଲେ କେଉଁଠୁ ? ଏସବୁ ଭ୍ରମ, ମାୟା, ମରୀଚିକା ।'' ସେହି ସକାଶେ ଆଚାର୍ଯ୍ୟ ଶଙ୍କର କହିଅଛନ୍ତି, ''ବ୍ରହ୍ମ ସତ୍ୟଂ ଜଗନ୍ମିଥ୍ୟା, ଜୀବୋବ୍ରହ୍ମୈବ ନାପରଃ ।'' ଏହି ଦୃଶ୍ୟମାନ ଜଗତ୍ ସ୍ୱପ୍ନବତ୍, ଅର୍ଥାତ୍ ଅସତ୍ୟ । ସେମାନେ ଦେଖନ୍ତି, ଆକାଶ, ପାତାଳ, ଦିଶା ବିଦିଶା, ଭିତରେ-ବାହାରେ ଏକମାତ୍ର ସେହି ଶାନ୍ତ ନିଷ୍କ୍ରିୟ ସତ୍ତା । ଏହି ଅବସ୍ଥାରେ ଶରୀର ବା ଜୀବନ ପ୍ରତି କୌଣସି ଚିନ୍ତା ନ ଥାଏ । ମୃତ୍ୟୁ, ସୁଖ, ଦୁଃଖ ଅନୁଭବ କରିବ କିଏ ? ଦୁଃଖ ବା ସୁଖ ହେବ କାହାକୁ ? ଯଦି କେହି ପୃଥକ୍ ବ୍ୟକ୍ତି ଥିବ ତେବେ ନା ? ସବୁ ଅଖଣ୍ଡ ଏକ ନିଷ୍କ୍ରିୟ ସତ୍ତା । କିନ୍ତୁ ଏହି ଅବସ୍ଥାରେ ମନ-ପ୍ରାଣ-ଶରୀର କିଛି ଅଂଶରେ ଯଦ୍ୟପି ଶୁଦ୍ଧ ହୁଅନ୍ତି ତଥାପି ଦିବ୍ୟତତ୍ତ୍ୱରେ ରୂପାନ୍ତର ହୁଅନ୍ତି ନାହିଁ । ତଥାପି ସେସବୁ କ୍ରିୟାଶୀଳ ହେବାକୁ ଅବସର ପାଆନ୍ତି ନାହିଁ; ଅନାହାରରେ ଦୁର୍ବଳ ହୋଇ ନିର୍ଜୀବ ପରି ପଡ଼ିଥାଆନ୍ତି । ଏହି ଅବସ୍ଥାକୁ ଗୀତାରେ କୁହାଯାଇଛି :—

''ଇହୈବ ତୈର୍ଜିତଃ ସ୍ୱର୍ଗୋ ଯେଷାଂ ସାମ୍ୟେ ସ୍ଥିତଂ ମନଃ ।
ନିର୍ଦୋଷଂ ହି ସମଂ ବ୍ରହ୍ମ ତସ୍ମାଦ୍ ବ୍ରହ୍ମଣି ତେ ସ୍ଥିତାଃ ॥''

ଏହି ଅବସ୍ଥାରେ ଯୋଗୀର ଶରୀର ତ୍ୟାଗ ହେବାମାତ୍ରେ ବ୍ରହ୍ମରେ ଲୀନ ହୋଇଯାଆନ୍ତି । କିନ୍ତୁ ଏହି ଅନୁଭୂତି ହେଲା ବ୍ରହ୍ମର ଗୋଟିଏ ମାତ୍ର ନିଷ୍କ୍ରିୟ ଦିଗ ।

ଭକ୍ତି-ମାର୍ଗରେ ବି ମନକୁ ଅତିକ୍ରମ କରି କୌଣସି ଉଚ୍ଚତର ସ୍ତରରେ ଭକ୍ତ-ଯୋଗୀମାନେ ଜ୍ଞାନ-ଯୋଗୀଙ୍କ ପରି ବ୍ରହ୍ମର ନିଷ୍କ୍ରିୟ, କେବଳ ଶାନ୍ତ ସ୍ୱରୂପକୁ ଅନୁଭବ କରନ୍ତି ନାହିଁ, ସେମାନେ ଅନୁଭବ କରନ୍ତି ବ୍ରହ୍ମଙ୍କୁ ସୃଷ୍ଟି-ସ୍ଥିତି-ଲୟର କାରଣ ଭଗବାନ୍ ରୂପେ । ନିଜେ ତାଙ୍କଠାରୁ ପୃଥକ୍, ତାଙ୍କର ଅଂଶ ଏବଂ ସେବକ । ତାଙ୍କୁ ପୂଜା କରନ୍ତି, ନିଜକୁ ତାଙ୍କ ଚରଣରେ ଅର୍ପଣ କରନ୍ତି, ଭକ୍ତି କରନ୍ତି, ପ୍ରେମ କରନ୍ତି, ତାଙ୍କୁ ସର୍ବସ୍ୱ ଦେଇ ତାଙ୍କ ସକାଶେ ଜୀବନ ଧାରଣ କରନ୍ତି ଓ ମୃତ୍ୟୁକୁ ବରଣ କରନ୍ତି । ସକଳ ପ୍ରକାର ଜାଗତିକ ସମ୍ବନ୍ଧ ଭଗବାନଙ୍କ ଚରଣରେ ସ୍ୱାହା କରି ତାଙ୍କୁ ପିତା, ପ୍ରଭୁ, ପୁତ୍ର ଓ ସଖାରୂପେ ସେବା କରନ୍ତି । ସେମାନେ ଚାହାନ୍ତି କେବଳ ତାଙ୍କ ପ୍ରେମାସ୍ୱଦଙ୍କ ଭକ୍ତି । ତାଙ୍କ ପ୍ରସନ୍ନତା ସକାଶେ ମାନ, ଯଶଃ, କୁଳ, ଧର୍ମ, ମର୍ଯ୍ୟାଦା, ଲଜ୍ଜା, କୈବଲ୍ୟ ମୋକ୍ଷକୁ ମଧ୍ୟ ଜଳାଞ୍ଜଳି ଦେଇଦିଅନ୍ତି । ମନର ଊର୍ଦ୍ଧ୍ୱରେ କୌଣସି ସ୍ତରରେ ସର୍ବବସ୍ତୁରେ କେବଳ ନିଜ ଇଷ୍ଟଦେବଙ୍କୁ ଦେଖନ୍ତି ।

ବୃନ୍ଦାବନରେ ଗୋପୀମାନେ ଯନ୍ତ୍ରବତ୍ ଗୃହକାର୍ଯ୍ୟ କରି ସ୍ମରଣ କରୁଥିଲେ ଶ୍ରୀକୃଷ୍ଣଙ୍କୁ । ତାଙ୍କ ଦୃଷ୍ଟିରେ ଗାଈବାଛୁରୀ, ପତିପୁତ୍ର, ଗଛପତ୍ର, ନଦୀପର୍ବତ ସବୁକିଛିହିଁ ଥିଲା ଶ୍ରୀକୃଷ୍ଣମୟ । ଅର୍ଥାତ୍ ସେମାନେ ସର୍ବତ୍ର ତଥା ସର୍ବଭୂତରେ କେବଳ ସେହି ଘନଶ୍ୟାମ ଶ୍ରୀକୃଷ୍ଣଙ୍କୁ ଦେଖୁଥିଲେ । ଏହି ଅବସ୍ଥାକୁ ଗୀତାରେ କୁହା ହୋଇଅଛି, ''ବାସୁଦେବଃ ସର୍ବମିତି ସ ମହାତ୍ମା ସୁଦୁର୍ଲଭ ।'' ଏହି ଅନୁଭୂତି ବ୍ରହ୍ମର ଅନ୍ୟ ଏକ ଦିଗ । ଏଥିରେ ଶରୀର-ମନ-ପ୍ରାଣ କିଛି ଅଂଶରେ ଶୁଦ୍ଧ ହୋଇଥାଏ, କିନ୍ତୁ ରୂପାନ୍ତରିତ ହୋଇ ନ ଥାଏ ।

ଆଉ କେତେକ ଯୋଗୀ ଊର୍ଦ୍ଧ୍ୱତର ଚେତନାରେ ବ୍ରହ୍ମଙ୍କର ସକ୍ରିୟ, ନିଷ୍କ୍ରିୟ, ଉଭୟର ଧର୍ତ୍ତା ପୁରୁଷୋତ୍ତମ ସତ୍-ଚିତ୍-ଆନନ୍ଦ ସ୍ୱରୂପକୁ ଉପଲବ୍ଧି କରିଥିଲେ । କିନ୍ତୁ ଏହି ସ୍ଥୂଳ ପୃଥିବୀରେ ଓ କର୍ମରେ ତାହାକୁ କିପରି ଅନୁଭବ କରିହେବ ତାହାର ଉଦ୍ୟମ କରି ନ ଥିଲେ । ସେଥିପାଇଁ ଜ୍ଞାନ-ମାର୍ଗରେ ଆଚାର୍ଯ୍ୟ ଶଙ୍କରଙ୍କ ବ୍ରହ୍ମ ନିଷ୍କ୍ରିୟ, ନିରାକାର ଅନୁଭୂତି ଆଉ ଆଚାର୍ଯ୍ୟ ରାମାନୁଜଙ୍କ ବ୍ରହ୍ମ ସର୍ବନିୟନ୍ତା, କର୍ତ୍ତା ଓ ଧର୍ତ୍ତା ଭଗବାନଙ୍କ ଅନୁଭୂତି — ଏହି ଉଭୟ ଅନୁଭୂତି ପରସ୍ପର

ବିରୋଧୀ । ଏପରିକି ଗୋଟିକୁ ଗ୍ରହଣ କଲେ ଅନ୍ୟଟି ଅସତ୍ୟ ହେବା ଅନିବାର୍ଯ୍ୟ ବୋଲି ପ୍ରତୀତ ହୁଏ । ଯଥାର୍ଥରେ ଏହା ଅସତ୍ୟ ନୁହେଁ । ଶଙ୍କର ରାମାନୁଜ ଉଭୟଙ୍କ ଅନୁଭୂତି ପରସ୍ପର ବିରୋଧୀ ହେଲେହେଁ ସତ୍ୟ ଉପରେ ପ୍ରତିଷ୍ଠିତ । ଏହାର ପ୍ରମାଣ ସ୍ୱରୂପ ହଜାର ହଜାର ସନ୍ଥମହାତ୍ମା ସେମାନଙ୍କ ମାର୍ଗ ଅବଲମ୍ବନ କରି ନିଜ ଲକ୍ଷ୍ୟରେ ପହଞ୍ଚି ଅଛନ୍ତି ଏବଂ ଅସଂଖ୍ୟ ନରନାରୀଙ୍କୁ ମଧ୍ୟ ସେହି ଲକ୍ଷ୍ୟରେ ପହୁଞ୍ଚାଇ ଦେଇଅଛନ୍ତି । ସେମାନଙ୍କ ସିଦ୍ଧାନ୍ତ ସତ୍ୟ ଉପରେ ପ୍ରତିଷ୍ଠିତ ଥିବାରୁ କେତେ ବିଧର୍ମୀଙ୍କ ଆକ୍ରମଣ ସତ୍ତ୍ୱେ ତାହା ବିଦ୍ୟମାନ ରହିଅଛି । କିନ୍ତୁ ଏହାର ସମନ୍ୱୟ ହେଉଛି ପୁରୁଷୋତ୍ତମ ତତ୍ତ୍ୱର ଅନୁଭୂତିରେ ।

ପୁରୁଷୋତ୍ତମ ତତ୍ତ୍ୱ ଏହି ପାର୍ଥିବ ସ୍ଥୂଳ ଚେତନାରେ ତେବେ ପୂର୍ଣ୍ଣରୂପେ ପ୍ରକାଶିତ ହେବେ, ଯେବେ ଅତିମାନସ ଶକ୍ତି ଦ୍ୱାରା ମନୁଷ୍ୟର ମନ-ପ୍ରାଣ-ଶରୀର ଦିବ୍ୟ-ତତ୍ତ୍ୱରେ ରୂପାନ୍ତର ହେବ ଏବଂ ଅତିମାନବ ଜାତି ଏହି ପୃଥିବୀରେ ସ୍ଥାପନା ହେବ ତଥା ମନୋମୟ ଚେତନାକୁ ଅତିମାନସ ଚେତନା ଅଧିକାର କରିବ । କାରଣ ପୁରୁଷୋତ୍ତମ ତତ୍ତ୍ୱ ପୂର୍ଣ୍ଣରୂପେ ପ୍ରକାଶିତ ହୋଇପାରେ ଅତିମାନସ ଚେତନାରେ । ଏହାହିଁ ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗର ଉଦ୍ଦେଶ୍ୟ ।

ପ୍ରଶ୍ନ : ପୁରାତନ ସମସ୍ତ ଯୋଗ ଅପେକ୍ଷା କ'ଣ ଅତିମାନସ ଯୋଗ ସର୍ବଶ୍ରେଷ୍ଠ ?

ଉତ୍ତର : ଛୋଟବଡ଼, ଉଚ୍ଚନୀଚ ଧାରଣା ଓ ଭାବ ଅତି ସଂକୁଚିତ ଓ ସୀମିତ ମନର । ଭଗବାନଙ୍କ ସୃଷ୍ଟିରେ ପ୍ରତ୍ୟେକ ବସ୍ତୁର ଯଥାର୍ଥ ସ୍ଥାନ ରହିଛି ଏବଂ ସକଳଙ୍କୁ ନେଇ ପୂର୍ଣ୍ଣତା ହୁଏ । ଯଦି ପାଦକୁ ନୀଚ ଓ ଶିରକୁ ଉଚ୍ଚ ବୋଲି କୁହ, ତେବେ ପାଦର ଅଭାବରେ ଶିର କ'ଣ ତା'ର ସ୍ଥାନ ପୂରଣ କରିପାରିବ ? ମନର ବିଚାରରେ ନିମ୍ନ ପ୍ରାଇମେରୀ ଅପେକ୍ଷା ଏମ୍.ଏ. ବହୁତ ଉଚ୍ଚ, କିନ୍ତୁ ପ୍ରଥମଟିକୁ ବାଦ୍ ଦେଲେ ଦ୍ୱିତୀୟଟିର ଭିତ୍ତି ସ୍ଥାପନ ହୋଇପାରେ କି ? ଅଜ୍ଞାନ ଆଉ ଅନ୍ଧକାର ଅବସ୍ଥାରେ ଛୋଟବଡ଼, ଉଚ୍ଚନୀଚ ଭାବ ଉତ୍ପନ୍ନ ହୁଏ । ଜ୍ଞାନ ଓ ଜ୍ୟୋତିଃ ସମ୍ମୁଖକୁ ଏସବୁ ସୀମିତ ଭାବ ସୂର୍ଯ୍ୟ ସମ୍ମୁଖରେ ଅନ୍ଧକାର ସଦୃଶ ଆସିପାରେ ନାହିଁ । ସତ୍ୟରେ ଅସାମଞ୍ଜସ୍ୟ ନ ଥାଏ, କିନ୍ତୁ ଅସୀମ ସତ୍ୟକୁ ସୀମିତ ମନ ବୁଝି ନ ପାରି ସେଥିରେ ବିରୋଧ ଆରୋପ କରେ । ମାନବଜାତି ଯେତେବେଳେ ଯେତିକି ସତ୍ୟ ଗ୍ରହଣ କରିବାକୁ ପ୍ରସ୍ତୁତ ହୁଏ ସେତେବେଳେ ଭଗବାନ୍ ତଥା ଆଚାର୍ଯ୍ୟମାନେ ଅବତାର ଗ୍ରହଣ କରି ସେତିକି ସତ୍ୟ ସ୍ଥାପନା କରନ୍ତି । ସୃଷ୍ଟି ଏକ ଭଗବାନଙ୍କର, ଆଉ ସେହି ଏକ ଭଗବାନଙ୍କ ଦ୍ୱାରା ବ୍ୟବସ୍ଥିତ ଓ ଚାଳିତ ହୁଏ; ସେଥିରେ ବିରୋଧ ହେବ କିପରି ? ମନୁଷ୍ୟ ଭଗବାନଙ୍କ ବ୍ୟବସ୍ଥାକୁ ମନ ଦ୍ୱାରା ବୁଝି ନ ପାରି ବିରୋଧ ସୃଷ୍ଟି କରେ, ବାସ୍ତବରେ କୌଣସି ବିରୋଧ ନ ଥାଏ । ଯେପରି ଶଙ୍କର ନିର୍ବିଶେଷ, ଗତିହୀନ, ନିଷ୍କ୍ରିୟ ବ୍ରହ୍ମଙ୍କୁ ଦୃଶ୍ୟମାନ ବସ୍ତୁରୁ ପୃଥକ୍ ବୋଲି ଘୋଷଣା କଲେ । ରାମାନୁଜ କହିଲେ – ''ବ୍ରହ୍ମ ଦୃଶ୍ୟମାନ ବସ୍ତୁରୁ ପୃଥକ୍ ହୋଇ ନ ପାରେ । ବ୍ରହ୍ମ ଦୃଶ୍ୟମାନ ବସ୍ତୁରୂପେ ପ୍ରକଟ ହୋଇ ଅଛନ୍ତି ।'' ''ଏକୋଽହଂ ବହୁସ୍ୟାମ୍'', ଯଦି ବ୍ରହ୍ମ ସତ୍ୟ, ତେବେ ଜଗତ୍ ମିଥ୍ୟା ହୋଇ ନ ପାରେ; ସୁତରାଂ ବ୍ରହ୍ମହିଁ ବହୁରୂପେ ପ୍ରକଟ ହୋଇଅଛନ୍ତି । ରାମାନୁଜଙ୍କର ଏହି ଅନୁଭୂତି ଓ ସିଦ୍ଧାନ୍ତ ସତ୍ୟ ତଥା ଶଙ୍କରଙ୍କର ବିରୋଧୀ, କିନ୍ତୁ ଏଥିରେ ମଧ୍ୟ ପୂର୍ଣ୍ଣ ସମାଧାନ ନୁହେଁ । ଯଦି ସଂସାର ବ୍ରହ୍ମରୂପ, ତେବେ ଏଠାରେ ଦୁଃଖକଷ୍ଟ କାହିଁକି ? ଯେଉଁ ସାଧାରଣ ମନୁଷ୍ୟ ସଂସାର ଓ ଭଗବାନଙ୍କ ସମ୍ବନ୍ଧେ ଅଜ୍ଞାନ, ସେମାନେ ଦୁଃଖକଷ୍ଟ ଭୋଗନ୍ତି ଓ ସଂସାର ତ୍ୟାଗ କରି ତଥା ଶରୀର ତ୍ୟାଗ କରି ଚାଲିଯାଆନ୍ତି । କିନ୍ତୁ ଯେଉଁମାନେ ମହାତ୍ମା ଆଉ ଭଗବାନଙ୍କର ଦର୍ଶନ ଲାଭ କରିଛନ୍ତି, ସେମାନେ କାହିଁକି ବ୍ରହ୍ମରୂପ ଶରୀରକୁ ତ୍ୟାଗ କରନ୍ତି ? ଯଦି ଭଗବାନ୍ ସର୍ବତ୍ର ବିଦ୍ୟମାନ, ତେବେ ଏ ସଂସାରରେ ବି ବିଦ୍ୟମାନ ଅଛନ୍ତି, ତେବେ ଏହି ସଂସାରକୁ ଛାଡ଼ି ସାକେତ, ବୈକୁଣ୍ଠ, ଗୋଲୋକ ଯିବାର ପ୍ରୟୋଜନ କ'ଣ ?

ଏସବୁର ଯଥାର୍ଥ ସମାଧାନ ଶ୍ରୀଅରବିନ୍ଦଙ୍କ ଯୋଗରେ ମିଳେ । ନିଷ୍କ୍ରିୟ ଆଉ ସକ୍ରିୟ ଏବଂ ଉଭୟଧର୍ତ୍ତା ପୁରୁଷୋତ୍ତମ ତତ୍ତ୍ୱହିଁ ଅତିମାନସ ଚେତନାରେ ନିରାବରଣରୂପେ ଅନୁଭୂତ ହୁଏ । ସେହି ଅତିମାନସ ଶକ୍ତି ଦ୍ୱାରା ମନ, ପ୍ରାଣ ଓ ଶରୀର ତାହାର ମୂଳ ଦିବ୍ୟତତ୍ତ୍ୱରେ ରୂପାନ୍ତରିତ ହେଲେ ବ୍ୟକ୍ତି ଅନୁଭବ କରିପାରେ ସକ୍ରିୟ, ନିଷ୍କ୍ରିୟ ଏବଂ ଏହି ଉଭୟଧର୍ତ୍ତା ପୁରୁଷୋତ୍ତମ ତତ୍ତ୍ୱକୁ । ସେତେବେଳେ ଶରୀର ଛାଡ଼ି ଅନ୍ୟ ଦିବ୍ୟ ଲୋକକୁ ଯିବାକୁ ହୁଏ ନାହିଁ । ସକଳ ଦିବ୍ୟ ଲୋକ ଓ ଏହି ମୃତ୍ୟୁଲୋକ ମଧ୍ୟରେ ବ୍ୟବଧାନ ଆଉ ରହେ ନାହିଁ । ସମସ୍ତ ଦିବ୍ୟଲୋକ ଉତରି ଆସେ

ମର୍ତ୍ତ୍ୟରେ, ଏହି ମୃତ୍ୟୁପୁରୀ ପରିଣତ ହୁଏ ଦିବ୍ୟ ଲୋକ ସାକେତ, ବୈକୁଣ୍ଠ ଓ ଗୋଲୋକରେ । ଶ୍ରୀଅରବିନ୍ଦଙ୍କ ଯୋଗ କୌଣସି ଯୋଗର ବିରୋଧୀ ନୁହେଁ, କିନ୍ତୁ ସକଳ ପୁରାତନ ଯୋଗକୁ ତାହାର ଯଥାର୍ଥ ସ୍ଥାନ ପ୍ରଦାନ କରି ସମସ୍ତଙ୍କୁ ଏକ ଏବଂ ବିଶାଳ କରି ତୋଳେ । ଆଉ ପୂର୍ବ ଯୋଗରେ ଭକ୍ତି ଓ ଜ୍ଞାନ ମଧ୍ୟରେ ଯେଉଁ ବିରୋଧ ଥିଲା ତାହାର ଏକ ବିରାଟ ସମନ୍ୱୟ ସମ୍ପାଦନ କରେ । ଆଉ ମଧ୍ୟ ପୂର୍ବେ ଯୋଗୀମାନେ ଯେଉଁ ପୁରୁଷୋତ୍ତମ ତତ୍ତ୍ୱକୁ ଉପଲବ୍ଧି କରିଥିଲେ ତାହାକୁ ଶ୍ରୀଅରବିନ୍ଦଙ୍କ ଯୋଗ ଏହି ସ୍ଥୂଳ ଜଗତରେ ପୂର୍ଣ୍ଣରୂପେ ପ୍ରକାଶ କରେ । ସୁତରାଂ ଶ୍ରୀଅରବିନ୍ଦଙ୍କ ଯୋଗ ବେଦ, ଉପନିଷଦ୍ ଆଉ ପୂର୍ବ ଯୋଗୀମାନଙ୍କର ଅନୁଭୂତି ଉପରେ ପ୍ରତିଷ୍ଠିତ । କ୍ରମବିକାଶ ଧାରା ଅନୁସାରେ ଯଦି ପୁରାତନ ଯୋଗ ପ୍ରତିଷ୍ଠିତ ହୋଇ ନ ଥା'ନ୍ତା, ତେବେ ଆଜି ଶ୍ରୀଅରବିନ୍ଦଙ୍କ ଯୋଗ ପ୍ରତିଷ୍ଠିତ ହେବାକୁ ଆଧାର ପାଇ ନ ଥା'ନ୍ତା । ତେଣୁ କୌଣସି ଯୋଗ ଅନ୍ୟ କୌଣସି ଯୋଗର ବିରୋଧୀ ନୁହେଁ । ପୂର୍ଣ୍ଣ ସତ୍ୟ ଦୃଷ୍ଟିରେ ଏକ ଅନ୍ୟର ପରିପୂରକ ଏବଂ ପୂର୍ଣ୍ଣତାର ପଥରେ ସହାୟକ ।

ପ୍ରଶ୍ନ : କହୁଛନ୍ତି : ଶ୍ରୀଅରବିନ୍ଦଙ୍କ ଯୋଗ କୌଣସି ଯୋଗର ବିରୋଧୀ ନୁହେଁ, ଅର୍ଥାତ୍ ସକଳ ପୁରାତନ ଯୋଗକୁ ବିଶାଳ କରି ତୋଳେ ଏବଂ ପୂର୍ଣ୍ଣତା ଆଣିଦିଏ, ତେବେ ପୁରାତନ ଯୋଗୀମାନଙ୍କୁ କ'ଣ ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରହଣ କରିବାକୁ ହେବ ?

ଉତ୍ତର : ପୁରାତନ ଯୋଗର ସାଧକମାନେ ଯଦି ପୂର୍ଣ୍ଣତା ପ୍ରାପ୍ତ କରିବାକୁ ଚାହାନ୍ତି, ତେବେ ସେମାନଙ୍କର ପକ୍ଷେ ଶ୍ରୀଅରବିନ୍ଦଙ୍କ ଯୋଗ ଆବଶ୍ୟକ ନୁହେଁ ଅନିବାର୍ଯ୍ୟ ।

ପ୍ରଶ୍ନ : ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗ ସାଧନା କରିବାର ଅର୍ଥ କ'ଣ ପୁରାତନ ଯୋଗ-ସାଧନା-ପ୍ରଣାଳୀସବୁକୁ ଛାଡ଼ି ନୂତନ ରୂପେ ଏହାକୁ ଗ୍ରହଣ କରିବାକୁ ହେବ ?

ଉତ୍ତର : ଏହାର ଅର୍ଥ : ଲକ୍ଷ୍ୟକୁ ବ୍ୟାପକ, ବିଶାଳ ଓ ପୂର୍ଣ୍ଣ କରିବାକୁ ହେବ । ପୁରାତନ ଯୋଗର ଲକ୍ଷ୍ୟ ଥିଲା ଶରୀରକୁ ତ୍ୟାଗ କରି ନିର୍ବିଶେଷ ସତ୍ତାରେ ଏକ ହୋଇଯିବା ଅଥବା ସାକେତ, ବୈକୁଣ୍ଠ କିଂବା ଗୋଲୋକରେ ଭଗବାନଙ୍କ ଲୀଳାସହଚର ହେବା । ଏହି ଲକ୍ଷ୍ୟ ପରିବର୍ତ୍ତେ, ଏହା ସ୍ଥାନରେ ରଖିବାକୁ ହେବ — ଏହି ଶରୀରକୁ ତ୍ୟାଗ ନ କରି ଏହାର ମୂଳ ଚିନ୍ମୟ ତତ୍ତ୍ୱରେ ରୂପାନ୍ତରୀକରଣ । ରୂପାନ୍ତରିତ ଶରୀର ରୋଗ-ଜରା-ମୃତ୍ୟୁରୁ ମୁକ୍ତ ହେବା । ଅର୍ଥାତ୍ ଶରୀର ତ୍ୟାଗ ପରେ ଗୋଲୋକ, ସାକେତ ଓ ବୈକୁଣ୍ଠରେ ଯେଉଁ ନିତ୍ୟମୁକ୍ତ ଶରୀର ପ୍ରାପ୍ତ ହେଉଥିଲା ଶରୀର ରୂପାନ୍ତରରେ ସେହି ଗୁଣ ଧର୍ମ ପ୍ରତିଷ୍ଠିତ ହେବ ତଥା ପୁରାତନ ଯୋଗର ନିର୍ବିଶେଷ, ନିରାକାର ସତ୍ତାରେ ଏକତ୍ୱ ଅଭିବ୍ୟକ୍ତି ଏବଂ ଭଗବତ୍ ପ୍ରାପ୍ତି — ଏହି ଉଭୟ ସିଦ୍ଧି ଶ୍ରୀଅରବିନ୍ଦଙ୍କ ଯୋଗରେ ଲକ୍ଷ୍ୟ ସିଦ୍ଧିର ପୂର୍ବରୁ ପ୍ରାପ୍ତ ହେବ । ଅର୍ଥାତ୍ ଏହି ସମସ୍ତ ସିଦ୍ଧିର ପ୍ରାପ୍ତି ପରେ ଶ୍ରୀଅରବିନ୍ଦଙ୍କ ଯୋଗର ସିଦ୍ଧି ଲାଭ ହେବ । ଏହି ଯୋଗରେ ପୁରାତନ ଯୋଗସିଦ୍ଧି ତ ପ୍ରାପ୍ତ ହୁଏ, ତା' ଛଡ଼ା ବ୍ୟକ୍ତି ସଚ୍ଚିଦାନନ୍ଦ ତତ୍ତ୍ୱ ସହ ପୂର୍ଣ୍ଣ ଏକତ୍ୱ ପ୍ରାପ୍ତ ହେବା ସତ୍ତ୍ୱେ ପୃଥକ୍ ରହି ତାଙ୍କ ସଂକଳ୍ପ ଦ୍ୱାରା ପରିଚାଳିତ ହୁଏ । ଏହା ପୁରାତନ ଯୋଗରେ ଲାଭ କରାଯାଇ ନାହିଁ । ତେଣୁ ଶ୍ରୀଅରବିନ୍ଦଙ୍କ ଯୋଗ ପୁରାତନ ଯୋଗର ଲକ୍ଷ୍ୟକୁ ପରିପୁଷ୍ଟି ଓ ପୂର୍ଣ୍ଣତା ପ୍ରଦାନ କରେ । ପୁରାତନ ଯୋଗରେ ଶରୀର ତ୍ୟାଗ ପରେ ଯେଉଁ ଅବସ୍ଥା ପ୍ରାପ୍ତ ହୁଏ, ସେହି ସମସ୍ତ ଅବସ୍ଥା ଏହି ଶରୀର-ରୂପାନ୍ତରର ପ୍ରଥମ ସିଦ୍ଧିରୂପେ ପ୍ରାପ୍ତ ହୁଏ ।

ପ୍ରଶ୍ନ : ପୁରାତନ ଯୋଗରେ ଶରୀର ତ୍ୟାଗ ପରେ ଯେଉଁ ଅବସ୍ଥା ପ୍ରାପ୍ତ ହୁଏ, ସେହି ଅବସ୍ଥା ଶ୍ରୀଅରବିନ୍ଦଙ୍କ ଯୋଗରେ ଶରୀର ତ୍ୟାଗ କରା ନ ଯାଇ ପ୍ରାପ୍ତ କରା ହୁଏ । ଏହାର ବିଶେଷତ୍ୱ କ'ଣ ? ସରଳ ଭାବେ ବୁଝାଇ ଦିଅନ୍ତୁ ।

ଉତ୍ତର : କେବଳ ମୁକ୍ତ ଅବସ୍ଥାର ଦିବ୍ୟ ଶରୀର ଓ ଶ୍ରୀଅରବିନ୍ଦଙ୍କ ଯୋଗରେ ରୂପାନ୍ତରିତ ଶରୀର ମଧ୍ୟରେ ସାଦୃଶ୍ୟ ଥିବା ସତ୍ତ୍ୱେ ଅଭିବ୍ୟକ୍ତିରେ ପାର୍ଥକ୍ୟ ରହିଛି । ପୁରାତନ ଯୋଗରେ ସାକେତ, ଗୋଲୋକ, ବୈକୁଣ୍ଠାଦି ନିତ୍ୟ ଧାମରେ ସଚ୍ଚିଦାନନ୍ଦତତ୍ତ୍ୱର ସାକାର ସଗୁଣ ବ୍ରହ୍ମଙ୍କ ସେବାପ୍ରାପ୍ତ ହୁଏ; କିନ୍ତୁ ସଚ୍ଚିଦାନନ୍ଦ ତତ୍ତ୍ୱ ସାକାର, ନିରାକାର ଓ ଏକହି ସଙ୍ଗେ ଉଭୟ ଅବସ୍ଥାକୁ ଧାରଣ କରିଥିବା ପୁରୁଷୋତ୍ତମ ତତ୍ତ୍ୱର ଉପଲବ୍ଧି ହୁଏ ନାହିଁ ଏବଂ ସଂସାର ହେବାର ଉଦ୍ଦେଶ୍ୟ ସିଦ୍ଧ ହୁଏ ନାହିଁ । ଶ୍ରୀଅରବିନ୍ଦଙ୍କ ଯୋଗରେ ପୁରାତନ ସକଳ ଯୋଗର ଲକ୍ଷ୍ୟ ସିଦ୍ଧ ହୁଏ ଏବଂ ପୁରାତନ ସମସ୍ତ

ଯୋଗର ପରସ୍ପର ବିରୋଧୀ ସିଦ୍ଧାନ୍ତର ସମନ୍ୱୟ ହୁଏ । ତା' ଛଡ଼ା ଶରୀର, ମନ ଓ ପ୍ରାଣ ରୂପାନ୍ତରିତ ହେବା ପରେ ନିମ୍ନ ପ୍ରକୃତି ସେଥିରେ କ୍ରିୟା କରିପାରେ ନାହିଁ; କାରଣ ସେସବୁ ରୂପାନ୍ତରିତ ହୋଇଯାଇଥା'ନ୍ତି । ପୁରାତନ ଯୋଗରେ ସାଧକର ଶରୀର, ମନ ଓ ପ୍ରାଣର ରୂପାନ୍ତର ହୋଇ ନ ଥାଏ । ସେହି ମୁକ୍ତାତ୍ମାମାନେ ଯଦି ଭଗବାନଙ୍କର କର୍ମ ସାଧନ ପାଇଁ ପୁଣି ଏହି ପୃଥିବୀକୁ ଆସନ୍ତି, ତେବେ ପୂର୍ବ ଅଜ୍ଞାନ, ଅନ୍ଧକାର ଆସି ସେମାନଙ୍କ ମନ-ପ୍ରାଣ-ଶରୀରକୁ ଆଚ୍ଛନ୍ନ କରି ପକାଏ । ସେଥିପାଇଁ ସେମାନଙ୍କୁ ସାଧନା ଦ୍ୱାରା ଦୁଃଖ କଷ୍ଟ ମଧଦେଇ ସେହିସବୁ ନିମ୍ନ ପ୍ରକୃତିର କବଳରୁ ମୁକ୍ତ ହେବାକୁ ହୁଏ । ମୁକ୍ତାତ୍ମା ତୁଳସୀ ଦାସ, ସୁରଦାସ, ସମର୍ଥ ରାମଦାସ, ଜ୍ଞାନଦେବ, ତୁକାରାମ, ନାମଦେବ ଓଗେର ସାଧୁ ମହାତ୍ମାଙ୍କ ଜୀବନରେ ଏହା ଦେଖିବାକୁ ମିଳେ ।

ଏହି ଯୋଗର ଅନ୍ୟ ଏକ ବିଶେଷତ୍ୱ ହେଲା – ବ୍ୟକ୍ତିର ଶରୀରର ରୂପାନ୍ତର ହେବା ସଙ୍ଗେ ସଙ୍ଗେ ସେହି ବ୍ୟକ୍ତିର ଲାଭ ହୁଏ ଓ ସଂସାରରୁ ଅନ୍ଧକାର ଶକ୍ତିର କ୍ରିୟା – ହିଂସାଦ୍ୱେଷ, ଈର୍ଷ୍ୟାବିରୋଧ ଆଦି ଦୁର୍ଗୁଣ ଦୂର ହୋଇଯାଏ ଏବଂ ଅନ୍ୟ ସକାଶେ ରୂପାନ୍ତରର ଗୋଟାଏ ସରଳ ଓ ସହଜ ବାଟ ଖୋଲିଯାଏ । ଯଥାର୍ଥରେ କହିବାକୁ ଗଲେ ଶରୀରର ରୂପାନ୍ତର ଯୋଗ କେବଳ ବ୍ୟକ୍ତିଗତ ନୁହେଁ, ସମଷ୍ଟିଗତ ତଥା ସମଗ୍ର ସଂସାର ନିମିତ୍ତ ।

ପ୍ରଶ୍ନ : ବୈଷ୍ଣବ, ତାନ୍ତ୍ରିକ ଆଦି ଯେକୌଣସି ଦ୍ୱୈତ ଉପାସକ ଭକ୍ତ ସକାଶେ ଶ୍ରୀଅରବିନ୍ଦଙ୍କ ଯୋଗର ଲକ୍ଷ୍ୟ ଗ୍ରହଣ ସକାଶେ କୌଣସି ବିରୋଧ ନାହିଁ । କିନ୍ତୁ ଯେଉଁମାନେ ନିର୍ବିଶେଷ ବ୍ରହ୍ମବାଦୀ ସେମାନଙ୍କ ଲକ୍ଷ୍ୟ ଏହାଠାରୁ ଏକେବାରେ ଭିନ୍ନ । ସେମାନଙ୍କ ସିଦ୍ଧାନ୍ତ ହେଲା ଶରୀର ଓ ସଂସାର ମାୟା ମରୀଚିକା । ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗର ସିଦ୍ଧାନ୍ତ ଅନୁସାରେ ଶରୀର ଓ ସଂସାର ସତ୍ୟ । ଏହି ଉଭୟ ବିରୋଧୀ ସିଦ୍ଧାନ୍ତର ଲକ୍ଷ୍ୟରେ ସାମଞ୍ଜସ୍ୟ କେଉଁଠି ?

ଉତ୍ତର : ବାହ୍ୟତଃ ଉଭୟ ଲକ୍ଷ୍ୟ ବିରୋଧୀ ପ୍ରତୀତ ହେଉଥିଲେ ବି ଯଥାର୍ଥରେ ପରସ୍ପର ବିରୋଧୀ ନୁହନ୍ତି । ଜନ୍ମ-ମୃତ୍ୟୁରୂପ ତୀବ୍ର ଯାତନା ଏବଂ ଅସହ୍ୟ ସାଂସାରିକ ଦୁଃଖକଷ୍ଟରୁ ମୁକ୍ତ ହେବା ଉଦ୍ଦେଶ୍ୟରେ ବ୍ରହ୍ମରେ ମିଳିଯିବା ଅଦ୍ୱୈତବାଦୀଙ୍କର ଲକ୍ଷ୍ୟ । ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗରେ ଶରୀର, ମନ ଓ ପ୍ରାଣର ରୂପାନ୍ତର ସହିତ ଅଦ୍ୱୈତ ମୁକ୍ତି ମଧ ମିଳେ, ଅର୍ଥାତ୍ ନିରାକାର ତତ୍ତ୍ୱର ଉପଲବ୍ଧି ହୁଏ ଏବଂ ସାଧକ ଜନ୍ମ ମୃତ୍ୟୁ ଦ୍ୱନ୍ଦ୍ୱରୁ ମୁକ୍ତ ହୁଏ, ତାକୁ ଅବିଦ୍ୟାମାୟା ସ୍ପର୍ଶ କରିପାରେ ନାହିଁ । ଶ୍ରୀଅରବିନ୍ଦଙ୍କ ଯୋଗରେ ଏହା ହେଉଛି ପ୍ରଥମ ସିଦ୍ଧି । ଏହା ଶ୍ରୀଅରବିନ୍ଦଙ୍କ ଯୋଗରେ ଉପଲବ୍ଧ ହେଉଥିବାରୁ ଶଙ୍କରଙ୍କ ସିଦ୍ଧାନ୍ତ ଓ ଶ୍ରୀଅରବିନ୍ଦଙ୍କ ସିଦ୍ଧାନ୍ତରେ ସାମଞ୍ଜସ୍ୟ ଦୃଷ୍ଟିଗୋଚର ହେଉଛି । ଏତଦ୍‌ଭିନ୍ନ ପୂର୍ଣ୍ଣଯୋଗ ମନ-ପ୍ରାଣ-ଶରୀରର ଆଧାରରେ ଦିବ୍ୟାନନ୍ଦ, ଦିବ୍ୟପ୍ରେମ, ପରମଶାନ୍ତି ଓ ପରାଶକ୍ତି ଅବତରଣ କରାଇ ଶରୀରକୁ ଉନ୍ନତ ଓ ସମୃଦ୍ଧିଶାଳୀ କରି ଦିବ୍ୟ ମାନବରେ ପରିଣତ କରାଏ । ଅତଏବ ପୂର୍ଣ୍ଣଯୋଗର ଏହି ନୂତନତ୍ୱ ସକଳ ପୁରାତନ ଯୋଗକୁ ପୂର୍ଣ୍ଣତା ପ୍ରଦାନ କରେ ତଥା ଅଧ୍ୟାତ୍ମ-ଜଗତରେ ଏକ ଅଭିନବ ରୂପ ଗଢ଼ିତୋଳେ ।

ପ୍ରଶ୍ନ : ଶ୍ରୀଅରବିନ୍ଦଙ୍କ ଯୋଗ ସକାଶେ ଏହା ପୂର୍ଣ୍ଣ ହୋଇପାରେ, କିନ୍ତୁ ଅଦ୍ୱୈତବାଦୀମାନଙ୍କ ବ୍ରହ୍ମ ନିଷ୍କ୍ରିୟ, ସତ୍ୟ ସତ୍ତା, ବାକି ସବୁ ମାୟା । ମାୟାରେ ପୂର୍ଣ୍ଣତା କ'ଣ ?

ଉତ୍ତର : ବ୍ରହ୍ମ ଯଦି ନିଷ୍କ୍ରିୟ, ତେବେ ତାକୁ ସର୍ବଶ୍ରେଷ୍ଠ ବୋଲି ମାନିନିଆ ହେବ କାହିଁକି ? ତାହାଦ୍ୱାରା ପ୍ରାଣୀର ଲାଭ ହେବ ବା କ'ଣ ? ସମଗ୍ର ଜଗତରେ ଯେତେ ଯାହା ସବୁ ମହାନ୍ ଆଶ୍ଚର୍ଯ୍ୟଜନକ କାର୍ଯ୍ୟ ଓ ଶକ୍ତିର ଖେଳସବୁ ବ୍ରହ୍ମରୁ ଏକେବାରେ ପୃଥକ୍ ! ଜଗତ୍ କେବଳ ପ୍ରକୃତି ଦ୍ୱାରା ପରିଚାଳିତ ଆଉ ତାହାର ପ୍ରେରକ ଈଶ୍ୱର ନୁହନ୍ତି ! ଯଦି ଏହା ସତ୍ୟ ହୁଏ, ତେବେ ତ ନିଷ୍କ୍ରିୟ ବ୍ରହ୍ମଠାରୁ ପ୍ରକୃତି ଶ୍ରେଷ୍ଠ ଏବଂ ମହାନ୍ । ଅଧ୍ୟାତ୍ମ ଜ୍ଞାନକୁ ଛାଡ଼, ଏହାକୁ ସ୍ଥୂଳ ବୁଦ୍ଧି ଦ୍ୱାରା ବିଚାର କଲେ ସନ୍ତୋଷ ମିଳେ ନାହିଁ କିଂବା ସମାଧାନ ହୁଏ ନାହିଁ ।

ପ୍ରଶ୍ନ : ସ୍ଥୂଳବୁଦ୍ଧିକୁ ସନ୍ତୋଷ ମିଳୁ ବା ନ ମିଳୁ, ଅଦ୍ୱୈତବାଦୀ ଆଚାର୍ଯ୍ୟଗଣ ଶାସ୍ତ୍ରର ସତ୍ୟକୁ ଆବିଷ୍କାର କରିଛନ୍ତି ଏବଂ ନିଜ ଅନୁଭୂତିରେ ଉପଲବ୍ଧି କରିଛନ୍ତି – ବ୍ରହ୍ମ ନିଷ୍କ୍ରିୟ, ଜଗତ ମାୟା ।

ଉତ୍ତର : ସେହି ଏକ ଶାସ୍ତ୍ରରୁ ଦ୍ୱୈତବାଦୀମାନେ ଆବିଷ୍କାର କରିଛନ୍ତି ଓ ଅନୁଭୂତିରେ ପ୍ରାପ୍ତ କରିଛନ୍ତି – ବ୍ରହ୍ମ ସକ୍ରିୟ, ଜଗତର ସ୍ରଷ୍ଟା, ଧର୍ତ୍ତା ଓ ଚାଳକ । ପୁଣି ସେହି ଶାସ୍ତ୍ରରୁ ଶ୍ରୀଅରବିନ୍ଦ ସତ୍ୟକୁ ପାଇଛନ୍ତି – ବ୍ରହ୍ମ ସକ୍ରିୟ ଓ

ନିଷ୍କ୍ରିୟ, ଏକ ସଙ୍ଗେ ପୁରୁଷୋତ୍ତମ, ସଚ୍ଚିଦାନନ୍ଦ ସ୍ୱରୂପ । ତାଙ୍କର ଗୋଟିଏ ଦିଗ ସକ୍ରିୟ ଓ ଅନ୍ୟଟି ନିଷ୍କ୍ରିୟ । ଏଥିରେ ଉପରୋକ୍ତ ଦୁଇ ମତବାଦର ସମାଧାନ ହୋଇଛି ।

ଶ୍ରୀଅରବିନ୍ଦଙ୍କ ମତରେ ସଂସାରର ଆବଶ୍ୟକତାନୁଯାୟୀ ଭଗବାନଙ୍କ ପ୍ରେରଣାରେ ବ୍ରହ୍ମର ନିଷ୍କ୍ରିୟ ଓ ସକ୍ରିୟ ସ୍ୱରୂପ ଭିନ୍ନ ଭିନ୍ନ ସମୟରେ ପ୍ରକାଶିତ ହୋଇଅଛି । ଏକ ଅନ୍ୟର ବିରୋଧି ନୁହନ୍ତି । ସଚ୍ଚିଦାନନ୍ଦଙ୍କର ପୂର୍ଣ୍ଣ ସ୍ୱରୂପ ପ୍ରକଟ ହେବାର ସମୟ ବର୍ତ୍ତମାନ ଆସିଛି । ବ୍ରହ୍ମର ଏହି ପୂର୍ଣ୍ଣ ସ୍ୱରୂପରେ ପୁରାତନ ଯୋଗର ସକଳ ବିରୋଧୀ ସିଦ୍ଧାନ୍ତର ସମନ୍ୱୟ ହେଉଛି । ବ୍ରହ୍ମର ଏହି ପୂର୍ଣ୍ଣ ସ୍ୱରୂପ ଉପଲବ୍ଧି କରିବାକୁ ହେଲେ ପ୍ରତ୍ୟେକ ବ୍ୟକ୍ତି ପକ୍ଷେ ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରହଣ କରିବା ଆବଶ୍ୟକ । କାରଣ ଅରୂପାନ୍ତରିତ ଶରୀରରେ ପୂର୍ଣ୍ଣବ୍ରହ୍ମ ଉପଲବ୍ଧି ହୁଅନ୍ତି ନାହିଁ ।

ପ୍ରଶ୍ନ : ପ୍ରତ୍ୟେକ ବ୍ୟକ୍ତିର ଅର୍ଥ କ'ଣ ପ୍ରତ୍ୟେକ ଗୃହସ୍ଥ ବ୍ୟକ୍ତିଙ୍କୁ ଯୋଗ କରିବାକୁ ହେବ ?

ଉତ୍ତର : ପ୍ରତ୍ୟେକ ବ୍ୟକ୍ତି ଚାହେଁ ପୂର୍ଣ୍ଣତା, ସେ ସନ୍ନ୍ୟାସୀ ହେଉ ଅଥବା ଗୃହୀ ହେଉ । ସେ ଚାହେଁ ଅଖଣ୍ଡ ଆନନ୍ଦ, ନୀରୋଗ ଶରୀର, ଅମରତ୍ୱ, ଚିର ଯୌବନ ଓ ପ୍ରକୃତି ଅଧୀନରୁ ପୂର୍ଣ୍ଣ ମୁକ୍ତି । ଏହା ଯେଉଁମାନେ ଚାହାନ୍ତି ସେମାନଙ୍କୁ ଯୋଗ କରିବାକୁ ହେବ । ଏହା ଯେପର୍ଯ୍ୟନ୍ତ ପ୍ରାପ୍ତ ନ ହୋଇଛି ସେ ପର୍ଯ୍ୟନ୍ତ ଜୀବନ ଅପୂର୍ଣ୍ଣ । ଏହି ସକଳ ଚାହିବା ପୂର୍ଣ୍ଣ ହୁଏ ମନ-ପ୍ରାଣ-ଶରୀରର ପୂର୍ଣ୍ଣ ରୂପାନ୍ତରରେ । ଏହାହିଁ ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗରେ ସାଧିତ ହୁଏ । ଅତଏବ ସମଗ୍ର ଜୀବନହିଁ ଯୋଗ, ଅର୍ଥାତ୍ ପ୍ରତ୍ୟେକଙ୍କ ପାଇଁ ଯୋଗ ଅପରିହାର୍ଯ୍ୟ ।

ପ୍ରଶ୍ନ : ଅଦ୍ୱୈତବାଦୀ ସନ୍ନ୍ୟାସୀ ଓ ଦ୍ୱୈତବାଦୀ ଭକ୍ତମାନେ ନିଜ ଲକ୍ଷ୍ୟ ସିଦ୍ଧି ପରେ ସେମାନଙ୍କର କୌଣସି କାମ୍ୟବସ୍ତୁ ନ ଥାଏ । ଭଗବାନ୍ ପୂର୍ଣ୍ଣ କାମ, ତାଙ୍କୁ ପ୍ରାପ୍ତ ହେଲା ପରେ ବାକି କିଛି ରହେ ନାହିଁ । ପୁଣି ଅପୂର୍ଣ୍ଣତା କ'ଣ ?

ଉତ୍ତର : ଭଗ୍‌ବାନ୍ ପୂର୍ଣ୍ଣକାମ, ତାଙ୍କୁ ପ୍ରାପ୍ତ ହେଲାପରେ କୌଣସି କାମ୍ୟ ବସ୍ତୁ ରହେ ନାହିଁ, ଏହା ଠିକ୍ । କିନ୍ତୁ ମନୁଷ୍ୟର କେଉଁ ସତ୍ତା ଭଗବାନ୍‌ଙ୍କୁ ପ୍ରାପ୍ତ ହୁଏ ? ମନ-ପ୍ରାଣ-ଶରୀର ତଥା ଆତ୍ମାର ସଂଯୋଗରେ ବ୍ୟକ୍ତି ସୃଷ୍ଟି ହୁଏ । ଆତ୍ମା ତା' ସ୍ୱରୂପରେ ସର୍ବଦା ସ୍ଥିତ, ମନ-ପ୍ରାଣ-ଶରୀର ବିକୃତି ହୋଇଯାଆନ୍ତି । ଫଳରେ ମନ-ପ୍ରାଣ-ଶରୀରରେ କାମନା-ବାସନା ଜାଗ୍ରତ୍ ହୁଏ । ଆତ୍ମା ଅବିକୃତ ଥିବାରୁ ତା' ମଧ୍ୟରେ କୌଣସି କାମନା ନ ଥାଏ ।

ସମସ୍ତ ପୁରାତନ ଯୋଗୀ ମନ-ପ୍ରାଣ-ଶରୀରର ସାହାଯ୍ୟରେ ସାଧନା କରନ୍ତି ଏବଂ ସେସବୁ ବାଦ୍ ଦେଇ ଓ ସେସବୁର ସମ୍ବନ୍ଧ ତୁଟାଇ ନିତ୍ୟ ମୁକ୍ତ ଆତ୍ମାକୁ ନିର୍ବିଶେଷ ସତ୍ତାରେ ଏକ କରିଦିଅନ୍ତି ଅଥବା ସାକେତ, ଗୋଲୋକ, ବୈକୁଣ୍ଠରେ ଭଗବତ୍ ସେବା ପ୍ରାପ୍ତ ହୁଅନ୍ତି । ମନ, ପ୍ରାଣ ଓ ଶରୀର ବିକୃତ, କାମନା-ବାସନାଯୁକ୍ତ ହୋଇ ରହିଥାଆନ୍ତି । ଆତ୍ମା ସର୍ବଦା ମୁକ୍ତ ଓ ଆପ୍ତକାମ, ଆତ୍ମାର ଯଦି କେବେ କାମନା ଥାଆନ୍ତା, ତେବେ ତାକୁ ଆପ୍ତକାମୀ ହେବା ଯୁକ୍ତିସଙ୍ଗତ ହୋଇ ନ ଥାଆନ୍ତା । ମନ, ପ୍ରାଣ ଓ ଶରୀର କାମନା ଯୁକ୍ତ । ଏସବୁ ଯଦି ଭଗବତ୍ ପ୍ରାପ୍ତି କରିଥାଆନ୍ତେ, ତେବେ ତାଙ୍କର ସମସ୍ତ କାମନା ପୂର୍ଣ୍ଣ ହୋଇଥାଆନ୍ତା । ଆଉ ସେମାନଙ୍କୁ ଆପ୍ତକାମୀ ବୋଲି କୁହାଯାଇ ଥାଆନ୍ତା ।

ପ୍ରଶ୍ନ : କହୁଛନ୍ତି — ପୁରାତନ ଯୋଗରେ ମନ-ପ୍ରାଣ-ଶରୀରର କାମନା-ବାସନା ଯେପରି ଥାଏ ସେହିପରି ରହିଯାଏ; ତେବେ କ'ଣ କାମନା-ବାସନା ଥିବା ସତ୍ତ୍ୱେ ବ୍ୟକ୍ତି ନିର୍ବିଶେଷ ସତ୍ତାରେ ଏକ ହୋଇପାରେ କିଂବା ଭଗବତ୍ ପ୍ରାପ୍ତି କରିପାରେ ?

ଉତ୍ତର : ଯେପର୍ଯ୍ୟନ୍ତ କାମନାବାସନା କ୍ରିୟାଶୀଳ ଥାଏ ସେପର୍ଯ୍ୟନ୍ତ ମୁକ୍ତି ବା ଭଗବତ୍ ପ୍ରାପ୍ତି ବ୍ୟକ୍ତି କରିପାରେ ନାହିଁ । ପୁରାତନ ଯୋଗୀମାନେ ମନ-ପ୍ରାଣ-ଶରୀର ଓ କାମନା-ବାସନାକୁ ରୂପାନ୍ତର କରନ୍ତି ନାହିଁ କିଂବା ସେସବୁକୁ କ୍ରିୟା କରିବାକୁ ଦିଅନ୍ତି ନାହିଁ । ମନ-ପ୍ରାଣ-ଶରୀର ସଙ୍ଗେ ଆତ୍ମାର ଯେଉଁ ଏକାତ୍ମତା ଥାଏ, ଯେଉଁ ଏକାତ୍ମତାର କାରଣରୁ, ସେସବୁ ସହିତ ଆତ୍ମାକୁ ବାରଂବାର ଜନ୍ମ ଗ୍ରହଣ କରିବାକୁ ହୁଏ, ସେସବୁର ସମ୍ବନ୍ଧରୁ ଆତ୍ମାକୁ ପୃଥକ୍ କରିନିଅନ୍ତି । ମନ-ପ୍ରାଣ-ଶରୀର ହୋଇଯାଏ ନିସ୍ତବ୍ଧ, ସେସବୁକୁ କ୍ରିୟା କରିବାକୁ ଅବସର ନ ଥାଏ । ଏହି ଅବସ୍ଥାରେ ଯୋଗୀ ମୁକ୍ତି ବା ଭଗବତ୍ ପ୍ରାପ୍ତି କରି ଜନ୍ମ-ମରଣ ଦ୍ୱନ୍ଦ୍ୱରୁ ମୁକ୍ତ ହୁଅନ୍ତି । ଏଥିରେ ଦ୍ୱନ୍ଦ୍ୱର ନିବୃତ୍ତି ହୁଏ, କିନ୍ତୁ ଭଗବାନଙ୍କ ସଂକଳ୍ପ ସିଦ୍ଧ ହୁଏ ନାହିଁ କିଂବା ପୃଥିବୀରେ ଶରୀର ଧାରଣ କରିବାର ଉଦ୍ଦେଶ୍ୟ ପୂର୍ଣ୍ଣ ହୁଏ ନାହିଁ । ତା' ଛଡ଼ା ସେହି ମୁକ୍ତ

ଆତ୍ମାଙ୍କୁ ଭଗବାନଙ୍କ କାର୍ଯ୍ୟ ସକାଶେ ଯଦି ଭଗବାନଙ୍କ ନିର୍ଦ୍ଦେଶରେ କେବେ ପୃଥିବୀକୁ ଆସିବାକୁ ହୁଏ, ତେବେ ତାଙ୍କୁ ସେହି ଅଶୁଦ୍ଧ ମନ, ପ୍ରାଣ ଓ ଶରୀରକୁ ଗ୍ରହଣ କରିବାକୁ ହୁଏ । ଆତ୍ମାକୁ ମନ, ପ୍ରାଣ ଓ ଶରୀରରୁ ପୃଥକ୍ କରନ୍ତି ଜ୍ଞାନ-ଯୋଗୀମାନେ ଏହି ରୂପେ :— ସେମାନେ ଭାବନ୍ତି, ସେମାନେ ମନ ନୁହନ୍ତି, ପ୍ରାଣ ନୁହନ୍ତି, ଶରୀର ନୁହନ୍ତି; ସେମାନେ ଶୁଦ୍ଧ, ବୁଦ୍ଧ, ନିତ୍ୟ, ଶାଶ୍ୱତ, ନିର୍ବିଶେଷ, ନିଷ୍କ୍ରିୟ ସତ୍ତା । ଏହି ଅଭ୍ୟାସ ସେମାନଙ୍କ ଚେତନାରେ ପରିଣତ ହୋଇଯାଏ । ସେମାନେ ସେଥିରେ ବୁଡ଼ି ରହନ୍ତି । ମୃତ୍ୟୁ ପରେ ଆତ୍ମା ନିର୍ବିଶେଷ ସତ୍ତାରେ ଏକ ହୋଇଯାଏ ।

ଭକ୍ତ-ଯୋଗୀମାନେ ନିବାସ କରନ୍ତି ମୃତ୍ୟୁପୁରୀରେ, ଧାରଣ କରିଥାଆନ୍ତି ରୋଗ-ଜରା-ମୃତ୍ୟୁ ଗ୍ରସ୍ତ ନଶ୍ୱର ଶରୀର । କିନ୍ତୁ ଭାବନ୍ତି ସେମାନଙ୍କ ଶରୀର ତାଙ୍କ ଇଷ୍ଟଦେବଙ୍କ ଶରୀର ସଦୃଶ ଦିବ୍ୟ, ରୋଗ-ଜରା-ମୃତ୍ୟୁ ରହିତ । ଭାବନା ଦ୍ୱାରା ସେମାନେ ସେହି ଦିବ୍ୟ ଶରୀରରେ ନିଜ ଇଷ୍ଟଦେବଙ୍କ ସାକେତ, ଗୋଲୋକ, ବୈକୁଣ୍ଠାଦି ଦିବ୍ୟ ଧାମରେ ରହି ନିଜ ଇଷ୍ଟଦେବଙ୍କ ନିତ୍ୟ ସେବାରେ ନିଯୁକ୍ତ ଥାଆନ୍ତି । ଇଷ୍ଟଦେବଙ୍କ ସେବା କରିବା ସତ୍ତ୍ୱେ ତାଙ୍କ ସହିତ ପୂର୍ଣ୍ଣତଃ ଏକ ହୋଇ ଥାଆନ୍ତି । ତତ୍ତ୍ୱତଃ ନିଜ ଇଷ୍ଟ ଦେବଙ୍କ ସହିତ କୌଣସି ପାର୍ଥକ୍ୟ ନ ଥାଏ । ଚେତନାର ବିକାଶ ଅନୁସାରେ ଏହି ଭାବନା ଗଭୀରରୁ ଗଭୀରତର ହୁଏ ଏବଂ ଚେତନାରେ ମିଳିମିଶି ଏକ ହୋଇଯାଏ । ଜୀବିତାବସ୍ଥାରେ ସେମାନେ ଏହି ଚେତନାରେ ବୁଡ଼ି ରହନ୍ତି ଏବଂ ମୃତ୍ୟୁ ପରେ ଦିବ୍ୟ ଶରୀରରେ ନିଜ ଇଷ୍ଟଦେବଙ୍କ ସେବାରେ ନିତ୍ୟଧାମକୁ ପ୍ରାପ୍ତ ହୁଅନ୍ତି । କିନ୍ତୁ ସେମାନେ ଯଦିଓ ନିବାସ କରନ୍ତି ଏହି ପାର୍ଥିବ ମନ, ପ୍ରାଣ ଓ ଶରୀରରେ, ତଥାପି ସେମାନଙ୍କର ଚେତନା ଯୁକ୍ତ ହୁଏ ଭଗବାନଙ୍କ ସେବାରେ, ମନ-ପ୍ରାଣ-ଶରୀରକୁ ନିଜ ନିଜ କ୍ରିୟା କରିବାକୁ ଅବକାଶ ମିଳେ ନାହିଁ । ସେଥିପାଇଁ ସେସବୁ ନିର୍ଜୀବ ହୋଇ ଆହାର ନ ପାଇ ମୃତବତ୍ ପଡ଼ି ରହନ୍ତି । ସୁତରାଂ ସେସବୁର ରୂପାନ୍ତର ହୁଏ ନାହିଁ । ଆତ୍ମା ଭଗବତ୍ ସେବା ପ୍ରାପ୍ତ ହୁଏ; ମନ, ପ୍ରାଣ ଓ ଶରୀର ସେହିପରି ଅଶୁଦ୍ଧ ଅବସ୍ଥାରେ ପୃଥିବୀରେ ରହନ୍ତି । ଏହି ମୁକ୍ତ ଆତ୍ମାଙ୍କୁ ଯଦି ପୁନର୍ବାର ଏହି ସଂସାରକୁ ମନୁଷ୍ୟ ଶରୀରରେ ଆସିବାକୁ ହୁଏ, ତେବେ ଛାଡ଼ି ଦେଇ ଯାଇଥିବା ମନ-ପ୍ରାଣ-ଶରୀର ତତ୍ତ୍ୱକୁ ପୁନର୍ବାର ଗ୍ରହଣ କରନ୍ତି । ଏହି କାରଣରୁ ବଡ଼ ବଡ଼ ମହାତ୍ମା ତଥା ମହାପୁରୁଷମାନଙ୍କ ଜୀବନରେ ମହାନ୍ ତ୍ରୁଟି ଦେଖାଯାଏ । ଏହି ସଂସାରକୁ ଆସି ମୁକ୍ତି ବା ଭଗବତ୍ ପ୍ରାପ୍ତି କରି ଏହି ସଂସାରରୁ ଫେରିଯିବା ଦ୍ୱାରା ସୃଷ୍ଟି କରିବାରେ ଭଗବାନଙ୍କର ସଂକଳ୍ପ ତଥା ବ୍ୟକ୍ତିର ଉଦ୍ଦେଶ୍ୟ ପୂର୍ଣ୍ଣ ହୁଏ ନାହିଁ ।

ପ୍ରଶ୍ନ : ସୃଷ୍ଟି କରିବାରେ ଭଗବାନଙ୍କ ସଂକଳ୍ପ କ'ଣ ଏବଂ ବ୍ୟକ୍ତିର ଉଦ୍ଦେଶ୍ୟ କ'ଣ ?

ଉତ୍ତର : ଭଗବାନଙ୍କର ସଂକଳ୍ପ ହେଲା : ଭଗବାନ୍ ଏକରୁ ବହୁରୂପେ ପ୍ରକାଶ ହେବା । ବ୍ୟକ୍ତିର ଉଦ୍ଦେଶ୍ୟ ହେଲା : ଭଗବାନଙ୍କ ସଂକଳ୍ପକୁ ଚରିତାର୍ଥ କରିବା । ଅର୍ଥାତ୍ ସତ୍-ଚିତ୍-ଆନନ୍ଦ ସ୍ୱରୂପ ଭଗବାନଙ୍କୁ ମନ-ପ୍ରାଣ-ଶରୀରରେ ନିରାବରଣ ରୂପେ ପ୍ରକାଶ କରିବା । ଭଗବାନଙ୍କ ସହିତ ପୂର୍ଣ୍ଣତଃ ଏକତ୍ୱ ପ୍ରାପ୍ତ କରି ତାଙ୍କରି ଯନ୍ତ୍ର ରୂପେ ତାଙ୍କରି ସଂକଳ୍ପରେ ପରିଚାଳିତ ହେବା ।

ପ୍ରଶ୍ନ : ଭଗବାନ୍ ନିଷ୍କ୍ରିୟ, ନିର୍ବିକାର, ନିରଞ୍ଜନ, ନିରାକାର । ତାଙ୍କର ସଂକଳ୍ପ ହେବ କିପରି ? ସଂକଳ୍ପ ହୁଏ ସକ୍ରିୟ ତଥା ଅଜ୍ଞାନ ଅବସ୍ଥାରେ । ବ୍ରହ୍ମ ନିଷ୍କ୍ରିୟ, ଶାଶ୍ୱତ ଏବଂ ଆପ୍ତକାମ, ତାଙ୍କର କୌଣସି ଅଭାବ ନ ଥାଏ । ବ୍ରହ୍ମର ସଂକଳ୍ପ ହେବାର ଅର୍ଥ ହେବ ବ୍ରହ୍ମ ଉପରେ ଅଜ୍ଞାନ ଆରୋପ କରିବା ।

ଉତ୍ତର : ବ୍ରହ୍ମ ଅନନ୍ତ, ସର୍ବଶକ୍ତିମାନ୍, ସେ ମନର କୌଣସି ସୀମାରେ ଆବଦ୍ଧ ନୁହନ୍ତି । ବ୍ରହ୍ମର ରୂପ କଳ୍ପନା କରିବାରେ ମନ ସର୍ବଦା ଅସମର୍ଥ । ସେହି କାରଣରୁ ବେଦ ବ୍ରହ୍ମର ସ୍ୱରୂପ ବର୍ଣ୍ଣନ କରିବାରେ ଅସମର୍ଥ ହୋଇ ''ସହସ୍ର ଶିର, ସହସ୍ର ପାଦ...'' କହି ଅବର୍ଣ୍ଣନୀୟ, ଅଚିନ୍ତ୍ୟ ଅକଳ୍ପନୀୟ ସୂଚିତ କଲା । ମାନବ ଯେଉଁ ସୀମାରେ ଆବଦ୍ଧ, ବ୍ରହ୍ମ ସେହି ସୀମାରୁ ମୁକ୍ତ । ଭ୍ରମବଶତଃ ମନୁଷ୍ୟ ତା'ର ସୀମିତ ନିୟମକୁ ବ୍ରହ୍ମ ଉପରେ ଆରୋପ କରି ତାଙ୍କର ଅସୀମ ଅନନ୍ତ ରୂପ ତଥା ସର୍ବସମର୍ଥତାର ରହସ୍ୟ ଅନୁଭବ କରିପାରେ ନାହିଁ । ମନୁଷ୍ୟ ସୀମାବଦ୍ଧ, ସେ ନିଷ୍କ୍ରିୟ ହେଲେ ସକ୍ରିୟ ହୋଇପାରେ ନାହିଁ; ବ୍ରହ୍ମ ଅନନ୍ତ, ସେ ଏକ ସମୟରେ ନିଷ୍କ୍ରିୟ ରହି ସକ୍ରିୟ ହୋଇପାରନ୍ତି । ମନୁଷ୍ୟ ଅଜ୍ଞାନ, ଅଭାବାବସ୍ଥାରେ ସଂକଳ୍ପ କରେ, କିନ୍ତୁ ଭଗବାନ୍ ସର୍ବସମର୍ଥ, ସେ ଆପ୍ତକାମ ଥାଇ ସଂକଳ୍ପ କରିପାରନ୍ତି । ସେ ତ ସର୍ବ

ନିୟନ୍ତା, ତାଙ୍କ ଛଡ଼ା ଅନ୍ୟ କେହି ନାହିଁ, ତାଙ୍କୁ ଶାସନ କରିବ କିଏ, ତାଙ୍କୁ ନିୟମରେ ବାନ୍ଧିବ କିଏ ? ତାଙ୍କ ପାଇଁ କୌଣସି ନିୟମ ରହି ନ ପାରେ, କୌଣସି ବନ୍ଧନ ରହି ନ ପାରେ ।

ଯଦି ତୁମର ଏହି ଉକ୍ତିକୁ ମାନି ନିଆଯାଏ କିଛି କ୍ଷଣ ପାଇଁ, ତେବେ ପ୍ରଶ୍ନ ହେବ, ''ଭଗବାନ୍ ନିଷ୍କ୍ରିୟ, ସଂକଳ୍ପ ଶୂନ୍ୟ, ସୃଷ୍ଟି ହେଲା କିପରି ?'' ଏହାର ଉତ୍ତରରେ ସୃଷ୍ଟିକୁ ମିଥ୍ୟା ମାନିଥିବା ବ୍ୟକ୍ତି କହିଛନ୍ତି – ''ସୃଷ୍ଟି ହୋଇ ନାହିଁ, ଏହାସବୁ ମାୟା ।'' ମାୟା ଆସିଲା କେଉଁଠୁ ? ଯଦି ଭଗବାନଙ୍କ ସଂକଳ୍ପରେ ମାୟା ଉତ୍ପନ୍ନ ହୋଇ ନ ଥାଏ, ତେବେ ତାକୁ ଶାଶ୍ୱତ ମାନିବାକୁ ହେବ । ତାକୁ ଯଦି ଶାଶ୍ୱତ ନ ମାନି ମିଥ୍ୟା ମାନ, ତେବେ ମିଥ୍ୟା ଆସିଲା କେଉଁଠୁ ? ବ୍ରହ୍ମ ସତ୍ୟ, ଜ୍ଞାନ ସ୍ୱରୂପ । ସୂର୍ଯ୍ୟ ପାଖରେ ଅନ୍ଧକାର ଯେପରି ରହିପାରେ ନାହିଁ ସେହିପରି ଜ୍ଞାନ ପାଖରେ ମିଥ୍ୟାମାୟା ରହିପାରେ ନାହିଁ । ସଂସାରକୁ ମିଥ୍ୟା ବୋଲି ପ୍ରମାଣ କରିବା ସକାଶେ କୁହାଯାଇଛି, ''ସଂସାର ପୂର୍ବେ ନ ଥିଲା, ପରେ ବି ରହିବ ନାହିଁ, ବର୍ତ୍ତମାନ ଯେଉଁ ଦୃଶ୍ୟମାନ ଜଗତ୍ ତାହା ଭ୍ରମ ମାତ୍ର ।''

ଯଦି ଭଗବାନ୍ 'ସତ୍ୟ' ଏବଂ 'ଏକ' ତେବେ ଭ୍ରମ ଆସିଲା କିପରି ? ଭଗବାନଙ୍କୁ ନିରାକାର ନିଷ୍କ୍ରିୟ, ସୃଷ୍ଟିକୁ ମିଥ୍ୟାମାୟା ମାନିବା ସକାଶେ ଯେତେ ପ୍ରକାର ଯୁକ୍ତି ଦିଆଯାଇଛି ତାହା ଯଥାର୍ଥରେ ଯୁକ୍ତିଯୁକ୍ତ ନୁହେଁ । ଏତେ ବଡ଼ ସୃଷ୍ଟି, ଚନ୍ଦ୍ର, ସୂର୍ଯ୍ୟ, ନକ୍ଷତ୍ର, ନଦ-ନଦୀ, ପାହାଡ଼-ପର୍ବତ, ଜୀବଜନ୍ତୁ, ମଣିଷ, ଦେବତା, ଦାନବ, ଯୁଦ୍ଧ, ଦୁଃଖକଷ୍ଟ, ସଂଘର୍ଷ, ଭଗବାନଙ୍କର ବିଭୂତି ଓ ଅବତାର, ଶାସ୍ତ୍ର-ପୁରାଣ, ବେଦୋପନିଷଦ୍ – ଏହିସବୁ କ'ଣ ମାୟା ? ଏହିସବୁ ଯଦି ଭଗବାନଙ୍କ ସୃଷ୍ଟି ନୁହେଁ, ତେବେ ଶୂନ୍ୟରୁ କ'ଣ ଗଳିପଡ଼ିଛି ? ଯଦି ଭଗବାନଙ୍କ ଅସ୍ତିତ୍ୱ ସ୍ୱୀକାର କରିବାକୁ ହୁଏ, ତେବେ ତାଙ୍କରି ଦ୍ୱାରା ସୃଷ୍ଟି ଉତ୍ପନ୍ନ ହୋଇଛି, ଏହି ସିଦ୍ଧାନ୍ତ ଯୁକ୍ତିଯୁକ୍ତ, ଅନ୍ୟଥା ଜଡ଼ବାଦର ଆଶ୍ରୟରେ ଭଗବାନଙ୍କ ଅସ୍ତିତ୍ୱକୁ ଏକେବାରେ ଅସ୍ୱୀକାର କରିବାକୁ ପଡ଼ିବ । ଈଶ୍ୱରଙ୍କ ଅସ୍ତିତ୍ୱକୁ ନିରାକାର ମାନି ତାଙ୍କୁ ସୃଷ୍ଟିରୁ ପୃଥକ୍ ରଖିବା ସକାଶେ ଯେତେ ଯୁକ୍ତି ଦିଆହେବ ତାହା ଯୁକ୍ତିସଙ୍ଗତ ହେବ ନାହିଁ, କାରଣ ଈଶ୍ୱର ହେଉଛନ୍ତି ସଚ୍ଚିଦାନନ୍ଦ, ସାକାର ଏବଂ ନିରାକାର ତଥା ଏକସଙ୍ଗେ ସାକାର ଓ ନିରାକାର ଊର୍ଦ୍ଧ୍ୱସ୍ଥ ପୁରୁଷୋତ୍ତମତତ୍ତ୍ୱ । ସେ ଅନନ୍ତ ଏବଂ ସର୍ବସମର୍ଥ, ନିଷ୍କ୍ରିୟ ଥିବା ସତ୍ତ୍ୱେ ସେ ସମସ୍ତ ବ୍ରହ୍ମାଣ୍ଡର କର୍ତ୍ତା, ଧର୍ତ୍ତା । ଭଗବାନଙ୍କର ଏହି ସ୍ୱରୂପକୁ ଗୀତା, ଉପନିଷଦ୍, ବେଦ ଘୋଷଣା କରିଛନ୍ତି । ପୁରାତନ ଦ୍ୱୈତବାଦୀମାନେ ଅର୍ଥାତ୍ ଭକ୍ତମାନେ ବ୍ରହ୍ମଙ୍କର ଏହି ସଚ୍ଚିଦାନନ୍ଦ ସ୍ୱରୂପକୁ ସ୍ୱୀକାର କରିଛନ୍ତି ଏବଂ ପୂର୍ଣ୍ଣଯୋଗରେ ଶ୍ରୀଅରବିନ୍ଦ ଏହି ସ୍ୱରୂପକୁ ଉପଲବ୍ଧି କରିଛନ୍ତି । ଏହା ବ୍ରହ୍ମଙ୍କର ଯଥାର୍ଥ ସ୍ୱରୂପ । ଏଥିରେହିଁ ସୃଷ୍ଟିର ଉତ୍ପତ୍ତି ହେବାର ସମସ୍ୟା ସମାଧାନ ହୋଇଅଛି ତଥା ପୁରାତନ ଯୋଗରେ ବିରୋଧୀ ମତବାଦର ସମନ୍ୱୟ ସମ୍ପାଦିତ ହୋଇଅଛି ।

''ଉତ୍ତମଃ ପୁରୁଷସ୍ତ୍ୱନ୍ୟଃ ପରମାତ୍ମେତ୍ୟୁଦାହୃତଃ ।
ଯୋ ଲୋକତ୍ରୟମାବିଶ୍ୟ ବିଭର୍ତ୍ତ୍ୟବ୍ୟୟ ଈଶ୍ୱରଃ ॥
ଯସ୍ମାତ୍କ୍ଷରମତୀତୋଽହମକ୍ଷରାଦପି ଚୋତ୍ତମଃ ।
ଅତୋଽସ୍ମି ଲୋକେ ବେଦେ ଚ ପ୍ରଥିତଃ ପୁରୁଷୋତ୍ତମଃ ॥''

(ଗୀତା ଅ. ୧୫, ଶ୍ଳୋଃ ୧୭/୧୮)

ତୁଳସୀକୃତ ରାମାୟଣରେ ଏହି ପୁରୁଷୋତ୍ତମତତ୍ତ୍ୱର ବର୍ଣ୍ଣନା ସ୍ପଷ୍ଟଭାବେ କରାହୋଇଛି :

''ବିନୁ ପଦ ଚଲୈ ସୁନୈ ବିନୁ କାନା ।
କର ବିନୁ କରମ କରୈ ବିଧି ନାନା ।
ଆନନରହିତ ସକଳ ରସଭୋଗୀ ।
ବିନୁ ବାନୀ ବକତା ବଡ଼ ଯୋଗୀ ॥

ତନ ବିନୁ ପରଶ ନୟନ ବିନୁ ଦେଖା ।
ଗ୍ରହେ ଘ୍ରାଣ, ବିନୁ ବାସ ଅଶେଖା ।
ଅସ ସବ ଭାତି ଅଲୌକିକ କରଣି ।
ମହିମା ତାସୁ ଯାଇ ନହିଁ ବରଣି ।।''

''ପଦ ବିନା ସେ ଚାଲନ୍ତି, କର୍ଣ୍ଣ ବିନା ଶୁଣନ୍ତି, ହସ୍ତ ବିନା ସକଳ ପ୍ରକାର କାର୍ଯ୍ୟ ସଂପାଦନ କରନ୍ତି, ମୁଖ ବିନା ସମସ୍ତ ପ୍ରକାର ରସର ଭୋକ୍ତା, ଜିହ୍ୱା ବିନା ମହାନ୍ ବକ୍ତା ଏବଂ ମହାଯୋଗୀ, ଶରୀର ବିନା ସେ ସ୍ପର୍ଶ କରନ୍ତି, ନୟନ ବିନା ଦେଖନ୍ତି, ନାସିକା ବିନା ସମସ୍ତ ଗନ୍ଧ ଗ୍ରହଣ କରନ୍ତି । ଏହିପରି ତାଙ୍କର ଯେଉଁସବୁ ଅଲୌକିକ କର୍ମ ତାହା ଅବର୍ଣ୍ଣନୀୟ ।''

ପୁରୁଷୋତ୍ତମ ପରଂବ୍ରହ୍ମଙ୍କ ସ୍ୱରୂପ ଏବଂ କର୍ମ କଳ୍ପନାତୀତ । ମନୁଷ୍ୟର ବୁଦ୍ଧି କଳ୍ପନା କରିପାରେ ନାହିଁ । ସେ ନିରାକାର ଏବଂ ଏକ ସଙ୍ଗେ ସାକାର, ସେହି ସମୟରେ ସାକାର ଏବଂ ନିରାକାର ଥିବା ସତ୍ତ୍ୱେ ଉଭୟର ଧର୍ତ୍ତା ପୁରୁଷୋତ୍ତମତତ୍ତ୍ୱ । ତାଙ୍କ ସ୍ୱରୂପ ଓ କର୍ମ ଅବ୍ୟକ୍ତ । ତାହା କେବଳ ଉଚ୍ଚତର ଅତିମାନସ ଚେତନାରେ ଅନୁଭବ କରାଯାଇପାରେ ଏବଂ ତାଙ୍କ ସହିତ ଏକତ୍ୱ ସ୍ଥାପନ କରାଯାଇପାରେ । ବ୍ରହ୍ମର ଏହି ଅଲୌକିକ ସ୍ୱରୂପକୁ ସାକାର ଅଥବା ନିରାକାରର ସୀମାରେ ଆବଦ୍ଧ କରିଦେବାରୁ ସୃଷ୍ଟିର ରହସ୍ୟ, ମନୁଷ୍ୟର ଯଥାର୍ଥ ଲକ୍ଷ୍ୟ ପ୍ରତିପାଦିତ ହୁଏ ନାହିଁ ଏବଂ ଭିନ୍ନ ଭିନ୍ନ ସାମ୍ପ୍ରଦାୟିକ ଭେଦ ଓ ସିଦ୍ଧାନ୍ତ ସୃଷ୍ଟ ହୁଏ । ଏହି ପୁରୁଷୋତ୍ତମ ସ୍ୱରୂପ ଶ୍ରୀଅରବିନ୍ଦଙ୍କ ଯୋଗରେ ଅତିମାନସ ଚେତନା (Supramental Consciousness) ରେ ଉପଲବ୍ଧି କରାଯାଏ । ସୁତରାଂ ଏଥିରେ ପୁରାତନ ସକଳ ଯୋଗର ସୈଦ୍ଧାନ୍ତିକ ବିରୋଧର ସମନ୍ୱୟ ତଥା ସୃଷ୍ଟିର ରହସ୍ୟ ସ୍ପଷ୍ଟରୂପେ ପ୍ରତିପାଦିତ ହୁଏ ।

ପ୍ରଶ୍ନ : ବ୍ରହ୍ମଙ୍କ ସ୍ୱରୂପ ସାକାର ଏବଂ ନିରାକାର ତଥା ଉଭୟର ଧର୍ତ୍ତା ପୁରୁଷୋତ୍ତମତତ୍ତ୍ୱ, ଅର୍ଥାତ୍ ବ୍ରହ୍ମ ନିଷ୍କ୍ରିୟ ଅବସ୍ଥାରେ କ୍ରିୟାଶୀଳ, କାରଣ ସେ ସର୍ବସମର୍ଥ । ସର୍ବସମର୍ଥର ଅର୍ଥ ଯାହା ସାଧାରଣ ବୁଦ୍ଧିରେ କଳ୍ପନା କରାଯାଇପାରେ ନାହିଁ, ସେ ତାହା କରନ୍ତି । ଏହା ଏକେବାରେ ଯୁକ୍ତିଯୁକ୍ତ । କିନ୍ତୁ ପୁରାତନ ଯୋଗୀମାନେ ବ୍ରହ୍ମଙ୍କ ଏହି ସ୍ୱରୂପ ପ୍ରତିପାଦନ ନ କରି କାହିଁକି ସାକାର ଏବଂ ନିରାକାର ପୃଥକ୍ ପୃଥକ୍ ପ୍ରତିପାଦନ କଲେ, ଯାହାଫଳରେ ବିରୋଧ ସୃଷ୍ଟି ହେଲା ?

ଉତ୍ତର : ମାନବ-ଚେତନା ବିକାଶର ଉପଯୁକ୍ତ ଅବସ୍ଥାରେ ପହଞ୍ଚି ନ ଥିଲା । ସେ ସମୟରେ ମନୁଷ୍ୟର ଚେତନା ବିକାଶର ଯେଉଁ ସ୍ତରରେ ପହଞ୍ଚିଥିଲା ସେହି ସ୍ତରରେ ଶରୀର ତ୍ୟାଗ ପରେ ମୁକ୍ତି, ନିର୍ବାଣ ଅଥବା ଭଗବତ୍ ପ୍ରାପ୍ତିର ଆବଶ୍ୟକ ଥିଲା । ପୁରାତନ ଯୋଗରେ ସମୟୋପଯୋଗୀ ମୁକ୍ତି, ନିର୍ବାଣ ଏବଂ ଭଗବତ୍‌ପ୍ରାପ୍ତିର ସନ୍ମାର୍ଗ ଯଦ୍ୟପି ଆବିଷ୍କୃତ ହୋଇଅଛି, ତଥାପି ସେଥିରେ ପୂର୍ଣ୍ଣତା ହୋଇ ନାହିଁ । ଶରୀରର କୌଣସି ଭାଗ କ୍ଷତ ହୋଇଥିଲେ ଆରୋଗ୍ୟ ହେବାର ଉପାୟ ନ ଦେଖି ତାକୁ କାଟି ପକାଇ ଶରୀରର ପୂର୍ଣ୍ଣତା ନଷ୍ଟ କରିବା ସଦୃଶ ପୁରାତନ ଯୋଗୀମାନେ ମନ, ପ୍ରାଣ ଓ ଶରୀରକୁ ତ୍ୟାଗ କରିବା ସଙ୍ଗେ ସଙ୍ଗେ ତଦ୍ୱାରା ହେଉଥିବା କର୍ମକୁ ତ୍ୟାଗ କରିଛନ୍ତି । ଯାହାଫଳରେ ଜୀବନରୁ ଯୋଗ ପୃଥକ୍ ହୋଇଅଛି ।

ଶ୍ରୀଅରବିନ୍ଦଙ୍କ ଯୋଗରେ ରୂପାନ୍ତରିତ ମନ-ପ୍ରାଣ-ଶରୀର ପ୍ରାପ୍ତ କରେ ସତ୍-ଚିତ୍-ଆନନ୍ଦ ଚତୁଷ୍ପାଦ ବିଭୂତିଯୁକ୍ତ ବ୍ରହ୍ମଙ୍କୁ । ତେବେ ଯାଇ ଜୀବନ ହୁଏ ପୂର୍ଣ୍ଣ, ବିଶାଳ, ସମୃଦ୍ଧ; ସଂସାର ଓ ଆଧ୍ୟାତ୍ମିକତାରେ ଆସେ ସାମଞ୍ଜସ୍ୟ; ସମସ୍ତ କର୍ମ ହୁଏ ଭାଗବତ କର୍ମ । ଶରୀର ଓ ପ୍ରାଣ ସ୍ୱୟଂ ଦିବ୍ୟ ହେଲେ ସେମାନଙ୍କର କର୍ମ ମଧ୍ୟ ଦିବ୍ୟ ହୁଏ । ଦିବ୍ୟ କର୍ମ ବନ୍ଧନର କାରଣ ହୁଏ ନାହିଁ । ଏଥିରେହିଁ ଜନ୍ମର ଆଉ ଜଗତର ହୁଏ ସାର୍ଥକତା । ଜୀବନର ପୂର୍ଣ୍ଣତା ସକାଶେ ସନ୍ନ୍ୟାସୀ ବା ଗୃହସ୍ଥ ଯେକୌଣସି ବ୍ୟକ୍ତି ପାଇଁ ଶ୍ରୀଅରବିନ୍ଦଙ୍କ ଯୋଗ ଆବଶ୍ୟକ ।

ପ୍ରଶ୍ନ : ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣ ଯୋଗର ଲକ୍ଷ୍ୟ ଗ୍ରହଣରେ ବିରୋଧ ନାହିଁ, କିନ୍ତୁ ଇଷ୍ଟ ଉପାସନା ଓ ସାଧନା-ପ୍ରଣାଳୀରେ ବିରୋଧ ହୋଇପାରେ ।

ଉତ୍ତର : ବିରୋଧ କେବଳ ଭେଦଯୁକ୍ତ ସୀମିତ ମନର । ଭଗବାନ୍ ଏକ, ସେହି ଭଗବାନ୍ ଭିନ୍ନ ଭିନ୍ନ ରୂପେ ଅବତାର ନିଅନ୍ତି । ପୂର୍ବେ ଅନ୍ୟ ରୂପରେ ପ୍ରାପ୍ତ ଥିଲେ, ବର୍ତ୍ତମାନ ମା'ଶ୍ରୀଅରବିନ୍ଦଙ୍କ ରୂପେ ପ୍ରାପ୍ତ ହୋଇଅଛନ୍ତି । ଏଥିରେ ବିରୋଧ ହେବ କାହିଁକି ? ତା' ଛଡ଼ା ଶ୍ରୀଅରବିନ୍ଦଙ୍କ ଯୋଗର ସାଧନ ପ୍ରଣାଳୀ ହେଲା – ଅଭୀପ୍ସା, ସମର୍ପଣ, ପ୍ରତିକୂଳ ବସ୍ତୁ ଓ ଗତିବୃତ୍ତିର ତ୍ୟାଗ, ଅନ୍ତରାତ୍ମାର ଜାଗରଣ ଏବଂ ଭାଗବତୀ ଶକ୍ତିର ଅବତରଣ । ଏଥିରେ ବିରୋଧର କାରଣ ନାହିଁ । ଅଭୀପ୍ସା ପ୍ରତ୍ୟେକ ଯୋଗ-ପ୍ରଣାଳୀ ପାଇଁ ଆବଶ୍ୟକ । ପ୍ରତ୍ୟେକ ସମ୍ପ୍ରଦାୟରେ ସମର୍ପଣ କରାହୁଏ । ପ୍ରତ୍ୟେକ ସାଧକ ପକ୍ଷେ ପ୍ରତିକୂଳ ବସ୍ତୁ ବା ଗତିବୃତ୍ତିକୁ ତ୍ୟାଗ ଅପରିହାର୍ଯ୍ୟ । ସାଧକର ଅନ୍ତରାତ୍ମା ଜାଗ୍ରତ୍ ନ ହେଲେ ସେ ଭଗବତ୍‌ପ୍ରାପ୍ତି ଉଦ୍ଦେଶ୍ୟରେ ସାଧନା କରେ ନାହିଁ । ପ୍ରତ୍ୟେକ ସାଧକ ଭିନ୍ନ ଭିନ୍ନ ରୂପେ ନିଜ ଇଷ୍ଟଦେବଙ୍କ ଶକ୍ତିକୁ ଆବାହନ କରନ୍ତି । ଏହିସବୁ କ୍ରିୟା ସକଳ ସମ୍ପ୍ରଦାୟର ସାଧକମାନେ କରନ୍ତି, ଏଥିରେ ବିରୋଧର କାରଣ ନାହିଁ । କିନ୍ତୁ ଏହାକୁ ଯଥାର୍ଥ ରୂପ ଦିଆଯାଏ ନାହିଁ, ଅର୍ଥାତ୍ ଏହିସବୁ ଠିକ୍ ଠିକ୍ କ୍ରିୟାଶୀଳ ହୁଏ ନାହିଁ । ଠିକ୍ ଠିକ୍ କ୍ରିୟାଶୀଳ ହୁଏ ଶ୍ରୀଅରବିନ୍ଦଙ୍କ ଯୋଗରେ ।

ପ୍ରତ୍ୟେକ ଭକ୍ତ ନିଜ ଇଷ୍ଟଦେବଙ୍କୁ ସର୍ବସମର୍ଥ, ସୃଷ୍ଟିକର୍ତ୍ତା, ସୃଷ୍ଟିପାଳକ ତଥା ସଂହାରକ ଓ ସର୍ବଶ୍ରେଷ୍ଠ ବୋଲି ମାନନ୍ତି । ସର୍ବଶ୍ରେଷ୍ଠ କେବଳ ଈଶ୍ୱର । ସେ ଅଦ୍ୱିତୀୟ, ପୁରୁଷୋତ୍ତମ ତତ୍ତ୍ୱ, ସତ୍-ଚିତ୍-ଆନନ୍ଦ ସ୍ୱରୂପ । ସେହି ଏକ ସଚ୍ଚିଦାନନ୍ଦ ବ୍ରହ୍ମଙ୍କୁ ଭକ୍ତ ଭିନ୍ନ ଭିନ୍ନ ରୂପରେ ଉପାସନା କରେ । କେବଳ ନାମ ଓ ରୂପରେ ଭିନ୍ନ, କିନ୍ତୁ ତତ୍ତ୍ୱତଃ ଏକ । ସେହି ଏକ ଈଶ୍ୱର ମାନବଜାତିର ଆବଶ୍ୟକତାନୁସାରେ ତାକୁ ସାହାଯ୍ୟ କରି ଉଚ୍ଚତର ଚେତନାରେ ପହଞ୍ଚାଇ ଦେବା ସକାଶେ ପୃଥିବୀକୁ ଆସନ୍ତି । ସେ ପୃଥିବୀରେ ଥିବା ସମୟରେ ହଜାର ହଜାର ନରନାରୀ ତାଙ୍କ ଆଶ୍ରୟ ନିଅନ୍ତି ଏବଂ ସେ ସାଧନାର ସମସ୍ତ ଭାର ଗ୍ରହଣ କରି ସେମାନଙ୍କୁ ଲକ୍ଷ୍ୟରେ ପହଞ୍ଚାଇ ଦିଅନ୍ତି । ମା' ବର୍ତ୍ତମାନ ଅତିମାନସ ଶକ୍ତିକୁ ପୃଥିବୀପୃଷ୍ଠକୁ ଉତାରି ଆଣି ରୂପାନ୍ତରସାଧନ କରାଉଅଛନ୍ତି । କେବଳ ଅତିମାନସ ଶକ୍ତିଦ୍ୱାରାହିଁ ରୂପାନ୍ତରସାଧନ (transformation) ହୋଇପାରେ । କେବଳ ଏହି ଅତିମାନସ ଶକ୍ତି ମୃତ୍ୟୁ ଉପରେ ବିଜୟ ପ୍ରାପ୍ତ କରିବାକୁ ସମର୍ଥ । ଅତଏବ ଯେଉଁମାନେ ରୂପାନ୍ତର ସିଦ୍ଧି ଚାହାନ୍ତି ସେମାନେ ମା-ଶ୍ରୀଅରବିନ୍ଦଙ୍କୁ ପଥପ୍ରଦର୍ଶକ ଏବଂ ଇଷ୍ଟଦେବ ରୂପେ ଗ୍ରହଣ କରିବାରେ କୌଣସି ବିରୋଧ ନାହିଁ ।

ପ୍ରଶ୍ନ : ପ୍ରତ୍ୟେକ ସାଧକଙ୍କ ଉପାସ୍ୟ ଶକ୍ତି ଏବଂ ଅତିମାନସ ଶକ୍ତି କ'ଣ ଏକ ? ଯଦି ଏକ ହୁଏ, ତେବେ ଅନନ୍ତ କାଳରୁ ସାଧକମାନେ ଉପାସନା କରି ଆସୁ ଅଛନ୍ତି, ଏପର୍ଯ୍ୟନ୍ତ କାହାରି ସ୍ଥୂଳ ଶରୀରର ରୂପାନ୍ତର ହୋଇ ନାହିଁ କାହିଁକି ? ଆଉ ମଧ୍ୟ ତାହାକୁ ଶ୍ରୀମା ଶ୍ରୀଅରବିନ୍ଦ ଊର୍ଦ୍ଧ୍ୱରୁ ଉତାରି ଆଣିଲେ କିପରି ? କାରଣ ଭଗବତ୍ ଶକ୍ତି ସର୍ବତ୍ର ପରିପୂର୍ଣ୍ଣ ।

ଉତ୍ତର : ଭଗବାନଙ୍କ ଶକ୍ତି ଏକ । ତାହା ମଧ୍ୟରେ ସକଳ ସାମର୍ଥ୍ୟ ବିଦ୍ୟମାନ । କିନ୍ତୁ ସଂସାରର ଆବଶ୍ୟକତା ଅନୁସାରେ ସମୟ ସମୟରେ ସେହି ଏକ ଶକ୍ତିର ଭିନ୍ନ ଭିନ୍ନ ସାମର୍ଥ୍ୟ ପ୍ରକାଶିତ ହୁଏ ଏବଂ ତାହାଦ୍ୱାରା କାର୍ଯ୍ୟ ସମ୍ପାଦିତ ହୁଏ ।

ଭକ୍ତମାନେ ଯେଉଁ ଭଗବତ୍ ଶକ୍ତିକୁ ଉପାସନା କରୁଅଛନ୍ତି ସେହି ଶକ୍ତିରୁ ଅତିମାନସ ଶକ୍ତି ତତ୍ତ୍ୱତଃ ଭିନ୍ନ ନୁହେଁ, କିନ୍ତୁ କାର୍ଯ୍ୟତଃ ଭିନ୍ନ; ଏହି ଅତିମାନସ ଶକ୍ତି ସବୁ ସମୟରେ ବିଦ୍ୟମାନ ଥିବା ସତ୍ତ୍ୱେ ଏପର୍ଯ୍ୟନ୍ତ ପ୍ରକାଶିତ ହୋଇ କାର୍ଯ୍ୟକାରୀ ହୋଇ ନ ଥିଲା ।

ଭଗବତ୍ ଶକ୍ତି ଓ ଭଗବାନ୍ ସମସ୍ତ ସ୍ଥାନରେ ବିଦ୍ୟମାନ । ତଥାପି ସଂସାରରେ ପ୍ରକଟ ହେବାକୁ ହେଲେ ଊର୍ଦ୍ଧ୍ୱରୁ ଅବତରଣ କରନ୍ତି । ତାଙ୍କୁ ଆମେ ଅବତାର (Incarnation) କହୁ । ଠିକ୍ ସେହିପରି ତାଙ୍କ ଶକ୍ତି । ସେ ଏଠାରେ ବିଦ୍ୟମାନ ଥିଲେ ସୁଦ୍ଧା ତାଙ୍କର ରୂପାନ୍ତରକାରୀ ଶକ୍ତି ଏପର୍ଯ୍ୟନ୍ତ ପ୍ରକାଶିତ ହୋଇ ନ ଥିଲା । ତାହା ପ୍ରକାଶିତ ହୋଇ କାର୍ଯ୍ୟକାରୀ ହେବା ନିମିତ୍ତ ଶ୍ରୀମା ଶ୍ରୀଅରବିନ୍ଦ ନିଜ ତପସ୍ୟାରେ ତାହାକୁ ଊର୍ଦ୍ଧ୍ୱରୁ ଉତାରି ଆଣିଛନ୍ତି । ଅତିମାନସ ଶକ୍ତି ଏହି ପୃଥିବୀରେ ପ୍ରକଟ ହୋଇ ନ ଥିବାରୁ କୌଣସି ଯୋଗୀଙ୍କ ମନରେ ଶରୀର ରୂପାନ୍ତରର ଭାବନା ଉଠି ନାହିଁ କିଂବା ସେମାନେ ଏହାକୁ ଲକ୍ଷ୍ୟରୂପେ ଗ୍ରହଣ କରି ନାହାନ୍ତି ।

ପ୍ରଶ୍ନ : ମନ-ପ୍ରାଣ-ଶରୀର ବ୍ରହ୍ମକୁ ଅଭିବ୍ୟକ୍ତ କରିବାର ଅର୍ଥ କ'ଣ ? ମନ, ପ୍ରାଣ ଓ ଶରୀରର ରୂପାନ୍ତର ହେଲେ ତାହାର ଧର୍ମ ହେବ କିପରି ?

ଉତ୍ତର : ମନୁଷ୍ୟର ମନ ସୀମିତ, ଅଜ୍ଞାନ ଏବଂ ଅଧିକାଂଶ ସମୟରେ ପ୍ରାଣ ଦ୍ୱାରା ଶାସିତ । ମନ ରୂପାନ୍ତରିତ ହେଲେ ମନ ସ୍ଥାନକୁ ଅଧିକାର କରିବ ଅତିମାନସ । ଅତିମାନସରେ ସର୍ବଶକ୍ତି, ସର୍ବଆନନ୍ଦ ଓ ସର୍ବଜ୍ଞାନ ବିଦ୍ୟମାନ ଥାଏ । ଅତିମାନସ ପୂର୍ଣ୍ଣତଃ ଅଜ୍ଞାନରୁ ମୁକ୍ତ, ପୂର୍ଣ୍ଣ ଜ୍ଞାନରେ ଭଗବାନଙ୍କ ସଙ୍ଗେ ଯୁକ୍ତ ଏବଂ ଭଗବାନଙ୍କ ସଂକଳ୍ପରେ ପରିଚାଳିତ ହୁଏ । ଭଗବାନଙ୍କ ସଙ୍ଗେ ଯୁକ୍ତ ଅବସ୍ଥା ମନ ଦ୍ୱାରା ଅବର୍ଣ୍ଣନୀୟ । କେବଳ ଅତିମାନସ ଦ୍ୱାରା ବ୍ୟକ୍ତ ହୁଏ ।

ବର୍ତ୍ତମାନ ଅଶୁଦ୍ଧ ପ୍ରାଣଶକ୍ତି ନିମ୍ନଗାମୀ । ତାହା ଦୁଇ ଭାଗରେ ବିଭକ୍ତ – ଉଚ୍ଚତର ପ୍ରାଣ (Higher vital) ନିମ୍ନତର ପ୍ରାଣ (Lower vital) । ଉଚ୍ଚତର ପ୍ରାଣର ଧର୍ମ ହେଉଛି ମହଦାକାଂକ୍ଷା, ମାନ, ଯଶଃ, ଅନ୍ୟ ଉପରେ ପ୍ରଭୁତ୍ୱସ୍ଥାପନ ସକାଶେ ସର୍ବସ୍ୱ ତ୍ୟାଗ । ଏପରିକି ନିଜ ସୁଖ, ଭୋଗ ବିଳାସକୁ ଅବାଧରେ ଜଳାଞ୍ଜଳି ଦେଇ ନାମ ଯଶଃ ସକାଶେ ଭିନ୍ନ ଭିନ୍ନ ଭୂମିକାରେ ଭିନ୍ନ ଭିନ୍ନ ରୂପ ନିଏ । ସୁବିଧା ଦେଖି ସର୍ବସ୍ୱ ତ୍ୟାଗ କରି ଦୀନହୀନ ସେବକ ହୋଇ ନିଜ ଅଭିମତ ପୂରଣ କରିବାରେ ପଶ୍ଚାତ୍‌ପଦ ହୁଏ ନାହିଁ । ସମୟ ପାଇ ଧର୍ମ ଓ ଲୋକସେବାରେ ବି ନିଜ ଲକ୍ଷ୍ୟ ହାସଲ କରିନିଏ । ଏପରି ଭାବରେ ଧର୍ମ ଆଉ ସେବାରେ ଆଶ୍ରୟ ନିଏ, ଯାହାକୁ ଅନ୍ୟ କେହି ତ ବୁଝିପାରନ୍ତି ନାହିଁ, ନିଜ ମନ ମଧ୍ୟ ବୁଝିବାକୁ ସମର୍ଥ ହୁଏ ନାହିଁ । ନିମ୍ନପ୍ରାଣର ଧର୍ମ ହେଲା – ଈର୍ଷା-ଦ୍ୱେଷ, ମଦ-ମତ୍ସର, ଭୋଗ-ବିଳାସ, କାମ-କ୍ରୋଧ, ଲୋଭ-ମୋହର ଦାସତା । ଯେତେ ପ୍ରକାର କୁପ୍ରବୃତ୍ତି ଅଛି, ତାହା ଏହି ନିମ୍ନପ୍ରାଣଶକ୍ତିର ପ୍ରକାଶ । ଏହାର ଧର୍ମକୁ ପ୍ରାୟ ସମସ୍ତେ ଜାଣନ୍ତି । କିନ୍ତୁ ଉଚ୍ଚତର ପ୍ରାଣଶକ୍ତିର କ୍ରିୟା ମଧ୍ୟରେ ଅହଂକାର ଏପରି ସୂକ୍ଷ୍ମ ଆଉ ଅଦୃଶ୍ୟଭାବେ ଲୁକ୍‌କାୟିତ ଥାଏ ଯେ ତାହାକୁ ବୁଝିବା ଅଧିକାଂଶ ଲୋକଙ୍କ ପକ୍ଷେ ଦୁରୂହ ହୋଇପଡ଼େ ।

ପ୍ରାଣଶକ୍ତି ତାହାର ମୂଳ ସ୍ୱରୂପରେ ଦିବ୍ୟ; ଚିତ୍ ଶକ୍ତିର ବିକୃତ ରୂପ । କେବଳ ପ୍ରାଣଶକ୍ତିହିଁ ସବୁକିଛି କରିବାକୁ ସମର୍ଥ । ପ୍ରାଣଶକ୍ତି ଛଡ଼ା ସବୁକିଛି ଜଡ଼; ନିର୍ଜୀବ ଓ ତାମସ । ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗରେ ପ୍ରାଣଶକ୍ତିକୁ ତ୍ୟାଗ କରିବାକୁ ହୁଏ ନାହିଁ, ତାହାର ମୂଳ ଚିନ୍ମୟ ତତ୍ତ୍ୱରେ ତାକୁ ରୂପାନ୍ତର କରିବାକୁ ହୁଏ । ରୂପାନ୍ତରିତ ପ୍ରାଣଶକ୍ତିର ଅଦମ୍ୟ କ୍ରିୟାଶୀଳତା ଥିବା ସତ୍ତ୍ୱେ କୌଣସି ବିକୃତି ନ ଥାଏ । କାରଣ ସେ ପୂର୍ଣ୍ଣରୂପେ ସଚ୍ଚିଦାନନ୍ଦଙ୍କୁ ଉପଲବ୍ଧି କରିଥାଏ । ଅହଂକାର ସ୍ୱୟଂ ରୂପାନ୍ତରିତ ହୋଇଯାଇ ଥାଏ, ତେବେ କର୍ମକୁ ବିକୃତ କରିବ କିଏ ? ଛୋଟ ବଡ଼ ସମସ୍ତ କର୍ମରେ ସେ ଦେଖେ ଓ ଅନୁଭବ କରେ ପରମ ଆନନ୍ଦମୟଙ୍କୁ । ସମସ୍ତ କ୍ରିୟାରେ ସେ ଉପଲବ୍ଧି କରେ ଭଗବାନଙ୍କୁ ଓ ଚାଳିତ ହୁଏ ତାଙ୍କରି ସଂକଳ୍ପରେ । ରୂପାନ୍ତରିତ ପ୍ରାଣଶକ୍ତି ଦ୍ୱାରା ଭାଗବତକର୍ମ ସମ୍ପାଦିତ ହୁଏ । ଏଠାରେ କର୍ମବନ୍ଧନର ପ୍ରଶ୍ନ ଉଠେ ନାହିଁ । କର୍ତ୍ତା ଓ କର୍ମ ଉଭୟେ ହୋଇଯାଆନ୍ତି ସଚ୍ଚିଦାନନ୍ଦ ସ୍ୱରୂପ । ଶ୍ରୀଅରବିନ୍ଦଙ୍କ ଯୋଗରେ ନୂତନତ୍ୱ ଏହି : ପ୍ରାଣଶକ୍ତି ଆଉ କର୍ମକୁ ତ୍ୟାଗ କରିବାକୁ ହୁଏ ନାହିଁ, ତାକୁ ନୂତନ ଦିବ୍ୟରୂପ ଦେବାକୁ ହୁଏ ।

ବର୍ତ୍ତମାନ ଶରୀର ଜଡ଼, ଏକେବାରେ ପଥରତୁଲ୍ୟ । ତା'ର ଅଧିକାର ନିଜ ଉପରେ ଲେଶମାତ୍ର ନାହିଁ । ସେ ମନ-ପ୍ରାଣ ଓ ପ୍ରକୃତିର ଦାସ । ତାହା ଉପରେ ମନ-ପ୍ରାଣ ଇଚ୍ଛାନୁସାରେ ଅତ୍ୟାଚାର କରିଥା'ନ୍ତି । ତା' ଛଡ଼ା ତାହା ଉପରେ ପ୍ରକୃତିର ଅଲଗା ପ୍ରଭୁତ୍ୱ, ସେ ରୋଗ ଓ ଜରାର କ୍ରୀତଦାସ । ଆଜି ବାଳକ କାଲି ଯୁବକ, କିଛି ଦିନ ପରେ ବୃଦ୍ଧ, ଜରା-ଜର୍ଜରିତ, ଶକ୍ତିହୀନ, ଚାଲିବାରେ ଅସମର୍ଥ । ପୁରାତନ ଯୋଗରେ ସାଧକ ଶରୀର ପ୍ରତି ଆଦୌ ଦୃଷ୍ଟି ଦିଏ ନାହିଁ, ଯେହେତୁ ଶରୀର ତ୍ୟାଗ କରି ଲକ୍ଷ୍ୟରେ ପହଞ୍ଚିବା ପୁରାତନ ଯୋଗୀର ଉଦ୍ଦେଶ୍ୟ । ଶରୀରକୁ କେବଳ ଅବହେଳା କରିବା ବ୍ରତ ଗ୍ରହଣ କରି ସେତିକିମାତ୍ର ପଡ଼ି ରହିବାକୁ ଦିଅନ୍ତି, ଯେଉଁଥିରେ ତାକୁ ଆଶ୍ରୟ କରି ମନର ଉର୍ଦ୍ଧ୍ୱରେ ନିର୍ବିଶେଷ ବ୍ରହ୍ମଙ୍କୁ ବା ଭଗବାନଙ୍କୁ ଉପଲବ୍ଧି କରିପାରିବେ; କାରଣ ଶରୀର ବିନା ଭଗବତ୍ ପ୍ରାପ୍ତି ହୁଏ ନାହିଁ ।

ଶରୀରର ମୂଳତତ୍ତ୍ୱ ଜଡ଼ ନୁହେଁ, ସତ୍, ନିତ୍ୟ; ତାହା ମୂଳ ତତ୍ତ୍ୱର ବିକୃତ ରୂପ । ଶ୍ରୀଅରବିନ୍ଦଙ୍କ ଯୋଗରେ ଶରୀରକୁ ଅବହେଳା ବା ତ୍ୟାଗ କରାହୁଏ ନାହିଁ; ରୂପାନ୍ତର କରିବାକୁ ହୁଏ ତା'ର ମୂଳ ତତ୍ତ୍ୱରେ । ରୂପାନ୍ତରିତ ଶରୀର

ହେବ ପୂର୍ଣ୍ଣ ଚୈତନ୍ୟ । ସେ ଏପରି ସମର୍ଥ ହେବ ଯାହା ଫଳରେ ମନ-ପ୍ରାଣର ବିନା ହସ୍ତକ୍ଷେପରେ ସ୍ୱୟଂ ସବୁକିଛି କରିପାରିବ । ସେ ରୋଗ, ଜରା, ମୃତ୍ୟୁର ଅଧୀନରୁ ହେବ ମୁକ୍ତ । ପ୍ରତି ଅଣୁ ପରମାଣୁରେ ଅବିକୃତଭାବେ ଉପଲବ୍ଧି କରିପାରିବ ବ୍ରହ୍ମଙ୍କୁ ।

ପ୍ରଶ୍ନ : ବ୍ରହ୍ମଙ୍କୁ ପୂର୍ଣ୍ଣରୂପେ ସଂସାରରେ ପ୍ରଘଟ କରିବାର ଅର୍ଥ କ'ଣ ?

ଉତ୍ତର : ମନ-ପ୍ରାଣ-ଶରୀର ପୂର୍ଣ୍ଣ ରୂପେ ଭଗବାନଙ୍କ ସଙ୍ଗେ ଏକତ୍ୱ ପ୍ରାପ୍ତ କରିବେ ଏବଂ ଏକେବାରେ ଶୁଦ୍ଧଭାବେ ଭଗବାନଙ୍କ ସଂକଳ୍ପ (Will)ରେ ପରିଚାଳିତ ହେବେ । ଭଗବାନ୍ ହେବେ କେନ୍ଦ୍ର (Centre) ଓ ଏସବୁ ହେବେ ତାହାର ଶାଖା । ଭଗବାନଙ୍କ ସଂକଳ୍ପ ହେବା ମାତ୍ରେ ମନ-ପ୍ରାଣ-ଶରୀର ସ୍ୱତଃସ୍ଫୂର୍ତ୍ତଭାବେ କ୍ରିୟାଶୀଳ ହେବେ, ଯେପରି ସହରର ବିଜୁଳି ବତିର କେନ୍ଦ୍ରରେ ଗୋଟିଏ ସୁଇଚ୍ ଟିପିଦେଲେ ସମଗ୍ର ସହରରେ ଆଲୁଅ ଜଳିଉଠେ ।

ପ୍ରଶ୍ନ : ପୁରାତନ ଯୋଗରେ କ'ଣ ଭଗବାନଙ୍କ ସଙ୍ଗେ ଏକତ୍ୱ ପ୍ରାପ୍ତ କରି ଭଗବାନଙ୍କ ଇଚ୍ଛାନୁସାରେ ସାଧକମାନେ ଚାଳିତ ହେଉ ନ ଥିଲେ ?

ଉତ୍ତର : ପୁରାତନ ଯୋଗସାଧକମାନେ ମନ-ପ୍ରାଣ-ଶରୀରକୁ ବାଦ୍‌ଦେଇ କେବଳ ଅନ୍ତରାତ୍ମାରେ ଭଗବାନଙ୍କ ସହିତ ଏକତ୍ୱ ପ୍ରାପ୍ତ କରୁଥିଲେ ଏବଂ ଅଂଶତଃ ଭଗବାନଙ୍କ ନିର୍ଦ୍ଦେଶ ପାଉଥିଲେ ଏବଂ ଅନୁଭବ କରୁଥିଲେ ମନର ଊର୍ଦ୍ଧ୍ୱରେ; କିନ୍ତୁ ସ୍ଥୂଳ ମନ-ପ୍ରାଣରେ ଆଉ ଶରୀରରେ ନୁହେଁ । ଭଗବାନ୍ ପୂର୍ଣ୍ଣରୂପେ ଆବରଣ ଦୂର କରି ନିଜ ଶୁଦ୍ଧ ରୂପରେ ଏପର୍ଯ୍ୟନ୍ତ ପ୍ରଘଟ ହୋଇ ନାହାନ୍ତି । କାରଣ ମନ-ପ୍ରାଣ-ଶରୀର ପୂର୍ଣ୍ଣରୂପେ ଅର୍ଥାତ୍ ତାହାର ମୂଳ ଦିବ୍ୟ ତତ୍ତ୍ୱରେ ଯେପର୍ଯ୍ୟନ୍ତ ରୂପାନ୍ତରିତ ନ ହୁଏ ସେପର୍ଯ୍ୟନ୍ତ ଭଗବାନଙ୍କୁ ପୂର୍ଣ୍ଣରୂପେ ଅଭିବ୍ୟକ୍ତି କରାଯାଇ ପାରେ ନାହିଁ । ଭଗବାନଙ୍କ ପୂର୍ଣ୍ଣ ଅଭିବ୍ୟକ୍ତି ଅତିମାନସ ଦ୍ୱାରା ହେଲେ ତାହା କେବଳ ଜଣକ ସକାଶେ ହୋଇ ଲୁପ୍ତ ହୋଇଯାଏ ନାହିଁ । ତାହା ଏହି ପୃଥିବୀରେ ସ୍ଥାପିତ ହୁଏ ଏବଂ କ୍ରମଶଃ ବୃଦ୍ଧି ହୋଇ ଗୋଟିଏ ଜାତିରେ ପରିଣତ ହୁଏ । ଯେପରିକି ଆଜି ମନଯୁକ୍ତ ମଣିଷ ଜାତିକୁ ଆମେ ପୃଥିବୀ ପୃଷ୍ଠରେ ଦେଖିବାକୁ ପାଉଛୁ ।

ପ୍ରଶ୍ନ : ସାକେତ, ଗୋଲୋକ ଓ ବୈକୁଣ୍ଠ ଏହି ମୃତ୍ୟୁପୁରୀକୁ ଉତରି ଆସିବ — ଏହାର ଅର୍ଥ କ'ଣ ?

ଉତ୍ତର : ସାକେତ, ଗୋଲୋକ ଓ ବୈକୁଣ୍ଠରେ ଅଜ୍ଞାନାନ୍ଧକାର ଦୁଃଖ କଷ୍ଟ ଜରାମୃତ୍ୟୁ ଆଦି ନ ଥାଏ । ମୁକ୍ତ ଆତ୍ମାମାନେ ଦିବ୍ୟଜ୍ଞାନ ଦିବ୍ୟାନନ୍ଦରେ ବାସ କରନ୍ତି । ସେମାନେ ପ୍ରତ୍ୟେକ ସତ୍ତାରେ ଭଗବାନଙ୍କ ସହିତ ଏକତ୍ୱ ପ୍ରାପ୍ତ କରିଥାଆନ୍ତି; ଆଉ ମଧ୍ୟ ଭଗବାନଙ୍କ ସଂକଳ୍ପ (Will) ସେମାନଙ୍କ ମଧ୍ୟରେ କାର୍ଯ୍ୟକାରୀ ହୁଏ । ସେହି ଦିବ୍ୟଲୋକରେ ବୃକ୍ଷଲତା ପଶୁପକ୍ଷୀ ସମସ୍ତ ଦୃଶ୍ୟମାନ ବସ୍ତୁରେ ଭଗବାନଙ୍କର ପ୍ରକାଶ ଥାଏ । ଅର୍ଥାତ୍ ସେହି ଏକ ଭଗବାନ୍ ଭିନ୍ନ ଭିନ୍ନ ରୂପେ ପ୍ରକାଶିତ ହୋଇଥିବାର ସ୍ପଷ୍ଟ ପ୍ରତୀୟମାନ ହୁଏ । ସେହି କାରଣରୁ ସେହି ଦିବ୍ୟଲୋକମାନଙ୍କରେ ଈର୍ଷା, ଦ୍ୱେଷ, ଅନ୍ୟାୟ, ଅତ୍ୟାଚାରାଦି କୁପ୍ରବୃତ୍ତିର ଖେଳ ନ ଥାଏ । ଏହି ମୃତ୍ୟୁପୁରୀ ଠିକ୍ ତାହାର ବିପରୀତ, ଅଜ୍ଞାନାନ୍ଧକାରରେ ପୂର୍ଣ୍ଣ । ଅତିମାନସ ଶକ୍ତି ଦ୍ୱାରା ମନୁଷ୍ୟର ମନ-ପ୍ରାଣ-ଶରୀର ରୂପାନ୍ତରିତ ହେଲେ, ସେହିସବୁ ଦିବ୍ୟଲୋକର ଅବସ୍ଥା ଏହି ମୃତ୍ୟୁପୁରୀରେ ପ୍ରତିଷ୍ଠିତ ହେବ । ଏହାରି ଅର୍ଥ ସେହିସବୁ ଦିବ୍ୟଲୋକ ଏହି ମୃତ୍ୟୁପୁରୀକୁ ଉତରି ଆସିବ । ପରେ ଉତ୍ତମ କାର୍ଯ୍ୟ ଅସାଧ୍ୟ ଆଉ ଅସମ୍ଭବ ରହିବ ନାହିଁ । ସାଧନା ମଧ୍ୟ ସହଜ ହୋଇଯିବ । ଏହିପରି ଅତିମାନବ ବୃଦ୍ଧି ହୋଇ ଗୋଟିଏ ଜାତିରେ ପରିଣତ ହେବ । ସାଧାରଣ ମନୁଷ୍ୟରୁ ଅତିମାନବ ଜାତି ମଧ୍ୟରେ କ୍ରମଶଃ ବହୁ ସ୍ତର ସୃଷ୍ଟି ହେବ ଏବଂ ସେହି ସ୍ତର ସମୂହ ଦ୍ୱାରା ଅତିମାନବ ଓ ସାଧାରଣ ମାନବ ମଧ୍ୟରେ ଗୋଟାଏ ସ୍ଥାୟୀ ସମ୍ବନ୍ଧ ସ୍ଥାପିତ ହେବ, ଯେଉଁଥିରେ ମଣିଷ ସାଧନା କରି ମଧ୍ୟବର୍ତ୍ତୀ ସ୍ତରସମୂହକୁ ଅତିକ୍ରମ କରି ଅତିମାନବ ଅବସ୍ଥାରେ ପହଞ୍ଚି ପାରିବ । ଏହି ପଥ ଚିରଦିନ ସକାଶେ ନିର୍ମାଣ ହେବ । ଏହା ହେବ ସାଧକମାନଙ୍କ ସକାଶେ । ସାଧାରଣ ସଂସାରରେ ହିଂସା, ଦ୍ୱେଷ, ଛଳ, କପଟ, ଯୁଦ୍ଧ-ବିଗ୍ରହ ଆଉ ରହିବ ନାହିଁ; କ୍ରମଶଃ ପ୍ରତ୍ୟେକ ବ୍ୟକ୍ତିର ଉନ୍ନତି ହେବ । ଏଥିପାଇଁ ଶ୍ରୀଅରବିନ୍ଦ କହିଛନ୍ତି;— ''ଏହି ଯୋଗ ଆମ୍ଭମାନଙ୍କ ସକାଶେ ନୁହେଁ, ଭଗବାନଙ୍କ ସକାଶେ ।''

ପ୍ରଶ୍ନ : ପୁରାତନ ଯୋଗୀମାନେ ଯେଉଁ ପୁରୁଷୋତ୍ତମ ତତ୍ତ୍ୱର ସନ୍ଧାନ ପାଇଥିଲେ, ତାହାକୁହିଁ ଶ୍ରୀଅରବିନ୍ଦଙ୍କ

ଯୋଗରେ ଅଭିବ୍ୟକ୍ତ କରାହୁଏ । କିନ୍ତୁ ମନ-ପ୍ରାଣ-ଶରୀରର ରୂପାନ୍ତର ସମ୍ବନ୍ଧେ କୌଣସି ପୁରାତନ ଯୋଗରେ ନିର୍ଦ୍ଦେଶ ନାହିଁ । ଏହା କ'ଣ ସମ୍ପୂର୍ଣ୍ଣ ନୂତନ ନୁହେଁ ?

ଉତ୍ତର : ଏହା ନୂତନ ହେଲେ ମଧ୍ୟ ଆଶ୍ଚର୍ଯ୍ୟଜନକ ନୁହେଁ । କାରଣ ଅତିମାନସ ଶକ୍ତିରେହିଁ ପୂର୍ଣ୍ଣବ୍ରହ୍ମ ଚତୁଷ୍ପାଦ ବିଭୂତି ସହିତ ପ୍ରଘଟ ହୁଅନ୍ତି । କିନ୍ତୁ ଅତିମାନସରେ ପ୍ରବେଶ କରିବାମାତ୍ରେ ରୂପାନ୍ତରର ସମସ୍ତ ରହସ୍ୟ ମିଳେ । ଶ୍ରୀମା-ଶ୍ରୀଅରବିନ୍ଦ ଅତିମାନସରେ ପହଞ୍ଚି ତାର ରହସ୍ୟ ପାଇ ସେହି ଶକ୍ତିକୁ ପୃଥିବୀ ଉପରେ ଉତାରି ଆଣି ରୂପାନ୍ତର କାର୍ଯ୍ୟ ଆରମ୍ଭ କରିଅଛନ୍ତି । ଶ୍ରୀଅରବିନ୍ଦଙ୍କ ଯୋଗରେ ଏହା ନୂତନ ହେଲେ ମଧ୍ୟ ପୁରାତନ ସମ୍ବନ୍ଧରୁ ବିଚ୍ଛିନ୍ନ ନୁହେଁ । ପୁରାତନ ଯୋଗୀ ଏହା କରି ନ ଥିଲେ, କାରଣ ତା'ର ସମୟ ଆସି ନ ଥିଲା । ଏହା ସତ୍ୟଯୁଗର ଅଭିବ୍ୟକ୍ତିର ବସ୍ତୁ, ଏହା କେବଳ ସତ୍ୟଯୁଗର ପ୍ରାରମ୍ଭରେ ପ୍ରକାଶ ହେବାର କଥା, ପୂର୍ବରୁ ହେବାର ଆବଶ୍ୟକତା ନ ଥିଲା । ଶହେ ବର୍ଷ ପୂର୍ବେ ଅଣୁପରମାଣୁର ଶକ୍ତି ସମ୍ବନ୍ଧେ କୌଣସି ସନ୍ଧାନ ମିଳି ନ ଥିବା ସତ୍ତ୍ୱେ ଆଜି ତାହାର ଶକ୍ତି ଦୃଷ୍ଟିଗୋଚର ହେଉଛି । ପୂର୍ବେ ଯାହା ନ ଥିଲା ତାହା ଆଜି ହେବା ଅସମ୍ଭବ ନୁହେଁ ।

ପ୍ରଶ୍ନ : ଦିବ୍ୟ ରୂପାନ୍ତର ଓ ଅତିମାନବଜାତି ପୃଥିବୀରେ ସ୍ଥାପନା ହେବା କଥା କହୁଛନ୍ତି, କିନ୍ତୁ ବର୍ତ୍ତମାନ ସଂସାରରେ ଅନ୍ଧକାର ଓ ଅଜ୍ଞାନର ରାଜ୍ୟ; ଲୋକ ପୂର୍ଣ୍ଣରୂପେ ସ୍ୱାର୍ଥପର । ସଂସାରରେ ଆଜି ଆମେ ଯେଉଁମାନଙ୍କୁ ଶ୍ରେଷ୍ଠ ବୋଲି ମାନୁଛୁ, ଯାହାଙ୍କଠାରୁ ଆଦର୍ଶ ଆଶା କରୁଛୁ ସେମାନେ ଯାହା କହୁଛନ୍ତି, କରୁଛନ୍ତି ତାହାର ଠିକ୍ ବିପରୀତ । ମୁଖରେ ବ୍ୟକ୍ତ କରୁଛନ୍ତି ଯାହା ଅନ୍ତରରେ ଭାବୁଛନ୍ତି ତା'ର ଓଲଟା । ବର୍ତ୍ତମାନ ଜଗତର ପ୍ରତ୍ୟେକ ବ୍ୟକ୍ତି ମଧ୍ୟରେ କେବଳ ଅନ୍ଧ, ଅଜ୍ଞାନ, ଅଦିବ୍ୟ ଶକ୍ତିଙ୍କର ରାଜତ୍ୱ । ଏପରି ଅବସ୍ଥାରେ ଏତେବଡ଼ ଅତିମାନବ ଜାତିର ଆଶା କିପରି କରାଯିବ ?

ଉତ୍ତର : ପୁରାତନ ଜିନିଷ ଯେତେବେଳେ କାର୍ଯ୍ୟର ଅଯୋଗ୍ୟ ହୁଏ, ସେତେବେଳେ ତାହା ପରିବର୍ତ୍ତେ ଅଣାହୁଏ ଏକ ସୁନ୍ଦର ନୂତନ ଜିନିଷ । କୃଷ୍ଣପକ୍ଷ ଏକାଦଶୀରେ ଶୁକ୍ଳପକ୍ଷ ଚନ୍ଦ୍ରମାର ଉଦୟ ହୁଏ ନାହିଁ, ହୁଏ ଅମାବାସ୍ୟାର ପୂର୍ଣ୍ଣ ଅନ୍ଧକାର ପରେ । ତ୍ରେତୟା ଓ ଦ୍ୱାପର ଯୁଗପରେ ସତ୍ୟଯୁଗ ଆସେ ନାହିଁ, ଆସେ କଳିଯୁଗ ପରେ, ଅର୍ଥାତ୍ ଘୋର ଅନ୍ୟାୟ ପରେ । ଯେତେବେଳେ ଅଜ୍ଞାନାନ୍ଧକାର ପ୍ରବଳ ବେଗରେ ପୃଥିବୀକୁ ଘେରିଯାଏ ସେତେବେଳେ ଭଗବାନ୍ ଅବତାର ନିଅନ୍ତି । ବର୍ତ୍ତମାନ ଠିକ୍ ସେହି ସମୟ । ମାନବଜାତି ବର୍ତ୍ତମାନ ଏପରି ଏକ ସୀମାରେ ପହଞ୍ଚିଛି ଯେ ସେ ସେଠାରେ ଆଉ ରହିପାରିବ ନାହିଁ । ଊର୍ଦ୍ଧ୍ୱକୁ ଯିବ କିଂବା ଅଧଃପତିତ ହେବ । କିନ୍ତୁ ଭଗବାନ୍ ଚାହାନ୍ତି ନାହିଁ ଅଧଃପତନ ହେବାକୁ । ତାହାର ପ୍ରମାଣ ସ୍ୱରୂପ ଅତିମାନସ ଶକ୍ତି ଏହି ପୃଥିବୀ ଉପରକୁ ଉତରି ଆସି କାର୍ଯ୍ୟ କରୁଅଛି । ସେଥିପାଇଁ ମନୁଷ୍ୟ ଜାତିର ଊର୍ଦ୍ଧ୍ୱଗମନ ଅବଶ୍ୟମ୍ଭାବୀ । ବର୍ତ୍ତମାନ ଯୁଗ ପରିବର୍ତ୍ତନର ସମୟ । ଦିବ୍ୟଶକ୍ତିର କ୍ରିୟାକୁ ବ୍ୟର୍ଥ କରିବା ପାଇଁ ଅଜ୍ଞାନ ଶକ୍ତି ଆପ୍ରାଣ ଚେଷ୍ଟା କରୁଅଛି । ଏହା ହେଉଛି ଦିବ୍ୟଶକ୍ତି ସହିତ ଅଦିବ୍ୟ ଶକ୍ତିର ଶେଷ ଯୁଦ୍ଧ ।

## (୩)

## ସାଧନାର ପ୍ରଣାଳୀ

ପ୍ରଶ୍ନ : ଚେତନାକୁ ଏକାଗ୍ର କରିବାର ପ୍ରଣାଳୀ କ'ଣ ?

ଉତ୍ତର : ଏକାଗ୍ର କରିବାର ବହୁ ପ୍ରଣାଳୀ ଅଛି, ତନ୍ମଧ୍ୟରୁ ଧ୍ୟାନ ଅନ୍ୟତମ ।

ପ୍ରଶ୍ନ : ଧ୍ୟାନ କିପରି କରିବାକୁ ହୁଏ ?

ଉତ୍ତର : ଧ୍ୟାନ ପ୍ରଣାଳୀ ମା' 'ମାତୃବାଣୀ' ପୁସ୍ତକରେ କହି ଅଛନ୍ତି, ହୃଦୟର କେନ୍ଦ୍ରରେ ଏକାଗ୍ର ହୁଅ ଓ ତା' ମଧ୍ୟରେ ପ୍ରବେଶ କର ଓ ଗଭୀରରେ ଉତରି, ଦୂର, ବହୁଦୂର ପର୍ଯ୍ୟନ୍ତ ଯାଅ, ଯେତେଦୂର ପର୍ଯ୍ୟନ୍ତ ତୁମେ ଯାଇପାର ।

ବାହ୍ୟ ପ୍ରସାରିତ ତୁମ ଚେତନାର ସମସ୍ତ ଖିଅକୁ ଏକତ୍ର କର, ଦୃଢ଼ଭାବେ କେନ୍ଦ୍ରିତ କର ଏବଂ ହୃଦୟର ନିଭୃତରେ ବୁଡିଯାଅ, ଏକେବାରେ ତଳକୁ ଚାଲିଯାଅ ।

''ହୃଦୟର ଗଭୀର ନୀରବତା ମଧ୍ୟରେ ଏକ ଅଗ୍ନିଶିଖା ଜଳୁଅଛି — ଏହାହିଁ ହେଲା ତୁମ ଅନ୍ତରର ଦେବତା — ତୁମର ଯଥାର୍ଥ ସତ୍ୟ-ସତ୍ତା (ହୃଦ୍‌ପୁରୁଷ) । ଏହାଙ୍କ ବାଣୀ ଶୁଣ ଏବଂ ଆଦେଶ ପାଳନ କର ।

''ଏକାଗ୍ରତା ସକାଶେ ଅନ୍ୟାନ୍ୟ କେନ୍ଦ୍ର ମଧ୍ୟ ଅଛି : ଉଦାହରଣସ୍ୱରୂପ ଗୋଟିଏ କେନ୍ଦ୍ର ମସ୍ତିଷ୍କର ଊର୍ଦ୍ଧ୍ୱରେ ଆଉ ଗୋଟିଏ ଭ୍ରୂ-ଯୁଗଳ ମଧ୍ୟରେ । ଏସବୁ ପ୍ରତ୍ୟେକଟିର ନିଜର ପ୍ରଭାବ ରହିଛି ଆଉ ଏହିସବୁ ତୁମକୁ ଏକ ଏକ ବିଶିଷ୍ଟ ଫଳ ଦିଅନ୍ତି । କିନ୍ତୁ ହୃତ୍‌ପୁରୁଷଙ୍କର ସ୍ଥାନହିଁ ହୃଦୟ ଏବଂ ଏହିଠାରେହିଁ ସମସ୍ତ କେନ୍ଦ୍ରୀୟ ଗତିବୃତ୍ତି, ରୂପାନ୍ତର ସକାଶେ ସମସ୍ତ ବେଗବତୀ ଗତିଶୀଳତା ଏବଂ ଅନୁଭୂତିର ଶକ୍ତି ପ୍ରସୂତ ହୁଏ ।''

ପ୍ରଶ୍ନ : ସମ୍ଭବତଃ ଧ୍ୟାନରେ କିଛିଦୂର ଅଗ୍ରସର ହେବା ପରେ ଏପରି ହୋଇପାରେ, କିନ୍ତୁ ପ୍ରାରମ୍ଭିକ ଅବସ୍ଥାରେ କିପରି ଧ୍ୟାନ କରିବାକୁ ହେବ ?

ଉତ୍ତର : ପ୍ରତିଦିନ ନିୟମିତ, କୌଣସି ନିର୍ଦ୍ଦିଷ୍ଟ ସମୟରେ, ନିଜର ସୁବିଧା ଅନୁସାରେ କୌଣସି ପବିତ୍ର ସ୍ଥାନରେ ଏକାନ୍ତରେ, ମୃଗଛାଲ, କୁଶ ବା କମ୍ବଳ ଆସନ ଉପରେ ଅଥବା ଚୌକି ବା ନିଜ ବିଛଣା ଉପରେ ବସି ସହଜଭାବେ (ବିରୋଧୀ ବିଚାର ସଙ୍ଗେ ସଂଘର୍ଷ ନ କରି) ନିଜର ରୁଚି ଅନୁଯାୟୀ ଶ୍ରୀମା ଶ୍ରୀଅରବିନ୍ଦଙ୍କର କୌଣସି ଫଟୋ ଉପରେ ଚେତନାକୁ ଏକାଗ୍ର କରିପାର କିଂବା ଏକାଗ୍ରତା ସକାଶେ ଊର୍ଦ୍ଧ୍ୱସ୍ଥ ମାତୃଶକ୍ତି, ଶାନ୍ତି ଓ ସ୍ଥିରତା ଅବତରଣ ସକାଶେ ଅଭୀପ୍‌ସା ସହ ପ୍ରତୀକ୍ଷା କରିପାର । ଏହିସବୁ ଉପାୟରେ ଏକାଗ୍ର ହେଲେ ଚେତନା ସ୍ୱାଭାବିକ ଭାବେ ଭିତରେ ପ୍ରବେଶ କରିବ ଓ ଉପରକୁ ଗତି କରିବ, କିନ୍ତୁ କ୍ରିୟାତ୍ମକରୂପେ ନ କଲେ ଏ ବିଷୟ ବୁଝି ହେବ ନାହିଁ ।

ପ୍ରଶ୍ନ : ମୋର ମନେ ହୁଏ କେବଳ ଭଗବାନଙ୍କୁ ଧ୍ୟାନ କରିବା ଉଚିତ; ମା'ଙ୍କୁ ଧ୍ୟାନ କରିବାକୁ କାହିଁକି କହୁଛନ୍ତି ?

ଉତ୍ତର : ମା' ଶ୍ରୀଅରବିନ୍ଦ ଏହି ପୃଥିବୀକୁ ଆସିଛନ୍ତି ଏହି ମୃତ୍ୟୁପୁରୀରେ ଅତିମାନବ ଜାତି ସ୍ଥାପନା କରିବା ପାଇଁ । ଏହି ଆଦର୍ଶର ସାଧକମାନଙ୍କୁ ବିଶେଷରୂପେ ସାଧନା ମାର୍ଗରେ ସାହାଯ୍ୟ କରୁଅଛନ୍ତି । ଯେଉଁ କାର୍ଯ୍ୟ କରିବାକୁ ଭଗବାନଙ୍କର ଯେଉଁ ଅବତାର ପୃଥିବୀକୁ ଆସନ୍ତି ତାଙ୍କୁ ଅନନ୍ୟ ନିଷ୍ଠାସହ ଉପାସନା କଲେ ବ୍ୟକ୍ତି ସହଜରେ ଲକ୍ଷ୍ୟରେ ପହୁଞ୍ଚିପାରେ । ଏହି କାରଣରୁ ଅନନ୍ୟ ନିଷ୍ଠାସହ ଶ୍ରୀମା ଶ୍ରୀଅରବିନ୍ଦଙ୍କ ସ୍ୱରୂପ ଧ୍ୟାନ ଏବଂ ତାଙ୍କୁ ସମସ୍ତ ସତ୍ତା ସମର୍ପଣ କରିବା ଉଚିତ । ଅନନ୍ୟ ନିଷ୍ଠା ଦ୍ୱାରା ଭଗବାନ୍ ସହଜରେ କିପରି ପ୍ରାପ୍ତ ହୁଅନ୍ତି ଭକ୍ତ ଧନା ଜାଠଙ୍କ ଜୀବନର ଗୋଟିଏ ଘଟଣାରୁ ଜାଣିପାରିବା ।

## ଭକ୍ତ ଧନା ଜାଠ

ଧନା ଥିଲେ ଜାତିରେ ଜାଠ । ତାଙ୍କର ଜନ୍ମ ହୋଇଥିଲା ଏକ ସାଧାରଣ ପରିବାରରେ । କିନ୍ତୁ ପିତାମାତା ଥିଲେ ଭକ୍ତ, ସାଧୁସେବୀ । ତାଙ୍କ ମାତା ପଢ଼ାଶୁଣା କରି ନ ଥିଲେ, ଥିଲେ ସରଳା ଓ ପତିବ୍ରତା । ସେ ପତିଙ୍କ ଆଜ୍ଞା ପାଳନ କରି ତାଙ୍କୁ ସନ୍ତୁଷ୍ଟ ରଖିବାକୁ ବରାବର ଚେଷ୍ଟା କରନ୍ତି । ସେଥିପାଇଁ ତାଙ୍କ ସ୍ୱାମୀଙ୍କୁ ସାଧୁସେବା କାର୍ଯ୍ୟରେ ବହୁତ ସାହାଯ୍ୟ ମିଳେ । ଯେଉଁଠି ସାଧୁସେବାର ଆଦର ଥାଏ, ସେଠାକୁ ସାଧୁମାନେ ପ୍ରାୟ ଆସନ୍ତି । ଦିନେ ଜଣେ ସାଧୁ ତାଙ୍କ ଘରକୁ ଆସିଲେ । ତାଙ୍କ ପିତା ତାଙ୍କୁ ଯଥାର୍ଥ ଆଦର ସତ୍କାରପୂର୍ବକ ରହିବାକୁ ସ୍ଥାନ ଦେଲେ ଏବଂ ଭଗବାନଙ୍କ ପୂଜା ନିମିତ୍ତ ସମସ୍ତ ସାମଗ୍ରୀ ଯୋଗାଡ଼ କରିଦେଲେ ।

ସେତେବେଳେ ଧନା ଆଠ ନଅ ବର୍ଷର ହୋଇଥାଆନ୍ତି । ସାଧୁସନ୍ଥଙ୍କ ପ୍ରତି ତାଙ୍କର ଥିଲା ସ୍ୱାଭାବିକ ଶ୍ରଦ୍ଧା । ସେ ଦିନ ସେ ମହାତ୍ମାଜିଙ୍କ ସମସ୍ତ କାର୍ଯ୍ୟକଳାପକୁ ଏକାଗ୍ର ଦୃଷ୍ଟିରେ ନିରୀକ୍ଷଣ କରୁଥାଆନ୍ତି । ମହାତ୍ମାଜି ଭଲଭାବରେ ଆସନରେ ବସିବା ପରେ ଗୋଟିଏ ବଡ଼ ଝୋଲି ସାମନାରେ ରଖି ତା' ଭିତରୁ ରୁପାର ଗୋଟିଏ ଅତ୍ୟନ୍ତ ସୁନ୍ଦର ଛୋଟ

ସିଂହାସନ ବାହାର କଲେ । ତାହା ମଧ୍ୟରୁ ଖୁବ୍ ଚିକ୍କଣ କଳା ଗୋଲ ଗୋଲ ପଥର ଗୋଟାଳି ପରି ଶାଳଗ୍ରାମ ମୂର୍ତ୍ତି ଚାରି, ପାଞ୍ଚୋଟି ବାହାର କରି ଶ୍ରଦ୍ଧା ଓ ପ୍ରେମ ସହିତ ସ୍ନାନ କରାଇ ଫୁଲଚନ୍ଦନ ଦେଇ ବିଧିବତ୍ ପୂଜା କଲେ । ଠାକୁରଙ୍କ ପୂଜା ପ୍ରତି ଧନାଙ୍କର ମନ ବିଶେଷ ଆକୃଷ୍ଟ ହୋଇଗଲା । ସେ ଦିନ ତାଙ୍କର ଇଚ୍ଛା ଥିଲା ଯେ ସେ ବରାବର ମହାତ୍ମାଜିଙ୍କ ପାଖରେ ବସି ଠାକୁରଙ୍କ ସମସ୍ତ ପୂଜା ଦେଖି ଥାଆନ୍ତେ । ପରନ୍ତୁ ତାଙ୍କର ନିତ୍ୟକାର୍ଯ୍ୟ ଥିଲା ଅନ୍ୟ ପିଲାମାନଙ୍କ ସଙ୍ଗେ ଯାଇ ଗାଈ ଚରାଇବା । ଅନ୍ୟ ପିଲାମାନେ ଗାଈନେଇ ଦାଣ୍ଡରେ ପହଞ୍ଚିଗଲେ, ଅନିଚ୍ଛା ସତ୍ତ୍ୱେ ବାଧ ହୋଇ ତାଙ୍କୁ ଗାଈ ନେଇ ପିଲାମାନଙ୍କ ସଙ୍ଗେ ଯିବାକୁ ହେଲା । ପିଲାମାନଙ୍କ ସଙ୍ଗେ ଗଲା ତାଙ୍କର ଶରୀର, ମନ ରହିଲା ମହାତ୍ମାଜିଙ୍କ ପାଖରେ । ସେ କ୍ଷଣ କ୍ଷଣ ଗଣୁଥାଆନ୍ତି । ତାଙ୍କୁ ଗୋଟିଏ କ୍ଷଣ ଗୋଟିଏ ଯୁଗପରି ବୋଧ ହେଉଥାଏ । ଅତି କଷ୍ଟରେ ଗାଈଚରାଇବା କାମ ଶେଷ କରି ଘରକୁ ଫେରି ଗାଈକୁ ଗୁହାଳରେ ବାନ୍ଧି ତତ୍କ୍ଷଣାତ୍ ମହାତ୍ମାଜିଙ୍କ ପାଖକୁ ଗଲେ । ଅତି ବିନୀତ ଭାବରେ ପ୍ରାର୍ଥନା କଲେ, ''ମହାତ୍ମାଜି ତୁମ ପୂଜା ଗୋଟାଳିରୁ ମୋତେ ଗୋଟିଏ ଦିଅ ।'' ମହାତ୍ମାଜି କହିଲେ, ''ତୁ ପିଲା, ଜାଣୁ ନାହୁଁ, ସେ ପଥର ଗୋଟାଳି ନୁହେଁ, ଶାଳଗ୍ରାମ ଶିଳା, ଭଗବାନଙ୍କ ମୂର୍ତ୍ତି, ମୁଁ ଦେବି ନାହିଁ ।'' ଧନା ଶୁଣିବାମାତ୍ରକେ ବ୍ୟାକୁଳ ହୋଇ ମହାତ୍ମାଜିଙ୍କ ଚରଣ ଧରି ଜୋର୍‌ରେ କାନ୍ଦି କହିଲେ, ''ମୋତେ ଦେବାକୁ ହେବ, ମୁଁ ପୂଜା କରିବି ।'' ତାଙ୍କ ବିନୟ ପ୍ରାର୍ଥନା ଦେଖି ମହାତ୍ମାଙ୍କର ଦୟା ହେଲା । ସେ ଗୋଟିଏ ଶାଳଗ୍ରାମ ମୂର୍ତ୍ତି ଦେଇ ପୂଜାବିଧି ବତାଇ ଦେଲେ; ଆଉ କହିଲେ, ''ପ୍ରତିଦିନ ଠାକୁରଙ୍କୁ ଅର୍ପଣ କରି ପ୍ରସାଦ ନେବୁ, ଭୋଗ ନ ଲଗାଇ କିଛି ଖାଇବୁ ନାହିଁ ।'' ଧନାଙ୍କୁ ଶାଳଗ୍ରାମ ମୂର୍ତ୍ତି ମିଳିଯିବାରୁ ତାଙ୍କର ଆନନ୍ଦର ଆଉ ସୀମା ରହିଲା ନାହିଁ । ମନେହେଲା ତାଙ୍କୁ ଯେପରି ସମସ୍ତ ଲୋକର ଐଶ୍ୱର୍ଯ୍ୟ ଏକସଙ୍ଗେ ମିଳିଗଲା । ପରଦିନ ସକାଳୁ ମହାତ୍ମାଜି ରାସ୍ତା ଧରିଲେ । ଧନା ପ୍ରତିଦିନର ନିୟମାନୁସାରେ ମା'ଙ୍କଠାରୁ ରୋଟି ନେଇ ଲୁଗାରେ ବାନ୍ଧି ଶାଳଗ୍ରାମ ମୂର୍ତ୍ତିକୁ ଧରି ପିଲାମାନଙ୍କ ଆସିବା ପୂର୍ବରୁ ଗାଈ ନେଇ ଏକାକୀ ଗୋଟିଏ ନୂତନ ସ୍ଥାନକୁ ଚାଲିଗଲେ ।

ଆଜି ଧନା ପୂର୍ବ ଧନାଙ୍କଠାରୁ ଭିନ୍ନ । ସେ ତାଙ୍କ ଠାକୁରଜିଙ୍କୁ ପାଇ ଅଛନ୍ତି । ଏପରି ଆନନ୍ଦରେ ମସ୍ତ ଯେ ଚାଲିଲେ ଯେପରି ମୁଣ୍ଡ ଲାଗୁଛି ସ୍ୱର୍ଗରେ । ଆଜି ତାଙ୍କ ଆନନ୍ଦ ପାଖରେ ଇନ୍ଦ୍ରପଦ ବି ତୁଚ୍ଛ । ସେ ତାଙ୍କ ଠାକୁରଜିଙ୍କୁ ପୂଜା କରିବେ, ଭୋଗ ଲଗାଇବେ । ଗୋଟିଏ ଦୂର ଜଙ୍ଗଲରେ ଗାଈ ନେଇ ଛାଡ଼ିଦେଇ ସେ ବସିଲେ ଗୋଟିଏ ଗଛ ମୂଳରେ । ଗୋଟିଏ କନାରେ ବାନ୍ଧିଥିବା ଠାକୁରଜିଙ୍କୁ ଫିଟାଇ ଦେଖି ହୃଦୟରେ ଲଗାଇ ଆନନ୍ଦରେ ନାଚିବାକୁ ଲାଗିଲେ । ସୁନ୍ଦର କୋମଳ ପତ୍ର ଉପରେ ଶାଳଗ୍ରାମକୁ ରଖି ଆଞ୍ଜୁଳିରେ ଜଳ ଆଣି ସ୍ନାନ କରାଇ ଅରଣ୍ୟର ପତ୍ରଫୁଲ ଅର୍ପଣ କଲେ । ପରେ ରୋଟି ଖୋଲି ଠାକୁରଙ୍କ ସାମନାରେ ରଖି କେତେ କ'ଣ ଗେହ୍ଲେଇ କହି ଖୁଆଇବାକୁ ଆଗ୍ରହ କଲେ । ଅଧଘଣ୍ଟାଏ ହୋଇଗଲା, ଠାକୁର ଖାଇଲେ ନାହିଁ; ସେ ମନେ କଲେ, ''ମୁଁ ନୂଆ, ସେଥିନେଇ ଠାକୁର ଲଜ୍ଜା କରି ଖାଉ ନାହାନ୍ତି, ମୁଁ ଆଖି ବନ୍ଦ କରେ ।'' ମଝିରେ ମଝିରେ ଆଖି ଖୋଲି ଦେଖନ୍ତି ଠାକୁର ଖାଉଛନ୍ତି କି ନାହିଁ । ଏହିପରି ତିନି ଚାରି ଘଣ୍ଟା ବିତିଗଲା, ଶେଷରେ ନିରାଶ ହୋଇ ଭାବିଲେ, ''ମୋ ପୂଜାରେ ତ୍ରୁଟି ହେଲା, ସେଥିପାଇଁ ଠାକୁର ଖାଇଲେ ନାହିଁ ।'' ରୋଟିକୁ ଉଠାଇ ଆଣି ପାଣିରେ ପକାଇ ଦେଲେ; ଠାକୁରଙ୍କୁ କନାରେ ବାନ୍ଧି ଗୋରୁ ନେଇ ଘରକୁ ଫେରିଲେ । ଠାକୁର ଉପବାସ ରହିଲେ ଏହି ଦୁଃଖାଗ୍ନିରେ ତାଙ୍କ ହୃଦୟ ଦଗ୍ଧ ହେବାକୁ ଲାଗିଲା । ଆଉ ନେତ୍ରରୁ ଅବିରାମ ଅଶ୍ରୁଧାରା ପ୍ରବାହିତ ହେଲା । ଏହିପରି ଚାଲିଲା ସାତ ଦିନ ପର୍ଯ୍ୟନ୍ତ । ଉପବାସ ଆଉ ବ୍ୟାକୁଳତା ଯୋଗୁଁ ଶରୀର ଶୀର୍ଣ୍ଣ ହୋଇ କେବଳ ଅସ୍ଥି ଚର୍ମାବୃତ ହୋଇରହିଲା । ଏପରି ଅବସ୍ଥା ଦେଖି ତାଙ୍କ ମା' ବ୍ୟାକୁଳ ହୋଇପଡ଼ିଲେ ଏବଂ କାରଣ ପଚାରିବାରୁ ଧନା ଚୁପ୍ ହୋଇ ରହିଲେ । ଆଉ ମା'ଙ୍କ ଆଗ୍ରହ ସତ୍ତ୍ୱେ ଘରେ ନ ରହି ସେହି ଦୁର୍ବଳ ଅବସ୍ଥାରେ ଗୋରୁ ନେଇ ଜଙ୍ଗଲକୁ ବାହାରିଲେ ।

ଆଜି ଉପବାସର ସପ୍ତମ ଦିନ, ଶରୀର ଦୁର୍ବଳ ହେବାରୁ ପାଦ ପକାଇଲେ ଟଳମଳ ହୋଇ ପଡ଼ିଯିବା ପରି ହେଉଅଛି । କିନ୍ତୁ ଶରୀରର ଚିନ୍ତା ଲେଶମାତ୍ର ନାହିଁ । ଏକମାତ୍ର ଚିନ୍ତା ତାଙ୍କ ହୃଦୟକୁ ବ୍ୟଥିତ କରୁଛି ଯେ ସାତ ଦିନ ହେଲା ଠାକୁର ଉପବାସ । କୌଣସିମତେ ଗୋରୁ ଜଙ୍ଗଲରେ ଛାଡ଼ିଦେଇ ଠାକୁରଙ୍କୁ ପୂଜା କରି ରୋଟି ସାମନାରେ

ରଖିଦେଇ କହିଲେ, ‘‘ଆଜି ଶେଷ ଦିନ ମୁଁ ଆଉ ଚାଲିପାରୁ ନାହିଁ । ଘରକୁ ଫେରିଯିବି ନାହିଁ । ଯଦି ଦୟାକରି ତୁ ରୋଟି ଖାଉ, ତେବେ ତ ଭଲ ନ ହେଲେ ଆଜି ପ୍ରାଣ ତୋ ଚରଣରେ ବିସର୍ଜନ ।’’ ବ୍ୟାକୁଳତା ଯୋଗୁଁ ହୃଦୟ ଏକେବାରେ ସ୍ୱଚ୍ଛ ହୋଇଯାଇଥିଲା । ସେ ମୂର୍ଖ ଥିଲେ ସୁଦ୍ଧା ତାଙ୍କ ଆତ୍ମା ଜାଗ୍ରତ୍ ହୋଇ ଯାଇଥିଲା, ସେ ପ୍ରାର୍ଥନା କଲେ, ‘‘ହେ ଭଗବାନ୍, ମୁଁ ବାଳକ, ଅବୋଧ, ମୂର୍ଖ, ତୋ ପୂଜାବିଧି କିଛି ଜାଣେ ନାହିଁ, ହେ ଦୟାମୟ, ତୁ କ’ଣ ମୋର ଅପରାଧ ସକାଶେ ଭୋଗ ସ୍ୱୀକାର କରିବୁ ନାହିଁ ! ବୃନ୍ଦାବନରେ ଗୋପାଳ ବାଳକ କେଉଁ ପଣ୍ଡିତ ଥିଲେ, କେଉଁ ବେଦ ପଢ଼ିଥିଲେ, ତୁ ତାଙ୍କ ହାତରୁ ଭୋଜନ ଛଡ଼ାଇ ଖାଉଥିଲୁ । ନା, ନା, ତୁ ଦୟାମୟ; ତୁ ବିଦ୍ୟା, ଗୁଣ ଦେଖୁ ନାହିଁ, ତୁ କେବଳ ନିଜ ଦୟାପରବଶ ହୋଇ ଭକ୍ତ ଇଚ୍ଛା ପୂର୍ଣ୍ଣ କରୁ । ମୁଁ ଏକ ଅନାଥ ବାଳକ, କୃପାକରି ଏ ଭୋଗ ସ୍ୱୀକାର କର ।’’ ଏହିପରି କହୁ କହୁ ଗଳାରୁଦ୍ଧ ହୋଇ ଅନବରତ ଆଖିରୁ ଅଶ୍ରୁଧାରା ବହିବାକୁ ଲାଗିଲା । ଶରୀର ଏକେବାରେ ଦୁର୍ବଳ ଥିବାରୁ ସେ ଆଉ ବସି ରହିପାରିଲେ ନାହିଁ, ମୂର୍ଚ୍ଛିତ ହୋଇ ଭୂମିରେ ପଡ଼ିଗଲେ । ତାହା ମୂର୍ଚ୍ଛା ନୁହେଁ, ବିରହ ସମାଧି ଅବସ୍ଥା । ଶରୀରରେ ସମସ୍ତ ଅଷ୍ଟସାତ୍ତ୍ୱିକ ଭାବ ପ୍ରକାଶିତ ହେଲା । ଏହି ଅବସ୍ଥାରେ ସେ କେତେ ସମୟ ପଡ଼ି ରହିଥିଲେ । ହଠାତ୍ ତାଙ୍କ ଶରୀରରେ ବିଜୁଳି ପରି କୌଣସି ବସ୍ତୁ ପ୍ରବେଶ କରିଯିବାରୁ ସ୍ୱତଃ ଆଖି ଖୋଲିଗଲା । ସେ ଦେଖିଲେ ଅତି ସୁନ୍ଦର ଶ୍ୟାମବର୍ଣ୍ଣ ବାଳକ ତାଙ୍କ ସାମନାରେ ବସି ତାଙ୍କ ମସ୍ତକ ଉପରେ ହସ୍ତ ରଖି ମନ୍ଦହାସ୍ୟରେ କୃପାଦୃଷ୍ଟି ଦ୍ୱାରା ତାଙ୍କ ଉପରେ ଅମୃତ ବର୍ଷା କରୁଅଛନ୍ତି । ସେତେବେଳେ ଧନାଙ୍କ ଜୀବନର ଯେଉଁ ଅବସ୍ଥା, ଯେଉଁ ଆନନ୍ଦ, ତାହା ଅବର୍ଣ୍ଣନୀୟ । ଏପରି କୌଣସି ଲେଖକ ନାହିଁ ଯେକି ସେହି ଦିବ୍ୟ ଅଲୌକିକ ଭାବକୁ ଲେଖନୀ ମୁନରେ ରୂପ ଦେଇପାରିବ, ଏପରି କୌଣସି ବ୍ୟକ୍ତି ନାହିଁ ଯେକି ତାହାକୁ ଭାଷାରେ ବର୍ଣ୍ଣନା କରିପାରିବ । ଧନାଜିଙ୍କ ଜୀବନ ସାର୍ଥକ ହେଲା । ତାଙ୍କ ନେତ୍ର ସୌନ୍ଦର୍ଯ୍ୟରୂପ ସମୁଦ୍ରରେ ଭାସିବାକୁ ଲାଗିଲା । ହୃଦୟ ଆନନ୍ଦ ସାଗରରେ ନିମଜ୍ଜିତ ହୋଇଗଲା । ସେ ହୋଇଗଲେ ମୂକ, କୌଣସି ବାକ୍ୟ ସ୍ଫୁରିଲା ନାହିଁ ତୁଣ୍ଡରୁ । ତାଙ୍କର ଅଙ୍ଗ-ପ୍ରତ୍ୟଙ୍ଗ ବିବଶ । ସେ କେବଳ ନିସ୍ତେଜ ହୋଇପଡ଼ି ନିଜ ପ୍ରଭୁଙ୍କ ଆଡ଼କୁ ଦେଖୁଥାଆନ୍ତି । ପ୍ରଭୁ ତାଙ୍କ କରକମଳରେ ତାଙ୍କ ଅଙ୍ଗକୁ ସ୍ପର୍ଶ କରି ମନ୍ଦହାସ୍ୟରେ ମେଘଗମ୍ଭୀର ବାଣୀରେ କହିଲେ, ‘‘ମୋ ପ୍ରିୟ ଧନା, ଉଠ, ତୁ ବଡ଼ କଷ୍ଟ ପାଇଲୁଣି, ସାତ ଦିନ ହେଲା ତୁ କିଛି ଖାଇ ନାହୁଁ ।’’ ଭଗବାନଙ୍କ ସ୍ପର୍ଶ ଲାଭ କରି ଧନାଜିଙ୍କ ଶରୀରରେ ପୂର୍ବାପେକ୍ଷା ଶତଗୁଣ ଅଧିକ ବଳ ଓ ତେଜଃ ଆସିଗଲା । ଅନ୍ତରର ସକଳ ବନ୍ଦ ଦ୍ୱାର ଖୋଲିଗଲା । ସେ ଉଠି ବ୍ୟାକୁଳ ହୋଇ ପ୍ରଭୁଙ୍କ ଚରଣ ଧରି କହିଲେ, ‘‘ହେ ପ୍ରଭୁ, ହେ ଦୟାମୟ, ତୁମକୁ ତୁମ ଭକ୍ତ କହନ୍ତି ଦୟାମୟ, ଅଶରଣ-ଶରଣ, ଅଧମ-ଉଦ୍ଧାରଣ, ପତିତପାବନ – ଏହିସବୁ ଗୁଣ ଆଜି ମୋ ସାମନାରେ ପ୍ରତ୍ୟକ୍ଷ ।’’ ପ୍ରଭୁ କହିଲେ, ‘‘ତୁ ସୁସ୍ଥ ହୁଅ ଦେଖ, ମୁଁ ରୋଟି ଖାଉଅଛି ।’’ ଏହା କହି ଖାଇବାକୁ ଆରମ୍ଭ କଲେ । ଧନାଜି ପତ୍ରରେ ପଙ୍ଖା କଲେ । ପ୍ରଭୁ ଶ୍ରୀହସ୍ତରେ ରୋଟି ଦେଇ ଧନାଙ୍କୁ ଖାଇବାକୁ କହିଲେ । ଧନାଜି ପ୍ରଭୁଙ୍କ ଦର୍ଶନରେ ପରମ ତୃପ୍ତି ଲାଭ କରିସାରିଥିଲେ, କିନ୍ତୁ ପ୍ରଭୁଙ୍କ ଶ୍ରୀହସ୍ତରୁ ପ୍ରସାଦ ପାଇ ସହର୍ଷେ ଗ୍ରହଣ କଲେ । ଭଗବାନ୍ କହିଲେ, ‘‘ଯେ ମୋତେ ସର୍ବସ୍ୱ ଅର୍ପଣ କରିଦିଏ, ତା ସକାଶେ ମୋର ଅଦେୟ କିଛି ନ ଥାଏ, ତୋର ଯାହା ଆବଶ୍ୟକ ତାହା ମାଗି ନେ ।’’ ଧନା ରୁଦ୍ଧ କଣ୍ଠରେ କହିଲେ, ‘‘ହେ ଦୟାମୟ, ତୁମ୍ଭଙ୍କୁ ପାଇବା ପରେ ଏପରି କୌଣସି ବସ୍ତୁ ଅଛି, ଯାହାକୁ ମାଗିବାକୁ ହେବ । ପରନ୍ତୁ ହେ ମୋ ପ୍ରଭୁ, ମୋ ହୃଦୟେଶ୍ୱର, ତୁମ୍ଭ ବିୟୋଗରେ ଏକକ୍ଷଣ ମୁଁ ରହିପାରିବି ନାହିଁ ।’’ ପ୍ରଭୁ କହିଲେ, ‘‘ଆରେ ଏଇ କଥା, ସେଥିରେ କ’ଣ ଅଛି; ମୁଁ ତୋ ସଙ୍ଗରେ ରହିବି, ଦୁଇ ଜଣ ଗାଈ ଚରାଇବା, ଖେଳିବା । ମୁଁ ମଧ ବହୁଦିନ ପରେ ଜଣେ ଖେଳସାଥୀ ପାଇଲି ।’’ ଏକଥା ଶୁଣି ଧନାଙ୍କର ଆନନ୍ଦର ସୀମା ରହିଲା ନାହିଁ ।

ଧନାଜିଙ୍କ ସଙ୍ଗେ ଭଗବାନ୍ ଗାଈ ଚରାନ୍ତି, ଦୁଧ ଦୁହନ୍ତି, ଖେଳନ୍ତି । ଏହିପରି ବାରବର୍ଷ ବ୍ୟତୀତ ହୋଇଗଲା । ଧନାଙ୍କ ପ୍ରାର୍ଥନାରେ ତାଙ୍କୁ ଶାଳଗ୍ରାମ ଦେଇଥିବା ପୂର୍ବୋକ୍ତ ସାଧୁଙ୍କୁ ଭଗବାନ୍ ଦର୍ଶନ ଦେଇ ଅନ୍ତର୍ଦ୍ଧାନ ହୋଇଗଲେ ଏବଂ ଆକାଶବାଣୀରେ ଧନାଜିଙ୍କୁ ଆଦେଶ ଦେଲେ ଆଚାର୍ଯ୍ୟ ରାମାନନ୍ଦଜିଙ୍କ ଶିଷ୍ୟ ହେବାକୁ । ଧନାଜି ଶ୍ରୀସମ୍ପ୍ରଦାୟ ଅନ୍ତର୍ଗତ ଅନ୍ୟତମ ଆଚାର୍ଯ୍ୟ ଶ୍ରୀ ରାମାନନ୍ଦ ସ୍ୱାମୀଙ୍କ ଶିଷ୍ୟ ହୋଇ ତାଙ୍କ ପ୍ରଧାନ ଦ୍ୱାଦଶ ଶିଷ୍ୟଙ୍କ ମଧ୍ୟରେ ସ୍ଥାନ

ପାଇଲେ । ଧନାଙ୍କ ଜୀବନର ବହୁତ ଅଲୌକିକ ଓ ଚମତ୍କାର ଘଟଣା ଅଛି; ତନ୍ମଧ୍ୟରୁ ଏଠାରେ ଏହି ଘଟଣାଟି ଉଲ୍ଲେଖ କରାହେଲା । ନାଭାଜି ତାଙ୍କ 'ଭକ୍ତମାଳା' ଗ୍ରନ୍ଥରେ ଧନାଜିଙ୍କ ବିସ୍ତୃତ ଜୀବନ ଚରିତ ବର୍ଣ୍ଣନା କରିଅଛନ୍ତି ।

ଏହିପରି ବହୁତ ଭକ୍ତଙ୍କ ଜୀବନରେ ଘଟିଛି । ଭକ୍ତର ନିଷ୍ଠା ଆଉ ବିଶ୍ୱାସ ଯେଉଁଠି ହେଲା ସେଇଠି ଭଗବାନ୍ ପ୍ରଘଟ ହେଲେ । ଫେର୍ ଗୁରୁଙ୍କୁ ଧ୍ୟାନ କରିବା ଯୁକ୍ତିଯୁକ୍ତ ଓ ଶାସ୍ତ୍ରସମ୍ମତ । ଏ ଯୋଗରେ ଗୁରୁ ଏବଂ ଇଷ୍ଟ ମା' ଶ୍ରୀଅରବିନ୍ଦ । ସେ ଏହି ଯୋଗ-ମାର୍ଗ ଆବିଷ୍କାର କରିଅଛନ୍ତି । ଶାସ୍ତ୍ର ଘୋଷଣା କରିଛି, ''ଗୁରୁ ବ୍ର୍ହ୍ମା ଗୁରୁ ର୍ବିଷ୍ଣୁ, ଗୁରୁର୍ଦେବୋ ମହେଶ୍ୱରଃ । ଗୁରୁଃ ସାକ୍ଷାତ୍ ପରଂବ୍ରହ୍ମ ତସ୍ମୈ ଶ୍ରୀ ଗୁରବେ ନମଃ ॥'' ପ୍ରତ୍ୟେକ ଆଧ୍ୟାତ୍ମିକ ସମ୍ପ୍ରଦାୟରେ ଭଗବାନ୍ ଓ ଭଗବାନଙ୍କ ସ୍ୱରୂପ ଗୁରୁଙ୍କୁ ଉପାସନା କରାହୁଏ ।

ପ୍ରଶ୍ନ : ମା' ଶ୍ରୀଅରବିନ୍ଦଙ୍କ ସ୍ୱରୂପ କ'ଣ ?

ଉତ୍ତର : ପ୍ରତ୍ୟେକ ବ୍ୟକ୍ତିର ଚେତନା ଓ ବୁଦ୍ଧିରୂପ ଦର୍ପଣ ଉପରେ ମହାପୁରୁଷ ଓ ଅବତାରମାନଙ୍କ ସ୍ୱରୂପ ଭିନ୍ନ ଭିନ୍ନ ରୂପେ ପ୍ରତିବିମ୍ବିତ ହୁଏ, କିନ୍ତୁ ଦର୍ପଣର ସ୍ୱଚ୍ଛତାନୁସାରେ ବ୍ୟକ୍ତି ସେମାନଙ୍କ ଦୋଷଗୁଣ ନିର୍ଣ୍ଣୟ କରି ପ୍ରଶଂସା ବା ନିନ୍ଦା ଅଥବା ସମାଲୋଚନା କରେ, ଯଥାର୍ଥ ସ୍ୱରୂପକୁ ବୁଝିପାରେ ନାହିଁ । କିନ୍ତୁ ଯଥାର୍ଥରେ ବୁଝିବାକୁ ହେଲେ ସ୍ଥୂଳମନର ସୀମାକୁ ଅତିକ୍ରମ କରି ତାକୁ ବିସ୍ତୃତ କରିବାକୁ ହେବ ଏବଂ ଆନ୍ତର ଚେତନାର ଗଭୀରରେ ପ୍ରବେଶ କରି ସେହି ଚେତନାରେ ଠିକ୍ ଠିକ୍ ଭାବେ ବୁଝିବାକୁ ହେବ । ଏହିରୂପେ ଜାଣିବା ପ୍ରତ୍ୟେକ ବ୍ୟକ୍ତିଙ୍କ ପକ୍ଷେ ସମ୍ଭବ ନୁହେଁ; ଆଉ ମନୁଷ୍ୟ ପ୍ରତୀକ୍ଷା କରିବାକୁ ଧୈର୍ଯ୍ୟ ବି ରଖେ ନାହିଁ, ପ୍ରତ୍ୟେକ ବସ୍ତୁକୁ ଜାଣିବାକୁ ଚାହେଁ ତତ୍କ୍ଷଣାତ୍, ତାହାର ଯେଉଁ ଚେତନା ଓ ମନ ଅଛି ତାହାରି ଦ୍ୱାରା । ଯଦି ଏହିପରି ବୁଝିବାକୁ ହୁଏ, ତେବେ ମହାପୁରୁଷ ଓ ଅବତାରମାନଙ୍କ ଜୀବନର ପ୍ରଧାନ ଉଦ୍ଦେଶ୍ୟ ଓ ପ୍ରଧାନ କର୍ମକୁ ଦେଖି ତାଙ୍କ ସମ୍ବନ୍ଧେ ବିଚାର କରାଯାଇପାରେ । ଉଦାହରଣସ୍ୱରୂପ : ବିଷ୍ଣୁଙ୍କ ଆୟୁଧ ସୁଦର୍ଶନ, ଏପରି ତେଜସ୍ୱୀ, ବଳଶାଳୀ, ସ୍ୱତଃଚୈତନ୍ୟ ଆୟୁଧ ବିଷ୍ଣୁଙ୍କ ଛଡ଼ା ଆଉ କାହାର ଧାରଣ କରିବାର ସାମର୍ଥ୍ୟ ନାହିଁ । ଅତଏବ ସେହି ଆୟୁଧ ଦ୍ୱାରା ଆମ୍ଭେ ତାଙ୍କ ସ୍ୱରୂପ ବିଚାର କରିପାରୁ । ସେହିପରି ମା' ଶ୍ରୀଅରବିନ୍ଦଙ୍କ କର୍ମ ଦ୍ୱାରା ଆମ୍ଭେମାନେ ତାଙ୍କ ସ୍ୱରୂପ ବିଚାର କରିବାକୁ ଚେଷ୍ଟା କରିବା । ତାଙ୍କ ଜୀବନର ପ୍ରଧାନ କର୍ମ ହେଉଛି ପରାତ୍ପରା ଆଦ୍ୟା-ସୃଜନୀ ଅତିମାନସ ରୂପାନ୍ତରକାରିଣୀ ଦିବ୍ୟଶକ୍ତିଙ୍କୁ ଏହି ପୃଥିବୀପୃଷ୍ଠକୁ ଉତାରି ଆଣି ତାହାଦ୍ୱାରା ସକଳ ଜାଗତିକ ନିମ୍ନଶକ୍ତିକୁ ସେମାନଙ୍କ ମୂଳ ସତ୍ ସ୍ୱରୂପରେ ଏବଂ ମରଧର୍ମୀ ମନୁଷ୍ୟକୁ ଅମରତ୍ୱରେ, ମୃତ୍ୟୁ ପୁରୀକୁ ସ୍ୱର୍ଗରେ ରୂପାନ୍ତରିତ କରିବା ଏବଂ ଏହି ପୃଥିବୀରେ ଗୋଟିଏ ଅତିମାନବ ଜାତି ସ୍ଥାପନା କରିବା । ପୂର୍ବେ ଆଲୋଚିତ ହୋଇଛି ଏହି କାର୍ଯ୍ୟ ସ୍ୱୟଂ ଭଗବାନଙ୍କ ଛଡ଼ା ଅନ୍ୟ କେହି ମହାପୁରୁଷ ବା ଋଷିମୁନି କରିବାରେ ସମର୍ଥ ନୁହନ୍ତି ।

ପ୍ରଶ୍ନ : ସମର୍ପଣ, ତ୍ୟାଗ କିପରି କରିବାକୁ ହୁଏ, ଅଭୀପ୍ସା କାହାକୁ କୁହାଯାଏ ଏବଂ ତା'ର କ୍ରିୟାତ୍ମକ ରୂପ କିପରି ?

ଉତ୍ତର : ଭଗବତ୍ କୃପା, ସମର୍ପଣ, ଶାନ୍ତି, ଏକାଗ୍ରତା, ମାତୃଶକ୍ତିଙ୍କ ଆବାହନ ଆଦି ଦିବ୍ୟ ବସ୍ତୁ ପ୍ରାପ୍ତି ସକାଶେ କାମନାହୀନ ତୀବ୍ର ଶୁଦ୍ଧ ଇଚ୍ଛାର ନାମ ଶ୍ରୀଅରବିନ୍ଦ ରଖିଛନ୍ତି ଅଭୀପ୍ସା (Aspiration) । ସେହି ଅଭୀପ୍ସାକୁ ସତତ ଜାଗ୍ରତ୍ ରଖିବା ହେଲା ସାଧନାର ଗୋଟିଏ ପ୍ରଧାନ ଅଙ୍ଗ ।

ତ୍ୟାଗର ଦୁଇଟି ଦିଗ ଅଛି । ଗୋଟିଏ ନେତି, ଅନ୍ୟଟି ଇତି । ନେତି ଦିଗରେ ସାଧକ ସବୁସମୟରେ ସତର୍କ, ଜାଗ୍ରତ୍ ହୋଇ ନିରନ୍ତର ନିରୀକ୍ଷଣ କରିବ, ଏବଂ ଅନୁକୂଳ ବସ୍ତୁକୁ ନିଜ ଭିତରେ ପ୍ରବେଶ କରିବାକୁ ଦେବ, ପ୍ରତିକୂଳ ବସ୍ତୁକୁ ତ୍ୟାଗ କରିବ । ଏ ପଦ୍ଧତି କଷ୍ଟସାଧ୍ୟ ଓ ଦୀର୍ଘ ସମୟସାପେକ୍ଷ । ଏଥିରେ ବହୁ ସମୟରେ ପ୍ରତିକ୍ରିୟା ଆସିପାରେ ଏବଂ ତ୍ୟାଜ୍ୟ ବସ୍ତୁ ଅନ୍ତର୍ହିତ ହେବା ପରିବର୍ତ୍ତେ ଅଭିଭୂତ ବି କରିପାରେ ।

ଇତି ଦିଗରେ ସାଧକ ଜାଗ୍ରତ୍ ରହି ସକଳ ପ୍ରତିକୂଳ ବସ୍ତୁ ଉପରେ ଏକାଗ୍ର ହୋଇ ତାକୁ ବର୍ଜନ କରେ ନାହିଁ, ସମଗ୍ର ଶକ୍ତି ପ୍ରୟୋଗ କରେ ସମର୍ପଣ, ଅଭୀପ୍ସା ଏବଂ ଦିବ୍ୟଶକ୍ତିକୁ ଆବାହନ ଆଉ ପ୍ରାର୍ଥନା ଉପରେ । ଅଭୀପ୍ସା ଆଉ ସମର୍ପଣର କ୍ରିୟା ଆରମ୍ଭ ହେଲେ ତ୍ୟାଗ ସ୍ୱତଃ ହୋଇଯାଏ । ତା' ସକାଶେ ପୃଥକ୍ ଚେଷ୍ଟା କରିବାକୁ ହୁଏ ନାହିଁ ।

ଅଭୀପ୍‌ସା, ତ୍ୟାଗ, ସମର୍ପଣ ଚାଲେ ଏକ ସଙ୍ଗରେ, ଏକକୁ ଛାଡ଼ି ଅନ୍ୟ ରହିପାରେ ନାହିଁ । ଯେତେବେଳେ ଅଭୀପ୍‌ସା ଶିଥିଳ ହୋଇଯାଏ ସେତେବେଳେ ଅବାଞ୍ଛିତ ଶକ୍ତିର ଆକ୍ରମଣ ହୁଏ । ସେତେବେଳେ ବି ଅଭୀପ୍‌ସାର ଅଗ୍ନିକୁ ପ୍ରଥମେ ପ୍ରଜ୍ୱଳିତ କରିବାକୁ ହେବ ଏବଂ ମାତୃଶକ୍ତିଙ୍କ ଆବାହନରେ ଚେତନାକୁ ଏକାଗ୍ର କରିବାକୁ ହେବ ତଥା ଅବାଞ୍ଛିତ ଶକ୍ତିକୁ ବର୍ଜନ କରିବାକୁ ହେବ; କିନ୍ତୁ ସେଥିରେ ଚେତନାକୁ ଏକାଗ୍ର ନ କରି ।

ସମର୍ପଣର ଅର୍ଥ – ଭଗବାନ୍, ହୃଦୟସ୍ଥ ଚୈତ୍ୟପୁରୁଷ, ପରାପ୍ରରା ପରମା ଭାଗବତୀ ଜନନୀ ଅଥବା ଶ୍ରୀମା ଶ୍ରୀଅରବିନ୍ଦଙ୍କ ଚରଣରେ ନିଜେ ଓ ନିଜର ଯାହାକିଛି ଅଛି, ସମ୍ପୂର୍ଣ୍ଣରୂପେ, କିଛି ବାକି ନ ରଖି ନିବେଦନ କରିବା, ତାଙ୍କର ଯନ୍ତ୍ର ହୋଇ ତାଙ୍କ ନିର୍ଦ୍ଦେଶାନୁସାରେ ଗୋଟିଏ ଇଞ୍ଜିନ ଯେପରି ନିଜକୁ ଡ୍ରାଇଭର୍ ହାତରେ ଛାଡ଼ିଦେଇ ତାହା ଦ୍ୱାରା ପରିଚାଳିତ ହୁଏ ସେହିପରି ପରିଚାଳିତ ହେବା ।

ଏ ଯୋଗର ସାଧକକୁ ଯାହାକିଛି କରିବାକୁ ହୁଏ ତାହା କେବଳ ସମର୍ପଣ । ସମର୍ପଣ କରିବାକୁ ହୁଏ ମନର ପ୍ରତ୍ୟେକ ବିଚାର, ପ୍ରତ୍ୟେକ ଧାରଣା ଓ ଚିନ୍ତା ଏବଂ ପ୍ରାଣର ପ୍ରତ୍ୟେକ ଗତିବୃତ୍ତି, ଆବେଗ, କାମନା ବାସନା, ଶରୀରର ପ୍ରତ୍ୟେକ କ୍ରିୟା, ପ୍ରତ୍ୟେକ ପଦକ୍ଷେପ ।

ଏ ଯୋଗରେ ସାଧନା ଆରମ୍ଭ ହୁଏ ସମର୍ପଣରେ, ଶେଷ ବି ହୁଏ ସମର୍ପଣରେ । ଯେତେବେଳେ ସମର୍ପଣ ଶେଷ ହୁଏ, ସେତେବେଳେ ସାଧକକୁ ଆଉ କିଛି କରିବାକୁ ହୁଏ ନାହିଁ, ସାଧକ ଭିତରେ ପରାପ୍ରରା ଦିବ୍ୟ ଭାଗବତୀ ଶକ୍ତି କ୍ରିୟା କରନ୍ତି ଏବଂ ଯୋଗର ସମସ୍ତ ଭାର ଗ୍ରହଣ କରନ୍ତି । ସେତେବେଳେ ସାଧକକୁ କେବଳ ତାଙ୍କ କ୍ରିୟାରେ ସମ୍ମତି ଦେବାକୁ ହୁଏ ।

ପ୍ରଶ୍ନ : ଏକେବାରେ ପ୍ରାରମ୍ଭିକ ଅବସ୍ଥାରେ ପ୍ରତ୍ୟେକ କର୍ମ କିପରି ସମର୍ପଣ କରିବାକୁ ହେବ ? ଏହା ସରଳ ଭାବରେ ବୁଝାଇ ଦିଅନ୍ତୁ ।

ଉତ୍ତର : ଯଥାର୍ଥ ସମର୍ପଣ ହୁଏ ହୃଦ୍‌ପୁରୁଷଙ୍କ ଦ୍ୱାରା, ଯାହାକୁ ସାଧାରଣ ଭାଷାରେ କୁହାଯାଏ ହାର୍ଦ୍ଦିକ ସମର୍ପଣ । ପ୍ରଥମ ଅବସ୍ଥାରେ ପ୍ରତ୍ୟେକ ସାଧକଙ୍କର ହାର୍ଦ୍ଦିକ ବା ଆନ୍ତରିକ ସମର୍ପଣ ହୁଏ ନାହିଁ, କାରଣ ଅନ୍ତରାତ୍ମା ଅଧିକାଂଶ ସମୟରେ ମନ ପ୍ରାଣର ପଶ୍ଚାତରେ ଆବୃତ ଥାଏ । ସେଥିପାଇଁ ମନ ଓ ବଚନ ଦ୍ୱାରା ପ୍ରତ୍ୟେକ କର୍ମକୁ ଅର୍ପଣ କରିବାକୁ ହୁଏ । ଲକ୍ଷ୍ୟ ପ୍ରତି ଦୃଢ଼ ସଂକଳ୍ପ ରଖିଲେ, ମାନସିକ ଓ ବାଚିକ ସମର୍ପଣ ଆନ୍ତରିକତାରେ ପରିଣତ ହୁଏ । ଅର୍ଥାତ୍ ଏହି ବାଚିକ ସମର୍ପଣ ଫଳରେ କ୍ରମଶଃ ଅନ୍ତରାତ୍ମା ଜାଗ୍ରତ୍ ହୁଏ ଏବଂ ସେ ଯଥାର୍ଥ ସମର୍ପଣ କରେ ।

ରାତ୍ରିରେ ଶୋଇବା ପୂର୍ବର ବିଛଣାରେ ବସି ଯେତେଦୂର ସମ୍ଭବ ହୁଏ ଚେତନାକୁ ଏକାଗ୍ର କରି ମା'ଙ୍କୁ ପ୍ରାର୍ଥନା କରିବେ, ''ଆଜି ଯାହାକିଛି କର୍ମ ଏ ଶରୀରରେ ହୋଇଛି ତାହାସବୁ ତୁମ ଚରଣରେ ସମର୍ପଣ କରୁଅଛି । ମୋ ଅନ୍ତରରେ ପ୍ରଘଟ ହୋଇ ମୋର ସମସ୍ତ କର୍ମକୁ ପରିଚାଳନା କର । ମୋତେ ଯଥାର୍ଥ କର୍ମ କରିବାକୁ ନିର୍ଦ୍ଦେଶ ଦିଅ । ମୋ ମନରେ, ବୁଦ୍ଧିରେ ପ୍ରକାଶ ହୁଅ, ଯେପରି ତୁମ ନିର୍ଦ୍ଦେଶକୁ ମୁଁ ବୁଝିପାରେ ଓ ଶକ୍ତି ଦିଅ ଯେପରି ସେହି ନିର୍ଦ୍ଦେଶକୁ ପାଳନ କରିପାରେ । ପ୍ରତିକୂଳ ପ୍ରେରଣା ଓ କ୍ରିୟାକୁ ବର୍ଜନ କରି ଅନୁକୂଳ ପ୍ରେରଣା ଓ କ୍ରିୟାକୁ ଗ୍ରହଣ କରିବା ପାଇଁ ସାମର୍ଥ୍ୟ ଦିଅ । ଏହି ଶରୀରକୁ ଯନ୍ତ୍ରରୂପେ ଗ୍ରହଣ କର ଆଉ ଏପରି କୃପା କର ଯେପରି ମୋର ସମଗ୍ର ସତ୍ତା ତୁମ ଚରଣରେ ସହର୍ଷରେ ନିଜକୁ ସମର୍ପଣ କରିବାକୁ ପ୍ରବୃତ୍ତ ହେଉ ।'' ଏହିପରି ପ୍ରାର୍ଥନା କରି ନିଦ୍ରା ନ ଆସିବା ପର୍ଯ୍ୟନ୍ତ ମା'ଙ୍କୁ ଓ ଶ୍ରୀଅରବିନ୍ଦଙ୍କୁ କିଂବା କେବଳ ମା'ଙ୍କୁ ଧ୍ୟାନ କରିବେ । ଶୋଇବା ସମୟରେ ସଂକଳ୍ପ କରିଥିଲେ ନିଦ୍ରାଭଙ୍ଗ ହେବା ସଙ୍ଗେ ସଙ୍ଗେ ମା'ଙ୍କୁ ସ୍ମରଣ ହେବ । ନିଦ୍ରାଭଙ୍ଗ ପରେ ଉଠି ସେହି ବିଛଣାରେ ବସି ପୂର୍ବପରି ପ୍ରାର୍ଥନା କରିବେ, ତାହାପରେ ନିଜ କର୍ମରେ ପ୍ରବୃତ୍ତ ହେବେ । ଏହିଭାବେ ପ୍ରତ୍ୟେକ କାର୍ଯ୍ୟ – ସ୍ନାନ, ଭୋଜନାଦି ନିତ୍ୟନୈମିତ୍ତିକ ଯେକୌଣସି କାର୍ଯ୍ୟ କରିବା ସମୟରେ ସଚେତ ହୋଇ ସେହି କର୍ମକୁ ଅର୍ପଣ କରିବେ । ଭୋଜନ ମା'ଙ୍କୁ ଅଥବା ଅନ୍ତରସ୍ଥ ସତ୍ତାଙ୍କୁ ଅର୍ପଣ କରିବେ ଏବଂ ଭାବିବେ ଯେ ପ୍ରତ୍ୟେକ ଗ୍ରାସକୁ ନିଜ ମଧ୍ୟରେ ମା' ଗ୍ରହଣ କରୁଅଛନ୍ତି । ଏହିପରି କରିବା ଦ୍ୱାରା କ୍ରମେ ଯଥାର୍ଥ ସମର୍ପଣ ଆସେ ।

ପ୍ରଶ୍ନ : ଏହିପରି ସାଧାରଣ ସମର୍ପଣ କ୍ରିୟା ଦ୍ୱାରା କ'ଣ ଏତେ ବଡ଼ ସିଦ୍ଧି – ଶରୀର, ମନ ଓ ପ୍ରାଣର ପୂର୍ଣ୍ଣ ରୂପାନ୍ତର ହୋଇପାରିବ ଏବଂ ପୂର୍ଣ୍ଣବ୍ରହ୍ମ ସଚ୍ଚିଦାନନ୍ଦଙ୍କୁ ପ୍ରାପ୍ତ କରିହେବ ?

ଉତ୍ତର : ପୂର୍ବେ କୁହାଯାଇଅଛି ଯେ ଏହି ସମର୍ପଣ କ୍ରିୟା ସଙ୍ଗେ ଅଭୀପ୍ସା, ତ୍ୟାଗ, ଅନ୍ତରାତ୍ମାଙ୍କର ଜାଗୃତି ଓ ଭାଗବତୀ ଶକ୍ତିଙ୍କର ଅବତରଣ ହୁଏ । ଅନ୍ତରାତ୍ମା ଜାଗ୍ରତ୍ ହେଲେ ସେ ମନ-ପ୍ରାଣର ସ୍ଥାନ ଅଧିକାର କରନ୍ତି ଏବଂ ଭାଗବତୀ ଶକ୍ତି ସାଧନାର ଭାର ଗ୍ରହଣ କରି ସ୍ୱୟଂ କ୍ରିୟା କରନ୍ତି । ଅନ୍ତରାତ୍ମାର ସାହାଯ୍ୟରେ ସାଧକକୁ କେବଳ କରିବାକୁ ହୁଏ ସମର୍ପଣ ଓ ଭାଗବତୀ ଶକ୍ତି କରନ୍ତି ସାଧନା । କେବଳ ସମର୍ପଣରେ ସାଧନା ସମ୍ପନ୍ନ ହୁଏ ନାହିଁ, ସମର୍ପିତ ଅଂଶକୁ ଭାଗବତୀ ଶକ୍ତି ଅଧିକାର କରି ସେଥିରୁ ନିମ୍ନପ୍ରକୃତିର ଅଧିକାରକୁ ବିଚ୍ଛିନ୍ନ କରି ତାକୁ ରୂପାନ୍ତର କରନ୍ତି । କୌଣସି ଯୋଗର ବଡ଼ ବଡ଼ କ୍ରିୟା ଦ୍ୱାରା ଏ ଯୋଗ ସିଦ୍ଧ ହୋଇପାରେ ନାହିଁ, କେବଳ ଭାଗବତୀ ଶକ୍ତିଙ୍କ ଦ୍ୱାରାହିଁ ଏହି ରୂପାନ୍ତର-ଯୋଗ ସମ୍ପନ୍ନ ହୁଏ ।

## ଚୈତ୍ୟ ପୁରୁଷ

ପ୍ରଶ୍ନ : ଚୈତ୍ୟପୁରୁଷ କାହାକୁ କହନ୍ତି ?

ଉତ୍ତର : ପ୍ରତ୍ୟେକ ମନୁଷ୍ୟ ମଧ୍ୟରେ ଦୁଇଟି ସତ୍ତା ବାସ କରନ୍ତି – ଚୈତ୍ୟପୁରୁଷ ଓ ଆତ୍ମା । ଚୈତ୍ୟପୁରୁଷ ଭଗବାନଙ୍କ ଅଂଶ, ସେ ହୃଦୟ ଗୁହାର ବହୁତ ଗଭୀରରେ ଅବସ୍ଥିତ । ଅନ୍ୟ ସତ୍ତା ହେଲେ ଆତ୍ମା, ସେ ଶରୀରର ଊର୍ଦ୍ଧ୍ୱରେ ଦ୍ରଷ୍ଟା ରୂପେ ସ୍ଥିତ, ଭଗବାନଙ୍କ ପ୍ରତିଭୂ, କିନ୍ତୁ ଅପରିବର୍ତ୍ତନୀୟ । ଚୈତ୍ୟପୁରୁଷ କ୍ରମବିବର୍ତ୍ତନାନୁସାରେ ବିକାଶଶୀଳ । ସେ ଊର୍ଦ୍ଧ୍ୱସ୍ଥ ଆତ୍ମା ପରି ନିଷ୍କ୍ରିୟ, ଅପରିବର୍ତ୍ତନୀୟ ନୁହନ୍ତି, ସେ ମନ-ପ୍ରାଣ ପଶ୍ଚାତରେ ରହି ସମସ୍ତ ସତ୍ତା ଉପରେ ପ୍ରଭାବ ନିକ୍ଷେପ କରନ୍ତି । ତାଙ୍କର ସ୍ୱାଭାବିକ ଗତି ଭଗବାନଙ୍କ ଆଡ଼କୁ । ତାଙ୍କର ସମସ୍ତ କ୍ରିୟା ଯଥାର୍ଥ, ଅଭ୍ରାନ୍ତ ଏବଂ ସତ୍ୟ ଉପରେ ପ୍ରତିଷ୍ଠିତ । ଏହି ସତ୍ତା ଜାଗ୍ରତ୍ ହେଲେ ମନୁଷ୍ୟ ଆଧ୍ୟାତ୍ମିକ ମାର୍ଗରେ ଅଗ୍ରସର ହୋଇ ଭଗବାନଙ୍କୁ ପ୍ରାପ୍ତ ହୁଏ । ଏହାର ଜାଗରଣ ବିନା କେହି ବି ଭଗବାନଙ୍କ ସମ୍ବନ୍ଧରେ ସଚେତ ହୁଏ ନାହିଁ । ଯେଉଁମାନଙ୍କର ଚୈତ୍ୟପୁରୁଷ ସୁପ୍ତ ଅର୍ଥାତ୍ ନିଷ୍କ୍ରିୟ, ସେମାନଙ୍କ ମନ-ବୁଦ୍ଧି ଅତ୍ୟନ୍ତ ବିକଶିତ ହେଲେ ମଧ୍ୟ ଶୁଦ୍ଧ ନୁହନ୍ତି । ସେଥିପାଇଁ ସେମାନେ ମନ-ବୁଦ୍ଧିକୁ କୁପ୍ରବୃତ୍ତିରେ ଲଗାନ୍ତି, ନିଜେ ଭୁଲ୍ ମାର୍ଗରେ ଚାଲନ୍ତି ଏବଂ ଅନେକ ସମୟରେ ଏମାନଙ୍କ ଦ୍ୱାରା ଦେଶ, ଜାତି ଓ ସମାଜର ବହୁତ କ୍ଷତି ଘଟେ । ଏମାନଙ୍କ ମଧ୍ୟରୁ ଯଦି କେହି କେହି ଯଥାର୍ଥରେ ଦେଶ ଓ ଜାତିର ମଙ୍ଗଳ ନିମିତ୍ତ ବହୁତ କାମ କରନ୍ତି, ତଥାପି ଭୁଲ୍‌ବଶତଃ, ଅଜ୍ଞାତରେ ଏମାନଙ୍କ ଦ୍ୱାରା କେତେକ ବିପରୀତ, ଅହିତକର କାର୍ଯ୍ୟ ବି ହୋଇଯାଏ । କାରଣ ମନ, ବୁଦ୍ଧି ଯେତେ ବିକଶିତ ହେଲେ ମଧ୍ୟ ସେସବୁର ସତ୍ୟଦୃଷ୍ଟି ନ ଥାଏ । ଚୈତ୍ୟପୁରୁଷ ସତ୍ୟ ଓ ଜ୍ୟୋତିଃ ସ୍ୱରୂପ । ତାଙ୍କ ପାଖକୁ ଅଜ୍ଞାନ ଅନ୍ଧକାର ଆସିପାରେ ନାହିଁ । ଯେପରି ଦିନ ଓ ରାତି ମଧ୍ୟରେ ପ୍ରଭେଦ, ସେହିପରି ତାଙ୍କ ଦୃଷ୍ଟିରେ ସତ୍ୟ ଓ ଅସତ୍ୟର ପ୍ରଭେଦ । ଚୈତ୍ୟପୁରୁଷ ଜାଗ୍ରତ୍ ହେଲେ ମନ-ବୁଦ୍ଧିକୁ ଆଙ୍ଗୁଳି ନିର୍ଦ୍ଦେଶରେ ସତ୍ୟ ଏବଂ ଅସତ୍ୟକୁ ଚିହ୍ନାଇ ଦିଅନ୍ତି । ଏହି ସତ୍ତାହିଁ ଯଥାର୍ଥରେ ବ୍ୟକ୍ତି । କିନ୍ତୁ ଅଜ୍ଞାନବଶରେ ମନୁଷ୍ୟ ଶରୀର-ମନ-ପ୍ରାଣକୁ କହେ 'ବ୍ୟକ୍ତି' ବା 'ମୁଁ' । ପ୍ରଥମରେ ଏହି ସତ୍ତା ସ୍ୱରୂପ ଥାଏ ଅଗ୍ନିସ୍ଫୁଲିଙ୍ଗ ପରି, ପରନ୍ତୁ ପ୍ରକୃତିର କ୍ରମବିବର୍ତ୍ତନ ଓ ସାଧନା ଦ୍ୱାରା ଜାଗ୍ରତ୍ ଓ ବିକଶିତ ହୋଇ ତାହା ଅଗ୍ନିଶିଖାରେ ପରିଣତ ହୋଇଯାଏ, ମନ ଓ ପ୍ରାଣର ସ୍ଥାନକୁ ଅଧିକାର କରି ନିଜର ପ୍ରଭାବ ସମସ୍ତ ସତ୍ତା ଉପରେ ସ୍ଥାପନ କରେ । ଏହି ସତ୍ତା ଯାହାର ହୃଦୟରେ ଜାଗ୍ରତ୍ ହୁଏ, ସେ ମୂର୍ଖ ବା ପଣ୍ଡିତ ହେଉ, ବୁଦ୍ଧିମାନ୍ ବା ବୁଦ୍ଧିହୀନ ହେଉ, ତାହାର କୌଣସି ସଂଶୟ ରହେ ନାହିଁ; ସେ ସ୍ୱାଭାବିକ ରୂପେ ସନ୍ମାର୍ଗରେ ଚାଲେ । ତାହାକୁ ସନ୍ଦେହ ବା ଭ୍ରମ ସ୍ପର୍ଶ କରେ ନାହିଁ । ବଡ଼ ବଡ଼ ଶାସ୍ତ୍ରଜ୍ଞ, ତାର୍କିକ ପଣ୍ଡିତ ବି ଯୁକ୍ତି ଦ୍ୱାରା ତାକୁ ସତ୍ୟମାର୍ଗରୁ ବିଚଳିତ କରିପାରନ୍ତି ନାହିଁ । ମନୁଷ୍ୟ ମଧ୍ୟରେ ମନ-ପ୍ରାଣ-ବୁଦ୍ଧି ବରାବର ନେତୃତ୍ୱ କରୁଥା'ନ୍ତି, ସେଥିପାଇଁ ଚୈତ୍ୟପୁରୁଷ ଏସବୁର ପଶ୍ଚାତରେ ରହି ସମୟକୁ ଅପେକ୍ଷା କରି ରହିଥାଆନ୍ତି ।

ଭଗବାନଙ୍କ କୃପାକୁ କୁହାଯାଏ ଅହେତୁକୀ । ତାହା ମନୁଷ୍ୟର ପ୍ରତିଦାନ ଚାହେଁ ନାହିଁ । ଜୀବକୁ ଦୁଃଖକଷ୍ଟ ରୂପ ଜନ୍ମ-ମରଣ ବିପଦରୁ ଉଦ୍ଧାର କରି ତାକୁ ଅମରତ୍ୱ ଦେବା ତା'ର ସଂକଳ୍ପ । କିନ୍ତୁ ମନୁଷ୍ୟ ସର୍ବଦା ମନ-ପ୍ରାଣ-ଶରୀରର ଅଧୀନ ଥିବାରୁ ସେହି କୃପାକୁ ଭୁଲିଯାଇଥିଲେ ସୁଦ୍ଧା ସେହି କୃପା ବସ୍ତୁତଃ କେବେ ବି ଭୁଲେ ନାହିଁ । ସେଥିପାଇଁ ଭଗବାନ୍ ମନୁଷ୍ୟ ଜୀବନରେ କେବେ କେବେ ବିପଦ ଆସିବାକୁ ଦିଅନ୍ତି । ସେହି ବିପଦ ସମୟରେ ମନ ପ୍ରାଣ ବ୍ୟାକୁଳ ହୋଇପଡ଼ିବାରୁ ସେମାନଙ୍କ କ୍ରିୟା ବନ୍ଦ ହୋଇଯାଏ, ସେହି ଅବସରରେ ଚୈତ୍ୟସତ୍ତା ଯାହାର ଅନ୍ୟ ନାମ ହୃଦ୍‌ପୁରୁଷ, ସେ ଜାଗ୍ରତ୍ ହୋଇ ଭଗବାନଙ୍କୁ ଡାକେ ଏବଂ ତତ୍‌କ୍ଷଣାତ୍ ଉତ୍ତର ପାଏ । ଏହାହିଁ ହେଲା ଭଗବାନଙ୍କର ଅହେତୁକୀ କୃପା । ଏହିପରି ପ୍ରତ୍ୟେକ ମନୁଷ୍ୟର ଜୀବନରେ ବାରଂବାର ଘଟେ । ଏହିସବୁ ଘଟଣା ଦ୍ୱାରା ହୃଦୟର ଅନ୍ଧକାର କ୍ରମଶଃ ପତଳା ହୋଇଯାଏ ଏବଂ ଚୈତ୍ୟସତ୍ତା ଭଗବତ୍ ଅଭିମୁଖୀ ହେବାକୁ ସୁଯୋଗ ପାଏ । ଯଦି ଏହି ସତ୍ତା ଥରେ ଭଗବାନଙ୍କୁ ଡାକେ, ''ମୁଁ ତୋର'', ଆଉ ଭଗବାନ୍ ସ୍ୱୀକାର କରନ୍ତି, ତେବେ ମହାନ୍ ଅସାଧ ତଥା ଅକଳ୍ପନୀୟ ପ୍ରତିବନ୍ଧକ ଦୂର ହୋଇଯାଏ ଓ ସାଧନା ଆରମ୍ଭ ହୁଏ । ସେହିଦିନଠାରୁ ତାହାର ଲକ୍ଷ୍ୟରେ ପହଞ୍ଚିବାର ନିର୍ଦ୍ଦିଷ୍ଟ ଦଲିଲ ଉପରେ ଭଗବାନଙ୍କର ସିଲମୋହର ମରା ହୋଇଯାଏ । ବାକି ରହେ ସମୟର କଥା; ଉତ୍‌ଥାନ-ପତନ, ଦୁଃଖକଷ୍ଟ ରୂପ ସାଧନା ମାର୍ଗରେ ଅଗ୍ରସର ହୋଇ ତାହାର ଅଭୀପ୍‌ସା, ସମର୍ପଣ, ତ୍ୟାଗର ତୀବ୍ରତା ଓ ଶିଥିଳତା ଅନୁପାତରେ କମ୍ ବା ବେଶୀ ସମୟରେ ସେ ଅବଶ୍ୟ ଲକ୍ଷ୍ୟରେ ପହୁଞ୍ଚିଯାଏ । ହୃଦ୍‌ପୁରୁଷ ଜାଗ୍ରତ୍ ହେଲେ ସେହି କେବଳ ଭଗବାନଙ୍କୁ ସମର୍ପଣ କରେ । ମନ-ପ୍ରାଣ-ଶରୀର ଓ ଆଉ ସମସ୍ତ ଭାଗ ସମର୍ପଣର ବିରୋଧୀ । ସମର୍ପଣ ଯେତେ ପରିମାଣରେ ହୁଏ, ଚୈତ୍ୟସତ୍ତା ତେତେ ଅଧିକ ଜାଗ୍ରତ୍ ହୁଏ ।

## ଭାଗବତୀ ଶକ୍ତି

ସାଧନାର ଅନ୍ୟ ଗୋଟିଏ ଦିଗ ହେଲା ମସ୍ତକ ଊର୍ଦ୍ଧ୍ୱସ୍ଥ ଭାଗବତୀ ଦିବ୍ୟ ଶକ୍ତିଙ୍କ ଅବତରଣ । ସେଠାରେ ସେ ସର୍ବଦା ଜାଗ୍ରତ୍ ଏବଂ ନିଜ ସ୍ୱରୂପରେ ଦିବ୍ୟ, ଜ୍ୟୋତିର୍ମୟ ଓ ବିସ୍ତୃତ । ଏହି ଭାଗବତୀ ଶକ୍ତିଙ୍କ ଅନ୍ୟରୂପ ମୂଳାଧାର-ଚକ୍ରରେ ସର୍ପାକାରରେ କୁଣ୍ଡଳୀକୃତ ଓ ନିଦ୍ରିତ । ତନ୍ତ୍ରରେ ଏହି ଶକ୍ତି କୁଣ୍ଡଳିନୀ ନାମରେ ପ୍ରସିଦ୍ଧ । କେତେକ ଯୋଗମାର୍ଗରେ ପ୍ରଧାନତଃ ତନ୍ତ୍ରରେ, ମୂଳାଧାର ଚକ୍ରରେ ଅଭିନିବେଶ କରି ଭିନ୍ନ ଭିନ୍ନ ପ୍ରଣାଳୀରେ ଏହି ଶକ୍ତିକୁ ଜାଗ୍ରତ୍ କରାଯାଏ । ସେ ଜାଗ୍ରତ୍ ହୋଇ ସମସ୍ତ ଚକ୍ରକୁ ଭେଦ କରି ସହସ୍ରାରରେ ପହଞ୍ଚେ । ଏହାର ଜାଗୃତି ସମୟରେ ଯଦି ମନ-ପ୍ରାଣ ଆବଶ୍ୟକ ଅନୁସାରେ ଶୁଦ୍ଧ ହୋଇ ନ ଥାଏ, କିଂବା ଭୁଲ ପ୍ରଣାଳୀରେ ଏହାକୁ ଜାଗ୍ରତ୍ କରାହୁଏ, ତେବେ ସାଧକର ଅନିଷ୍ଟ ହୋଇପାରେ । ଏହି ଶକ୍ତି ଯେପର୍ଯ୍ୟନ୍ତ ଜାଗ୍ରତ୍ ହୋଇ ନ ଥାଏ, ସେପର୍ଯ୍ୟନ୍ତ ସାଧକ ସାଧନାରେ ଅଗ୍ରସର ହୋଇପାରେ ନାହିଁ । ସେହି ସକାଶେ ଏହାକୁ ଶାସ୍ତ୍ରରେ କୁହାଯାଇଛି 'ଯୋଗଶକ୍ତି' । ଏହି ଶକ୍ତି ସମ୍ବନ୍ଧରେ 'ଯୋଗ-ପ୍ରଦୀପ' ଗ୍ରନ୍ଥରୁ ଶ୍ରୀଅରବିନ୍ଦଙ୍କର ଗୋଟିଏ ପତ୍ର ଏଠାରେ ଉଦ୍ଧାର କରାଗଲା –

'ମୂଳାଧାର' ନିୟନ୍ତ୍ରଣ କରେ ଜଡ଼ସ୍ତରରୁ ଅବଚେତନ ପର୍ଯ୍ୟନ୍ତ; ଉଦର-କେନ୍ଦ୍ର 'ସ୍ୱାଧିଷ୍ଠାନ' ନିୟନ୍ତ୍ରଣ କରେ ଅଧସ୍ତନ ପ୍ରାଣକୁ; ନାଭିକେନ୍ଦ୍ର 'ନାଭିପଦ୍ମ' ବା 'ମଣିପୁର' ନିୟନ୍ତ୍ରଣ କରେ ବୃହତ୍ତର ପ୍ରାଣକୁ; 'ହୃତ୍‌କେନ୍ଦ୍ର' ବା 'ଅନାହତ' ନିୟନ୍ତ୍ରଣ କରେ ଆବେଗମୟ ସତ୍ତାକୁ; କଣ୍ଠକେନ୍ଦ୍ର 'ବିଶୁଦ୍ଧ' ନିୟନ୍ତ୍ରଣ କରେ ବାହ୍ୟ ପ୍ରକାଶ ଓ ବାହ୍ୟ ରୂପଦାତା ମନକୁ; ଭ୍ରୂଯୁଗଳ ମଧ୍ୟସ୍ଥିତ କେନ୍ଦ୍ର 'ଆଜ୍ଞାଚକ୍ର' ନିୟନ୍ତ୍ରଣ କରେ କ୍ରିୟାଶୀଳ ମନ, ଇଚ୍ଛାଶକ୍ତି, ଦୃଷ୍ଟିଶକ୍ତି ଓ ମାନସ ରୂପାୟନକୁ; 'ସହସ୍ରଦଳ ପଦ୍ମ' ଊର୍ଦ୍ଧ୍ୱରେ ଅବସ୍ଥିତ ହୋଇ ଉଚ୍ଚତର ଚିନ୍ତାଶୀଳ ମନକୁ ଚାଳିତ କରେ, ଉଚ୍ଚତର ଜ୍ୟୋତିର୍ମୟ ମାନସକୁ ଆଧାର ରୂପେ ଧାରଣ କରେ ଏବଂ ଉଚ୍ଚତମ ଭାବେ ସମ୍ବୋଧି ପ୍ରତି ନିଜେ ଉନ୍ମୁକ୍ତ ହୁଏ । ଏହାରି ମଧ୍ୟଦେଇ ଅଥବା ଗୋଟାଏ ସାକ୍ଷାତ୍ ପରିପ୍ଲାବନ ଦ୍ୱାରା ଅଧିମାନସ ଅନ୍ୟାନ୍ୟ ନିମ୍ନ ମାନସ ସ୍ତର ସହିତ ଗୋଟିଏ ସମ୍ପର୍କ ସ୍ଥାପନ କରିପାରେ ଅଥବା ଆଦାନ ପ୍ରଦାନର ସମ୍ବନ୍ଧ ରଖିପାରେ ।''

ଶ୍ରୀଅରବିନ୍ଦଙ୍କ ଅତିମାନସ ଯୋଗରେ ନିଦ୍ରିତ କୁଣ୍ଡଳିନୀ ଶକ୍ତିକୁ ନିମ୍ନରୁ ଜାଗ୍ରତ୍ କରାହୁଏ ନାହିଁ । ଏହାର ଅନ୍ୟରୂପ ଅନିଦ୍ରିତ, ଯେକି ମସ୍ତକ ଊର୍ଦ୍ଧ୍ୱରେ ଭାଗବତୀ ଶକ୍ତିରୂପେ ଅବସ୍ଥିତ ହୋଇ ନିଜର ଅଭିବ୍ୟକ୍ତି ସକାଶେ ସର୍ବଦା ଅନୁକୂଳ ଅବସ୍ଥାକୁ ପ୍ରତୀକ୍ଷା କରି ରହିଅଛନ୍ତି । ସାଧକର ଅଭୀପ୍ସା ଓ ସମର୍ପଣର ଉତ୍ତର ସ୍ୱରୂପ ସେ କ୍ରମଶଃ ପ୍ରତ୍ୟେକ କେନ୍ଦ୍ରରେ ଅବତରଣ କରନ୍ତି, ମୂଳାଧାରରେ ଅନ୍ୟତମ ନିଦ୍ରିତ କୁଣ୍ଡଳିନୀ ଶକ୍ତିକୁ ଜାଗ୍ରତ୍ କରି ନିଜ ସଙ୍ଗରେ ନେଇ ସମସ୍ତ ଚକ୍ରକୁ ଭେଦ କରି ସହସ୍ରାରରେ ପ୍ରବେଶ କରି ଊର୍ଦ୍ଧ୍ୱକୁ ଆରୋହଣ କରନ୍ତି । ସେ ଜାଣନ୍ତି କେଉଁ ଅବସ୍ଥାରେ କିପରି କ୍ରିୟା କରିବାକୁ ହୁଏ । ସେଥିପାଇଁ ଏହି ଦିବ୍ୟ-ଶକ୍ତିଙ୍କ ଜାଗରଣରେ ସାଧକର କୌଣସି ବିପଦର ଆଶଙ୍କା ନ ଥାଏ । ଏହି ଶକ୍ତି ଦ୍ୱାରା ସାଧନାରେ ବହୁତ ସାହାଯ୍ୟ ମିଳେ ଏବଂ ନାନାବିଧ ଓ ଅପର୍ଯ୍ୟାପ୍ତ ଅନୁଭୂତି ମଧ୍ୟ ପ୍ରାପ୍ତ ହୁଏ । ସମର୍ପଣ, ଅଭୀପ୍ସା ଓ ତ୍ୟାଗ ଦ୍ୱାରା ହୃଦ୍‌ପୁରୁଷ ଜାଗ୍ରତ୍ ହୁଅନ୍ତି ଏବଂ ଦିବ୍ୟ ଯୋଗଶକ୍ତିଙ୍କ ଅବତରଣ ହୁଏ । ନିମ୍ନରୁ ଚୈତ୍ୟପୁରୁଷ ଆବାହନ କରନ୍ତି, ଊର୍ଦ୍ଧ୍ୱରୁ ଦିବ୍ୟ ଯୋଗଶକ୍ତି ଉତ୍ତର ଦିଅନ୍ତି ଓ ଅବତରଣ କରନ୍ତି । ଏହି ଉଭୟ କ୍ରିୟା ଦ୍ୱାରା ସାଧକ ମଧ୍ୟରେ ସାଧନା ସମ୍ଭବପର ହୁଏ ଏବଂ ଦ୍ରୁତଗତିରେ ଚାଲେ । ଯେତେବେଳେ ଏହି ଯୋଗଶକ୍ତି କ୍ରିୟା କରନ୍ତି ସେତେବେଳେ ମନପ୍ରାଣର କ୍ରିୟା ସ୍ଥଗିତ ହୋଇଯାଏ । ଏହି ଯୋଗଶକ୍ତି ନିଜ ଦିବ୍ୟଦୃଷ୍ଟି ଦ୍ୱାରା ଦେଖି ସମର୍ପିତ ଅଙ୍ଗମାନଙ୍କର ସେତିକି ଭାବରେ କ୍ରିୟା କରନ୍ତି, ରୂପାନ୍ତର କରନ୍ତି ଯେତିକି ସାଧକ ସହ୍ୟ କରିପାରେ ଏବଂ ତା' ଭିତରେ କୌଣସି ପ୍ରକାର ବିଶୃଙ୍ଖଳା ନ ହୁଏ । ଶୁଦ୍ଧି ବା ପରିବର୍ତ୍ତନ ସକାଶେ ଯେତେବେଳେ ଦିବ୍ୟଶକ୍ତି କ୍ରିୟା କରନ୍ତି, ସେତେବେଳେ ଯେଉଁ ଅଂଶରେ କ୍ରିୟା ହୁଏ ସେ ନିଜେ ବା ତା' ସହିତ ସମ୍ପର୍କ ରଖିଥିବା ଅନ୍ୟ ଅଂଶ ବିଦ୍ରୋହ କରନ୍ତି । ତାହାର ଫଳସ୍ୱରୂପ ସାଧକର ମନ-ପ୍ରାଣ-ଶରୀରରେ ନାନାପ୍ରକାର ବାଧାବିପତ୍ତି ଆସେ ଏବଂ ସାଧାରଣ ଜୀବନ ଅପେକ୍ଷା ବେଶୀ ଖରାପ ପ୍ରବୃତ୍ତି ଦେଖା ଦେଇପାରେ । ପୁନଶ୍ଚ, ଅନାଦିକାଳରୁ ଥିବା ଅଦିବ୍ୟ ଶକ୍ତି – କାମ, କ୍ରୋଧ, ଲୋଭ, ମୋହ, ମଦ, ମତ୍ସର, ହିଂସା-ଦ୍ୱେଷ, ଜଡ଼ତା, ତାମସିକତା, ମୃତ୍ୟୁ, ଜରା, ରୋଗ, ଭୟ ଇତ୍ୟାଦି ପ୍ରତ୍ୟେକଙ୍କ ମୂଳରେ ପ୍ରବଳ ଓ ଅଜେୟ ସତ୍ତା ଅଛି । ଭୂତ, ଭବିଷ୍ୟ, ବର୍ତ୍ତମାନ ତିନି କାଳର ଜ୍ଞାନ ଏମାନଙ୍କର ଥାଏ । ଏମାନେ ମହାକୌଶଳୀ ଓ ଧୂର୍ତ୍ତ । ସାଧକର ଯେଉଁ ସ୍ଥାନରେ, ଯେଉଁ ଭାଗରେ ଦୁର୍ବଳତା ଥାଏ ତାହା ସେମାନେ ଭଲଭାବେ ଜାଣିଥାଆନ୍ତି ଏବଂ ଆକ୍ରମଣ କରି ସେହି ଦୁର୍ବଳ ମାର୍ଗରେ ପ୍ରବେଶ କରନ୍ତି । ଏମାନେ ବହୁତ ପ୍ରକାର ମାୟା ରଚନା କରି ସାଧକକୁ ଛଳନା କରନ୍ତି, ମିତ୍ରରୂପ ଧାରଣକରି କପଟ ମନ୍ତ୍ରଣା ଦେଇ ସାଧକକୁ କୁମାର୍ଗଗାମୀ କରାଇବା ଏମାନଙ୍କ ବ୍ରତ । କେଉଁ ସ୍ଥିତିରେ କିପରି ମନ୍ତ୍ରଣା ଦେଲେ ସାଧକର ମନ ସାଗ୍ରହେ ସ୍ୱୀକାର କରିପାରେ, ଏ ଜ୍ଞାନ ଏମାନଙ୍କର ଥାଏ । ଏପରିକି ଯେତେବେଳେ ଯୋଗୀର ସିଦ୍ଧି ସମୟ ହୋଇଯାଇଥାଏ, ହୃଦୟରେ ଜ୍ଞାନ-ପ୍ରଦୀପ ପ୍ରଜ୍ୱଳିତ ହୋଇଥାଏ, ସେତେବେଳେ ବି ମାୟା – ଏହି ବିରୋଧୀ ଶକ୍ତିସବୁ – କୌଶଳରେ ଯୋଗୀ ଭିତରେ ପ୍ରବେଶ କରି ତା'ର ପତନ ଘଟାଇପାରନ୍ତି । ଗୋସ୍ୱାମୀ ତୁଳସୀଦାସ ରାମାୟଣରେ ଲେଖିଛନ୍ତି –

''ରିଦ୍ଧି ସିଦ୍ଧି ପ୍ରେରଇ ବହୁ ଭାଇ ।
ବୁଦ୍ଧି ହି ଲୋଭ ଦେଖାବହି ଆଇ ॥
କଲ ବଲ ଛଲ କରି ଜାହି ସମୀପା
ଅଞ୍ଚଲ ବାତ ନୁଝାବହି ଦୀପା ॥
ଯୋଗ ସିଦ୍ଧି ଫଳ ସମୟ ଜିମି ଯତିହି ଅବିଦ୍ୟା ନାଶ ।''

ଅର୍ଥାତ୍ ''ମାୟା ରିଦ୍ଧି-ସିଦ୍ଧି ଦ୍ୱାରା ବୁଦ୍ଧିକୁ ପ୍ରଲୋଭିତ କରି କଳକୌଶଳେ ଆଉ ଛଦ୍ମବେଶରେ ଯୋଗୀ-ହୃଦୟରେ ପ୍ରବେଶ କରି ନିଜ ଅଞ୍ଚଳବାୟୁ ଦ୍ୱାରା ଜ୍ଞାନ ଦୀପକୁ ପ୍ରଥମେ ଲିଭାଇଦିଏ । ଜ୍ଞାନଦୀପ ଲିଭିଯିବାରୁ ଯୋଗୀର ସତ୍ୟାସତ୍ୟର ବିବେକ ନଷ୍ଟ ହୋଇଯାଏ । ଏହିରୂପେ ଠିକ୍ ଯୋଗ-ସିଦ୍ଧିର ଫଳପ୍ରାପ୍ତି ସମୟରେ ଯତିକୁ ଅବିଦ୍ୟା ନାଶ କରିଦିଏ ।'' ଏହିପରି ବହୁତ ସାଧକ ଆଉ ଯୋଗୀଙ୍କ ଜୀବନରେ ଘଟିଥାଏ । ସାଧକର ସୀମିତ ଶକ୍ତି ଓ ସୀମିତ ଜ୍ଞାନଠାରୁ ଏମାନଙ୍କର ଶକ୍ତି ଓ ଜ୍ଞାନ ଅନନ୍ତ ଗୁଣେ ଅଧିକ । ଏମାନଙ୍କୁ ସାଧକ ନିଜ ଶକ୍ତି ଦ୍ୱାରା ନିଜ ବଶ ବା ପରିବର୍ତ୍ତନ

କରିବା ଦୂରେଥାଉ ଏମାନଙ୍କର ସମ୍ମୁଖୀନ ହେବା ଅସମ୍ଭବ । ଏମାନେ କେବେ ବି ପରିବର୍ତ୍ତିତ ହେବାକୁ ଚାହାନ୍ତି ନାହିଁ, କାରଣ ଅନାଦିକାଳରୁ ଏମାନେ ମାଲିକ ଓ ପ୍ରଭୁ ହୋଇ ପ୍ରାଣୀକୁ ଶାସନ କରି ଆସୁଅଛନ୍ତି, ଆଜି ପରିବର୍ତ୍ତିତ ହୋଇ ନିଜ ଯନ୍ତ୍ରର ଅଧୀନତା ସ୍ୱୀକାର କରିବା ଏମାନଙ୍କର କେବେ ବି ପସନ୍ଦ ନୁହେଁ । ଏମାନଙ୍କୁ ରୂପାନ୍ତର କରିବାକୁ ହେଲେ ଏମାନଙ୍କ ଅପେକ୍ଷା ଅଧିକ ଶକ୍ତିଶାଳୀ ଓ ଅଧିକ ଜ୍ଞାନମୟୀ ଶକ୍ତିଙ୍କର ଆଶ୍ରୟ ନେବାକୁ ହୁଏ । ସେଥିପାଇଁ ଏ ଯୋଗରେ ସାଧକକୁ ଦିବ୍ୟ-ଭାଗବତୀ ଶକ୍ତିଙ୍କ ପାଖରେ ସମର୍ପଣ କରିବାକୁ ହୁଏ ଏବଂ ସାଧନାର ଭାର ଅର୍ପଣ କରି ତାଙ୍କ ନିର୍ଦ୍ଦେଶାନୁସାରେ ପରିଚାଳିତ ହେବାକୁ ହୁଏ । ଦିବ୍ୟଶକ୍ତି ଏହି ନିମ୍ନ ଶକ୍ତିଚୟ ସହିତ ଯୁଦ୍ଧ କରି ସେମାନଙ୍କୁ ପରାସ୍ତ କରନ୍ତି ଏବଂ ରୂପାନ୍ତର ହେବାକୁ ବାଧ୍ୟ କରନ୍ତି, ଯେଉଁମାନେ ଚାହାନ୍ତି ସେମାନଙ୍କୁ ରୂପାନ୍ତର କରନ୍ତି, ଆଉ ଯେଉଁମାନେ ରୂପାନ୍ତର ହେବା ପାଇଁ ଅନିଚ୍ଛୁକ ହୁଅନ୍ତି, ସେମାନଙ୍କୁ ବର୍ଜନ କରିଦିଅନ୍ତି । ଯଦିଓ ସାଧକକୁ ଏପରି ରୂପାନ୍ତର କ୍ରିୟା କରିବାକୁ ହୁଏ ନାହିଁ ତଥାପି ସବୁ ସମୟରେ ଜାଗ୍ରତ୍ ଓ ସତର୍କ ହୋଇ ଦିବ୍ୟଶକ୍ତିଙ୍କ ଉପରେ ପୂର୍ଣ୍ଣ ନିର୍ଭରତା ରଖି ଅଖଣ୍ଡ ବିଶ୍ୱାସ ରଖିବାକୁ ହୁଏ । ପ୍ରତି ମୁହୂର୍ତ୍ତରେ ଦିବ୍ୟଶକ୍ତିଙ୍କ ସାନ୍ନିଧ୍ୟ ଏବଂ ତାଙ୍କ କ୍ରିୟା ସମ୍ବନ୍ଧରେ ସଚେତନ ରହି ଛୋଟରୁ ବଡ଼ ପର୍ଯ୍ୟନ୍ତ ମାନସିକ ତଥା ଶାରୀରିକ ସମସ୍ତ କ୍ରିୟାକୁ ଅର୍ପଣ କରିବାକୁ ହୁଏ । ଯେପରି ଶୋଇବା ପୂର୍ବରୁ ଦିବ୍ୟଜନନୀଙ୍କୁ ସ୍ମରଣ କରି ଶୋଇଯିବାକୁ ହୁଏ, ଉଠିବା ସଙ୍ଗେ ସଙ୍ଗେ ତାଙ୍କୁ ସ୍ମରଣ କରି ତାଙ୍କ ଉପସ୍ଥିତିକୁ ଅନୁଭବ କରିବାକୁ ହୁଏ । ଧ୍ୟାନ ସମୟରେ କେବଳ ସମର୍ପଣ ବା ସ୍ମରଣ କଲେ ଏ ଯୋଗରେ ଚଳିବ ନାହିଁ, ପ୍ରତ୍ୟେକ କ୍ରିୟାରେ – ସ୍ନାନ, ଭୋଜନ, କଥାବାର୍ତ୍ତା, ପ୍ରତ୍ୟେକ ବିଚାର ଏବଂ ଶାରୀରିକ, ପ୍ରାଣିକ, ମାନସିକ, ପ୍ରତ୍ୟେକ ଗତିବୃତ୍ତିକୁ ସେହି ଦିବ୍ୟଶକ୍ତିଙ୍କୁ ସମର୍ପଣ କରିବାକୁ ହୁଏ । ସମର୍ପିତ ଅଂଶକୁ ଦିବ୍ୟଶକ୍ତି ଅଧିକାର କରନ୍ତି ଓ ସେଥିରେ କ୍ରିୟା କରନ୍ତି । ଯଦି ସାଧକ ସଚେତ ଥାଏ, ତେବେ ପ୍ରତ୍ୟେକ ମୁହୂର୍ତ୍ତରେ ଦିବ୍ୟଶକ୍ତିଙ୍କ କ୍ରିୟାକୁ ଦେଖିପାରେ ଓ ଅନୁଭବ କରିପାରେ ଏବଂ ଚୈତ୍ୟପୁରୁଷଙ୍କ ନିର୍ଦ୍ଦେଶ ଓ ଇଙ୍ଗିତ ବୁଝି ସେହି ଅନୁସାରେ କାର୍ଯ୍ୟ କରେ । ଦିବ୍ୟଶକ୍ତି ଚାହାନ୍ତି ସାଧକର ପ୍ରତ୍ୟେକ ସତ୍ତାରେ ନିଜର ଅଧିକାର, କିନ୍ତୁ ସାଧକର ଇଚ୍ଛା ବିରୋଧରେ ସେ ବଳପୂର୍ବକ ସ୍ଥାନ ଗ୍ରହଣ କରନ୍ତି ନାହିଁ । ସେହି ସକାଶେ ସାଧକକୁ ସମର୍ପଣ କରିବାକୁ ହୁଏ ଏବଂ ଦିବ୍ୟଶକ୍ତିଙ୍କ କ୍ରିୟାରେ ନିଜର ସ୍ୱୀକୃତି ଦେବାକୁ ହୁଏ ।

କେବଳ ଏହି କ୍ରିୟା ଦ୍ୱାରା ମନ-ପ୍ରାଣ-ଶରୀରର ପୂର୍ଣ୍ଣ ରୂପାନ୍ତର ଏବଂ ପୂର୍ଣ୍ଣଯୋଗର ପୂର୍ଣ୍ଣ ସିଦ୍ଧି ହୁଏ ନାହିଁ । ଏହା ଦ୍ୱାରା ଆଧାର ପ୍ରସ୍ତୁତ ହୁଏ, ଯେଉଁ ଅତିମାନସ ମହା ଦିବ୍ୟ-ସୃଜନୀ ଶକ୍ତିଙ୍କୁ ଶ୍ରୀମା ଶ୍ରୀଅରବିନ୍ଦ ଏହି ପୃଥିବୀରେ ଅବତରଣ କରାଇଅଛନ୍ତି ସେହି ଅତିମାନସ ମହାଶକ୍ତିଙ୍କ ଅବତରଣର ପଥ ପରିଷ୍କାର ହୁଏ । ଯେପର୍ଯ୍ୟନ୍ତ ମନ-ପ୍ରାଣରେ କିଛିମାତ୍ର ଦୋଷତ୍ରୁଟି ରହିଥାଏ ସେପର୍ଯ୍ୟନ୍ତ ଅତିମାନସ ଶକ୍ତି ପ୍ରତ୍ୟକ୍ଷଭାବରେ ସାଧକ ମଧ୍ୟରେ କ୍ରିୟା କରନ୍ତି ନାହିଁ, ଏହି କ୍ରିୟାରେ କେବଳ ତାଙ୍କର ପ୍ରଭାବ ପଡୁଥାଏ । ସେହି ପ୍ରଭାବ ଫଳରେ ଯେତେବେଳେ ଅତିମାନସ ଶକ୍ତିକୁ ଧାରଣ କରିବାକୁ ସାଧକର ଆଧାର ଉପଯୁକ୍ତ ହୁଏ ସେତେବେଳେ ସେହି ଶକ୍ତି ନିଜ ସ୍ୱରୂପରେ ଅବତରଣ କରି ରୂପାନ୍ତରକାର୍ଯ୍ୟ ଆରମ୍ଭ କରନ୍ତି । କିନ୍ତୁ ଏହା ପୂର୍ବରୁ ଯେଉଁସବୁ ସାଧନା ହୁଏ, ତାହା କେବଳ ସେହି ଶକ୍ତିଙ୍କ ଅବତରଣ ପଥର ନିର୍ମାଣ ମାତ୍ର । ଏହି ନିର୍ମାଣ କାର୍ଯ୍ୟ ମଧ୍ୟ ପୂର୍ଣ୍ଣ ହୁଏ ସେହି ଅତିମାନସ ଶକ୍ତି ପ୍ରଭାବରେ, ତାଙ୍କ ସ୍ପର୍ଶରେ ।

ପ୍ରଶ୍ନ : ଏ ଯୋଗ ବହୁତ କଠିନ ତଥା ଦୁଃସାଧ୍ୟ । ନାନା ପ୍ରକାର ଦୈହିକ କଠିନ ତପସ୍ୟା ଏବଂ ଆସନ, ପ୍ରାଣାୟାମ ଇତ୍ୟାଦି କ୍ରିୟା ଓ ସଂଯମ ନିୟମଠାରୁ ଏହି ସାଧନା ଯେପରି କଠିନ, ସେହିପରି ଦୁରୂହ । ସାଧାରଣ ବ୍ୟକ୍ତିଙ୍କ କଥା ଛାଡ଼, ବଡ଼ ବଡ଼ ସାଧକଙ୍କ ପକ୍ଷେ ବି ଏହା ଅସମ୍ଭବ । ଫେର୍ ବାରଂବାର କିପରି କୁହାଯାଉଅଛି, ଏ ଯୋଗ ସମସ୍ତ ମାନବଜାତି ପାଇଁ ?

ଉତ୍ତର : ସାଧକର ସମର୍ପଣ ଦ୍ୱାରା ସାଧନାର ସଂପୂର୍ଣ୍ଣ ଭାର ମା' ଗ୍ରହଣ କରନ୍ତି । ସେହି ସକାଶେ ଏହି ଯୋଗ ସହଜ ଏବଂ ବ୍ୟକ୍ତି ପକ୍ଷେ ସମ୍ଭବ ହୁଏ । କାରଣ ମା' ସ୍ୱୟଂ ଏଠାରେ ଅଛନ୍ତି । ସେ ପ୍ରତ୍ୟେକ ସାଧକକୁ ସାଧନାରେ ସାହାଯ୍ୟ କରୁଥିବାରୁ ଏହି ଯୋଗସାଧନା ସମ୍ଭବପର ହୋଇଅଛି । ଯେପର୍ଯ୍ୟନ୍ତ ଅତିମାନସ ଜାତି ଏ ପୃଥିବୀ ଉପରେ ସ୍ଥାପିତ ନ ହୋଇଛି, ଏହି ମୃତ୍ୟୁପୁରୀ ସ୍ୱର୍ଗରେ ପରିଣତ ନ ହୋଇଛି ସେପର୍ଯ୍ୟନ୍ତ ଏ ଯୋଗ ମା'ଙ୍କ ସାହାଯ୍ୟ ଛଡ଼ା

ଦୁରୂହ ଏବଂ କଠିନ । ସେହି ସକାଶେ ପୁରାତନ ଯୋଗରେ ଏହି ରୂପାନ୍ତର ପ୍ରୟାସ ଛାଡ଼ି ଶରୀରର ଧର୍ମ – ଜରା, ମୃତ୍ୟୁ, ରୋଗ ଇତ୍ୟାଦିରେ ହସ୍ତକ୍ଷେପ ନ କରି, ଅଶୁଦ୍ଧ ପ୍ରାଣ ଓ ଜଡ଼ାଶ୍ରିତ ଶରୀର ଯେପରି ଥିଲା ସେହିପର ରଖି, ଯେଉଁ ଆତ୍ମା ନିତ୍ୟମୁକ୍ତ ତାହାକୁ ମୁକ୍ତି, ନିର୍ବାଣ ଅଥବା ଦିବ୍ୟଧାମକୁ ନେଇଯିବାକୁ ପ୍ରଯତ୍ନ କରନ୍ତି । ଆଉ ସଂସାର ଯେପରି ଦୁଃଖକଷ୍ଟରେ ଥିଲା, ତାହାକୁ ସେହିପରି ଛାଡ଼ିଦିଅନ୍ତି ।

କିନ୍ତୁ ଏହି ଯୋଗ-ସାଧନାର ଯେଉଁ ଗୋଟିଏ ସହଜ ଉପାୟ କୁହାହେଲା ତାହା ଛୋଟ ଶିଶୁର ଉଦାହରଣ ଦ୍ୱାରା ସ୍ପଷ୍ଟରୂପେ ବୁଝି ପାରିବା । ଶିଶୁ ଛିଡ଼ା ହୋଇ ଚାଲିବାକୁ ସକ୍ଷମ ହେବା ପୂର୍ବରୁ କାଦୁଅ ପାଣି ରାସ୍ତାରେ ଯିବା ତା' ପକ୍ଷେ ଅସମ୍ଭବ କିନ୍ତୁ ତା' ମା' ତାକୁ କୋଳ କରି ଅନାୟାସରେ ସେହି ମାର୍ଗ ପାର କରାଇଦିଏ ଯେହେତୁ ଶିଶୁ ମା' ହାତରେ ନିଜକୁ ଛାଡ଼ି ଦେଇଥାଏ । ସେଥିପାଇଁ ଏହି ଯୋଗର ମୂଳମନ୍ତ୍ର ହେଉଛି ସମର୍ପଣ (Surrender) । ଯଦି ସାଧକ ଶିଶୁତୁଲ୍ୟ ଗୋଟିଏ ସରଳ ମନୋଭାବ ସହ ନିଜକୁ ସମର୍ପଣ କରିଦିଏ, ତେବେ ତା'ର ସମସ୍ତ ସାଧନାର ଭାର ମା' ଗ୍ରହଣ କରି ତାକୁ ଶିଶୁପରି କୋଳରେ ନେଇ ସକଳ ବାଧାବିଘ୍ନରୁ ରକ୍ଷା କରି ଲକ୍ଷ୍ୟରେ ପହଞ୍ଚାଇ ଦିଅନ୍ତି । କୌଣସି ବ୍ୟକ୍ତି ନିଜ ତପସ୍ୟା ଦ୍ୱାରା ସିଦ୍ଧି ଲାଭ କରିପାରିବେ ନାହିଁ ବୋଲି ମା-ଶ୍ରୀଅରବିନ୍ଦ ଏହି ପୃଥିବୀକୁ ଆସି ଏହି ଦୁରୂହ ସାଧନାକୁ ସହଜ କରିବା ସକାଶେ ନିଜେ ଅସାଧାରଣ ତପସ୍ୟାବଳରେ ଅତିମାନସ ମହାଶକ୍ତିକୁ ଏହି ପୃଥିବୀକୁ ଉତାରି ଆଣିଅଛନ୍ତି । ମା' ସେହି ଶକ୍ତିକୁ ସ୍ୱୟଂ ଧାରଣ କରି ଦିବ୍ୟଲୋକ ଏବଂ ଏହି ମର୍ତ୍ତ୍ୟଲୋକ ମଧ୍ୟରେ ଯେଉଁ ବ୍ୟବଧାନ ରହିଛି ତାହାକୁ ଏକ କରିଦେବା ପାଇଁ ସେତୁ ରୂପେ ଛିଡ଼ା ହୋଇଅଛନ୍ତି । ସେ ଅତିମାନସ ଚେତନାରେ ଭଗବାନଙ୍କ ସହିତ ଏକତ୍ୱ ପ୍ରାପ୍ତ କରିଛନ୍ତି ଏବଂ ଏହି ଲୋକରେ ଆମ୍ଭମାନଙ୍କ ସଦୃଶ ମାନବ ଶରୀରରେ ଆମ୍ଭମାନଙ୍କ ଗୁରୁ ଏବଂ ଇଷ୍ଟରୂପେ ନିବାସ କରୁ ଅଛନ୍ତି ।

ସେ ଭଗବାନଙ୍କ ସହିତ ଏବଂ ଆମ୍ଭମାନଙ୍କ ସହିତ ସମ୍ବନ୍ଧ ସ୍ଥାପନ କରିଥିବାରୁ ଆମ୍ଭମାନଙ୍କ ସମ୍ବନ୍ଧ ଭଗବାନଙ୍କ ସହିତ ସ୍ୱତଃସ୍ଫୂର୍ତ୍ତଭାବେ ସ୍ଥାପିତ ହେଉଅଛି । ମା'ଙ୍କୁ ସମର୍ପଣ କଲେ ଅତିମାନସ ମହାଶକ୍ତି ସାଧକର ସକଳ ଭାର ଗ୍ରହଣ କରି ସାଧକକୁ ଅତିମାନସ ଦିବ୍ୟ ସିଦ୍ଧିରେ ପହଞ୍ଚାଇ ଦେବେ ।

ଏହି କ୍ରିୟାର ଫଳ ସ୍ୱରୂପ ଏ ଯୋଗରେ ତିନି ପ୍ରକାର ସିଦ୍ଧି ବା ରୂପାନ୍ତର ଆସେ – ଚୈତ୍ୟ-ସିଦ୍ଧି, ଆଧ୍ୟାତ୍ମିକ-ସିଦ୍ଧି, ଅତିମାନସ-ସିଦ୍ଧି ।

## (୪)

# ତ୍ରିବିଧ ରୂପାନ୍ତର

ପ୍ରଶ୍ନ : ଚୈତ୍ୟ, ଅଧ୍ୟାତ୍ମ ଓ ଅତିମାନସ ରୂପାନ୍ତରର ସ୍ୱରୂପ କ'ଣ ?

## ଚୈତ୍ୟ ରୂପାନ୍ତର

ଉତ୍ତର : ମନ, ପ୍ରାଣ ଏବଂ ଶରୀରର ଚେତନା ନିଜର ସୀମାକୁ ଭାଙ୍ଗି ନିଜର ନିମ୍ନ ଧର୍ମକୁ ତ୍ୟାଗ କରନ୍ତି ଏବଂ ସେସବୁର ମଧ୍ୟରେ ହେଉଥିବା ନିମ୍ନ ଶକ୍ତିର କ୍ରିୟା – କାମନା-ବାସନା, ଈର୍ଷା-ଦ୍ୱେଷ, କାମ-କ୍ରୋଧାଦିକୁ ବର୍ଜନ କରନ୍ତି ଓ ବିସ୍ତୃତ ହୋଇ ଅଖଣ୍ଡ ଚୈତ୍ୟସତ୍ତା ସଙ୍ଗେ ଏକ ହୋଇଯାଆନ୍ତି । ଏସବୁର ଧର୍ମ ହୋଇଯାଏ ଚୈତ୍ୟସତ୍ତାର ଧର୍ମ । ଚୈତ୍ୟସତ୍ତା ତାଙ୍କ ନିଜ ସ୍ୱଭାବରେ ଭଗବାନଙ୍କ ପ୍ରତି, ଅତିମାନସ ଦିବ୍ୟଶକ୍ତିଙ୍କ ପ୍ରତି ଅଭିମୁଖୀ ହୋଇଥାଆନ୍ତି । ତାଙ୍କ ଅଭୀପ୍ସାବହ୍ନି ନିରନ୍ତର ଭଗବାନଙ୍କ ଆଡ଼କୁ ପ୍ରଜ୍ୱଳିତ ଥାଏ । ଏହି ଅବସ୍ଥାରେ 'ମୁଁ' କହିଲେ, ସାଧାରଣ ଲୋକଙ୍କ ପରି

ଶରୀର-ମନ-ପ୍ରାଣବିଶିଷ୍ଟ ଜଣେ ବ୍ୟକ୍ତି ବୋଲି ସାଧକ ମନେ କରେ ନାହିଁ, ସେ ଅନୁଭବ କରେ, 'ମୁଁ' ଭଗବାନଙ୍କର ଅଂଶ, ପ୍ରତିଭୂ, ଅନ୍ତରାତ୍ମା । ସେ ପରମ ଶାନ୍ତିରେ ନିବାସ କରେ, ଆନନ୍ଦରେ ମଗ୍ନ ରହେ । ଏହା ବ୍ୟକ୍ତିର ଯଥାର୍ଥ ସ୍ୱରୂପ । ଏହି ଅବସ୍ଥାକୁ ସାଧକର ନୂତନ ଜନ୍ମ କୁହାଯାଏ । କାରଣ ତାହାର ସମସ୍ତ ପୁରାତନ ଧର୍ମ ପରିବର୍ତ୍ତିତ ହୋଇ ନୂତନ ଧର୍ମରେ ପରିଣତ ହୁଏ । ସାଧକ ପୂର୍ବ ଜୀବନର ଠିକ୍ ବିପରୀତ ଅବସ୍ଥା ପ୍ରାପ୍ତ ହୁଏ । ତାହାର ପ୍ରତି କର୍ମ ନିୟନ୍ତ୍ରିତ ହୁଏ ଅନ୍ତରସ୍ଥ ଚୈତ୍ୟପୁରୁଷଙ୍କ ଦ୍ୱାରା । ଏହି ସମୟରେ ସେ ଭଗବାନଙ୍କ ଯନ୍ତ୍ର ହୋଇ ଭାଗବତ କର୍ମ ସମ୍ପାଦନ କରେ । ଏହିପରି ଅବସ୍ଥାରେ ମନ ବିସ୍ତୃତ ହେଲେ ମଧ୍ୟ ମନ ହୋଇ ରହେ; ପ୍ରାଣର ଧର୍ମ ଊର୍ଦ୍ଧ୍ୱଗାମୀ ହେଲେ ବି ରୂପାନ୍ତରିତ ହୁଏ ନାହିଁ । ଶରୀର-ଚେତନାର ତ ପରିବର୍ତ୍ତନ ହୁଏ, ଆଉ ସ୍ଥୂଳ ଜଡ଼ ଶରୀରରେ ବି କିଛି ନମନୀୟତା ଆସେ, କିନ୍ତୁ ତାହାର ତତ୍ତ୍ୱ ଯେପରି ଜଡ଼ ଥିଲା ସେହିପରି ଅପରିବର୍ତ୍ତିତ ରହିଯାଏ । ଏହି ଅବସ୍ଥାକୁ କୁହାଯାଏ ଚୈତ୍ୟ ରୂପାନ୍ତର । ଏହି ରୂପାନ୍ତର ଘଟିଲେ ସାଧକର ମନ, ପ୍ରାଣ ଓ ଶରୀରର ଚେତନା ସଂସାରର କୌଣସି ନିମ୍ନ କ୍ରିୟାରେ ଆସକ୍ତ ନ ହୋଇ ସ୍ୱଭାବତଃ ଯାଏ ଭଗବାନଙ୍କ ଆଡ଼କୁ, ହୁଏ ଭଗବତ୍ ଅଭିମୁଖୀ । ସମସ୍ତ ସତ୍ତା ବ୍ୟାକୁଳ ହୋଇଉଠେ ଭଗବାନଙ୍କ ସଙ୍ଗେ ଏକ ହୋଇଯିବାକୁ ।

## ଅଧ୍ୟାତ୍ମ ରୂପାନ୍ତର

ଦ୍ୱିତୀୟଟି ହେଲା ଆଧ୍ୟାତ୍ମିକ ରୂପାନ୍ତର; ଏହା ଠିକ୍ ଏହିପରି କ୍ରମବଦ୍ଧ ନୁହେଁ ଯେ ପ୍ରଥମ ରୂପାନ୍ତର ସଂପୂର୍ଣ୍ଣ ହେଲେ ଦ୍ୱିତୀୟ ରୂପାନ୍ତର ଆରମ୍ଭ ହେବ । ଏହା ମଧ୍ୟ ହୋଇପାରେ ଯେ ଚୈତ୍ୟ ରୂପାନ୍ତର କିଛି ଅଗ୍ରସର ହେବାପରେ ଆଧ୍ୟାତ୍ମିକ ରୂପାନ୍ତର ଆରମ୍ଭ ହୋଇପାରେ । ଏହା ମଧ୍ୟ ସମ୍ଭବ ଯେ ଚୈତ୍ୟ ରୂପାନ୍ତର ପୂର୍ଣ୍ଣ ହେଉ ହେଉ ସେ ସମୟରେ ଆଧ୍ୟାତ୍ମିକ ରୂପାନ୍ତର ଅନେକଦୂର ଅଗ୍ରସର ହୋଇଥାଏ ।

ଚୈତ୍ୟ ରୂପାନ୍ତର ପରେ ଅଥବା ସେହି ସମୟ ମଧ୍ୟରେ ଆସିପାରେ ଶଙ୍କରଙ୍କ ଅଦ୍ୱୈତ ନିର୍ବିଶେଷ ବ୍ରହ୍ମଙ୍କର ଅନୁଭୂତି । ସାଧକ ଏକ ଶାନ୍ତି, ନିଷ୍କ୍ରିୟ, ଗତିହୀନ, ଅଚଳ ନିର୍ବିଶେଷ ସତ୍ତାରେ ବୁଡିଯାଇ ସେଥିରେ ନିଜ ବ୍ୟକ୍ତିତ୍ୱକୁ ବିଲୀନ କରି ତାହା ସହିତ ଏକ ହୋଇପାରେ, କେବଳ ରହିଯାଏ ଏକମାତ୍ର ସତ୍ତା । ସମସ୍ତ ବୈଚିତ୍ର୍ୟ ମାୟା, ଭ୍ରମ ଓ ସ୍ୱପ୍ନବତ୍ ପ୍ରତୀତ ହୁଏ । ସାଧକ ଯଦି ଏହି ଅନୁଭୂତିରେ ଅଟକି ଯାଏ, ତେବେ ଶଙ୍କରଙ୍କ ସିଦ୍ଧାନ୍ତ ଅନୁସାରେ ଶରୀର ତ୍ୟାଗ ପରେ ନିରାକାର ସତ୍ତାରେ ଏକେବାରେ ଲୀନ ହୋଇଯାଏ । ଏହାର ନାମ କୈବଲ୍ୟ ମୁକ୍ତି ।

କିନ୍ତୁ ସାଧକର ଯଦି ସଂକଳ୍ପ ଥାଏ, ଚତୁଷ୍ପାଦ ବିଭୂତିଯୁକ୍ତ ବ୍ରହ୍ମଙ୍କ ସକ୍ରିୟ, ନିଷ୍କ୍ରିୟ ଓ ଉଭୟର ଧର୍ତ୍ତା ପୁରୁଷୋତ୍ତମତତ୍ତ୍ୱର ସିଦ୍ଧି ପ୍ରାପ୍ତ ହେବାକୁ ଏବଂ ପରା ଜନନୀ ଆଉ ସୃଷ୍ଟିର ରହସ୍ୟ ଜାଣିବାକୁ ଏବଂ ଏଥି ସକାଶେ ଯଦି ଥାଏ କେନ୍ଦ୍ରୀୟ ସଂକଳ୍ପ ଓ ପରାଜନନୀଙ୍କ ପାଖରେ ଆତ୍ମ-ସମର୍ପଣ, ତେବେ ସାଧକ ଏହି ଅଦ୍ୱୈତ ଅନୁଭୂତିରେ ଅଟକି ନ ଯାଇ ଆଧ୍ୟାତ୍ମିକ ରୂପାନ୍ତର-ସିଦ୍ଧି ଆଡ଼କୁ ଅଗ୍ରସର ହୁଏ ।

ଚୈତ୍ୟ-ରୂପାନ୍ତରରେ ସାଧକର ସମସ୍ତ ସତ୍ତା ଭଗବାନ୍ ତଥା ପରାଜନନୀଙ୍କ ଆଡ଼କୁ ଉନ୍ମୁକ୍ତ ହୋଇ ଯାଇଥାଏ । ଏହି ଉନ୍ମୁକ୍ତ ମନ-ପ୍ରାଣ-ଶରୀରରେ ଓ ଏସବୁର ପ୍ରତ୍ୟେକ ସ୍ତରରେ ଊର୍ଦ୍ଧ୍ୱରୁ ଶାନ୍ତି, ଶକ୍ତି, ସତ୍ୟ, ଜ୍ଞାନ, ଭକ୍ତି, ସମତା ଓ ଏକାଗ୍ରତା କ୍ରମଶଃ ଅଧିକ ପରିମାଣରେ ଅବତରଣ କରେ ଏବଂ ଏହି ଅବତୀର୍ଣ୍ଣ ବସ୍ତୁକୁ ଧାରଣ କରି ରଖିବା ସକାଶେ ଏହା ସାଧକର ଆଧାରକୁ ପ୍ରସ୍ତୁତ କରେ । ଏହି କ୍ରିୟା ଦ୍ୱାରା ସାଧକର ଆଧାର ଦୃଢ଼ ହେଲେ ଏହି ଅବତୀର୍ଣ୍ଣ ବସ୍ତୁ ସ୍ଥାୟିରୂପେ ପ୍ରତିଷ୍ଠିତ ହୁଏ । ଏହି କ୍ରିୟା ସଙ୍ଗେ ସଙ୍ଗେ ବିସ୍ତୃତ ମନ, ପ୍ରାଣ ଓ ଶରୀରର ଚେତନା ବିଶାଳ ହୋଇ ଊର୍ଦ୍ଧ୍ୱକୁ ଆରୋହଣ କରି ଊର୍ଦ୍ଧ୍ୱସ୍ଥ ମାନସ କ୍ଷେତ୍ରମାନଙ୍କରେ ପ୍ରବେଶ କରି ସେହି ଲୋକର ସତ୍ୟ, ଜ୍ୟୋତିଃ, ଶକ୍ତି, ଜ୍ଞାନ, ସମତା ଓ ବିଶାଳତାକୁ ନେଇ ପୁନର୍ବାର ଅବତରଣ କରନ୍ତି ଏବଂ ସେହିସବୁକୁ ସ୍ଥାପନ କରନ୍ତି ନିଜ ମାନସ ସ୍ତରରେ ଏବଂ ଅବଚେତନା ଓ ଅଚେତନାଦି ନିମ୍ନସ୍ତରମାନଙ୍କରେ । ଏହି ଉତ୍ତରଣ, ଅବତରଣ ଆଦି କ୍ରିୟାରେ ଅତିମାନସ ଶକ୍ତିର

ପ୍ରଭାବ ପଡ଼ିବା ଦ୍ୱାରା ଏହି ସ୍ଥୂଳ ମନ ଊର୍ଦ୍ଧ୍ୱସ୍ଥ ସହଜାତ ମନ ଏବଂ ଉଚ୍ଚତର ମନ ଆଦି ଅତିମାନସ ସହିତ ସମ୍ବନ୍ଧ ସ୍ଥାପନ କରେ ଏବଂ ପାର୍ଥିବ ପ୍ରାଣ ଓ ଶରୀର-ଚେତନା ମଧ୍ୟ ଏହି ସ୍ତରର ପ୍ରାଣ ଓ ଶରୀର-ଚେତନା ସହିତ ସମ୍ପର୍କ ସ୍ଥାପନ କରେ । ଏହି ସମ୍ପର୍କ ସ୍ଥାପନରେ ଏହି ଉଚ୍ଚତର ମନ-ପ୍ରାଣ-ଶରୀରର ଚେତନା ବି ଉତରି ପାର୍ଥିବ ମନ-ପ୍ରାଣର ଚେତନାକୁ ଅଧିକାର କରେ । ଏହାଫଳରେ ଏହି ସ୍ଥୂଳ ମନ-ପ୍ରାଣ-ଶରୀର ଯେପରି ବିସ୍ତୃତ ସେହିପରି ବିଶାଳ ମଧ୍ୟ ହୋଇଯାଏ । ସେହି ଅବସ୍ଥାରେ ଅଧିମାନସ ସ୍ତର ପର୍ଯ୍ୟନ୍ତ ସାଧକର ଦୃଷ୍ଟିରେ ଉନ୍ମୁକ୍ତ ଓ ନିରାବରଣ ହୋଇଯାଏ । ସାଧକ ନିବାସ କରେ ସତ୍ୟରେ, ପରିଚାଳିତ ହୁଏ ସତ୍ୟ ଦ୍ୱାରା, ତାହାର ସମସ୍ତ କର୍ମ ହୁଏ ଭାଗବତ କର୍ମ । ସେ ହୁଏ ପରାଶକ୍ତିଙ୍କ ଯନ୍ତ୍ର । ତା' ମଧ୍ୟରେ ଅହଂକାର, କାମ, କ୍ରୋଧାଦି ନିମ୍ନ ପ୍ରକୃତିର କ୍ରିୟାର ସ୍ଥାନ ନ ଥାଏ । ସେ ସର୍ବତ୍ର ଦେଖେ ଭଗବାନଙ୍କୁ, ସକଳ କର୍ମରେ ଅନୁଭବ କରେ ପରାଶକ୍ତିଙ୍କ ପରିଚାଳନାକୁ । କେବଳ ଏତିକି ନୁହେଁ, ସ୍ଥୂଳ ଶରୀରରେ ବି ବହୁତ ପ୍ରଭାବ ପଡ଼େ । ସେଥିରେ ଅଧିକ ତାମସିକତା ରହେ ନାହିଁ । ତାହା ହୁଏ ଅଧିକ ଚେତନ ଓ ନମନୀୟ । ଏହି ପାର୍ଥିବ, ନଶ୍ୱର, ଜଡ଼ ଶରୀର ସେତେବେଳେ ଏପରି ଚୈତନ୍ୟମୟ ହୋଇଯାଏ ଯେ ତାହାର ପ୍ରତ୍ୟେକ ଅଣୁ ପରମାଣୁ ବି ଅନୁଭବ କରନ୍ତି ଭଗବାନଙ୍କୁ, ପରାଜନନୀଙ୍କ କ୍ରିୟାକୁ । ସେତେବେଳେ ସାଧକର କେହି ଶତ୍ରୁ ମିତ୍ର ରହେ ନାହିଁ, ସବୁକିଛିକୁ ସେ ଦେଖେ ଭଗବାନମୟ । ଏହି ଅବସ୍ଥାକୁ ଶ୍ରୀଅରବିନ୍ଦଙ୍କ ଯୋଗରେ କୁହାଯାଏ ଅଧ୍ୟାତ୍ମ-ରୂପାନ୍ତର । ଏହା ବି କୁହାଯାଇପାରେ ଯେ ଏହି ଅବସ୍ଥା ହେଲା ଅତିମାନସ ସ୍ତରର ସୀମାରେ ପହଞ୍ଚିବା । ଏହା ବହୁତ ଲୋଭନୀୟ, ଉଚ୍ଚତର, କଳ୍ପନାତୀତ ଅବସ୍ଥା ଏବଂ ମନ ପକ୍ଷେ ଅସମ୍ଭବ, କିନ୍ତୁ ଏ ଅବସ୍ଥା ଏତେ ଉତ୍କୃଷ୍ଟ ହେଲେ ସୁଦ୍ଧା ଅତିମାନସ ସିଦ୍ଧିର ଆରମ୍ଭ ମାତ୍ର ।

ଏହି ଅବସ୍ଥାରେ ସାଧକ ଭଗବାନଙ୍କୁ ସର୍ବଦା ଦେଖେ, କିନ୍ତୁ ଯେଉଁ ଭଗବାନ୍ ବସ୍ତୁରୂପ ଏବଂ ସେହି ଭଗବାନ୍ ବସ୍ତୁରୁ ପୃଥକ, ଏହି ଉଭୟ ସ୍ୱରୂପକୁ ଏକ ସଙ୍ଗେ ଦେଖିପାରେ ନାହିଁ । ଶରୀର ଚେତନା, ମନ ଓ ପ୍ରାଣ ବିସ୍ତୃତ ଓ ବିଶାଳ ହୋଇଯାଏ; କିନ୍ତୁ ଏହିସବୁର ମୂଳତତ୍ତ୍ୱ ଯେପରି ଥିଲା ସେପରି ରହିଯାଏ, ରୂପାନ୍ତରିତ ହୁଏ ନାହିଁ । ଅହଂକାର, କାମ, କ୍ରୋଧ ଇତ୍ୟାଦିର କ୍ରିୟା ହୁଏ ନାହିଁ, କିନ୍ତୁ ସେସବୁ ଅପରିବର୍ତ୍ତିତ ରୂପେ ଅବଚେତନାରେ ନିଜ ମୂଳସ୍ୱରୂପରେ ପଡ଼ି ରହନ୍ତି । ମନ-ପ୍ରାଣ-ଶରୀର ଏବଂ ତାହାର ମୂଳତତ୍ତ୍ୱ ଆଉ ନିମ୍ନ ପ୍ରକୃତିସବୁ ପୂର୍ଣ୍ଣରୂପେ ରୂପାନ୍ତରିତ ହୁଅନ୍ତି ଅତିମାନସ ଶକ୍ତିର କ୍ରିୟା ଦ୍ୱାରା । ଅଧିମାନସ ସିଦ୍ଧି ପର୍ଯ୍ୟନ୍ତ ଅତିମାନସ କ୍ରିୟା କରେ ଅଧିମାନସ ଦ୍ୱାରା, ସିଧା ସିଧା ନୁହେଁ । ଅଧିମାନସର ସିଦ୍ଧି ହେଲେ ଅତିମାନସ ଶକ୍ତିର କ୍ରିୟା ସକାଶେ ଭୂମି ତିଆରି ହୁଏ ଯାହାକୁ ଆଧାର କରି ଅତିମାନସ ପ୍ରତ୍ୟକ୍ଷଭାବେ କ୍ରିୟା କରିପାରେ ।

## ଅତିମାନସ ରୂପାନ୍ତର

ଅତିମାନସ କ୍ରିୟା ସିଧା ସିଧା ଆରମ୍ଭ ହେଲେ ପ୍ରାୟ ସମର୍ପଣ ଶେଷ ହୋଇଯାଇଥାଏ । ଏହି ଶକ୍ତିର କ୍ରିୟା ଫଳରେ ସମସ୍ତ ସତ୍ତା ରୂପାନ୍ତରିତ ହୁଏ ତାହାର ଦିବ୍ୟ ମୂଳ ତତ୍ତ୍ୱରେ । ସାଧକକୁ ସେତେବେଳେ କେବଳ ଅତିମାନସ କ୍ରିୟାରେ ସମ୍ମତି ଦେବାକୁ ହୁଏ । ଅତିମାନସରେ ଦେଖାଯାଏ ଏକସଙ୍ଗେ ଏକ ଓ ବହୁ, ଏକତ୍ୱ ଓ ବୈଚିତ୍ର୍ୟ । ମନ-ପ୍ରାଣ-ଶରୀରର ତତ୍ତ୍ୱସକଳ ଏବଂ ସ୍ଥୂଳ ଜଡ଼ ଅବଚେତନା ପର୍ଯ୍ୟନ୍ତ ତାହାର ଦିବ୍ୟ ସଚ୍ଚିଦାନନ୍ଦ ତତ୍ତ୍ୱରେ ରୂପାନ୍ତରିତ ହୁଏ । ମନର ସ୍ଥାନକୁ ଅଧିକାର କରେ ଅତିମାନସ, ପ୍ରାଣର ସ୍ଥାନକୁ ଅଧିକାର କରେ ଚିତ୍‌ଶକ୍ତି । ଆଉ ରୂପାନ୍ତରିତ ଶରୀର ହୁଏ ନମନୀୟ, ଚିନ୍ମୟ, ଜ୍ୟୋତିର୍ମୟ । ଏହା ଆଉ ସୀମିତ ରହେ ନାହିଁ, ହୁଏ ପୂର୍ଣ୍ଣ ଚୈତନ୍ୟ, ବ୍ୟାପକ ଏବଂ ରୋଗ, ଜରା, ମୃତ୍ୟୁରୁ ପୂର୍ଣ୍ଣ ମୁକ୍ତ । ସେତେବେଳେ ଶରୀର ହୁଏ ସ୍ୱତଃସ୍ଫୂର୍ତ୍ତ । କୌଣସି ପାର୍ଥିବ ସୀମା ତା' ମାର୍ଗରେ ବାଧା ଦେଇପାରେ ନାହିଁ । ସେ ରହେ ମୃତ ଆଉ ଅମୃତର ଊର୍ଦ୍ଧ୍ୱରେ । ଅର୍ଥାତ୍ ସେ ଯେପରି ମୃତ୍ୟୁର ଅଧୀନ ନୁହେଁ, ସେହିପରି ଅମୃତର ମଧ୍ୟ ଅଧୀନ ନୁହେଁ । ସେ କଳ୍ପନା କରିବାମାତ୍ରେ ନିଜ ଶରୀରକୁ ପରିତ୍ୟାଗ କରି ଇଚ୍ଛାନୁସାରେ

ଶରୀର ଧାରଣ କରିପାରେ । ସଂକଳ୍ପ କରିବାମାତ୍ରେ ଯେକୌଣସି ସ୍ଥାନରେ ପହଞ୍ଚିପାରେ । କୌଣସି ଅସ୍ତ୍ର ଦ୍ୱାରା ତା'ର ଶରୀର ନଷ୍ଟ ହୁଏ ନାହିଁ, କାରଣ ତା'ର ତତ୍ତ୍ୱ ଅବିନାଶୀ ।

ସେହି ଅବସ୍ଥାରେ ଭଗବାନ୍ ପୁରୁଷୋତ୍ତମ ସତ୍-ଚିତ୍-ଆନନ୍ଦଙ୍କ ସହିତ ରୂପାନ୍ତରିତ ମନ-ପ୍ରାଣ-ଶରୀରର ପୂର୍ଣ୍ଣ ଏକତ୍ୱ ହୁଏ । କେବଳ ଭଗବାନ୍ ହୁଅନ୍ତି କେନ୍ଦ୍ର । ସଂକଳ୍ପ ହୁଏ ତାଙ୍କଠାରୁ, ସେହି ସଂକଳ୍ପ କ୍ରିୟାଶୀଳ ହୁଏ ଅତିମାନସରେ ରୂପାନ୍ତରିତ ମନ-ପ୍ରାଣ-ଶରୀର ମଧ୍ୟଦେଇ । ଭଗବାନଙ୍କ ସଂକଳ୍ପରେ କେବଳ ମନ-ପ୍ରାଣ କ୍ରିୟାଶୀଳ ହୁଅନ୍ତି ନାହିଁ, ଶରୀର-ଚେତନା ଓ ଶରୀରର ଅଣୁପରମାଣୁ ବି ଭଗବାନଙ୍କ ସଂକଳ୍ପକୁ ଜାଣନ୍ତି ଓ ସେହି ଅନୁସାରେ କ୍ରିୟା କରନ୍ତି । ଶରୀର-ମନ-ପ୍ରାଣରେ କୌଣସି ଗୋଟିଏ ତତ୍ତ୍ୱ ବା କୌଣସି ଗୋଟିଏ ଭାଗ ଜଡ଼ ବା ଅଚେତନ ରହେ ନାହିଁ, ସବୁ ହୁଏ ଚୈତନ୍ୟ ଓ ସତ୍ୟ ସ୍ୱରୂପ । ଭଗବାନଙ୍କ ସମସ୍ତ ସତ୍ତା ସଙ୍ଗେ ଅତିମାନବର ସମସ୍ତ ସତ୍ତା ଏକ ହୋଇଯାଏ ଏବଂ ଭଗବାନଙ୍କ ସଙ୍ଗେ ଐକ୍ୟବୋଧ ହେବା ସଙ୍ଗେ ସଙ୍ଗେ ବି ପୃଥକବୋଧ ହୁଏ । ସାଧକର ପ୍ରତ୍ୟେକ କର୍ମ, ସ୍ନାନ, ଭୋଜନାଦି ନିତ୍ୟନୈମିତ୍ତିକ କର୍ମ କେବଳ ବାହ୍ୟ କର୍ମ ହୋଇ ରହେ ନାହିଁ, କର୍ମର ମୂଳସ୍ରୋତ ହୁଏ ପରମାନନ୍ଦ । ପ୍ରତ୍ୟେକ ବସ୍ତୁ — ଗୁଳ୍ମ, ଲତା, ବୃକ୍ଷ, ପଶୁ, ପକ୍ଷୀ, ବଣ, ପାହାଡ଼, ମନୁଷ୍ୟ ମଧ୍ୟରେ ସେ ଦେଖନ୍ତି ସେହି ପୁରୁଷୋତ୍ତମ, ପରମ ଆନନ୍ଦମୟ ସତ୍ୟସତ୍ତାଙ୍କୁ; ସମସ୍ତ ସଙ୍ଗେ ଏକତ୍ୱ, ସବୁ ନିଜେ, ଆଉ ନିଜେ ସବୁ । ଏହି ଅବସ୍ଥାରେ କାହାକୁ ଘୃଣା କରିବାର କୌଣସି ପ୍ରଶ୍ନ ରହେ ନାହିଁ । ସଂସାର ଓ ଜୀବନସବୁ ଆନନ୍ଦମୟ ହୁଏ,— ଆନନ୍ଦରୁ ଉତ୍ପନ୍ନ, ଆନନ୍ଦରେ ସ୍ଥିତି, ଆନନ୍ଦରେ ବିଶ୍ରାମ । ସକଳ ନୃତ୍ୟ, ଗୀତ, କଳା ସେହି ଆନନ୍ଦମୟଙ୍କୁ ପ୍ରକାଶ କରେ ଏବଂ ତାହାର ବାହ୍ୟରୂପ ବି ଦିବ୍ୟ ହୋଇଯାଏ । ଏହି ଅବସ୍ଥାରେ ହୁଏ ଯଥାର୍ଥ ଏକତ୍ୱ, ଏହାହିଁ ପରମ ମୋକ୍ଷ । ଏହି ସଂସାର ହୁଏ ପରମଧାମ, ବୈକୁଣ୍ଠ, ଗୋଲୋକ, ସାକେତ, କୈଳାସ ଇତ୍ୟାଦି । ଏହି ଅବସ୍ଥାରେ ଭଗବାନ୍ ପୁରୁଷୋତ୍ତମ ସଚ୍ଚିଦାନନ୍ଦ ପୂର୍ଣ୍ଣ ନିରାବରଣ । ଅତିମାନବର ହୁଏ ଅବ୍ୟାହତ ଗତି ।

ପ୍ରଶ୍ନ : ଯେଉଁମାନେ ସାଧନା ନ କରିବେ, ରୂପାନ୍ତରିତ ହେବାକୁ ନ ଚାହିଁବେ, ସେମାନଙ୍କ ଅର୍ଥାତ୍ ସମଗ୍ର ସଂସାର ଓ ମନୁଷ୍ୟଜାତିର ଲାଭ କ'ଣ ହେବ ?

ଉତ୍ତର : ସଂସାରରୁ ହିଂସାଦ୍ୱେଷ, ଅଜ୍ଞାନ-ମୋହ ଦୂର ହୋଇଯିବ । ସଙ୍କୁଚିତ ସୀମାସବୁ କ୍ରମଶଃ ଭାଙ୍ଗିଯିବ, ଆଉ ଅନ୍ଧକାରର ପରଦା ଦୂର ହୋଇଯିବ । ବର୍ତ୍ତମାନ ବିଶ୍ୱ ଜଡ଼-ଶକ୍ତି ଦ୍ୱାରା ଯନ୍ତ୍ରବତ୍ ପରିଚାଳିତ ହେଉଛି, ସେତେବେଳେ ଅତିମାନସ ଶକ୍ତି ଦ୍ୱାରା ଶାସିତ ହେବ । ବର୍ତ୍ତମାନ ସଂସାରରେ ବହୁ ଜିନିଷ ଗୁପ୍ତଭାବେ ଲୁକ୍‌କାୟିତ ରହିଛି, ସେତେବେଳେ ବସ୍ତୁସକଳ ନିଜକୁ ପ୍ରକାଶ କରିବେ । ବର୍ତ୍ତମାନ ମନୁଷ୍ୟର ସକଳ କାର୍ଯ୍ୟ ହେଉଛି ଏକ ସୀମିତ ମନ ଦ୍ୱାରା, ଅନ୍ଧକାର ପରଦାର ପଶ୍ଚାତରେ । ସେତେବେଳେ ଅତିମାନସର ପ୍ରଭାବ ମନ ଉପରେ ପଡ଼ି ଅନ୍ଧକାର ପରଦାକୁ ନଷ୍ଟ କରି ସ୍ୱୟଂ ପ୍ରକାଶିତ ହେବ ।

ଏହି ରୂପାନ୍ତର ବିଷୟ ବିସ୍ତୃତଭାବେ ଜାଣିବାକୁ ହେଲେ ଶ୍ରୀଅରବିନ୍ଦଙ୍କ ''ପୃଥିବୀ ପୃଷ୍ଠରେ ଅତିମାନସର ଅଭିବ୍ୟକ୍ତି'' (The Supramental Manifestation upon Earth) ଗ୍ରନ୍ଥର ଶେଷ ଅଧ୍ୟାୟ ପାଠ କରନ୍ତୁ । ଯୋଗ-ସିଦ୍ଧାନ୍ତ ବିଶେଷରୂପେ ଜାଣିବାକୁ ହେଲେ ''ଯୋଗ ସମନ୍ୱୟ'' ପୁସ୍ତକ ଏବଂ ସାଧନାର ଅଭ୍ୟାସ ଜାଣିବାକୁ ହେଲେ ''ଯୋଗାଧାର'', ''ଯୋଗ-ପ୍ରଦୀପ'', ''ମା'', ''ମା'ଙ୍କ ସମ୍ବନ୍ଧେ ଶ୍ରୀଅରବିନ୍ଦଙ୍କ ପତ୍ରାବଳୀ,'' ''ଶିକ୍ଷା'' ଓ ''ମାତୃବାଣୀ''ଇତ୍ୟାଦି ବହି ପଢ଼ନ୍ତୁ ।